# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୯/୨୦୨୫ (୧୬ ପୃଷ୍ଠା) Bhubaneswar, Tuesday, April 29/2025 Page 16 ₹ 7.00

୫୧ଶ ଭାଗ ୧୫୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 154 ମୂଲ୍ୟ₹୭/-





## ସଂକ୍ଷେପରେ

### ନୌସେନା ପାଇଁ କିଣାଯିବ ୨୬ ରାଫାଲ ଯୁଦ୍ଧବିମାନ

**ଭାରତ, ଫ୍ରାନ୍ସ ମଧ୍ୟରେ ୬୪,୦୦୦ କୋଟିର ଚୁକ୍ତି ସ୍ୱାକ୍ଷର**

ନୂଆଦିଲ୍ଲୀ,୨୮।୪(ପି.ଟି.)

ଭାରତୀୟ ନୌସେନା ପାଇଁ ଫ୍ରାନ୍ସରୁ ରାଫାଲ ଯୁଦ୍ଧବିମାନର ୨୬ଟି ନାଭାଲ ଭାରିଆଣ୍ଟ କିଣାଯିବ। ଏଥିପାଇଁ ସୋମବାର ୨ ଦେଶ ମଧ୍ୟରେ ୬୪,୦୦୦ କୋଟି ଟଙ୍କା ମୂଲ୍ୟର ଆନ୍ତଃ ସରକାରୀ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଚୁକ୍ତି ଅନୁଯାୟୀ, ଭାରତରେ ରାଫାଲ ବିମାନର ମୁଖ୍ୟ ଭାଗ ନିର୍ମାଣ ସମେତ ରକ୍ଷଣାବେକ୍ଷଣ, ମରାମତି ଏବଂ ବିମାନ ଇଞ୍ଜିନଗୁଡ଼ିକର ପରୀକ୍ଷା ଓ ମେଣ୍ଟେନାନ୍ସ ଏବଂ ସେନ୍ସର ଆଦି ତିଆରି ହେବ ବୋଲି ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଭାରତରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅସ୍ତ୍ରକୁ ବିମାନରେ ଖଞ୍ଜିବା ପ୍ରଯୁକ୍ତି ମଧ୍ୟ ଫ୍ରାନ୍ସ ପ୍ରଦାନ କରିବ। ୨୦୩୦ ସୁଦ୍ଧା ସମସ୍ତ ଯୁଦ୍ଧବିମାନ ମିଳିବାକୁ ଥିବାବେଳେ ଏହାର ପାଇଲଟ୍ ଓ କର୍ମଚାରୀଙ୍କ ତାଲିମ ଫ୍ରାନ୍ସ ଓ ଭାରତରେ ହେବ। ନୌସେନାର ଯୁଦ୍ଧବିମାନବାହୀ ଜାହାଜ ଆଇଏନ୍ଏସ୍ ବିକ୍ରାନ୍ତରେ ରାଫାଲ ଜେଟ୍‌ଗୁଡ଼ିକ ନିୟୋଜିତ ହେବ। ଫ୍ରାନ୍ସର ପ୍ରତିରକ୍ଷା ଶିଳ୍ପସଂସ୍ଥା ଡସଲ୍ଟ ଆଭିଏଶନ ଦ୍ୱାରା ନିର୍ମିତ ରାଫାଲ-ମେରାଇନ୍ ଯୁଦ୍ଧବିମାନ ସାମୁଦ୍ରିକ ପରିବେଶରେ ନିଜର ସାମର୍ଥ୍ୟ ପ୍ରମାଣିତ କରିଛି। ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍‌ର ରାଫାଲ ଯୁଦ୍ଧବିମାନ କିଣାକୁ ମଞ୍ଜୁରି ପ୍ରଦାନର ୩ ସପ୍ତାହ ପରେ ଡିଲ୍ ସ୍ୱାକ୍ଷର ହୋଇଛି।

### ତହଉର୍ ରଣାଙ୍କ ଏନ୍ଆଇଏ ରିମାଣ୍ଡ ୧୨ ଦିନ ବଢ଼ିଲା

ନୂଆଦିଲ୍ଲୀ,୨୮।୪

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟର ମାଇଣ୍ଡ ତହଉର ରଣାଙ୍କ ଏନ୍ଆଇଏ ହାଜତ ଅବଧିକୁ ବିଶେଷ ଅଦାଲତ ସୋମବାର ୧୨ ଦିନ ବଢ଼ାଇଛି। ଗତ ୧୦ ତାରିଖରେ ତହଉର ଭାରତ ପ୍ରତ୍ୟର୍ପଣ ହୋଇ ଆସିବା ପରେ ୧୮ଦିନ ପାଇଁ ଏନ୍ଆଇଏ ହାଜତକୁ ପଠାଯାଇଥିଲା। ତଥ୍ୟ ପ୍ରମାଣ ପାଇଁ ତାଙ୍କୁ ଅଧିକ ଜେରା କରାଯିବା ଆବଶ୍ୟକତା ରହିଛି ବୋଲି ତଦନ୍ତକାରୀ ସଂସ୍ଥା ଜଣାଇବା ସହ ରିମାଣ୍ଡ ଅବଧି ବଢ଼ାଇବାକୁ ନିବେଦନ କରିଥିଲା।

# ଆକ୍ରମଣ ଆଶଙ୍କା ଘନେଇଲା



ନୂଆଦିଲ୍ଲୀ,୨୮।୪

- ଭାରତ ଆକ୍ରମଣ କରିବା ନିଶ୍ଚିତ: ପାକ୍ ପ୍ରତିରକ୍ଷା ମନ୍ତ୍ରୀ
- ପ୍ରଧାନମନ୍ତ୍ରୀଙ୍କୁ କଶ୍ମୀର ସ୍ଥିତି ଅବଗତ କରାଇଲେ ରାଜନାଥ
- ପିଓକେରୁ ଆତଙ୍କବାଦୀଙ୍କୁ ଖାଲି କଲା ପାକ୍ ସେନା

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଭାରତ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅବଶ୍ୟମ୍ଭାବୀ ବୋଲି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ମହମ୍ମଦ ଅସିଫ୍ ସୋମବାର କହିଛନ୍ତି। ଖୁବ୍‌ଶୀଘ୍ର ଭାରତ ଆକ୍ରମଣ କରିପାରେ। ସେଥିପାଇଁ ରଣକୌଶଳ ନିଷ୍ପତ୍ତି ସ୍ୱରୂପ ଆମେ ସୁରକ୍ଷା ବଳକୁ ମଜବୁତ କରିଛୁ। ଆମ ସ୍ଥିତି ପ୍ରତି ବିପଦ ସୃଷ୍ଟି ହେଲେ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବୁ ବୋଲି ସେ କହିଛନ୍ତି। ନୂଆଦିଲ୍ଲୀର ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସରକାରଙ୍କୁ ଜଣାଇଦିଆଯାଇଥିବା ଅସିଫ୍ ସୂଚନା ଦେଇଛନ୍ତି।

ପହଲଗାମ୍ ଆକ୍ରମଣ ପରିପ୍ରେକ୍ଷୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜମ୍ମୁ-କଶ୍ମୀରର ସୁରକ୍ଷା ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଉଭୟଙ୍କ ମଧ୍ୟରେ ୪୦ ମିନିଟ୍ ଧରି ଆଲୋଚନା ହୋଇଥିଲା। ଦିନକ ପୂର୍ବରୁ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଆତଙ୍କବାଦ ବିରୋଧୀ ପ୍ରମୁଖ ନିଷ୍ପତ୍ତି ସମ୍ପର୍କରେ ଜଣାଇଥିଲେ। ପହଲଗାମ୍ ଆକ୍ରମଣର ଅପରାଧୀ ଏବଂ ଷଡ଼ଯନ୍ତ୍ରକାରୀଙ୍କୁ କଠୋରତମ ଦଣ୍ଡ ଦିଆଯିବ ବୋଲି ରବିବାର ପ୍ରଧାନମନ୍ତ୍ରୀ କହିଥିଲେ। ଆକ୍ରମଣ ସମ୍ଭାବନାକୁ ଦୃଷ୍ଟିରେ ରଖି ପାକିସ୍ତାନ ଏହାର ସେନାକୁ ହାଇ ଆଲର୍ଟରେ ରଖିଛି। ୪ ଦିନ ହେଲା ପାକ୍ ସେନା ନିୟନ୍ତ୍ରଣ ରେଖାରେ ଅସ୍ତ୍ରବିରତି ଉଲ୍ଲଂଘନ କରି ଗୁଳିମାଡ଼ କରୁଥିବାବେଳେ ଭାରତୀୟ ସେନା ଏହାର ଠିକଣା ଜବାବ ଦେଉଛି। ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନକୁ ଦୃଷ୍ଟିରେ ରଖି ପାକିସ୍ତାନୀ ସେନା ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କ ଲଞ୍ଚପ୍ୟାଡ୍‌ଗୁଡ଼ିକୁ ଖାଲି କରିବାରେ ଲାଗିଛି। ଆତଙ୍କବାଦୀମାନଙ୍କୁ ସେନା ଆଶ୍ରୟସ୍ଥଳ ଏବଂ ବଙ୍କର ମଧ୍ୟକୁ ନିଆଯାଉଥିବା ଗୋଇନ୍ଦା ସୂତ୍ରରୁ ଜଣାପଡ଼ିଛି। ପିଓକେରେ ଆତଙ୍କବାଦୀଙ୍କର ଅନେକ ସକ୍ରିୟ ଲଞ୍ଚପ୍ୟାଡ୍ ରହିଛି, ଯେଉଁଠୁ ସେମାନେ ନିୟନ୍ତ୍ରଣ ରେଖା ଅତିକ୍ରମ କରି ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରିଥାନ୍ତି। ସେହି ଲଞ୍ଚପ୍ୟାଡ୍‌ଗୁଡ଼ିକ ଭାରତୀୟ ସୁରକ୍ଷା ବଳ ଚିହ୍ନଟ କରିବା ପରେ ପାକ୍ ସେନା ତୁରନ୍ତ ସେମାନଙ୍କୁ ସ୍ଥାନାନ୍ତର କରିଛି। ପାକିସ୍ତାନ ଏହାର ଆତଙ୍କବାଦ ଭିତ୍ତିଭୂମିକୁ ଭାରତୀୟ ସର୍ଭିଲାନ୍ସଠାରୁ ଲୁଚାଇ ରଖିବାକୁ ଚାହୁଁଛି।

ସୂତ୍ର ଅନୁଯାୟୀ, ପିଓକେରେ ୪୨ଟି ଆତଙ୍କବାଦୀ ଲଞ୍ଚପ୍ୟାଡ୍ ଏବଂ ପ୍ରଶିକ୍ଷଣ କେନ୍ଦ୍ର ରହିଥିବା ଭାରତୀୟ ସୁରକ୍ଷା ବଳ ଜାଣିବାକୁ ପାଇଥିଲା। ସେଠାରେ ୧୫୦ରୁ ୨୦୦ ତାଲିମପ୍ରାପ୍ତ ଆତଙ୍କବାଦୀ ରହି ଅନୁପ୍ରବେଶ ପାଇଁ ଉଦ୍ୟମ ଚଳାଇଥିଲେ। ଜମ୍ମୁ-କଶ୍ମୀରରେ ହିଜବୁଲ ମୁଜାହିଦିନ, ଲଶ୍କର-ଇ-ତୋଇବା ସମେତ ବିଭିନ୍ନ ସଂଗଠନର ମୋଟ ୬୦ ଜଣ ବିଦେଶୀ ଆତଙ୍କବାଦୀ ଜମ୍ମୁ-କଶ୍ମୀରରେ ସକ୍ରିୟ ରହିଥିବା ପୂର୍ବରୁ ପ୍ରକାଶ ପାଇଥିଲା। ଗତ ୨୨ ତାରିଖ ଆକ୍ରମଣ ସହ ଲଶ୍କର-ଇ-ତୋଇବାର ପ୍ରକ୍ସି ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍)ର ୫ରୁ ୭ ଜଣ ଆତଙ୍କବାଦୀ ସମ୍ପୃକ୍ତ ଥିଲେ।

## ରାଜ୍ୟ ମାନ୍ୟତା ଦାବିରେ ଆକ୍ରମଣକୁ ସୁଯୋଗ ଭାବେ ନେବୁନାହିଁ: ଓମାର

ଜମ୍ମୁ,୨୮।୪(ପି.ଟି.)



ଓମାର ଅବଦୁଲ୍ଲା

ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ଦାବିରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ସୁଯୋଗ ଭାବେ ନେବୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସୋମବାର କହିଛନ୍ତି। ଜମ୍ମୁ-କଶ୍ମୀରର ସୁରକ୍ଷା କେନ୍ଦ୍ରଶାସିତ ଅଞ୍ଚଳର ନିର୍ବାଚିତ ସରକାରଙ୍କ ଦାୟିତ୍ୱ ନୁହେଁ। କିନ୍ତୁ ରାଜ୍ୟ ମାନ୍ୟତା ଫେରିପାଇବା ପାଇଁ ଆମେ ଏହାକୁ ସୁଯୋଗ ଭାବେ ବ୍ୟବହାର କରିବୁ ନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ରାଜ୍ୟ ମାନ୍ୟତା ପାଇଁ ମୁଁ କିପରି ଦାବି କରିବି? ମୁଁ ଶସ୍ତା ରାଜନୀତିରେ ବିଶ୍ୱାସ କରେନାହିଁ ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ଓମାର କହିଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଉପରେ ବିଧାନସଭାରେ ଅଣାଯାଇଥିବା ସଂକଳ୍ପନାମା ଆଲୋଚନା ଶେଷରେ ଓମାର ଏହା କହିଥିଲେ। ଆକ୍ରମଣରେ ୨୬ ଜଣ ନିରୀହ ଲୋକଙ୍କ ମୃତ୍ୟୁ ଘଟଣାକୁ ନେଇ ପ୍ରସ୍ତାବରେ ଉଦ୍‌ବେଗ ପ୍ରକାଶ କରାଯିବା ସହ ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍‌ଭାବରେ ବ୍ୟାଘାତ ସୃଷ୍ଟି କରୁଥିବା ଅପରାଧୀଙ୍କ ବିରୋଧରେ ଲଢ଼େଇ ଜାରି ରଖିବାକୁ ସଂକଳ୍ପ ନିଆଯାଇଛି।

ଓମାର କହିଥିଲେ, ଜମ୍ମୁ-କଶ୍ମୀରରୁ ଆତଙ୍କବାଦର ବିଲୋପ ନିମନ୍ତେ ଗୃହର ନେତୃତ୍ୱ ସଦସ୍ୟ ରାଜ୍ୟମାନ୍ୟତା ଫେରିପାଇବା ଦାବି କରୁଛନ୍ତି। ଆମେ ଅତୀତରେ କେନ୍ଦ୍ର ସରକାରଙ୍କ ସହ ଏନେଇ କଥା ହୋଇଛୁ ଏବଂ ଭବିଷ୍ୟତରେ ମଧ୍ୟ ଆଲୋଚନା ଜାରି ରହିବ, କିନ୍ତୁ ବର୍ତ୍ତମାନ ନୁହେଁ। ଆତଙ୍କବାଦୀ ଆକ୍ରମଣକୁ ନେଇ କେତେକ ସୋସିଆଲ ମିଡିଆ ପରିଚାଳକ ମିଥ୍ୟା ଖବର ପ୍ରକାଶ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଚେତାବନୀ ଦେଇଛନ୍ତି।

## ଭୋଜପୁରୀ ଗାୟିକାଙ୍କ ବିରୋଧରେ ଦେଶଦ୍ରୋହ ମାମଲା

ଲକ୍ଷ୍ନୌ, ୨୮।୪



ନେହା ସିଂ ରାଠୋର

ଭୋଜପୁରୀ ଗାୟିକା ନେହା ସିଂ ରାଠୋରଙ୍କ ବିରୋଧରେ ଲକ୍ଷ୍ନୌର ହଜରତଗଞ୍ଜ ଥାନାରେ ଦେଶଦ୍ରୋହ ସମେତ ବିଭିନ୍ନ ଧାରାରେ ଏଫ୍‌ଆଇଆର୍ ରୁଜୁ ହୋଇଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ନେହା ସୋସିଆଲ ମିଡିଆରେ ମୋଦି ସରକାରଙ୍କ ବିରୋଧରେ ଉତ୍ତେଜକ ପୋଷ୍ଟ କରିଥିଲେ। ନେହାଙ୍କ ଏହି ପୋଷ୍ଟ ଭାରତର ଏକତାକୁ କ୍ଷତି ପହଞ୍ଚାଉଥିବା ଦର୍ଶାଇ ତାଙ୍କ ବିରୋଧରେ ସ୍ଥାନୀୟ ନିବାସୀ ଅଭୟ ପ୍ରତାପ ସିଂ ରବିବାର ଅଭିଯୋଗ କରିଥିଲେ। ଏହି ଅଭିଯୋଗ କ୍ରମେ ପୋଲିସ ନେହାଙ୍କ ବିରୋଧରେ ମାମଲା ରୁଜୁ କରିଛି। ନେହା କରିଥିବା ପୋଷ୍ଟକୁ ପାକିସ୍ତାନରେ ବ୍ୟାପକ ଶେୟାର କରାଯାଉଥିବାରୁ ନେହାଙ୍କ କାର୍ଯ୍ୟକୁ ଦେଶଦ୍ରୋହ କୁହାଯିବ ବୋଲି ଅଭୟ ନିଜ ଅଭିଯୋଗରେ ଦର୍ଶାଇଛନ୍ତି।

## ଜିପ୍‌ଲାଇନ ଅପରେଟର ଆଲ୍ଲାହୁ ଆକବର କହିବା ପରେ ହୋଇଥିଲା ଗୁଳି

ନୂଆଦିଲ୍ଲୀ,୨୮।୪

**ପହଲଗାମ୍ ଆକ୍ରମଣ**

ପହଲଗାମ୍ ଆକ୍ରମଣ ସମୟର ଭିଡିଓ ସାମନାକୁ ଆସିଛି। ରିଷି ଭଟ୍ଟ ନାମକ ପର୍ଯ୍ୟଟକ ନିଜ କ୍ୟାମେରାରେ ଉକ୍ତ ଭିଡିଓ ସୁଟିଂ କରିଛନ୍ତି। ଜିପ୍‌ଲାଇନ ଅପରେଟର ୩ ଥର ଆଲ୍ଲାହୁ ଆକବର କହିବା ପରେ ଗୁଳିମାଡ଼ ଆରମ୍ଭ ହୋଇଥିଲା ବୋଲି ଭଟ୍ଟ ଏକ ଗଣମାଧ୍ୟମକୁ କହିଛନ୍ତି। ଉକ୍ତ ଅପରେଟରଙ୍କୁ ଏନ୍ଆଇଏ ସମନ କରିଛି। ଭଟ୍ଟ ଜିପ୍‌ଲାଇନ୍ ଧରିବା ପୂର୍ବରୁ ତାଙ୍କ ସ୍ତ୍ରୀ, ପୁଅ ଓ ଅନ୍ୟ ୪ ଜଣ ଯାଇସାରିଥିଲେ। ସେ ଜିପ୍‌ଲାଇନରେ ଥିବାବେଳେ ଅପରେଟର ଜଣକ ୩ ଥର ଆଲ୍ଲାହୁ ଆକବର କହିଥିଲେ। ତେବେ ଗୁଳିମାଡ଼ ଶବ୍ଦ ସହ ଜଣେ ଲୋକ ଖସିପଡ଼ିବା ଦେଖି ଭଟ୍ଟ ରୋପ୍ ଛାଡ଼ି ୧୫ ଫୁଟ୍ ତଳକୁ ଡେଇଁ ସ୍ତ୍ରୀ ଓ ପୁଅଙ୍କ ସହ ଦୌଡ଼ିଥିଲେ। ସେମାନେ ପ୍ରଥମେ ଜଙ୍ଗଲ ଆଡ଼କୁ ଓ ପରେ ପାର୍କିଂ ସ୍ଥାନକୁ ଯାଇଥିଲେ ବୋଲି ଭଟ୍ଟ କହିଛନ୍ତି।

## ୧୬ ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ଲକ୍ କଲା ଭାରତ

ନୂଆଦିଲ୍ଲୀ,୨୮।୪(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନର ୧୬ଟି ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ଭାରତ ନିଷିଦ୍ଧ କରିଛି। ଏହି ଚ୍ୟାନେଲଗୁଡ଼ିକରେ ଭାରତ ବିରୋଧରେ ମିଥ୍ୟା, ଉତ୍ତେଜନାପୂର୍ଣ୍ଣ ଏବଂ ସାମ୍ପ୍ରଦାୟିକ ସମ୍ବେଦନଶୀଳ ବିଷୟ ପ୍ରସାରଣ କରାଯାଉଥିବା ଅଭିଯୋଗ ହୋଇଥିଲା। ବ୍ଲକ୍ ହୋଇଥିବା ପାକିସ୍ତାନୀ ଚ୍ୟାନେଲଗୁଡ଼ିକ ମଧ୍ୟରେ ଡନ୍, ସମା ଟିଭି, ଆରି ନ୍ୟୁଜ୍, ଜିଓ ନ୍ୟୁଜ୍, ରାଜି ନାମା, ଜିଏନ୍‌ଏନ୍ ଏବଂ ଇର୍ଶାଦ ଭଟ୍ଟି ରହିଛି। ସ୍ୱରାଷ୍ଟ୍ର ମନ୍ତ୍ରାଳୟର ସୁପାରିସକ୍ରମେ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

୧୬ ୟୁଟ୍ୟୁବ୍ ଚ୍ୟାନେଲର ମୋଟ ଉପଭୋକ୍ତା ସଂଖ୍ୟା ୬୩.୦୮ ନିୟୁତ। ଏହି ଚ୍ୟାନେଲଗୁଡ଼ିକ ଆଉ ଭାରତୀୟ ଉପଭୋକ୍ତାଙ୍କୁ ଉପଲବ୍ଧ ହେବନାହିଁ। ପହଲଗାମ ଆକ୍ରମଣ ସମ୍ପର୍କିତ ଖବର ପ୍ରସାରଣକୁ ନେଇ ବିବିସି ଭାରତରେ ସମାଲୋଚିତ ହୋଇଛି। କେନ୍ଦ୍ର ସରକାର ବିବିସିର ଭାରତ ମୁଖ୍ୟ ଜାକି ମାର୍ଟିନ୍‌ଙ୍କୁ ପତ୍ର ଲେଖି ଆକ୍ରମଣ ଉପରେ ଦେଶର ଦୃଢ଼ ଭାବନା ସମ୍ପର୍କରେ ଜଣାଇଛନ୍ତି। ଆକ୍ରମଣ ପରେ ପାକିସ୍ତାନ ସରକାର ଭାରତୀୟଙ୍କ ଭିଜା ବାତିଲ କରିଥିବା ବିବିସି ଏକ ବିଭ୍ରାନ୍ତିକର ଲେଖା ପ୍ରକାଶ କରିଥିଲା।

## ମେ'ରେ ୩ ଦିନିଆ ଅସ୍ତ୍ରବିରତି ଘୋଷଣା କଲେ ପୁଟିନ୍

ମସ୍କୋ,୨୮।୪

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସୋମବାର ୟୁକ୍ରେନ୍ ଯୁଦ୍ଧରେ ଅଚାନକ ୩ ଦିନିଆ ଅସ୍ତ୍ରବିରତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଜୟ ଦିବସ ଅବସରରେ ମେ' ୮ରୁ ୧୦ ପର୍ଯ୍ୟନ୍ତ ଅସ୍ତ୍ରବିରତି କାର୍ଯ୍ୟକାରୀ ହେବ। ଯୁଦ୍ଧ ବନ୍ଦ ଲାଗି ଆମେରିକା ମଧ୍ୟସ୍ଥତାରେ କୂଟନୈତିକ ସ୍ତରରେ ଉଦ୍ୟମ ଚାଲିଥିବାବେଳେ ପୁଟିନ୍‌ଙ୍କ ସାମୟିକ ଅସ୍ତ୍ରବିରତି ଘୋଷଣା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ୟୁକ୍ରେନ୍ ମଧ୍ୟ ଏହି ସମୟରେ ଆକ୍ରମଣ ବନ୍ଦ ରଖିବ ବୋଲି କ୍ରେମଲିନ୍ ଆଶାବ୍ୟକ୍ତ କରିଛି। ଯୁଦ୍ଧ ବନ୍ଦ ଲାଗି ସିଧାସଳଖ ବୁଝାମଣା ପାଇଁ ଏହା ଏକ ସମ୍ଭାବ୍ୟ ପଦକ୍ଷେପ ବୋଲି ସୂଚନା ଦେଉଥିବା କୁହାଯାଉଛି।

### ଇଡି ମୁମ୍ବାଇ ଅଫିସ୍‌ରେ ନିଆଁ

## ନୀରବ, ଚୋକ୍‌ସିଙ୍କ ଦସ୍ତାବିଜ୍ ଜଳିଗଲା

ମୁମ୍ବାଇ,୨୮।୪



ଦକ୍ଷିଣ ମୁମ୍ବାଇର ବାଲାର୍ଡ ଇଷ୍ଟେଟ୍‌ରେ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜୋନ୍-୧ କାର୍ଯ୍ୟାଳୟରେ ରବିବାର ସକାଳେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜଳିଯାଇଛି। ପାଖାପାଖି ୧୦ ଘଣ୍ଟା ନିଆଁ ଜଳିବା ଫଳରେ ଅନେକ ହାଇପ୍ରୋଫାଇଲ୍ ମାମଲାର ତଦନ୍ତ ରେକର୍ଡକୁ ନେଇ ଉଦ୍‌ବେଗ ପ୍ରକାଶ ପାଉଛି। ନଷ୍ଟ ହୋଇଯାଇଥିବା ଫାଇଲଗୁଡ଼ିକ ମଧ୍ୟରେ ପଳାତକ ବ୍ୟବସାୟୀ ମେହୁଲ ଚୋକ୍‌ସି, ନୀରବ ମୋଦି, ରାଜନେତା ଛଗନ ଭୁଜବଳ ଏବଂ ଅନିଲ ଦେଶମୁଖଙ୍କ ତଦନ୍ତ ରେକର୍ଡ ରହିଥିବା କୁହାଯାଉଛି। ତେବେ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି।

କଣ୍ଟ୍ରୋଲ, ଡକ୍ୟୁମେଣ୍ଟେସନ ସମେତ କାର୍ଯ୍ୟାଳୟ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ତଦନ୍ତ ପ୍ରକ୍ରିୟାରେ ଏହାର କିଭଳି ପ୍ରଭାବ ପଡ଼ିବ, ତାହା ଅନିଶ୍ଚିତତା ମଧ୍ୟରେ ରହିଛି। କ୍ଷୟକ୍ଷତିର ଆକଳନ ଜାରି ରହିଛି। ଅଧିକାଂଶ ଦସ୍ତାବିଜ୍‌କୁ ଡିଜିଟାଇଜ୍ କରାଯାଇଥିବାରୁ ସେଗୁଡ଼ିକ ତଦନ୍ତରେ ସହାୟକ ହୋଇପାରେ ବୋଲି କୁହାଯାଉଛି। ତେବେ ଚାର୍ଜସିଟ୍ ଦାଖଲ ବେଳେ କୋର୍ଟରେ ମୂଳ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ହୋଇଥାଏ। ସମନ ହୋଇଥିବା ସାକ୍ଷୀମାନଙ୍କୁ ଜେରା ପ୍ରକ୍ରିୟା ପ୍ରଭାବିତ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଫାଇଲଗୁଡ଼ିକ ଡିଜିଟାଲି ସଂରକ୍ଷିତ ହୋଇଥିବାରୁ ତଦନ୍ତ ଓ ବିଚାର ପ୍ରକ୍ରିୟା ପ୍ରଭାବିତ ହେବ ନାହିଁ ବୋଲି ଇଡି କହିଛି। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି)ରୁ ୧୩,୮୫୦ କୋଟି ଟଙ୍କା ଋଣ ଜାଲିଆତିରେ ସମ୍ପୃକ୍ତ ଥାଇ ଦେଶ ଛାଡ଼ି ପଳାଇଥିବା ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କୁ ଚଳିତ ମାସ ଆରମ୍ଭରେ ବେଲଜିୟମରୁ ଗିରଫ କରାଯାଇଥିଲା।

## ସ୍ପେନ୍, ପର୍ତ୍ତୁଗାଲରେ ବ୍ୟାପକ ବିଦ୍ୟୁତ୍ ବିଭ୍ରାଟ

- ଟ୍ରେନ୍ ସେବା ପ୍ରଭାବିତ
- ଅନ୍ଧାରରେ ପାର୍ଲାମେଣ୍ଟ, ନ୍ୟୁଜ୍‌ରୁମ୍, ମେଟ୍ରୋଷ୍ଟେଶନ

ମାଡ୍ରିଡ୍, ୨୮।୪



ବିଦ୍ୟୁତ୍ ବିଭ୍ରାଟ ଯୋଗୁ ମାଡ୍ରିଡ୍ ଓପନ ଟେନିସ୍ ଟୁର୍ନାମେଣ୍ଟକୁ ସ୍ଥଗିତ ରଖାଯିବା ପରେ ଟେନିସ୍ ପ୍ରଶଂସକମାନେ ଷ୍ଟାଡିୟମରୁ ଫେରୁଛନ୍ତି।

ୟୁରୋପୀୟ ଦେଶ ସ୍ପେନ୍ ଏବଂ ପର୍ତ୍ତୁଗାଲର ଅଧିକାଂଶ ଅଞ୍ଚଳରେ ଶନିବାର ବଡ଼ ଧରଣର ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ଉଭୟ ଦେଶର ରାଜଧାନୀରେ ବିଦ୍ୟୁତ୍ ସେବା ଠପ୍ ହୋଇଯାଇଛି। ଫ୍ରାନ୍ସର କେତେକ ସହରରେ ମଧ୍ୟ ଅନୁରୂପ ସ୍ଥିତି ଉପୁଜିଛି। ବିଦ୍ୟୁତ୍ ଯୋଗାଣକୁ ପୁନଃ ସ୍ଥାପିତ କରିବା ପାଇଁ କାର୍ଯ୍ୟ ଜାରି ରହିଥିବା ସ୍ପେନ୍‌ର ସରକାରୀ ଗ୍ରୀଡ୍ ଅପରେଟର ରେଡ୍ ଇଲେକ୍ଟ୍ରିକା କହିଛି। ସ୍ଥାନୀୟ ସମୟ ଦିନ ୧୨ଟା୩୦ରେ ଦେଶର ସମ୍ପୂର୍ଣ୍ଣ ଜାତୀୟ ବିଦ୍ୟୁତ୍ ଗ୍ରୀଡ୍ ବିଚ୍ଛିନ୍ନ ହୋଇଯାଇଥିବା ନେଇ ସ୍ପେନ୍‌ର ରେଳ କମ୍ପାନୀ ରେନ୍‌ଫେ କହିଛି। ଫଳରେ ଦେଶବ୍ୟାପୀ ଟ୍ରେନ୍ ସେବା ପ୍ରଭାବିତ ହୋଇଛି। ସ୍ପେନ୍ ସରକାରୀ ବ୍ରଡ୍‌କାଷ୍ଟର ଆର୍‌ଟିଭିଇ କହିଛି, ଦେଶର ଅଧିକାଂଶ ଅଞ୍ଚଳରେ ବ୍ଲାକ୍‌ଆଉଟ ସ୍ଥିତି ଦେଖାଦେଇଛି। ଫଳରେ ମାଡ୍ରିଡ୍‌ରେ ଥିବା ବିଭିନ୍ନ ନ୍ୟୁଜ୍‌ରୁମ, ଦେଶର ପାର୍ଲାମେଣ୍ଟ ଏବଂ ମେଟ୍ରୋ ଷ୍ଟେଶନଗୁଡ଼ିକ ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଇଛି। ମାଡ୍ରିଡ୍‌ରେ ଚାଲିଥିବା ଓପନ ଟେନିସ ଟୁର୍ନାମେଣ୍ଟକୁ ସ୍ଥଗିତ ରଖାଯାଇଛି। ବ୍ଲାକ୍‌ଆଉଟର କାରଣ ଜାଣିବା ପାଇଁ କାର୍ଯ୍ୟ ଜାରି ରହିଥିବା ସ୍ପେନ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି।

ପର୍ତ୍ତୁଗାଲରେ ରାଜଧାନୀ ଲିସ୍‌ବନ୍ ଏବଂ ଏହାର ଆଖପାଖ ଅଞ୍ଚଳ ସମେତ ଦେଶର ଉତ୍ତର ଏବଂ ଦକ୍ଷିଣ ପ୍ରାନ୍ତର କେତେକ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣରେ ବ୍ୟାଘାତ ଘଟିଛି। ୟୁରୋପୀୟ ବିଦ୍ୟୁତ୍ ବ୍ୟବସ୍ଥାରେ ସମସ୍ୟା ଯୋଗୁ ଏହି ବିଦ୍ୟୁତ୍ ବିଭ୍ରାଟ ସ୍ଥିତି ଉପୁଜିଛି।

**ଫୁରସତ୍**

## ୬୫ ବର୍ଷ ହେଲା ଛୁଟି ନେଇନାହାନ୍ତି ଶତାୟୁ ମହିଳା

ରୋମ



ଆନା ପୋସି

**କାଫେ ବାର୍‌ରେ କଫି ପରିବେଷଣ କରନ୍ତି**

ଇଟାଲୀର ନେବ୍ୟାନୋ ଗ୍ରାମରେ ରହୁଥିବା ଆନା ପୋସି ୧୦୦ ବର୍ଷ ବୟସର ହୋଇଥିଲେ ମଧ୍ୟ ସେ ତାଙ୍କ କଫି ଦୋକାନରେ କାମ କରିବା ସହ ଲୋକଙ୍କୁ କଫି ପରଷି ବହୁ ପ୍ରଶଂସା ସାଉଣ୍ଟୁଛନ୍ତି। ଇଟାଲୀର ସବୁଠାରୁ ବୟସ୍କା କଫି ଦୋକାନୀ ଭାବେ ପରିଚିତ ଆନାଙ୍କୁ ସ୍ଥାନୀୟ ଅଞ୍ଚଳରେ ଲୋକମାନେ 'ଗ୍ରାଣ୍ଡ ମା' ଆନା'ର ନାଁ ଦେଇଛନ୍ତି। ଏତେ ଅଧିକ ବୟସରେ ମଧ୍ୟ ଲୋକଙ୍କୁ କଫି ପରଷିବାକୁ ନେଇ ଆନା କହିଛନ୍ତି, ତାଙ୍କ କାଫେ ବାର୍ ତାଙ୍କ ପାଇଁ ସବୁ କିଛି। ସେ ଏହାକୁ କେବେ ମଧ୍ୟ ବନ୍ଦ କରିବେ ନାହିଁ। ଅର୍ଥ ରୋଜଗାର କରିବା ପାଇଁ ସେ ତାଙ୍କ କାଫେକୁ ଚଳାଉନାହାନ୍ତି। ଏହି କାଫେ ବାର୍‌ରେ କାର୍ଯ୍ୟ କରି ସେ ସନ୍ତୁଷ୍ଟରେ ଲୋକଙ୍କ ସହ ରହିଥାନ୍ତି, ଯାହା ତାଙ୍କୁ ଭଲ ଲାଗିଥାଏ ବୋଲି ଆନା କହିଛନ୍ତି। ଆନା 'ସେଣ୍ଟ୍ରାଲ ଡେଲି' ନାମକ ନିଜର କାଫେ ବାର୍‌କୁ ୧୯୫୮ରେ ଖୋଲିଥିଲେ। ଗତ ୬ ଦଶନ୍ଧିରୁ ଅଧିକ ସମୟ ଧରି ସେ ନିଜର ଏହି କାଫେକୁ ଚଳାଉଛନ୍ତି। ସେ ପ୍ରତିଦିନ ସକାଳ ୭ଟାରେ ଏହି କାଫେ ବାର୍‌କୁ ଖୋଲିଥାନ୍ତି। ଶୀତ ଋତୁରେ ସେ ଏହାକୁ ସନ୍ଧ୍ୟା ୭ଟା ଏବଂ ଗ୍ରୀଷ୍ମରେ ରାତି ୯ଟାରେ ବନ୍ଦ କରିଥାନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ କଫିକୁ ଲୋକମାନେ ଖୁବ୍ ପସନ୍ଦ କରନ୍ତି। ତେଣୁ ତାଙ୍କ କାଫେରେ ସର୍ବଦା ଭିଡ଼ ଲାଗିରହିଥାଏ ବୋଲି ଆନା କହିଛନ୍ତି।

ଆନା ଆହୁରି କହିଛନ୍ତି, ସେ ଗତ ୬୫ ବର୍ଷ ହେଲା ଛୁଟି ନେଇନାହାନ୍ତି। ଶେଷଥର ପାଇଁ ୧୯୬୦ରେ ସେ ପ୍ୟାରିସ୍‌କୁ ଏକ ୮ ଦିନିଆ ଛୁଟିରେ ଯାଇଥିଲେ। ଏହାପରଠାରୁ ସେ କେବେ ମଧ୍ୟ ତାଙ୍କ କାଫେ ବାର୍‌କୁ ବନ୍ଦ କରିନାହାନ୍ତି। ତାଙ୍କ କଫି ବାର୍ ବର୍ଷକୁ ୩୬୫ ଦିନ ଖୋଲା ରହିଥାଏ। ରବିବାର ଏବଂ ଅନ୍ୟାନ୍ୟ ଛୁଟିଦିନଗୁଡ଼ିକରେ ମଧ୍ୟ ସେ ଛୁଟି ନିଅନ୍ତି ନାହିଁ ବୋଲି ଆନା କହିଛନ୍ତି। ଏବେ ମଧ୍ୟ ସେ ତାଙ୍କ କାଫେରେ ସକାଳୁ ରାତି ଯାଏ ଅଧିକାଂଶ କାମ ନିଜେ କରୁଥିବା ଆନା କହିଛନ୍ତି। ତେବେ ପୁରୁଣା ଦିନକୁ ମନେପକାଇ ଆନା କହିଛନ୍ତି, ସମୟ ସହ ତାଙ୍କ କାଫେରେ ଗ୍ରାହକଙ୍କ ଚଳଣି ଏବଂ ସଂସ୍କୃତିରେ ପରିବର୍ତ୍ତନ ଘଟିଛି। ପୂର୍ବରୁ ତାଙ୍କ କାଫେରେ ଲୋକମାନେ ପରସ୍ପର ସହ ବସି କଥା ହେବାକୁ ପସନ୍ଦ କରୁଥିଲେ। ଏହାସହ ସେମାନେ ପରସ୍ପର ସହ ତାସ୍ ଖେଳୁଥିଲେ। କିନ୍ତୁ ଏବେ ତାଙ୍କ କାଫେରେ ଗ୍ରାହକମାନେ ଏପରି ନ କରି କେବଳ ନିଜ ମୋବାଇଲ ଫୋନ୍‌ରେ ବ୍ୟସ୍ତ ରହୁଥିବା ଆନା କହିଛନ୍ତି। ଗତ ନଭେମ୍ବରରେ ଆନା ତାଙ୍କ ୧୦୦ତମ ଜନ୍ମଦିନ ପାଳନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଲୋକେ ତାଙ୍କ କାଫେରେ ସାଉନବୋର୍ଡରେ 'ସେଣ୍ଟ୍ରାଲ ଡେଲି' ସହ ସେ ଇଟାଲୀର ସବୁଠାରୁ ବୟସ୍କା କାଫେ ମାଲିକ ହୋଇଥିବା ଲେଖି ଆନାଙ୍କୁ ସମ୍ମାନିତ କରିଥିଲେ। ଏହାସହ ଗ୍ରାଣ୍ଡ ମା' ଆନାଙ୍କ କାଫେକୁ ଆସୁଥିବା ଗ୍ରାହକମାନେ ତାଙ୍କ ଉପଲବ୍ଧି ସମ୍ପର୍କରେ ଜାଣିପାରିବେ ବୋଲି ସେମାନେ କହିଥିଲେ।

## ବାସ୍କେଟ ବଲ୍ କୋଚ୍ ଭୂମିକାରେ ଆମୀର

ମୁମ୍ବାଇ



୨୦୨୨ରେ ଫିଲ୍ମ 'ଲାଲ୍ ସିଂ ଚଡ଼୍ଡା' ପରଠାରୁ ଅଭିନେତା ଆମୀର ଖାନ୍ ଅଭିନୟରୁ ଦୂରେଇ ରହିଛନ୍ତି। ତେବେ ଖୁବ୍‌ଶୀଘ୍ର ତାଙ୍କୁ 'ସିତାରେ ଜମିନ ପର' ଫିଲ୍ମରେ ଦେଖିବାକୁ ମିଳିବ। ୨୦୦୭ରେ ରିଲିଜ୍ ହୋଇଥିବା ଆମୀରଙ୍କ 'ତାରେ ଜମିନ ପର' ଫିଲ୍ମର ଏହା ହେଉଛି ସିକ୍ୱେଲ। ସୋମବାର 'ସିତାରେ ଜମିନ ପର' ଫିଲ୍ମକୁ ନେଇ ଏକ ନୂତନ ଅପଡେଟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଫିଲ୍ମର ଟ୍ରେଲର ରିଲିଜ୍‌କୁ ନେଇ ସେନ୍ସର ବୋର୍ଡ ପକ୍ଷରୁ ମଞ୍ଜୁରି ମିଳିଛି। ସେନ୍ସର ବୋର୍ଡ 'ସିତାରେ ଜମିନ ପର' ଫିଲ୍ମର ଟ୍ରେଲରକୁ 'ୟୁଏ ୧୩+' ରେଟିଂ ପ୍ରଦାନ କରିଛି। ମୋଟ ୩ ମିନିଟ ୨୯ ସେକେଣ୍ଡର ଏହି ଟ୍ରେଲରକୁ ଆସନ୍ତା ୧ ତାରିଖରେ ସିନେମାହଲଗୁଡ଼ିକରେ ଅଭିନେତା ଅଜୟ ଦେବଗନ୍‌ଙ୍କ 'ରେଡ୍ ୨' ଫିଲ୍ମର ରିଲିଜ୍ ବେଳେ ଜାରି କରାଯିବ। ତେବେ ଏହି ଫିଲ୍ମର ରିଲିଜ୍ ତାରିଖ ଉପରୁ ବର୍ତ୍ତମାନ ସୁଦ୍ଧା ପରଦା ଉଠିନାହିଁ। ଆର୍.ଏସ୍. ପ୍ରସନ୍ନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଆମୀରଙ୍କ ବିପକ୍ଷରେ ଅଭିନେତ୍ରୀ ଜେନେଲିଆ ଡି'ସୁଜା ଦେଶମୁଖ ନଜରକୁ ଆସିବେ। ରିପୋର୍ଟ ଅନୁଯାୟୀ, ଫିଲ୍ମରେ ଆମୀରଙ୍କୁ ଜଣେ ରାଗୀ ଏବଂ ନିଷ୍ଠୁର ବାସ୍କେଟବଲ୍ କୋଚ୍‌ଙ୍କ ଭୂମିକାରେ ଦେଖିବାକୁ ମିଳିବ। ତେବେ ସମୟ କ୍ରମେ ତାଙ୍କ ଆଚରଣ ଓ ବ୍ୟବହାରରେ କିପରି ପରିବର୍ତ୍ତନ ଘଟୁଛି, ସେନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ।

ଧରିତ୍ରୀ 51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୯/୨୦୨୫ Bhubaneswar, Tuesday, April 29/2025 | ପୃଷ୍ଠା-୧

# ଓଟିଟିରେ ଅଶ୍ଳୀଳତା: ଅଙ୍କୁଶ ଲଗାଯାଉ

**ଓଟିଟି (ଓଭର ଦି ଟପ୍) ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଆପତ୍ତିଜନକ ଏବଂ ଅଶ୍ଳୀଳ ବିଷୟବସ୍ତୁର ପ୍ରସାରଣ ଚିନ୍ତା ବଢ଼ାଇଛି। ଏହାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ଗ୍ରହଣ କରି କେନ୍ଦ୍ର ସରକାର ଏବଂ କେତେକ ପ୍ଲାଟ୍‌ଫର୍ମକୁ ସୋମବାର ନୋଟିସ୍ ଜାରି କରିଛନ୍ତି। ଏଗୁଡ଼ିକୁ ନିୟନ୍ତ୍ରଣ ପାଇଁ କେତେକ ନିୟମାବଳୀ ଅଣାଯିବା ଆବଶ୍ୟକ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି। ଆପତ୍ତିଜନକ ଓ ଅଶ୍ଳୀଳ ବିଷୟବସ୍ତୁ ପ୍ରସାରଣ ବନ୍ଦ ଦାବିରେ ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି, ଓଟିଟି ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକର ସାମାଜିକ ଦାୟିତ୍ୱବୋଧ ରହିବା ଆବଶ୍ୟକ। ଅନ୍‌ଲାଇନରେ ଅଶାଳୀନ ବିଷୟବସ୍ତୁ ପ୍ରସାରଣ ଉପରେ ଅଙ୍କୁଶ ଲଗାଇବା ପାଇଁ କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା ପଦକ୍ଷେପ ନେବାକୁ ହେବ।**

## କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ୍



ନୂଆଦିଲ୍ଲୀ,୨୮।୪(ପି.ଟି.)

ଓଟିଟି ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଆପତ୍ତିଜନକ ଏବଂ ଅଶ୍ଳୀଳ ଭିଡିଓ ଆଦି ପ୍ରସାରଣକୁ ନିଷିଦ୍ଧ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଉଦୟ ମହୁରକର ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଅଶାଳୀନ ବିଷୟବସ୍ତୁଗୁଡ଼ିକର ଅବାଧ ପ୍ରସାର ସ୍ୱାଭାବିକ ଭାବେ ଚିନ୍ତାଜନକ ବୋଲି ମହୁରକରଙ୍କ ତରଫରୁ ଆଇନଜୀବୀ ବିଷ୍ଣୁଶଙ୍କର ଜୈନ ଅଦାଲତଙ୍କୁ କହିଛନ୍ତି। ଏଭଳି ଯୌନ ଶୋଷଣକାରୀ ଭିଡିଓ ଯୁବବର୍ଗ ଓ ଛୋଟ ପିଲାମାନଙ୍କ ମାନସିକତାକୁ ଦୂଷିତ କରିବା ସହ ବିକୃତ ପ୍ରବୃତ୍ତି ବଢ଼ାଉଛି ଏବଂ ଅପରାଧ ହାର ବୃଦ୍ଧି ପାଉଛି। ଏଭଳି ବିଷୟବସ୍ତୁ ପ୍ରସାରଣକୁ ରୋକା ନ ଗଲେ ସାମାଜିକ ମୂଲ୍ୟବୋଧ, ମାନସିକ ସ୍ୱାସ୍ଥ୍ୟ ଏବଂ ସର୍ବସାଧାରଣ ନିରାପତ୍ତା ଉପରେ ଗମ୍ଭୀର ପ୍ରଭାବ ପଡ଼ିପାରେ ବୋଲି ମହୁରକର ତାଙ୍କ ପିଟିଶନ୍‌ରେ ଦର୍ଶାଇଛନ୍ତି। ଜବାବରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି, କେତେକ ନିୟମାବଳୀ କାର୍ଯ୍ୟକାରୀ ହୋଇଥିବାବେଳେ ଅନ୍ୟ କେତେକ ବିଚାରାଧୀନ ରହିଛି। କେତେକ ବିଷୟବସ୍ତୁ ଏତେ ବିକୃତ ଯେ, ୨ ଜଣ ସମ୍ମାନିତ ବ୍ୟକ୍ତି ଏକାଠି ବସି ଏହାକୁ ଦେଖିପାରିବେ ନାହିଁ। ୧୮ ବର୍ଷରୁ ଊର୍ଦ୍ଧ୍ୱ ସତର୍କ ସୂଚନା ସତ୍ତ୍ୱେ ବଳିଷ୍ଠ ପ୍ରତିକାର ବ୍ୟବସ୍ଥା ରହିବା ଆବଶ୍ୟକ ବୋଲି ମେହେଟ୍ଟା ସ୍ୱୀକାର କରିଛନ୍ତି। ଏଭଳିସ୍ଥଳେ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ସମେତ ନେଟ୍‌ଫ୍ଲିକ୍ସ, ଆମାଜନ ପ୍ରାଇମ୍, ଉଲ୍ଲୁ, ଏଏଲ୍‌ଟିଟି, ଏକ୍ସ, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଏବଂ ଅନ୍ୟାନ୍ୟ ପ୍ଲାଟ୍‌ଫର୍ମକୁ ନୋଟିସ ଜାରି କରି ସେମାନଙ୍କୁ ସବିଶେଷ ଜବାବ ମାଗିଛନ୍ତି।

# ଭିସୁଟ୍: ୧୦୦ ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଶିକ୍ଷାନୁଷ୍ଠାନକୁ ଭୟମୁକ୍ତ କରିବା ସହ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହାସତ୍ତ୍ୱେ ରାଗିଂ ଏବଂ ନିର୍ଯାତନା ଭଳି ଘଟଣା ଅନେକ ସମୟରେ ଦେଖିବାକୁ ମିଳୁଛି। ଏଭଳି ବିଶୃଙ୍ଖଳା ବିରୋଧରେ ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱିଦ୍ୟାଳୟ(ଭିସୁଟ) କର୍ତ୍ତୃପକ୍ଷ କଠୋର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବିଶୃଙ୍ଖଳିତ ଆଚରଣ, ଶାନ୍ତି ଭଙ୍ଗ ଏବଂ କମ୍ ଉପସ୍ଥାପନା କରିଥିବା ୧୦୦ ଛାତ୍ରୀଛାତ୍ରଙ୍କ ବିରୋଧରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏପରି କି ସେମାନଙ୍କ ଉପରେ ଏକ ହଜାରରୁ ୫ହଜାର ପର୍ଯ୍ୟନ୍ତ ଆର୍ଥିକ ଜରିମାନା ଲାଗୁ କରିଛନ୍ତି।**



## ହଜାରରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା

ସମ୍ବଲପୁର,୨୮।୪(ପ୍ରମୋଦ ବହିଦାର)

ବିଶୃଙ୍ଖଳିତ ଆଚରଣ କରିଥିବା ଅଭିଯୋଗରେ ୧୦୦ଜଣ ଛାତ୍ରୀଛାତ୍ରଙ୍କ ବିରୋଧରେ ଭିସୁଟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କମ୍ ଉପସ୍ଥାନ ଏବଂ ବିଶ୍ୱବିଦ୍ୟାଳୟ ନିୟମ ଉଲ୍ଲଂଘନ ଆଦି ବିଭିନ୍ନ ବିଶୃଙ୍ଖଳିତ ଆଚରଣର ଉପଯୁକ୍ତ ବିଚାରପୂର୍ବକ ବ୍ୟକ୍ତିଗତ ସମୀକ୍ଷା ପରେ ଶୃଙ୍ଖଳା କମିଟି ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଣ୍ଡିତ ଶହେ ଜଣଙ୍କ ମଧ୍ୟରେ ରହିଛନ୍ତି ୯ଜଣ ଛାତ୍ରୀ।

ଗତ ଏପ୍ରିଲ ୧୦ ତାରିଖରେ ହୀରାକୁଦ ଜଳ ଭଣ୍ଡାରକୁ ଗାଧୋଇବାକୁ ଯାଇ ଫିଶରି ପଏଣ୍ଟରେ ଗଭୀର ପାଣିରେ ବୁଡ଼ି ଭିସୁଟ୍‌ର ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗ ଶେଷ ବର୍ଷ ଛାତ୍ରୀ ଶାଶ୍ୱତୀ ଭୋଇଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତ ୬ ଜଣ ଛାତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କୁ ଛାତ୍ରାବାସରୁ ବହିଷ୍କାର କରାଯାଇଛି। ସମ୍ପୃକ୍ତ ଛାତ୍ରୀମାନେ ହେଲେ ସିଦ୍ଧେଶ୍ୱରୀ ମହାରଣା, ଅଦିତି ହାତୀ, ଅନୁଷ୍କା ରାୟ, ପୁରବୀ ମହାପାତ୍ର, ଅଦ୍ୟାଶା ନାୟକ ଓ ରାସେଶ୍ୱରୀ ପରିଡ଼ା। ସେହିପରି ପରୀକ୍ଷା ଫଳାଫଳରେ ସେମାନେ ଅଧ୍ୟୟନ କରୁଥିବା ପାଠ୍ୟକ୍ରମର ଗ୍ରେଡ୍ ପଏଣ୍ଟ ହ୍ରାସ କରି 'ଏଫ୍' ଗ୍ରେଡ୍ ଓ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଶାଶ୍ୱତୀ ଭୋଇଙ୍କ ମୃତ୍ୟୁ ପରେ ଭିସୁଟ୍ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ଉପରେ ବିଭିନ୍ନ ପ୍ରକାର ଶୃଙ୍ଖଳାଗତ କଟକଣାକୁ କଡ଼ାକଡ଼ି କରିଥିଲେ। ସେଥିମଧ୍ୟରେ ବିନା ଅନୁମତିରେ ହଷ୍ଟେଲ ବା ଶିକ୍ଷାନୁଷ୍ଠାନ ପରିସରରୁ ବାହାରକୁ ନ ଯିବା, ଠିକ୍ ସମୟରେ ହଷ୍ଟେଲକୁ ଫେରିବା, କୌଣସି ଅନୈତିକ କାର୍ଯ୍ୟରେ ଲିପ୍ତ ନ ହେବା, କନିଷ୍ଠ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର ନ କରିବା, ଶିକ୍ଷାନୁଷ୍ଠାନ ସମ୍ପତ୍ତିକୁ କ୍ଷତି ନ ପହଞ୍ଚାଇବା, ନିଶା ସେବନରୁ ଦୂରେଇ ରହିବା ଆଦି ବିଭିନ୍ନ ପ୍ରକାର ଶୃଙ୍ଖଳାଜନିତ କଟକଣା ଲାଗୁ କରାଯାଇଥିଲା। ତେବେ ଉକ୍ତ ଶୃଙ୍ଖଳା ଭଙ୍ଗ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଭିସୁଟ୍ କର୍ତ୍ତୃପକ୍ଷ ସେମାନଙ୍କ ପରୀକ୍ଷାଫଳ 'ଏଫ୍' ଗ୍ରେଡ୍‌କୁ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ୧ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅର୍ଥକୁ ଡିନ୍ ଛାତ୍ର କଲ୍ୟାଣଙ୍କ ନିକଟରେ ଜମା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ସମ୍ପୃକ୍ତ ଛାତ୍ରୀଛାତ୍ରମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟର ଯେକୌଣସି ଶିକ୍ଷାଗତ, ସହପାଠ୍ୟକ୍ରମିକ ଓ ଶୈକ୍ଷିକ ସ୍ୱୀକୃତିରେ ଜଡ଼ିତ ପଦକ, ପ୍ରମାଣପତ୍ର ଓ ପୁରସ୍କାରପ୍ରାପ୍ତି ସହିତ କୌଣସି ପୁରସ୍କାର ବିତରଣ ସମାରୋହରେ ଅଂଶଗ୍ରହଣ ଉପରେ କଟକଣା ଜାରି କରାଯାଇଛି। ଏହାବ୍ୟତୀତ ନିର୍ବାଚନରେ ଅଂଶଗ୍ରହଣ, କୌଣସି ସଙ୍ଗଠନର ସଦସ୍ୟତା ପାଇଁ ମନୋନୀତ କରିବା ବା କୌଣସି କ୍ରୀଡ଼ା ଦଳର ଅଧିନାୟକତ୍ୱ ପଦରେ ଅଳଙ୍କୃତ ହେବାରୁ ମଧ୍ୟ ସେମାନଙ୍କୁ ବାରଣ କରାଯାଇଛି।

**ଆଜିର ସମ୍ପାଦକୀୟ**
**ଚତୁର ଚୋର**

## ଟି୨୦ରେ ବୈଭବଙ୍କ ରେକର୍ଡ


ବୈଭବ ସୂର୍ଯ୍ୟବଂଶୀ

ଜୟପୁର, ୨୮।୪

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ସୋମବାର ଅନୁଷ୍ଠିତ ଗୁଜରାଟ ଟାଇଟନ୍ସ ବିପକ୍ଷ ବିସ୍ଫୋରକ ଶତକ ହାସଲ କରିଛନ୍ତି ରାଜସ୍ଥାନ ରୟାଲ୍ସର ବୈଭବ ସୂର୍ଯ୍ୟବଂଶୀ। ମାତ୍ର ୩୮ ବଲରୁ ୭ ଚୌକା ଓ ୧୧ ଛକା ସହାୟତାରେ ୧୦୧ ରନ କରିଥିବା ବୈଭବ ଟି୨୦ରେ ସର୍ବକନିଷ୍ଠ ସେଞ୍ଚୁରିଆନ ହୋଇ ଯାଇଛନ୍ତି। ତାଙ୍କୁ ଏବେ ୧୪ ବର୍ଷ ୩୨ ଦିନ। ପୂର୍ବରୁ ଭାରତୀୟ ଘରୋଇ କ୍ରିକେଟରେ ମୁମ୍ବାଇ ବିପକ୍ଷରେ ମହାରାଷ୍ଟ୍ରର ବିଜୟ ଜୋଲ୍ ୧୮ ବର୍ଷ ୧୧୮ ଦିନରେ ଶତକ ହାସଲ କରି ରେକର୍ଡର ଅଧିକାରୀ ଥିଲେ। ଆଇପିଏଲ୍‌ରେ ବୈଭବ ଦ୍ୱିତୀୟ ଦ୍ରୁତତମ ଶତକର ମଧ୍ୟ ଅଧିକାରୀ ହୋଇଛନ୍ତି। ଆରସିବି ପକ୍ଷରୁ ଖେଳି କ୍ରିସ୍ ଗେଲ୍ ୨୦୧୩ରେ ପୁଣେ ୱାରିୟର୍ସ ଇଣ୍ଡିଆ ବିପକ୍ଷରେ ୩୦ ବଲ୍‌ରୁ ଶତକ ପୂରଣ କରି ରେକର୍ଡର ଅଧିକାରୀ ଅଛନ୍ତି।

(ଅଧିକ ରିପୋର୍ଟ ଖେଳ ପୃଷ୍ଠାରେ)









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟ ବ୍ୟାଙ୍କ ମିତ୍ର ସଂଘ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍ଜି, ସମୟ: ସକାଳ ୯ଟା।
- ଆଦିଗୁରୁ ପଙ୍କଜ ଚରଣ ଦାସ ପ୍ରତିଭା ପ୍ରତିଯୋଗିତା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ୱଣ୍ଡର୍ଲାରେ ଟୁ ଥ୍ରିଲିଂ ନ୍ୟୁ ରାଇଡ୍ର ଉଦ୍ଘାଟନ, ସ୍ଥାନ: ୱଣ୍ଡରେଲା ଆମୁଜମେଣ୍ଟ ପାର୍କ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରହ୍ମାସ୍ତ୍ର ୩.୦, ସ୍ଥାନ: ଇଣ୍ଡୋର ଅଡିଟୋରିୟମ, ଆର୍ସିଏମ୍ କ୍ୟାମ୍ପସ, ସମୟ: ଅପରାହ୍ନ ୪ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ସାମୂହିକ ବ୍ରତୋପନୟନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖେଳ ପଡ଼ିଆ, ସୁବୁଦ୍ଧିପୁର, କଳିଙ୍ଗ ବିହାର, ସମୟ: ସନ୍ଧ୍ୟା ୭ଟା।

## କଟକ

- କଳାବିକାଶ କେନ୍ଦ୍ର ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ନୃତ୍ୟଶ୍ରୀ ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ ପାଳନ, ସ୍ଥାନ: ନୃତ୍ୟଶ୍ରୀ ଅନୁଷ୍ଠାନ ପରିସର, ଶ୍ରୀହରି ବିହାର, ଜଟଣୀ, ସମୟ: ଅପରାହ୍ନ ୫ଟା।

## ପୁରୀ

- ପ୍ରଗତିଶୀଳ ଶିକ୍ଷକ ଫୋରମ୍ ପକ୍ଷରୁ ପହଲଗାମ୍ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ, ସ୍ଥାନ: ସାଲବେଗ ସ୍ମୃତି ପୀଠ ସମ୍ମୁଖ, ସମୟ: ଅପରାହ୍ନ ୫ଟା।
- ଶ୍ରୀକ୍ଷେତ୍ର ନୃତ୍ୟଶିଳ୍ପୀ ସଂଘ ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ, ସ୍ଥାନ: ପୌରସଦନ ସମ୍ମିଳନୀ ଗୃହ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ଶ୍ରୀ ଶ୍ରୀ ରାଧା ମଦନମୋହନ ଜୀଉଙ୍କର ୧୦ମ ବାର୍ଷିକ ବ୍ରହ୍ମୋତ୍ସବ,ସ୍ଥାନ:ରାଧା ମଦନମୋହନ ମନ୍ଦିର ପରିସର, ବାଲିଆପାଳ,ସମୟ:ଦିବସବ୍ୟାପୀ।
- ଦକ୍ଷତା ନିର୍ମାଣ ସମ୍ପର୍କରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ,ସ୍ଥାନ: ବିବିସିସି ବ୍ୟାଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଶିଶୁ ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର,ସମୟ:ସନ୍ଧ୍ୟା ୬ଟା ୩୦।
- ନୃତ୍ୟ ସଙ୍ଗୀତ କଳାମନ୍ଦିର ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ,ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ:ସନ୍ଧ୍ୟା ୭ଟା।

## ଭଦ୍ରକ

- ପଞ୍ଚମୁଖୀ ହନୁମାନଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଜଗନ୍ନାଥପ୍ରସାଦ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ନାଟ୍ୟ ମହୋତ୍ସବର ଉଦ୍ଯାପନୀ, ସ୍ଥାନ: ସୁରୁବଣ, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ସୌରଭ ସମ୍ମାନ ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ମା' ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବର ଠାକୁରାଣୀ ଗ୍ରାମ ପରିକ୍ରମଣ ଓ ଗୀତାପାଠ, ସ୍ଥାନ: ଅସିଆ, ଛେନାପଦି, ସମୟ: ସକାଳ ୮ ଟା।
- ଗଡ଼ଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ରାଇରଙ୍ଗପୁର ସହ ମୟୂରଭଞ୍ଜ ଗ୍ରୀନ କ୍ରିକେଟ ମ୍ୟାଚ୍, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୭ଟା।
- ଅଣଆବାସିକ ଗ୍ରୀଷ୍ମକାଳୀନ ଫୁଟ୍ବଲ୍ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## ଗଞ୍ଜାମ

- ମା' ପଞ୍ଚ ଠାକୁରାଣୀଙ୍କ ନଗର ଭ୍ରମଣ, ସ୍ଥାନ: ବୁଗୁଡ଼ା ବଡଦାଣ୍ଡ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ଶ୍ରୀମଦ ଭାଗବତ ପାରାୟଣ ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର, ସମୟ : ସକାଳ ୯ ଓ ସନ୍ଧ୍ୟା ୬ଟା ୩୦।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ଅନନ୍ତ ବଳିଆ ସେବାଶ୍ରମ, କନ୍ତିଆ, ଢ଼ୋଲ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।

## ଯାଜପୁର

- ଜଗନ୍ନାଥ ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଯାଜପୁର ରୋଡ୍ ବଳଦିଆ ମଠ, ସମୟ: ସକାଳ ୬ଟା।
- ଶ୍ରୀ ଶ୍ରୀ ମହାଲକ୍ଷ୍ମୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କୋରେଇ ବ୍ଲକ ପଛିକୋଟଗଡ଼ ଗ୍ରାମ, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ବିରଜାକ୍ଷେତ୍ର ଫେଷ୍ଟିବାଲ କାର୍ଯ୍ୟକ୍ରମରେ ବିରଜାଶ୍ରୀ ସମ୍ମାନ ପ୍ରଦାନ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ସନ୍ଧ୍ୟା ୫ଟା।

## ନୟାଗଡ଼

- ପଞ୍ଚକୁଣ୍ଡୀୟ ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭାପୁର ବ୍ଲକ ମାଧପୁର ଯଜ୍ଞ ପଦା, ସମୟ: ଅପରାହ୍ନ ୪ଟା।
- ପବ୍ଲିକ ସ୍କୁଲର ୨୪ ତମ ବର୍ଷିକ ଉତ୍ସବ, ସ୍ଥାନ: ଓଡ଼ଗାଁ ବ୍ଲକ ଶରଣକୁଳ କବି ସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ, ସମୟ: ସନ୍ଧ୍ୟା ସାଢେ ୬ଟା।

## ନବରଙ୍ଗପୁର

- ରକ୍ତଦାନ ଶିବିର, ସ୍ଥାନ: ଉମରକୋଟ ପୂଜାରୀଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ସକାଳ ୭ଟା।

## କୋରାପୁଟ

- ସର୍ବଦଳୀୟ ପ୍ରତିବାଦ ସଭା, ସ୍ଥାନ: ବୈପାରୀଗୁଡ଼ା, ସମୟ: ସକାଳ ୬ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଶ୍ରୀଶ୍ରୀ ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ ବିଶାଳଖିଣ୍ଡା ଗ୍ରାମ, ସମୟ : ସକାଳ : ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ : ବ୍ରୁକ୍ସ ହିଲ ରାମ ମନ୍ଦିର, ସମୟ : ସକାଳ ୮ଟା।
- ଭାରତୀ ସମାଜ ଆୟୋଜନରେ ଶିଶୁ ବିକାଶ କାର୍ଯ୍ୟକ୍ରମ, ସ୍ଥାନ : ଗୁରୁ ପଦ୍ମସମ୍ଭବ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ରବି ଧାନକ୍ରୟ ପ୍ରସ୍ତୁତି ବୈଠକ, ସ୍ଥାନ : ଜିଲାପାଳ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ବ୍ରାହ୍ମଣ ସମାଜ ପକ୍ଷରୁ ଭଗବାନ ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା, ସ୍ଥାନ: ନୃସିଂହ ମନ୍ଦିର, ବଲାଙ୍ଗୀର, ସମୟ: ସକାଳ ୯ଟା।

## ରାଉରକେଲା

- ଗଜପତି କୃଷ୍ଣଚନ୍ଦ୍ର ଦେବ ଜୟନ୍ତୀ ଓ ମଧୁଜୟନ୍ତୀ ଉଦ୍ଯାପିତ, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୭ଟା ୩୦।
- ସାହିତ୍ୟ ଓ କବିତା ଶୀର୍ଷକ ଆଲୋଚନା ଚକ୍ର, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ ସମୟ: ରାତି ୭ଟା।

## ବରଗଡ଼

- ଜଗନ୍ନାଥ ଓ ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗୋଡ଼ଭଗା, ଅତାବିରା, ସମୟ: ସକାଳ ୭ଟା।
- ପର୍ଶୁରାମ ଜୟନ୍ତୀ ଅବସରରେ ପୂଜାର୍ଚ୍ଚନା, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋଡ଼ଭଗା, ଅତାବିରା, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜୁନାଗଡ଼ ଅଗ୍ରସେନ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣା ବାଲାଜୀ ମନ୍ଦିର, ସମୟ: ସକାଳ ୮ଟା।

## ବୌଦ୍ଧ

- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ପଞ୍ଚମ ଦିନ, ସ୍ଥାନ: ମା' ଭୈରବୀଙ୍କ ପ୍ରାଙ୍ଗଣ, ପୁରୁଣାକଟକ, ସମୟ: ସକାଳ ୯ ଟା।

## ଦେବଗଡ଼

- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ସର୍ବଦଳୀୟ ଆଲୋଚନାଚକ୍ର, ସ୍ଥାନ: ସେଣ୍ଟର୍ ଫର୍ କଲଚର୍, ଦେବଗଡ,ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୧୫।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ବୀର ବିକ୍ରମ ବହୁଭାଷୀ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଅଗ୍ରସନ ଭବନ ଖଡିଆଳ, ସମୟ: ରାତି ୯ଟା।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଖରିଆର ରୋଡ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ବଙ୍ଗାମୁଣ୍ଡା ଗାଁ, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ, ସ୍ଥାନ: ସାହାପଡା ହନୁମାନ ମନ୍ଦିର, ସମୟ: ସକାଳ ୭ଟା।
- ସୁନ୍ଦରାକାଣ୍ଡ ପଠନ, ସ୍ଥାନ: ତିଳେଇ ରାମ ଓ ହନୁମାନ ମନ୍ଦିର, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଉଚ୍ଚସ୍ଥ ରବିଙ୍କ ପ୍ରଭାବରେ ସମୟାନୁବର୍ତ୍ତିତା ଏବଂ କର୍ମଦକ୍ଷତା ହେତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ। ପାରିବାରିକ ସମସ୍ୟା, ପରିବହନରେ ଝଗଡ଼ା, ଯାନ ବାହନରେ କ୍ଷତିର ଆଶଙ୍କା ହେତୁ ସତର୍କତା ଅବଲମ୍ବନୀୟ। ଈର୍ଷାପରାୟଣ ପଡ଼ୋଶୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବ। ସନ୍ତାନଙ୍କ କୃତିତ୍ୱରେ ଗୌରବାନ୍ୱିତ ହେବେ।

**ବୃଷ** ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ କିନ୍ତୁ ସକାଳୁ ସକାଳୁ ବିତର୍କଜନିତ ମନଟା ବିଗିଡ଼ି ଯାଇପାରେ। ନିର୍ମାଣାଧୀନ ଘର ସାଜସଜ୍ଜାରେ ସମୟ ଅତିବାହିତ କରିପାରନ୍ତି। ମନର କଥା ମନରେ ରଖି ବନ୍ଧୁଙ୍କ ନିକଟରୁ କାର୍ଯ୍ୟ ହାସଲ କରିବେ। କୌଣସି ବନ୍ଧୁଙ୍କ ମନ ଧରିବାକୁ ଯାଇ ହରଡ଼ଘଣାରେ ପଡ଼ିପାରନ୍ତି।

**ମିଥୁନ** ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭକରି କର୍ମକ୍ଷେତ୍ରରେ ଉତ୍ସାହର ସହ କାମ କରିବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ଯୋଗୁ ଅନ୍ୟମାନଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ପାରିବାରିକ ସମସ୍ୟାକୁ ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**କର୍କଟ** ରାତି ଅନିଦ୍ରା ସଙ୍ଗକୁ କର୍ମକ୍ଷେତ୍ରର ଟେନ୍ସନଜନିତ ଅସୁସ୍ଥ ଅନୁଭବ କରିପାରନ୍ତି। ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଅର୍ଥ ସମସ୍ୟା, ଯାନବାହନ, ନିର୍ମାଣ କାମ, ସଭା ସମିତି ଓ ମାଙ୍ଗଳିକ କାର୍ଯ୍ୟରେ ବାଧା ଉପୁଜିପାରେ। ଆଶା କରୁଥିବା ବନ୍ଧୁଙ୍କ ସହ ଦେଖା ହୋଇ ଆନନ୍ଦ ଅନୁଭବ କରିବେ।

**ସିଂହ** ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିବାରୁ ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗରେ ବିଳମ୍ବ ଘଟିବ। ବନ୍ଧୁଙ୍କ ସହାୟତାରେ ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ଦୂର ହେବ। ଆର୍ଥିକ ଦୂରବସ୍ଥା ପୂର୍ବପରି ଲାଗି ରହିବା କାରଣରୁ କରଜ କରିବାକୁ ବାଧ ହୋଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିଲେ ମଧ୍ୟ ପାରିବାରିକ ସ୍ଥିତି ବିଶେଷ ଭଲ ରହି ନ ପାରେ।

**କନ୍ୟା** ରାଶିରେ କେତୁଗ୍ରହ ଥିବା କାରଣରୁ ଆପଣଙ୍କ ଚିନ୍ତାଧାରା ଓ କାର୍ଯ୍ୟକଳାପରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ଉପରିସ୍ଥଙ୍କ ପରାମର୍ଶରେ କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ଆହ୍ୱାନରେ ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେବେ। ନୂତନ ବସ୍ତ୍ର ଓ ଆଳଙ୍କାରିକ ଜିନିଷ କ୍ରୟ ସକାଶେ ମନ ବଳାଇବେ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ସବୁ କାମ ଡେରିରେ ହେଉଥିବାରୁ ମନଟା ଭଲ ଲାଗିବ ନାହିଁ। ଖଳ ଲୋକଙ୍କ କଥାକୁ ବିଶ୍ୱାସ କରି ଅତି ବିଶ୍ୱସ୍ତ କର୍ମଚାରୀଙ୍କ ମନୋଭାବ ବଦଳିଯିବ। ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ। ଅର୍ଥ ସଂକଟ ଲାଗି ରହିବା ଯୋଗୁ କରଜ କରିବାକୁ ବାଧ ହେବେ।

**ବିଛା** ବାରମ୍ବାର ବିଫଳତାଜନିତ ବିଭିନ୍ନ ଦୁର୍ଭାବନାରେ ମନ ବିଚଳିତ ରହିବ। ଅବଶ୍ୟ ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କାର୍ଯ୍ୟହାସଲ ସକାଶେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଛୋଟ ମୋଟ ସମସ୍ୟାକୁ ନେଇ ବ୍ୟସ୍ତତା ବୃଦ୍ଧି ପାଇବ।

**ଧନୁ** ବିଭିନ୍ନ ସମସ୍ୟା ସଙ୍ଗକୁ ଖର୍ଚ୍ଚ ପରିମାଣ ବଢ଼ିଯିବା କାରଣରୁ ମାନସିକ ସ୍ଥିତି ବିଗିଡି ଯାଇପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ। ସାମାଜିକ ସ୍ତରରେ ସଭାସମିତି କିମ୍ବା ମନୋରଞ୍ଜନ କାର୍ଯ୍ୟରେ ଅଂଶ ଗ୍ରହଣ କରି ପାରନ୍ତି।

**ମକର** ସକାଳୁ ବନ୍ଧୁଙ୍କ ଜରିଆରେ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। କୌଣସି ମୂଲ୍ୟବାନ୍ ଜିନିଷ କ୍ରୟ କରିବା ହେତୁ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ଚୁପଚାପ ହୋଇ ବସିରହିଲେ ବହୁ କ୍ଷତି ସହିବାକୁ ପଡ଼ିବ। ବିପଦପୂର୍ଣ୍ଣ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି।

**କୁମ୍ଭ** ଆଜିର ଗ୍ରହସ୍ଥିତି ଆପଣଙ୍କ କର୍ମକ୍ଷେତ୍ର, ପରିବାର, ଯାନ ବାହାନ ଏବଂ ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିବ। ପଡ଼ୋଶୀଙ୍କ ପାରିବାରିକ ସମସ୍ୟା ସମାଧାନ କରିବାକୁ ଯାଇ ଅପଦସ୍ଥ ହେବେ। ଅସନ୍ତୁଳିତ ସ୍ୱାସ୍ଥ୍ୟଜନିତ ହାତ ପାଦ କିମ୍ବା ଆଣ୍ଠୁଗଣ୍ଠିରେ ପୀଡ଼ା ଲାଗିପାରେ। ହଠାତ୍ କୌଣସି ସ୍ଥାନକୁ ଯିବାକୁ ମନସ୍ଥ କରି ବାଟରୁ ଫେରି ଆସିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ବିବାଦ ବଢ଼ିପାରେ। ପଡ଼ୋଶୀଙ୍କ ସହ ଭୁଲ୍ ବୁଝାମଣା କାରଣରୁ କଟୁକଥା ପ୍ରୟୋଗଜନିତ ସମ୍ପର୍କହାନି ଘଟିପାରେ। ପାରିବାରିକ ସମସ୍ୟା ସୁଧାରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ସାମାଜିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟକୁ ଜାହିର୍ କରିବାରେ ସମର୍ଥ ହେବେ।

ଆଜି ଏପ୍ରିଲ ୨୯ ତାରିଖ, ବିଶ୍ୱ ନୃତ୍ୟ ଦିବସ, ବୈଶାଖ ଶୁକ୍ଳ ଦ୍ୱିତୀୟା ମଙ୍ଗଳବାର, ରାଶି ନକ୍ଷତ୍ର-କୃତ୍ତିକା/ବୃଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮.୩୩ମି. ଗତେ ଘ.୧୦.୨୭ମି. ମଧ୍ୟେ, ଘ.୦୧.୦୦ମି. ଗତେ ଘ.୦୧.୧୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨.୫୪ମି. ଗତେ ଘ.୦୪.୩୦ମି. ମଧ୍ୟେ ରାହୁ କାଳ।

# ବିଦେଶୀ ନାଗରିକଙ୍କ ରାଶନ କାର୍ଡ ତୁରନ୍ତ କାଟ: ମନ୍ତ୍ରୀ

ଭୁବନେଶ୍ୱର,୨୮।୪(ସୁନିତ୍ ମିଶ୍ର)

### ପଞ୍ଚାୟତସ୍ତରରୁ କେଉଁଠି ବିଦେଶୀ ଅଛନ୍ତି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ

ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଭିତରେ ବେଆଇନ ଭାବେ ରାଶନ କାର୍ଡ ହାତେଇଥିବା ବିଦେଶୀ ନାଗରିକଙ୍କୁ ଚିହ୍ନଟ କରାଯିବ। ତୁରନ୍ତ ସେମାନଙ୍କ ରାଶନ କାର୍ଡ କାଟି ଦିଆଯିବ। ପାକିସ୍ତାନ, ବାଂଲାଦେଶ ଏବଂ ମ୍ୟାନ୍ମାରରୁ ଆସିଥିବା ବହୁ ବିଦେଶୀ ନାଗରିକ ଓଡ଼ିଶାରେ ଦୀର୍ଘଦିନ ହେବ ରହି ଆସୁଛନ୍ତି। କେବଳ ରହି ନାହାନ୍ତି ବରଂ ବେଆଇନ ଭାବେ ରାଶନ କାର୍ଡ ହାତେଇଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ପାତ୍ର କହିଛନ୍ତି, ବିଦେଶୀ ନାଗରିକଙ୍କ ରାଶନ କାର୍ଡ ତୁରନ୍ତ କଟାଯିବା ଆବଶ୍ୟକ। ନଚେତ୍ ସେମାନେ ଏହାର ଅପବ୍ୟବହାର କରିପାରନ୍ତି। ବେଆଇନ ଭାବେ ବାହାରୁ ଆସି ଓଡ଼ିଶାରେ ରହିଯାଇଥିବା ବିଦେଶୀ ନାଗରିକମାନେ ରାଜନୈତିକ ପ୍ରଭାବ ଏବଂ ଅନ୍ୟ କୌଣସି ବାଟରେ ରାଶନ କାର୍ଡ ହାତେଇ ନେଇଛନ୍ତି। ତୁରନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ଏହି କ୍ରମରେ ସବୁ ଜିଲାପାଳଙ୍କୁ ଏନେଇ ରାଜ୍ୟ ସରକାର ଚିଠିମଧ୍ୟ ଜାରି କରିଛନ୍ତି। ତୁରନ୍ତ ସେହିସବୁ ବେଆଇନ ନାଁ ରାଶନ କାର୍ଡ ତାଲିକାରୁ ବାଦ୍ ଦେବା ସଙ୍ଗେ ସଙ୍ଗେ ଡାଟାବେସ୍ରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ଅଧିକାରୀମାନଙ୍କ ସହ ମିଳିତ ଭାବେ ତଦନ୍ତକରି ସଂଶୋଧନ କରିବାକୁ କୁହାଯାଉଛି। କେବଳ ଭାରତୀୟ ନାଗରିକମାନେ ରାଶନ କାର୍ଡ ପାଇବାକୁ ଯୋଗ୍ୟ। ଜିଲା ପ୍ରଶାସନ ତୃଣମୂଳସ୍ତରରେ ଆଧାରକାର୍ଡ ହିତାଧିକାରୀଙ୍କ ତାଲିକାକୁ ଠିକ୍ ଭାବେ ତର୍ଜମା କରିବ। ଏହି ବ୍ୟବସ୍ଥା ପଞ୍ଚାୟତ ପ୍ରତିନିଧି, ସ୍ଥାନୀୟ ଅଧିକାରୀ ଏବଂ କମ୍ୟୁନିଟି ମେମ୍ବରଙ୍କୁ ନେଇ କରାଯିବ। ସବୁ ହିତାଧିକାରୀଙ୍କ ଭୋଟର କାର୍ଡ ଏବଂ ଆଧାର କାର୍ଡ ଯାଞ୍ଚ କରାଯିବ। ଯଦି କୌଣସି ସ୍ଥାନୀୟ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ବିଦେଶୀ ନାଗରିକଙ୍କୁ କାର୍ଡ ଦିଆଯାଏ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାଦ୍ୱାରା ଦେଶ ଏବଂ ରାଜ୍ୟର ସୁରକ୍ଷା ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହୋଇପାରିବ। ଯଦି କେହି ବିଦେଶୀ ବେଆଇନ ଭାବେ ଏଠାରେ ରହୁଥିବେ ସେମାନେ ଚିହ୍ନଟ ହୋଇପାରିବେ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

# ୩ ଓଡ଼ିଆଙ୍କୁ ମିଳିଲା ପଦ୍ମଶ୍ରୀ ସମ୍ମାନ

ନୂଆଦିଲ୍ଲୀ,୨୮।୪

ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନର ଦରବାର ହଲ୍ରେ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୭୧ ଜଣ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ସମ୍ମାନ ପ୍ରଦାନ କରିଛନ୍ତି। ୭୬ତମ ସାଧାରଣତନ୍ତ୍ର ଦିବସର ପୂର୍ବ ରାତ୍ରିରେ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଓ ପଦ୍ମଶ୍ରୀ ସମ୍ମାନ ପାଇଁ ବିଭିନ୍ନ କ୍ଷେତ୍ରରେ ଉପଲବ୍ଧୀ ହାସଲ କରିଥିବା ୧୩୯ ଜଣଙ୍କ ନାମକୁ ଘୋଷଣା କରାଯାଇଥିଲା। ଏହି ଅବସରରେ ରାଷ୍ଟ୍ରପତି ଓଡ଼ିଶାର ଅଶୋକ କୁମାର ମହାପାତ୍ର, ଅଦ୍ୱୈତ ଚରଣ ଗଡ଼ନାୟକ ଏବଂ ଦୁର୍ଗା ଚରଣ ରଣବୀରଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଚିକିତ୍ସା କ୍ଷେତ୍ରରେ ନିଜ ଅବଦାନ ପାଇଁ ଅଶୋକକୁମାର ମହାପାତ୍ର ଏବଂ କଳା କ୍ଷେତ୍ରରେ ଅଦ୍ୱୈତ ଚରଣ ଗଡ଼ନାୟକ ଓ ଦୁର୍ଗା ଚରଣ ରଣବୀରଙ୍କୁ ସମ୍ମାନିତ କରାଯାଇଛି। ୪ ଜଣଙ୍କୁ ପଦ୍ମ ବିଭୂଷଣ ଏବଂ ୧୦ ଜଣଙ୍କୁ ପଦ୍ମ ଭୂଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି। ସମ୍ମାନିତ ହୋଇଥିବା ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଫିଲ୍ମ ନିର୍ମାତା ଶେଖର କପୁର, ଭାଓଲିନ ବାଦକ ଏଲ୍. ସୁବ୍ରମଣିଆମ୍, ତେଲୁଗୁ ସୁପରଷ୍ଟାର ନନ୍ଦମୁରୀ ବାଲକ୍ରିଷ୍ଣା, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପି.ଆର୍ ଶ୍ରୀଜେଶ୍ ପ୍ରମୁଖ ରହିଛନ୍ତି।





ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନର ଦରବାର ହଲ୍ରେ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ (ବାମରୁ) ଓଡ଼ିଶାର ଅଶୋକ କୁମାର ମହାପାତ୍ର, ଦୁର୍ଗା ଚରଣ ରଣବୀର ଓ ଅଦ୍ୱୈତ ଚରଣ ଗଡ଼ନାୟକଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରୁଛନ୍ତି।

# ୨ ଭାଇଙ୍କୁ ମାରି ଜାଳିଦେବା ଘଟଣାରେ ୩ ଗିରଫ

ବ୍ରହ୍ମପୁର,୨୮।୪(ସୁବାସ ଚନ୍ଦ୍ର ପାଢ଼ୀ)

ବେଗୁନିଆପଡା ଥାନା ଅଞ୍ଚଳର ସୁମଣ୍ଡଳ ପଞ୍ଚାୟତ ଭାଲିଆଝର ଗାଁର ଦୁଇଭାଇ ସଞ୍ଜୟ ବାରିକ ଓ ଅଜୟ ବାରିକଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଶାଳବଣ ଗାଁର ମନୋଜ ସ୍ୱାଇଁ, ରବୀନ୍ଦ୍ରନାଥ ସ୍ୱାଇଁ ଏବଂ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ। ମାମଲା ନଂ.୨୨୦/୨୫ରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଶାଳବଣ ଗ୍ରାମରେ ମନ୍ଦିର ପ୍ରତିଷ୍ଠା ପାଇଁ ନାମଯଜ୍ଞ ଚାଲିଥିଲା। ଅଜୟ ଓ ସଞ୍ଜୟ ସେହି ଗାଁକୁ ଯାଇଥିଲେ। ଶାଳବଣ ଗାଁର କେତେ ଜଣ ଲୋକଙ୍କ ସହ ସେମାନଙ୍କର କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଗାଁର କେତେଜଣ ମେଳି ହୋଇ ଉଭୟଙ୍କୁ ପିଟି ହତ୍ୟା କରିଥିଲେ। ସେମାନଙ୍କ ମୃତଦେହ ଉପରେ ପାଳ ପକାଇ ଜାଳି ଦେଇଥିଲେ।

# ପୁରୀ-ବାଙ୍ଗିରିପୋଷି-ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସ୍ରେ ଏଲ୍ଏଚ୍ବି କୋଚ୍



ବାଙ୍ଗିରିପୋଷି ଷ୍ଟେଶନରେ ଏଲ୍ଏଚ୍ବି କୋଚ୍ଯୁକ୍ତ ଟ୍ରେନ୍ ସେବାର ଶୁଭାରମ୍ଭ କରାଯାଉଛି।

ଭୁବନେଶ୍ୱର,୨୮।୪(ଅନୁରାଧା ମହାରଣା)

ପୁରୀ-ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ୍ (୧୨୮୯୨/୧୨୮୯୧)ରେ ଲାଗିଲା ଆଧୁନିକ ଏଲ୍ଏଚ୍ବି(ଲିଙ୍କେ-ହଫମାନ-ବୁଶ୍) କୋଚ୍। ସୋମବାର ବାଙ୍ଗିରିପୋଷି ରେଳ ଷ୍ଟେଶନରୁ ଏହି ରୂପାନ୍ତରିତ ଟ୍ରେନ୍ସେବାର ଶୁଭାରମ୍ଭ କରାଯାଇଥିବାବେଳେ ମଙ୍ଗଳବାରଠାରୁ ପୁରୀରୁ ଏବଂ ୩୦ ତାରିଖଠାରୁ ବାଙ୍ଗିରିପୋଷିରୁ ଚଳାଚଳ କରିବ। ପୂର୍ବରୁ ଏହି ଟ୍ରେନ୍ ପାରମ୍ପରିକ ଆଇସିଏଫ୍ କୋଚ୍ ସହିତ ଚଳାଚଳ କରୁଥିଲା। ରୂପାନ୍ତରିତ ଟ୍ରେନ୍ରେ ଗୋଟିଏ ଏସି ଚେୟାର କାର୍, ୬ଟି ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ଆସନ କୋଚ୍, ୫ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଗାର୍ଡ ତଥା ପାୱାର କାର୍ ଏବଂ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ଗୋଟିଏ ଗାର୍ଡ ତଥା ଦ୍ୱିତୀୟ ଶ୍ରେଣୀ କୋଚ୍ ରହିଛି। ବାଙ୍ଗିରିପୋଷିଠାରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଏମ୍ପି ନବ ଚରଣ ମାଝୀ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ ଏବଂ ସାରସକଣା ବିଧାୟକ ଭାଦବ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଏଲଏଚ୍ବି କୋଚ ପ୍ରଚଳନ ଯାତ୍ରୀ ସୁବିଧା ଏବଂ କାର୍ଯ୍ୟକ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ରାଜଧାନୀ ଭୁବନେଶ୍ୱର ଦେଇ ଓଡ଼ିଶାର ଉପକୂଳ ଏବଂ ଉତ୍ତର ଓଡ଼ିଶାର ଆଦିବାସୀବହୁଳ ଅଞ୍ଚଳଗୁଡ଼ିକୁ ସଂଯୋଗ କରୁଥିବାରୁ ଯାତ୍ରୀ ସେବା କ୍ଷେତ୍ରରେ ଏଲ୍ଏଚ୍ବି କୋଚ୍ଯୁକ୍ତ ପୁରୀ-ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ୍ ବେଶ୍ ଗୁରୁତ୍ୱ ବହନ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

# ବ୍ୟାଙ୍କ ଚାକିରି ଛାଡ଼ି ଅଡି କାର୍ରେ କ୍ଷୀର ବିକୁଛନ୍ତି

ଫରିଦାବାଦ, ୨୮।୪

ହରିୟାଣାର ଫରିଦାବାଦ ନିବାସୀ ଅମିତ ଭଡ଼ାନା (୩୩)ଙ୍କୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଲାଗିରହିଛି। ମୋହବତା ଗ୍ରାମର ଅମିତ ନିଜର ବ୍ୟାଙ୍କ ଚାକିରି ଛାଡ଼ି ବିଳାସପୂର୍ଣ୍ଣ ଅଡି କାର୍ରେ ଘରକୁ ଘର ଯାଇ ଲୋକଙ୍କୁ କ୍ଷୀର ପହଞ୍ଚାଉଛନ୍ତି। ଅମିତଙ୍କର ବିଳାସପୂର୍ଣ୍ଣ କାର୍ ଏବଂ ବାଇକ ପ୍ରତି ଆଗ୍ରହ ରହିଥିଲା। ଏବେ ସେ ନିଜର ଏହି ଆଗ୍ରହକୁ ତାଙ୍କ ପୂର୍ଣ୍ଣକାଳୀନ ବୃତ୍ତିରେ ପରିଣତ କରିଛନ୍ତି।

ଗ୍ରାଜୁଏଶନ ଶେଷ ପରେ ଅମିତ ଏକ ଘରୋଇ ବ୍ୟାଙ୍କରେ ନିଯୁକ୍ତି ପାଇଥିଲେ। ସେଠାରେ ସେ ୭ ବର୍ଷ ଧରି କାର୍ଯ୍ୟ କରିଥିଲେ। ବ୍ୟାଙ୍କର କାର୍ଯ୍ୟ ଚାପ ଯୋଗୁ ଗାଡ଼ି ଚଲାଇବା ନେଇ ସେ ତାଙ୍କ ଆଗ୍ରହକୁ ପୂରା କରିପାରୁ ନ ଥିଲେ, ଯାହା ତାଙ୍କୁ ନିରାଶ କରିଥିଲା ବୋଲି ଅମିତ କହିଛନ୍ତି। କ୍ଷୀର ବ୍ୟବସାୟ ସହ ଜଡ଼ିତ ପରିବାରରୁ ଆସୁଥିବାରୁ ଅମିତ ଯାନବାହନ ପ୍ରତି ନିଜ ଆଗ୍ରହକୁ ପାରିବାରିକ ବ୍ୟବସାୟ ସହ ମିଶ୍ରଣ କରିବାକୁ ଠିକ୍ କରିଥିଲେ।




ଅମିତ ଭଡ଼ାନା ଅଡି କାର୍ରେ ଯାଇ ଲୋକଙ୍କୁ କ୍ଷୀର ଦେଉଛନ୍ତି।

ତେଣୁ ୨୦୨୧ରେ ସେ ବ୍ୟାଙ୍କ ଚାକିରିରୁ ଇସ୍ତଫା ଦେଇ ନିଜର ବିଭିନ୍ନ ବିଳାସପୂର୍ଣ୍ଣ ଗାଡ଼ି ଜରିଆରେ ଘରକୁ ଘର ଯାଇ କ୍ଷୀର ପହଞ୍ଚାଇଥିଲେ। ପ୍ରଥମେ ସେ ନିଜ ପାଇଁ ୮ ଲକ୍ଷ ମୂଲ୍ୟର ହାର୍ଲି-ଡାଭିଡସନ୍ ବାଇକ୍ କିଣିଥିଲେ। ପରେ ଧୀରେ ଧୀରେ ଅମିତଙ୍କ ବ୍ୟବସାୟ ବୃଦ୍ଧି ପାଇଥିଲା। ତାଙ୍କ ଗ୍ରାହକଙ୍କ ସଂଖ୍ୟା ମଧ୍ୟ ବଢ଼ିଥିଲା। ଏବେ ସେ ନିଜ ୧ କୋଟି ମୂଲ୍ୟର ଅଡି କାର୍ରେ ଗ୍ରାହକଙ୍କୁ କ୍ଷୀର ଦେବା ପାଇଁ ଯାଉଛନ୍ତି। ଅମିତ କହିଛନ୍ତି, ଘରକୁ ଘର ବୁଲି କ୍ଷୀର ଦେଉଥିବା ଯୋଗୁ ସେ ଦୈନିକ ୬୦ କି.ମି. ଗାଡ଼ି ଚଲାଇବାର ସୁଯୋଗ ପାଉଛନ୍ତି। ଏହି କାର୍ଯ୍ୟକୁ ସେ ଛୋଟ ମନେ କରନ୍ତି ନାହିଁ, ବରଂ ଗାଡ଼ି ଚଲାଇ ଲୋକଙ୍କୁ କ୍ଷୀର ଯୋଗାଇବା କାର୍ଯ୍ୟକୁ ସେ ଖୁବ୍ ଉପଭୋଗ କରୁଛନ୍ତି। ଗାଡ଼ି ଚଲାଇବାକୁ ସେ ପସନ୍ଦ କରନ୍ତି ଏବଂ ସେ ଏହାକୁ ଛାଡ଼ି ପାରିବେ ନାହିଁ ବୋଲି ଅମିତ କହିଛନ୍ତି। ନିଜର ଏହି ବ୍ୟବସାୟିକ ସଫଳତା ପାଇଁ ତାଙ୍କୁ ତାଙ୍କ ପରିବାର ଦୃଢ଼ ଭାବେ ସମର୍ଥନ କରିଥିବା ଅମିତ କହିଛନ୍ତି।







# ପହିଲାରୁ ଏଟିଏମ୍ ବ୍ୟବହାର ନିୟମ ବଦଳିବ

## ଅଧିକ କାରବାର ଉପରେ ୨୩ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ସହ ଟ୍ୟାକ୍ସ

ଭୁବନେଶ୍ୱର,୨୮।୪
(ଅନୁରାଧା ମହାରଣା)

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସାରା ଦେଶରେ ଏଟିଏମ୍ କାରବାର ନେଇ ନୂଆ ନିୟମ ଲାଗୁ କରିଥିବାବେଳେ ମେ' ପହିଲାରୁ ଏହା କାର୍ଯ୍ୟକାରୀ ହେବ। ନିର୍ଦ୍ଧାରିତ ସୀମାରୁ ଅଧିକ ଥର ଟଙ୍କା ଉଠାଇଲେ ଏଣିକି ଉପଭୋକ୍ତାଙ୍କୁ ଅଧିକ ଶୁଳ୍କ ଦେବାକୁ ପଡ଼ିବ। ଆକାଉଣ୍ଟ ଥିବା ବ୍ୟାଙ୍କ୍ ଏଟିଏମ୍ ଓ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇବା କ୍ଷେତ୍ରରେ ହୋଇଥିବା ପରିବର୍ତ୍ତିତ ନିୟମ ନେଇ ଆର୍‌ବିଆଇ ସ୍ପଷ୍ଟ କରିଛି। ମେଟ୍ରୋ ସହରଗୁଡ଼ିକରେ ଉପଭୋକ୍ତମାନେ ନିଜ ବ୍ୟାଙ୍କ୍ ଏଟିଏମ୍‌ରୁ ପ୍ରତି ମାସରେ ସର୍ବାଧିକ ୫ଥର ଓ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ୩ଟି ନିଃଶୁଳ୍କ କାରବାରର ଲାଭ ନେଇପାରିବେ। ସେହିପରି ଅଣମେଟ୍ରୋ ସହରଗୁଡ଼ିକରେ ଖାତା ଥିବା ବ୍ୟାଙ୍କ ଏଟିଏମ୍‌ରୁ ୫ଥର ଓ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ୫ଥର ନିଃଶୁଳ୍କ କାରବାର କରିପାରିବେ। ଏଣିକି ଏହି ସୀମା ଉଭୟ ଟଙ୍କା ଉଠାଣ, ବାଲାନ୍ସ ଚେକ୍ ସହ ସମସ୍ତ କାର୍ଯ୍ୟକଳାପ ପାଇଁ ଲାଗୁ ହେବ। ମାସିକ କାରବାର ସୀମା ଅତିକ୍ରମ କରିବା ପରେ ପ୍ରତି କାରବାରରେ ଗ୍ରାହକଙ୍କଠାରୁ ୨୩ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ସହ ଟ୍ୟାକ୍ସ ଆଦାୟ କରିବାକୁ ବ୍ୟାଙ୍କଗୁଡ଼ିକୁ ଅନୁମତି ଦିଆଯାଇଛି। ପୂର୍ବରୁ ପ୍ରତି ଅତିରିକ୍ତ ଟଙ୍କା ଉଠାଣ ଉପରେ ୨୧ଟଙ୍କା ସହ ଟ୍ୟାକ୍ସ ଦେବାକୁ ପଡୁଥିଲା। ଏହାବ୍ୟତୀତ ଅନ୍ୟାନ୍ୟ ସେବା ବାବଦରେ ମଧ୍ୟ ଉପଭୋକ୍ତାଙ୍କୁ ଶୁଳ୍କ ଦେବାକୁ ପଡ଼ିବ। କ୍ୟାଶ୍ ରିସାଇକଲ୍ ମେଶିନ୍(ସିଆରଏମ୍) ବ୍ୟବହାର କ୍ଷେତ୍ରରେ ମଧ୍ୟ ଏହା ଲାଗୁ ହେବ ବୋଲି ସୂଚନା ଦିଆଯାଇଛି।

ଇତିମଧ୍ୟରେ ଏଚ୍‌ଡିଏଫ୍‌ସି, ପଞ୍ଜାବ ନ୍ୟାଶନାଲ, କୋଟାକ୍ ମହିନ୍ଦ୍ରା ଆଦି ଘରୋଇ ବ୍ୟାଙ୍କ ଧାର୍ଯ୍ୟ କରିଥିବା ପରିବର୍ତ୍ତିତ ଶୁଳ୍କ ସମ୍ପର୍କରେ ଉପଭୋକ୍ତାଙ୍କୁ ସୂଚନା ଦେଇଛନ୍ତି। ଏଚ୍‌ଡିଏଫସି ବ୍ୟାଙ୍କ୍‌ର ୱେବ୍‌ସାଇଟ୍ ଅନୁଯାୟୀ, ମେ ପହିଲାରୁ ନିର୍ଦ୍ଧାରିତ ସୀମାରୁ ଅଧିକ ହେଲେ ପ୍ରତି କାରବାର ପିଛା ୨୩ଟଙ୍କା ଶୁଳ୍କ ସହ ଟ୍ୟାକ୍ସ ଲାଗିବ। ତେବେ ଏହି ଶୁଳ୍କ କେବଳ ଟଙ୍କା ଉଠାଣ କ୍ଷେତ୍ରରେ ଲାଗୁ କରାଯିବ ଏବଂ ବାଲାନ୍ସ ଇନ୍‌କ୍ୱାରି, ମିନି ଷ୍ଟେଟ୍‌ମେଣ୍ଟ, ପିନ୍ ଚେଞ୍ଜ କ୍ଷେତ୍ରରେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ ବୋଲି ଏଚ୍‌ଡିଏଫ୍‌ସି ପକ୍ଷରୁ କୁହାଯାଇଛି। ସେହିପରି ପିଏନ୍‌ବିର ସୂଚନାନୁସାରେ, ଟଙ୍କା ଉଠାଣ କ୍ଷେତ୍ରରେ ଉପଭୋକ୍ତାଙ୍କୁ ୨୩ଟଙ୍କା ଓ ନନ୍ କ୍ୟାଶ୍ କାରବାର କ୍ଷେତ୍ରରେ ଜିଏସ୍‌ଟି ବ୍ୟତୀତ ୧୧ ଟଙ୍କାର ଶୁଳ୍କ ଲାଗିବ। ଏହି ନିୟମ ମେ' ୯ରୁ ଲାଗୁ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଇଣ୍ଡସଇଣ୍ଡ୍ ବ୍ୟାଙ୍କର ସୂଚନାନୁସାରେ, ମେ' ପହିଲାରୁ ଜମା ଖାତା, ଦରମା ଖାତା, ଏନ୍‌ଆର୍ ଖାତା, ଚାଲୁ ଖାତା ଗ୍ରାହକଙ୍କୁ ଅଣ ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ୍ ଏଟିଏମ୍‌ରେ ନିର୍ଦ୍ଧାରିତ ସୀମାରୁ ଅଧିକ କାରବାର ପିଛା ୨୩ଟଙ୍କା ଶୁଳ୍କ ଦେବାକୁ ହେବ।

# ବିପର୍ଯ୍ୟୟ ମୁକାବିଲା ପାଇଁ ସୃଷ୍ଟିହେବେ ୧୦ ହଜାର ସ୍ୱେଚ୍ଛାସେବୀ

ଭୁବନେଶ୍ୱର,୨୮।୪
(ରବିନାରାୟଣ ଜେନା)

**ଖର୍ଚ୍ଚ ହେବ ୧୦.୭୦କୋଟି**

ରାଜ୍ୟରେ ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ଲାଗି ରାଜ୍ୟ ସରକାର ପ୍ରସ୍ତୁତ ହେଉଛନ୍ତି। ଯେଉଁସବୁ ପ୍ରଭାବିତ ଅଞ୍ଚଳରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନାହିଁ ସେହି ଅଞ୍ଚଳରେ ନୂତନ ସ୍ୱେଚ୍ଛାସେବୀ ସୃଷ୍ଟି କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ୧ ହଜାର ଗାଁରେ ୧୦ହଜାର ସ୍ୱେଚ୍ଛାସେବୀ ସୃଷ୍ଟି କରାଯିବ ବୋଲି ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରୁ ଜଣାଯାଇଛି।

ବୈଠକର ସୂଚନା ଅନୁଯାୟୀ, ବିପର୍ଯ୍ୟୟ ବେଳେ ବାତ୍ୟାଶ୍ରୟସ୍ଥଳରେ ଟାସ୍କ ଫୋର୍ସ ସ୍ୱେଚ୍ଛାସେବୀଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାସ୍ତା ସଫା କରିବାଠାରୁ ଆରମ୍ଭ କରି ଆଶ୍ରୟସ୍ଥଳ ପରିଚାଳନା କରିବା, ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ସହଯୋଗରେ ତାଙ୍କର ବଡ଼ ଭୂମିକା ରହିଛି। ହେଲେ ଯେଉଁ ଅଞ୍ଚଳରେ ବାତ୍ୟା ଆଶ୍ରୟସ୍ଥଳ ନାହିଁ ସେଠାରେ ଲୋକେ ବିପର୍ଯ୍ୟୟ ବେଳେ ଘରୁ ପଦାକୁ ବାହାରିବାରେ ବହୁ ଅସୁବିଧା ହେଉଛି। ଏହାକୁ ଦୃଷ୍ଟିରେ ରଖି ଦୁର୍ଗମ ଅଞ୍ଚଳରେ ପ୍ରତ୍ୟେକ ଗାଁରୁ ୧୦ଜଣ ଲେଖାଏଁ ସ୍ୱେଚ୍ଛାସେବୀଙ୍କୁ ବିପର୍ଯ୍ୟୟ ମୁକାବିଲା ଲାଗି ପ୍ରସ୍ତୁତ କରାଯିବ। ଜିଲା ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାକୃତ ଯୁବବର୍ଗଙ୍କ ତାଲିକାକ୍ରମେ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ। ବାତ୍ୟା, ବନ୍ୟା ବେଳେ କିଭଳି ଉଦ୍ଧାର,ରିଲିଫ, ଚିକିତ୍ସା ସେବା କାର୍ଯ୍ୟ ତ୍ୱରାନ୍ୱିତ ହେବ ସେଥିପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ରାଜ୍ୟ ବିପର୍ଯ୍ୟୟ ପାଣ୍ଠି (ଏସଡିଆରଏଫ୍)ରୁ ୧୦.୭କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ବୈଠକରୁ ଜଣାଯାଇଛି।

**ପାକ୍ସ କମ୍ପ୍ୟୁଟରୀକରଣ**

# ୨୦୧୭ରେ ମୁହଁ ମୋଡ଼ିଲେ, ଏବେ ଖୋଜୁଛନ୍ତି

**ରାଜ୍ୟ ସମବାୟ ବିଭାଗ ପକ୍ଷରୁ ୨୦୧୭ ଅକ୍ଟୋବରରେ କୁହାଯାଇଥିଲା, ୨ ମାସ ଅର୍ଥାତ୍ ଡିସେମ୍ବର ସୁଦ୍ଧା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ଗୁଡ଼ିକର ସବୁ କମ୍ପ୍ୟୁଟରୀକରଣ ହୋଇଯିବ। ତତ୍କାଳୀନ ରାଜ୍ୟ ସମବାୟ ନିବନ୍ଧକ ଶଶିଭୂଷଣ ପାଢ଼ୀ ଓ ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଜାତୀୟସ୍ତରୀୟ ବୈଠକରେ ଏହିଭଳି ବାହୁସ୍ଫୋଟ ମାରିଥିଲେ। ହେଲେ ଏହାର ୮ ବର୍ଷ ପରେ ମଧ୍ୟ ବ୍ୟାଙ୍କ ଖାତା ଅପ୍‌ଡେଟ ହୋଇପାରୁନାହିଁ, ଯାହାକୁ ନେଇ ବିଭାଗକୁ ଅଧିକାଂଶ ସମୟରେ ଅପଦସ୍ଥ ହେବାକୁ ପଡୁଛି। ଏଥିରୁ କିଭଳି ମୁକ୍ତି ମିଳିବ, ଏବେ ବିଭାଗୀୟ ଅଧିକାରୀଙ୍କ ମୁଣ୍ଡରେ ଚିନ୍ତା ପଶିଛି। କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବାରୁ ଏହାର ସୁଯୋଗ ନେଇ କେନ୍ଦ୍ରୀୟ କମ୍ପ୍ୟୁଟରୀକରଣ ଯୋଜନା(ଫୁଲ ସ୍କିମ୍ ମୋଡ୍)ରେ ସାମିଲ କରାଯିବା ପାଇଁ ଅନୁରୋଧ ପ୍ରକ୍ରିୟା ଆରମ୍ଭ ହୋଇଛି।**



OFFICE OF THE REGISTRAR OF COOPERATIVE SOCIETIES, ODISHA
BHUBANESWAR
Letter No. RCSO-EGOV-MISC-0002-2023 (IT CELL-I-II/2022-23) 7423
Date 21/04/2025

To,
The Chief General Manager,
NABARD, Odisha Regional Office,
Bhubaneswar.

Sub: Proposal from Odisha for PACS Computerization under CSPCP
Ref: Your Letter No. ODRO/6363/IDD/PACS Computerization/2025-26

Sir,

With reference to your letter on the subject cited above, I am to intimate you that, at present, 2628 existing PACS in Odisha are on the State Government's obsolete CBS platform called "ROOTS". Meanwhile, 1542 new PACS are registered during 2023. The State Government has decided to onboard all the 4253 PACS of the State onto the Government of India's NLPS platform under the Full Scheme Mode.

The key reasons for this decision are as follows:

1. Platform Stability Concerns: The existing software platform has been in use since 2017 but has not yet been fully stabilized. Several functional issues persist, affecting operational efficiency.
2. Obsolete Technology Stack: The application was developed way back in 2015. Hence, the technological stack needs complete revamp to match the integration needs and ensure seamless transaction platform.
3. Disparities in MIS Reporting: A study conducted by the NABARD Head Office team has highlighted considerable differences between the MIS reports generated from the current system and those of the NLPS platform. Aligning these would require major data transformation efforts.
4. Operational Inconvenience due to API Integration: Implementing API-based integration for the existing PACS would result in a dual-platform environment across the State. This would create significant operational challenges for Cooperative Banks, field offices, and PACS personnel, stemming from inconsistent interfaces, processes, reporting standards, and fragmented technical support.



OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR.

No. 16133 / dated 6/10/2017
XX-43/16 Gr.10

To
The Principal Secretary to Government of Odisha, Cooperation Department.

Sub:- Computerisation of Primary Agriculture Cooperative Societies (PACS)- Minutes of the Meeting dated 28.9.2017-Reg.

Sir,

In inviting a kind reference to the subject cited above, I am to say that as directed by the Government in Cooperation Department, the undersigned has attended the meeting in the Ministry of Agriculture and Farmers Welfare Department, New Delhi on 28.9.2017 and the minutes of the meeting communicated by the Ministry dated 29.9.2017 is enclosed.

It is submitted that in the above meeting the status of computerisation of PACS in Odisha has been vividly explained and it was informed to the Ministry that Odisha will complete the computerisation programme by end of December, 2017. As of now, out of 2603 PACS programmed for computerisation, 2514 PACS have been migrated to the Core Banking Solution (CBS), 714 PACS are ready to go on-line and 386 PACS are undertaking on-line transactions. Since Odisha State has progressed substantially in the programme, we have submitted the following points:

(1) As the State Government has provided funds for the purpose the State funds utilised may be reimbursed. But the Addl. Secretary to Government of India attended the meeting has clearly indicated that there is no question of reimbursement of funds.

(2) Since it was envisaged to run one single robust software for computerisation of all the PACS of the Country, it was intimated that since Odisha has implemented the Software containing all required parameters, integration of this Software with that of National Software and handholding support to PACS as envisaged in the Scheme need to be extended to the State. To this point, the Addl. Secretary has stated that Government of India will consider this case.

୨୦୨୫ ଏପ୍ରିଲ୍ ୨୧ରେ ଓଡ଼ିଶା ସମବାୟ ସମିତି ପକ୍ଷରୁ ନାବାର୍ଡକୁ ଦିଆଯାଇଥିବା ଅନୁରୋଧ ପତ୍ରର ନକଲ(ବାମ) ଏବଂ ୨୦୧୭ ଅକ୍ଟୋବର ୬ରେ ସମବାୟ ବିଭାଗ ପ୍ରମୁଖ ସଚିବଙ୍କୁ ଦିଆଯାଇଥିବା ପତ୍ରର ନକଲ।

ଭୁବନେଶ୍ୱର,୨୮।୪
(ରବିନାରାୟଣ ଜେନା)

୨୦୧୭ ସେପ୍ଟେମ୍ବର ୨୮ରେ ନୂଆଦିଲ୍ଲୀସ୍ଥିତ କୃଷି ଭବନରେ ସବୁ ରାଜ୍ୟର ପାକ୍ସଗୁଡ଼ିକର କମ୍ପ୍ୟୁଟରୀକରଣ ଲାଗି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ସବୁ ରାଜ୍ୟର କୃଷି ତଥା ସମବାୟ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀ ସାମିଲ ଥିଲେ। ନାବାର୍ଡ କର୍ତ୍ତୃପକ୍ଷ ମଧ୍ୟ ସାମିଲ ଥିଲେ। ଉକ୍ତ ବୈଠକରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକକ କମ୍ପ୍ୟୁଟରୀକରଣ ନୀତି ପ୍ରୟୋଗ କରାଯିବାକୁ ଯୋଜନା ରହିଥିଲା। ଏହାଦ୍ୱାରା ଦେଶରେ ପାକ୍ସଗୁଡ଼ିକର ଏକକୀ କମ୍ପ୍ୟୁଟରୀକରଣ ହୋଇପାରିଥାନ୍ତା। ଏଥିପାଇଁ ଆବଶ୍ୟକ ତାଲିକା ପ୍ରଦାନ କରିବାକୁ ସମସ୍ତ ରାଜ୍ୟଙ୍କୁ କୁହାଯାଇଥିଲା। ଉକ୍ତ ବୈଠକରେ ପୁଡୁଚେରୀ ଶତପ୍ରତିଶତ କେନ୍ଦ୍ରୀୟ ପାଣ୍ଠି ଦାବି କରିଥିବାବେଳେ ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡ ପକ୍ଷରୁ ୮୦:୨୦% ପାଣ୍ଠି ଦାବି କରାଯାଇଥିଲା। ମାତ୍ର ସେହି ସମୟରେ ଓଡ଼ିଶା ରାଜ୍ୟ ସମବାୟ ବିଭାଗ ପକ୍ଷରୁ କୁହାଯାଇଥିଲା, ସରକାର ଏହା ପାଇଁ ସମ୍ପୂର୍ଣ୍ଣ ପାଣ୍ଠି ଯୋଗାଉଛନ୍ତି। ୨୦୧୭ ଡିସେମ୍ବର ସୁଦ୍ଧା ସମସ୍ତ ପାକ୍ସରେ କମ୍ପ୍ୟୁଟରୀକରଣ ହୋଇଯିବ। ୨,୬୦୩ ପାକ୍ସ ମଧ୍ୟରୁ ୨,୫୧୪ ପାକ୍ସ କୋର୍ ବ୍ୟାଙ୍କିଙ୍ଗ ସିଷ୍ଟମ(ସିବିଏସ୍)ରେ ସଂଲଗ୍ନ ହୋଇ ସାରିଥିବାବେଳେ ଅବଶିଷ୍ଟ ଅନ୍ ଲାଇନ୍ ପ୍ରକ୍ରିୟା ମଧ୍ୟରେ ରହିଥିବା ଅଣ୍ଡରଟେକିଂରେ ଦର୍ଶାଯାଇଥିଲା। ଏହାବାଦ୍ ଓଡ଼ିଶା ଯେଉଁ ସଫ୍ଟୱେର କାର୍ଯ୍ୟକାରୀ କରିଛି, ତାହା କେନ୍ଦ୍ର ସରକାରଙ୍କ ସବୁ ଆବଶ୍ୟକ ମାନଦଣ୍ଡ ପୂରଣ କରୁଛି। କେନ୍ଦ୍ରର ସଫ୍ଟୱେର ସହ ଏହାକୁ ସଂଯୋଗୀକରଣ କରାଯାଇପାରିବ। ତେଣୁ ଆଉ କୌଣସି ପାକ୍ସ ବଳକା ରହିଯିବା ନେଇ ତାଲିକା ଦେବାର ଆବଶ୍ୟକତା ନାହିଁ ବୋଲି ତତ୍କାଳୀନ ନିବନ୍ଧକ ଶଶିଭୂଷଣ ପାଢ଼ୀ ଦର୍ଶାଇଥିଲେ।

ଇତିମଧ୍ୟରେ ୮ବର୍ଷ ବିତିବାକୁ ବସିଲାଣି। ହେଲେ ଏପର୍ଯ୍ୟନ୍ତ ରାଜ୍ୟର ସମସ୍ତ ପାକ୍ସରେ ସିବିଏସ୍ ଉପଲବ୍ଧ ହୋଇପାରି ନାହିଁ। ଏହାକୁ ନେଇ ବର୍ତ୍ତମାନର ରାଜ୍ୟ ସମବାୟ ନିବନ୍ଧକ ନାବାର୍ଡକୁ ଅନୁରୋଧ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏନ୍‌ଏଲ୍‌ପିଏସ୍ ପ୍ଲାଟଫର୍ମରେ କିପରି ରାଜ୍ୟର ସମସ୍ତ ୪,୨୫୩ ପାକ୍ସକୁ ଯୋଡ଼ି ହେବ, ସେଥିପାଇଁ ଉଦ୍ୟମ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଯୋଜନା ପାକ୍ସ କମ୍ପୁଟରୀକରଣ(ସିଏସ୍‌ପିସିପି) ଅନ୍ତର୍ଭୁକ୍ତ ହେବା ପାଇଁ ଏକ ପ୍ରସ୍ତାବ ନାବାର୍ଡ ମୁଖ୍ୟ ମହାପ୍ରବନ୍ଧକଙ୍କୁ ପ୍ରଦାନ କରିଛନ୍ତି। ତେବେ ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ସିବିଏସ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ରାଜ୍ୟ ରାଜସ୍ୱରୁ ଅନେକ କୋଟି ଟଙ୍କା ବ୍ୟୟ କରାଯାଇଥିବା ବେଳେ କାହିଁକି ତାହା ବିଫଳ ହୋଇଥିଲା। ଏଥିପାଇଁ ଦାୟୀ କିଏ ? ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ଅଧିକାରୀଙ୍କ ଉପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଦୀର୍ଘବର୍ଷ ଧରି ପାକ୍ସ କମ୍ପୁଟରୀକରଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ପରେ ଏବେ ବିଭାଗ ପୁଣି ସେଥିରେ ସମସ୍ୟା ଥିବା ଦର୍ଶାଇ କେନ୍ଦ୍ର ସରକାର ଏକୀକୃତ ସଫ୍ଟୱେର ପ୍ଲାଟଫର୍ମରେ ଯୋଡ଼ି ହେବା ପାଇଁ ନିଷ୍ପତ୍ତି ନେବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠୁଛି। ରାଜ୍ୟ ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ନାବାର୍ଡକୁ ପଠାଯାଇଥିବା ପ୍ରସ୍ତାବରେ ଦର୍ଶାଯାଇଛି ଯେ, ରାଜ୍ୟ ସରକାର ସମସ୍ତ ୪,୨୫୩ ପାକ୍ସକୁ ଭାରତ ସରକାରଙ୍କ ଏନ୍‌ଏଲ୍‌ପିଏସ୍ ପ୍ଲାଟ୍‌ଫର୍ମରେ ଯୋଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ନେବାର କାରଣଗୁଡ଼ିକରେ ଦର୍ଶାଯାଇଛି ଯେ, ପୂର୍ବରୁ ବ୍ୟବହୃତ ସଫ୍ଟୱେର ପ୍ଲାଟଫର୍ମ ୨୦୧୭ରୁ ଆରମ୍ଭ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ସଫଳତାର ସହ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅନେକ ସମସ୍ୟା ରହିଛି, ଯାହା କାର୍ଯ୍ୟକ୍ଷମ ଦକ୍ଷତାକୁ ପ୍ରଭାବିତ କରୁଛି। ସେହିଭଳି ପୁରୁଣା ସଫ୍ଟୱେର ବହୁତ ପୂର୍ବରୁ ବିକଶିତ ହୋଇଥିବାରୁ ଏହା ସଫଳତାର ସହ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହାର ପରିବର୍ତ୍ତନ ଆବଶ୍ୟକ ପଡୁଛି। ଆହୁରି କୁହାଯାଇଛି ଯେ, ନାବାର୍ଡ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ବର୍ତ୍ତମାନ କାର୍ଯ୍ୟକ୍ଷମ ବ୍ୟବସ୍ଥା ଏବଂ ଏନ୍‌ଏଲ୍‌ପିଏସ୍ ପ୍ଲାଟଫର୍ମରୁ ସୃଷ୍ଟି ହୋଇଥିବା ରିପୋର୍ଟ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହୁଥିବା ଜଣାପଡୁଛି। ଏଗୁଡ଼ିକୁ ସମାନ କରିବା ପାଇଁ ପ୍ରମୁଖ ତଥ୍ୟ ପରିବର୍ତ୍ତନର ଆବଶ୍ୟକ ହେବ। କେନ୍ଦ୍ର ସରକାର ଏନ୍‌ଏଲ୍‌ପିଏସ୍ ପ୍ଲାଟଫର୍ମ ଲାଗୁ କରିବା ଦ୍ୱାରା ସମସ୍ତ ପାକ୍ସ ଏକକ ପ୍ଲାଟଫର୍ମରେ କାର୍ଯ୍ୟ କରିପାରିବେ। ଏହି ପଦ୍ଧତି କାର୍ଯ୍ୟରେ ସ୍ଥିରତା ସୁନିଶ୍ଚିତ କରିବ, ତାଲିମ୍‌କୁ ସରଳ କରିବ, ତଥ୍ୟ ଅଖଣ୍ଡତାକୁ ବୃଦ୍ଧି କରିବ ଏବଂ ଯୋଜନା କାର୍ଯ୍ୟାନ୍ୱୟନ ପାଇଁ ସହଜ ହେବ। ଏହିସବୁ ବିଷୟକୁ ଦୃଷ୍ଟିରେ ରଖି, ଏହି କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସମବାୟ ନିବନ୍ଧକ ଗତ ୨୧ତାରିଖରେ ଅନୁରୋଧ କରିଛନ୍ତି।

# ଘର ତଳେ ଚାପି ହୋଇ ଯୁବକ ମୃତ

ଉଦଳା,୨୮।୪
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଗୋଧିମରା ଛକ ନିକଟରେ ସୋମବାର ରାତି ୮ଟା ବେଳେ କାଳବୈଶାଖୀ ପ୍ରଭାବରେ ଘର ଭାଙ୍ଗି ପଡ଼ିବାରୁ ଚାପି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ବହୁବନ୍ଧ ଗ୍ରାମର ଚୈତନ୍ୟ ଶଙ୍ଖୁଆଳ (୪୧)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଓଡ଼ିଆର ସ୍ୱାଭିମାନ ଥିଲେ ମଧୁବାବୁ: ମୁଖ୍ୟମନ୍ତ୍ରୀ

**ମଧୁସୂଦନ ଦାସଙ୍କ ଜୟନ୍ତୀ**

ଭୁବନେଶ୍ୱର,୨୮।୪
(ରବିନାରାୟଣ ଜେନା)



ବିଧାନସଭା ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି, ମନ୍ତ୍ରୀ ଏବଂ ଅନ୍ୟମାନେ।

ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସୋମବାର ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ସ୍ୱାଭିମାନକୁ ବଞ୍ଚାଇ ରଖିବା ପାଇଁ ସେ ସର୍ବଦା ପ୍ରୟାସ କରୁଥିଲେ। ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟିକରି ଓଡ଼ିଶା ଏବଂ ଓଡ଼ିଆ ଜାତିର ଉନ୍ନତି ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ। ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ। ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ, ଯାହାଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛି।

ସେ ପୁଣି କହିଥିଲେ, ଚଳିତବର୍ଷ ମଧୁସୂଦନ ଦାସଙ୍କ ସମ୍ମାନ ଉଦ୍ଦେଶ୍ୟରେ କଟକ ଜିଲା ସତ୍ୟଭାମାପୁର ଗ୍ରାମରେ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରାଯାଉଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ଓଡ଼ିଆ ଜାତିର ସାମଗ୍ରିକ ବିକାଶ ମଧୁବାବୁଙ୍କ ସ୍ୱପ୍ନ ଓ ସଂକଳ୍ପ ଥିଲା। ସେ ଉତ୍କଳ ଜନନୀର ଯୋଗ୍ୟତମ ସନ୍ତାନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ-ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। -ଶ୍ରୀଅରବିନ୍ଦ

-ଦ୍ୱିତୀୟାର ଚନ୍ଦ୍ର ଦର୍ଶନ



# ଚତୁର ଚୋର

'ବେଙ୍ଗ କହେ ବେଙ୍ଗୁଲୀ ଲୋ ପୃଥ୍ୱୀ କ୍ଷଣ କ୍ଷଣକେ ଆନ'। ଏହି ଓଡ଼ିଆ ଆପ୍ତବାକ୍ୟର ଏବକା ସମୟରେ ପ୍ରାସଙ୍ଗିକତା ଅନୁଭବ ହେଉଛି ଜମ୍ମୁ ଓ କଶ୍ମୀର ବିଧାନସଭାରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ଭାଷଣ ଶୁଣି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ଜୀବନ ଯାଇଥିବାରୁ ଏଭଳି ଘଡ଼ିସନ୍ଧି ବେଳେ ସେ କେନ୍ଦ୍ର ଶାସିତ ଅଞ୍ଚଳରୁ ଜମ୍ମୁ ଓ କଶ୍ମୀରକୁ ରାଜ୍ୟ ମାନ୍ୟତା ଦେବା ପାଇଁ କେନ୍ଦ୍ର ନିକଟରେ ଆଉ କଦାପି ଦାବି ଉପସ୍ଥାପନ କରିପାରିବେ ନାହିଁ ବୋଲି କହିଛନ୍ତି। ସୂଚନା ଦିଆଯାଇପାରେ ଯେ, ୫ ଅଗଷ୍ଟ ୨୦୧୯ରେ କେନ୍ଦ୍ର ସରକାର ଜମ୍ମୁ ଓ କଶ୍ମୀରକୁ ସମ୍ବିଧାନର ଅନୁଚ୍ଛେଦ ୩୭୦ରେ ମିଳୁଥିବା ସୁବିଧାକୁ ହଟେଇ ଦେବା ଲାଗି ଏହାର ଉଚ୍ଛେଦ କରିଥିଲେ। କେବଳ ସେତିକି ନୁହେଁ, ଜମ୍ମୁ ଓ କଶ୍ମୀର ରାଜ୍ୟକୁ ଭାଙ୍ଗି ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ସୃଷ୍ଟି କରିଥିଲେ। କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ସେତେବେଳେ ଜମ୍ମୁ ଓ କଶ୍ମୀରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରିକି ଆଜିର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ତାଙ୍କ ପିତା ଫାରୁକ୍ ଅବଦୁଲ୍ଲା, ପିଡିପି ନେତ୍ରୀ ମେହବୁବା ମୁଫ୍ତିଙ୍କଠାରୁ ଆରମ୍ଭ କରି ବହୁ ନେତାଙ୍କୁ ଗୃହବନ୍ଦୀ କରାଯାଇଥିଲା। ସେତେବେଳେ ସମସ୍ତେ ଏକସ୍ୱରରେ କହିଥିଲେ ଜମ୍ମୁ ଓ କଶ୍ମୀରକୁ ରାଜ୍ୟ ମାନ୍ୟତା ନ ମିଳିବା ଯାଏ ଆନ୍ଦୋଳନ ଜାରି ରହିବ। ଏପରି କି ଜମ୍ମୁ ଓ କଶ୍ମୀର ବିଧାନସଭା ପାଇଁ ହୋଇଥିବ ନିର୍ବାଚନରେ ରାଜ୍ୟ ମାନ୍ୟତାକୁ ଏକ ପ୍ରସଙ୍ଗ ରଖି ଭୋଟରଙ୍କ ପାଖକୁ ଯାଇଥିବା ଓମାର ଜନସମର୍ଥନ ମଧ୍ୟ ପାଇଥିଲେ। ହେଲେ ପରିବର୍ତ୍ତିତ ପରିସ୍ଥିତିରେ ଓମାର ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପିଠି ପଟକୁ ଟେକି ଦେଇ ନିଜେ ସେଥିରୁ ଓହରିଗଲେଣି। ଓମାର ଭୁଲିଯାଉଛନ୍ତି ଯେ ଜମ୍ମୁ ଓ କଶ୍ମୀର ଭୋଟର ତାଙ୍କ ଚାଲାକିକୁ ଅତି ଭଲ ଭାବେ ବୁଝିପାରୁଥିବେ। କେନ୍ଦ୍ର ସହିତ ସାଲିସ କରି ବକେୟା ଥିବା ବିଧାନସଭାର ଜୀବନକାଳରେ ସରକାର ଚଳାଇବା ପାଇଁ ସହଜରେ ବାଟ ବାହାର କରିଦେଲେ। ନେତାମାନେ ଯେତେବେଳେ ଭାବପ୍ରବଣତାର 'ବୋଲି' ଶୁଣାନ୍ତି ସେତେବେଳେ ସାଧାରଣ ନାଗରିକ କ୍ଷଣକ ପାଇଁ ବିଚଳିତ ହୋଇଯାଇପାରନ୍ତି, କିନ୍ତୁ ଅତି ଶୀଘ୍ର ଗଭୀର ମସୁଧା ବୁଝିବା ପାଇଁ ଆଜିକାର ପିଢ଼ି କୌଣସି ଭାବେ ଅକ୍ଷମ ନୁହେଁ। ଓମାରଙ୍କ ଏହି ବାଣୀରୁ ସମସ୍ତେ ବୁଝିପାରୁଛନ୍ତି ଯେ, ଦେଶର ରାଜନୀତି ଓ ଶାସନ ଏବେ କେବଳ ପରିଚାଳନା ଓ ଭାବମୂର୍ତ୍ତି ସୃଷ୍ଟିକରିବା ଉଦ୍ଦେଶ୍ୟରେ ପରସ୍ପରର ପିଠି ଆଉଁଶିବାର ବ୍ୟବସ୍ଥା ଏକମାତ୍ର ଲକ୍ଷ୍ୟ ହୋଇଗଲାଣି। ଦେଶବାସୀ ପୋଖରୀକୁ ଯାଆନ୍ତୁ ଗାଧେଇବାକୁ।

> ଭାରତର ସେନାକୁ ଯୁଦ୍ଧ ଲଢ଼ିବା ପାଇଁ ସହଯୋଗ ଦିଅନ୍ତୁ ବୋଲି ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ନିବେଦନ କରାଯାଇଥିଲା। ଅର୍ଥ ପଠାଇବା ପାଇଁ ମଧ୍ୟ କୁହାଯାଇଥିଲା। ତେବେ ଏହାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଖଣ୍ଡନ କରିଛି। ଏଥିରୁ ବୁଝିବାକୁ ହେବ ଯେ ଭାରତରେ ଶାସକଙ୍କଠାରୁ ଆରମ୍ଭ କରି ଶାସିତଙ୍କ ମଧ୍ୟରୁ ଅନେକେ ଚତୁର ଚୋର ପାଲଟି ଗଲେଣି।

ଓମାର ବିଧାନସଭାରେ ଦେଇଥିବା ଭାଷଣରେ କହିଛନ୍ତି ଯେ, ଜମ୍ମୁ ଓ କଶ୍ମୀରକୁ ରାଜ୍ୟ ମାନ୍ୟତା ଦିଆଯିବା ଲାଗି ଦାବି ଭବିଷ୍ୟତ ପାଇଁ ରହିପାରେ। କିନ୍ତୁ ଦେଶ ଯେତେବେଳେ ୨୬ ଜଣଙ୍କ ମୃତ୍ୟୁରେ ଶୋକ ପାଳନ କରୁଛି ସେତେବେଳେ ଏହି ପ୍ରସଙ୍ଗ ଉଠାଇବା ଠିକ୍ ନୁହେଁ। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପୂର୍ବରୁ ଜମ୍ମୁ ଓ କଶ୍ମୀରେ ଅନେକ ଆକ୍ରମଣ ଘଟିଯାଇଛି। କାହିଁ କେତେବେଳେ ଅବଦୁଲ୍ଲା ପରିବାରଙ୍କ ସମବେଦନା ଆଜିର ଶରଣାପନ୍ନ ହେଲା ଭଳି ସ୍ଥିତି ସୃଷ୍ଟି କରିଥିଲା ବୋଲି କାହାରି ମନେ ନ ଥିବ। ଗୋଟିଏ ବାକ୍ୟରେ କହିଲେ ଚୌକି ରକ୍ଷା କରିବା ଲାଗି ମୁଣ୍ଡ ନୁଆଁଇ ସାଲିସ କରିବା ଏବେ ଯେମିତି ହୋଇଯାଇଛି 'ନ୍ୟୁ ନର୍ମାଲ' ବା ନୂଆ ଧାରା।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ଜୀବନ ଯିବା ନିଶ୍ଚିତ ଭାବେ ଦେଶକୁ ବ୍ୟଥିତ କରିଛି। କିନ୍ତୁ ତାହାକୁ ଆଳ କରି ସବୁ ପ୍ରକାର ଫାଇଦା ନେବାକୁ ଚେଷ୍ଟା କରୁଥିବା ବ୍ୟକ୍ତି ବା ବର୍ଗ କଦାପି ଉଦାହରଣୀୟ ସ୍ଥାନରେ ନିଜକୁ ନେଇ ଥୋଇପାରିବେ ନାହିଁ। ଓମାରଙ୍କ ରାଜନୈତିକ ସ୍ତରରେ ଏଭଳି ଖେଳ ବୁଝାପଡୁଛି। ଅପରପକ୍ଷରେ ହପଲଗାମ୍‌ର ଏହି ଘଟଣାକୁ ନେଇ ଏବେ ଦେଶବାସୀଙ୍କୁ ବିଭିନ୍ନ ବାଟରେ ଠକିବାର ଉପାୟ ବାହାର କଲେଣି ଚତୁର ଚୋର। ଉଦାହରଣ ସ୍ୱରୂପ ବାଲେଶ୍ୱର ଜିଲାରୁ କଶ୍ମୀର ବୁଲିବାକୁ ଯାଇଥିବା ପ୍ରଶାନ୍ତ ଶତପଥୀଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ନାମରେ ଏକ ଠକ ପାଣ୍ଠି ସୃଷ୍ଟି କରାଯାଇ ଲୋକଙ୍କୁ ଅର୍ଥଦାନ କରିବା ପାଇଁ ସାମାଜିକ ଗଣମାଧ୍ୟମରେ ନିବେଦନ କରାଯାଇଛି। ଏହି ପାଣ୍ଠିକୁ ମିଥ୍ୟା କହି ପ୍ରଶାନ୍ତଙ୍କ ପରିବାର ସେଥିରୁ ନିଜକୁ ଦୂରେଇ ନେଇଛନ୍ତି। ସେହିଭଳି ଭାରତର ସେନାକୁ ଯୁଦ୍ଧ ଲଢ଼ିବା ପାଇଁ ସହଯୋଗ ଦିଅନ୍ତୁ ବୋଲି ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ନିବେଦନ କରାଯାଇଥିଲା। ଅର୍ଥ ପଠାଇବା ପାଇଁ ମଧ୍ୟ କୁହାଯାଇଥିଲା। ତେବେ ଏହାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଖଣ୍ଡନ କରିଛି। ଏଥିରୁ ବୁଝିବାକୁ ହେବ ଯେ ଭାରତରେ ଶାସକଙ୍କଠାରୁ ଆରମ୍ଭ କରି ଶାସିତଙ୍କ ମଧ୍ୟରୁ ଅନେକେ ଚତୁର ଚୋର ପାଲଟି ଗଲେଣି। ତେଣୁ ଯେଉଁମାନେ ଏହିସବୁ ଖେଳକୁ ବୁଝିପାରୁଛନ୍ତି ସେମାନେ କଷ୍ଟ ସହୁଛନ୍ତି। ବଳକା ନାଗରିକ ଦେଶପ୍ରେମର ଦ୍ୱାହି ଦେଇ ଅଧିକାଂଶଙ୍କୁ ଠକୁଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | 9 | | 8 | |
| | | | | 6 | 8 | | 9 | |
| | | | | | 1 | | | |
| | | 3 | | 5 | | 9 | | |
| 1 | | | 7 | | | 2 | | 3 |
| 5 | | | | | 6 | | 4 | |
| | 8 | | | | | | | 1 |
| | | | | | | 3 | | 5 |
| | 1 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 5 | 6 | 3 | 2 | 9 | 1 | 8 |
| 6 | 2 | 9 | 1 | 4 | 8 | 7 | 5 | 3 |
| 1 | 3 | 8 | 5 | 7 | 9 | 2 | 4 | 6 |
| 4 | 1 | 2 | 3 | 9 | 6 | 8 | 7 | 5 |
| 5 | 7 | 3 | 8 | 1 | 4 | 6 | 9 | 2 |
| 9 | 8 | 6 | 2 | 5 | 7 | 4 | 3 | 1 |
| 3 | 6 | 4 | 7 | 2 | 5 | 1 | 8 | 9 |
| 8 | 9 | 1 | 4 | 6 | 3 | 5 | 2 | 7 |
| 2 | 5 | 7 | 9 | 8 | 1 | 3 | 6 | 4 |

ଗତକାଲିର ଉତ୍ତର

# ଭାଷା ସୁରକ୍ଷାରେ ଶାସକୀୟ ପ୍ରୋତ୍ସାହନ



ସତ୍ୟଜିତ୍ ନାୟକ

ଇଂରାଜୀ ଭାଷା ଭାରତରେ ଏତେ ଲୋକପ୍ରିୟ ଓ ବହୁଳ ଆଦୃତ ହେବାର ପ୍ରମୁଖ କାରଣ ମଧ୍ୟରୁ ଶାସକୀୟ ପ୍ରୋତ୍ସାହନ ସର୍ବାଗ୍ରେ ରହିବ। ଇଂରେଜମାନଙ୍କ ପୂର୍ବରୁ ବହିରାଗତ ମୁସଲମାନ ଶାସକଙ୍କ ଶାସନ କାଳରେ ଆରବୀ ଭାଷା କ୍ୱଚିତ୍ ଲୋକ ଜାଣିଥିଲେ। କିନ୍ତୁ ଶାସକଗଣ ଆରବୀ ଜାଣିଥିବାରୁ ଆରବୀ ଓ ଉର୍ଦ୍ଦୁ ଭାଷା ଶାସକୀୟ ପ୍ରୋତ୍ସାହନ ଲାଭକଲା। ଫଳରେ ସରକାରୀ/ ରାଜକାର୍ଯ୍ୟରେ ଆରବୀ ଭାଷା ବ୍ୟବହାର ହେଲା। ସେଇଥିପାଇଁ ମୁସଲମାନ ଶାସନରୁ ନେଇ ଇଂରେଜ ଶାସନ ଦେଇ ଆଜି ପର୍ଯ୍ୟନ୍ତ ନିଜର ନିରନ୍ତରତା ବଜାୟ ରଖିଥିବା ରାଜସ୍ୱ ବିଭାଗ ଅଧୀନ ଜମିଜମା ସମ୍ବନ୍ଧୀୟ ଭାଷାରେ ତଥା ଆମର ଦୈନନ୍ଦିନ ଭାଷାରେ ଆଜିଯାଏ ଅନେକ ଆରବୀ ଓ ଉର୍ଦ୍ଦୁ ଶବ୍ଦର ପ୍ରଚଳନ ରହିଆସିଛି। ସେହିପରି ଇଂରେଜ ଶାସନ ସମୟରେ ଇଂରେଜମାନେ ନିଜସ୍ୱ ସୁବିଧା ପାଇଁ ତଥା ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ବ୍ୟବସ୍ଥିତ ଢଙ୍ଗରେ ପର୍ଯ୍ୟାୟକ୍ରମେ ହତ୍ୟା କରିବା ଉଦ୍ଦେଶ୍ୟରେ ଇଂରାଜୀ ଭାଷାର ପ୍ରଚଳନକଲେ। ଆରବୀ, ପାର୍ସି ଓ ଉର୍ଦ୍ଦୁ ଭାଷା ସର୍ବସାଧାରଣଙ୍କୁ ପଢ଼େଇବାର ବ୍ୟବସ୍ଥା ମୁସଲମାନ ଶାସକମାନେ କରିପାରି ନ ଥିଲେ ତଥା ସରକାରୀ ଚାକିରି ପାଇଁ ଏସବୁ ଭାଷାରେ ଦକ୍ଷତା ଅନିର୍ବାଯ୍ୟ କରାଇ ନ ଥିଲେ। ମାତ୍ର ଇଂରେଜମାନେ ଇଂରାଜୀ ପାଇଁ ଏସବୁ ବ୍ୟବସ୍ଥାକରି ନୀତି ନିୟମମାନ ପ୍ରଣୟନ କଲେ। ଅବଶ୍ୟ ଏଥିପାଇଁ ଇଂରେଜମାନଙ୍କର ଭାରତୀୟ ଭାଷାରେ ପଟୁତାର ଅଭାବ ଥିଲା ଏବଂ ଇଂରାଜୀ ଭାଷା ସଂସ୍କୃତିକୁ ଭାରତୀୟ ଭୂଖଣ୍ଡରେ ପ୍ରଚଳନ କରିବାର ଉଦ୍ଦେଶ୍ୟ ଭଳି ବାଧ୍ୟବାଧକତାରେ ରହିଥିଲା। ମାତ୍ର ଇଂରେଜମାନଙ୍କଠାରୁ ଶାସନ ଦାୟିତ୍ୱ ଗ୍ରହଣ କରିଥିବା ଭାରତୀୟ ଶାସକମାନଙ୍କର ତ ଉକ୍ତ ବାଧ୍ୟବାଧକତା ନାହିଁ। ତେବେ ଆଜି ମଧ୍ୟ ଇଂରାଜୀ ଭାଷାକୁ ମାତ୍ରାଧିକ ପ୍ରାଧାନ୍ୟ ଦେବାର କାରଣ ଓ ମାନସିକତା ବୁଝି ହୁଏନାହିଁ। ଏବେ ଚାକିରି ପାଇବା ପାଇଁ ତଥା ଆଇନ, ପ୍ରବନ୍ଧନ ଓ ଅନ୍ୟାନ୍ୟ ପାଠ ପଢ଼ିବା ପାଇଁ କେବଳ ମାତ୍ର ଇଂରାଜୀ ଭାଷା ଜ୍ଞାନ ଆବଶ୍ୟକ ନୁହେଁ ବରଂ ଇଂରାଜୀରେ ପଟୁତା ଦରକାର ହୋଇଥାଏ। କ୍ୟାଟ୍, ଜ୍ୟାଟ୍, କ୍ଲାଟ୍ ଭଳି ପ୍ରବେଶିକା ପରୀକ୍ଷା ତଥା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନ ଯେକୌଣସି ଭଲ ଚାକିରି ପାଇଁ ଆବଶ୍ୟକ ପରୀକ୍ଷାରେ ଇଂରାଜୀ ଭାଷାଜ୍ଞାନ ପରୀକ୍ଷାର ପ୍ରଶ୍ନପତ୍ର ଦେଖିଲା ମାତ୍ରେ ଯେକେହି ଏକଥା ଅନୁଭବ କରିପାରିବେ। ନିଜର ଜୀବନ ଜୀବିକା ପାଇଁ ଇଂରାଜୀ ଭାଷାରେ ପଟୁତାର ନିତାନ୍ତ ଆବଶ୍ୟକତା ଅନୁଭୂତ ହେଉଥିବାରୁ ଭାରତୀୟମାନେ ପିଲାଦିନରୁ ଇଂରାଜୀ ଶିକ୍ଷା ପାଇଁ ଆଗ୍ରହୀ ହେବା ସ୍ୱାଭାବିକ। ନିଯୁକ୍ତି କ୍ଷେତ୍ରରେ ଇଂରାଜୀ ଭାଷାକୁ



ମିଳୁଥିବା ଶାସକୀୟ ପ୍ରୋତ୍ସାହନ ଓଡ଼ିଆ ସମେତ ଅନ୍ୟ ଭାରତୀୟ ଭାଷା ପାଇଁ ଉପଲବ୍ଧ ନାହିଁ। ଏଠି ଶାସକ ଭାରତୀୟ, ଶାସିତ ମଧ୍ୟ ଭାରତୀୟ ; ତଥାପି ଶାସନର ଭାଷା ବିଦେଶୀ ଆକ୍ରମଣକାରୀଙ୍କ ଭାଷାହେବା ଏବଂ ଉକ୍ତ ବିଦେଶୀ ଭାଷାରେ ପଟୁତାକୁ ସରକାରୀ ଚାକିରି ପାଇଁ ମଧ୍ୟ ଯୋଗ୍ୟତାର ମାପକାଠି କରିବା ଅତ୍ୟନ୍ତ ବିସ୍ମୟଜନକ।

ସରକାରଙ୍କ ଅଧୀନରେ ଚାକିରି କରିବା ପାଇଁ ୭ମ ଶ୍ରେଣୀରେ ଓଡ଼ିଆ ଭାଷା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକତା ରହିଥିବା ସ୍ଥଳେ ସ୍ନାତକ ଓ ସ୍ନାତକୋତ୍ତର ସ୍ତରର ଇଂରାଜୀ ଭାଷା ଜ୍ଞାନର ଆବଶ୍ୟକତା ରହିଥାଏ। ଏଭଳି ମାପକାଠିରେ ମପାହୋଇ ସରକାରୀ ଚାକିରି କରିଥିବା ପିଲାଟି ନିଜ କାର୍ଯ୍ୟକ୍ଷେତ୍ରରେ ଓଡ଼ିଆ ଅପେକ୍ଷା ଇଂରାଜୀରେ କାର୍ଯ୍ୟ କରିବାକୁ ନିଶ୍ଚୟ ପସନ୍ଦ କରିବ। ଏହି ମାପକାଠି ସେତେବେଳେ ନିର୍ଦ୍ଧାରଣ କରାଯାଇଥିଲା ଯେତେବେଳେ ୭ମ ଶ୍ରେଣୀ ବା ମଧ୍ୟଇଂରାଜୀ ବିଦ୍ୟାଳୟ ପରୀକ୍ଷା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ଆୟୋଜିତ ହେଉଥିଲା ଏବଂ ଏଥିରେ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀଙ୍କୁ ବୋର୍ଡ ପକ୍ଷରୁ ପ୍ରମାଣପତ୍ର ମିଳୁଥିଲା ଏବଂ ଯେତେବେଳେ ବିଭିନ୍ନ ସରକାରୀ ଚାକିରି ପାଇଁ ସର୍ବନିମ୍ନ ଯୋଗ୍ୟତା ୮ମ, ୧୦ମ ବା ୧୨ଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଥିଲା। ସମୟ ପରିବର୍ତ୍ତନ ହେବା ସହ ଶିକ୍ଷା ବ୍ୟବସ୍ଥାରେ ବର୍ତ୍ତମାନ ଅନେକ ପରିବର୍ତ୍ତନ ହୋଇସାରିଛି। ୭ମ ଶ୍ରେଣୀ ପରୀକ୍ଷା ଆଉ ବୋର୍ଡ ଆୟୋଜନ କରୁନାହିଁ କିମ୍ବା ପରୀକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ଦେଉନାହିଁ। ୮ମ ଶ୍ରେଣୀ ଯାଏଁ ପରୀକ୍ଷାରେ କାହାକୁ ଅକୃତକାର୍ଯ୍ୟ ନ କରିବା ବ୍ୟବସ୍ଥା ପ୍ରଚଳନ ହୋଇସାରିଲାଣି। ଏଣୁ ବୋର୍ଡ ପ୍ରମାଣପତ୍ରର ଅନୁପସ୍ଥିତିରେ ଘରୋଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କଠାରୁ ସାଦାକାଗଜରେ ୭ମ ଶ୍ରେଣୀରେ ଓଡ଼ିଆ ଭାଷା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାର ଲେଖାଇ ଆଣିଲେ କାମ ଚଳିଯାଉଛି। ଜଣେ ୭ମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବାର ଅତିକମ୍‌ରେ ୮/୯ ବର୍ଷ ପରେ ଅର୍ଥାତ୍ ସ୍ନାତକ ଶିକ୍ଷା ସମାପ୍ତ କରିବା ପରେ ସରକାରୀ ଚାକିରି ପାଇଁ ଆବେଦନ କରିବ। ଏଣେ ୭ମ ଶ୍ରେଣୀ ପରି ଅଣଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ନଥିପତ୍ର ୮/୧୦ ବର୍ଷ ଯାଏ ସାଇତି ରଖିବାର କୌଣସି ଆବଶ୍ୟକତା ମଧ୍ୟ ନାହିଁ। ଫଳରେ ପ୍ରଧାନ ଶିକ୍ଷକଙ୍କ ହାତଲେଖା ପ୍ରମାଣପତ୍ରର ବୈଧତାକୁ ଆହ୍ୱାନ କରିବାର ସୁଯୋଗ ନ ଥାଏ। ଏଣୁ ଓଡ଼ିଆ ପଢ଼ିଥାନ୍ତୁ ବା ନ ଥାନ୍ତୁ, ୭ମ ଶ୍ରେଣୀ ଓଡ଼ିଆ ଭାଷା ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହେବାର ପ୍ରମାଣପତ୍ର ହାସଲ କରିବାରେ ବସ୍ତୁତଃ କୌଣସି ସମସ୍ୟା ନାହିଁ। ଫଳସ୍ୱରୂପ ଓଡ଼ିଆ ପଢ଼ିବାକୁ ଅବା ପଢ଼େଇବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ପିଲାଦିନୁ ଅ, ଆ ଶିଖିବା ସ୍ଥାନରେ ଏ, ବି, ସି, ଡି ଶିଖାଯାଉଛି। ଅଭିଭାବକମାନଙ୍କୁ ମଧ୍ୟ ଦୋଷ ଦେବାର କୌଣସି କାରଣ ନାହିଁ। ଓଡ଼ିଆ ଭାଷା ମାର୍ଗରେ ଗଲେ ଯଦି ନିଯୁକ୍ତି ସୁଯୋଗ ନିକଟରେ ପହଞ୍ଚିହେବ ନାହିଁ, ତେବେ ଲୋକେ ସେବାଟ ଦେଇ ଯିବେ ନାହିଁ ଏବଂ କାଳକ୍ରମେ ତାହା ଏକ ପରିତ୍ୟକ୍ତ ମାର୍ଗରେ ପରିଣତ ହେବ। ସମୟକ୍ରମେ ଯେଉଁ ଭାଷା ନିଯୁକ୍ତି ତଥା ଅର୍ଥ ଉପାର୍ଜନର ଭାଷା ହେବାର ଶାସକୀୟ ପ୍ରୋତ୍ସାହନ ହରାଇ ବସିଛି, ସେ ଭାଷାର ଅବଲୀଳା କ୍ରମେ ଅବଲୁପ୍ତି ଘଟିଛି।

ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଆ ଭାଷାକୁ ସୁରକ୍ଷା ଦେବା ସହ ତା'ର ଭବିଷ୍ୟତକୁ ସୁନିଶ୍ଚିତ କରିବା ଲାଗି ଶାସକୀୟ ପ୍ରୋତ୍ସାହନର ନିତାନ୍ତ ତ୍ୱରିତ ଆବଶ୍ୟକତା ରହିଛି ଓ ସରକାରଙ୍କ ଚାକିରି ପାଇଁ ଆବେଦନ କରିବା ଲାଗି ସର୍ବନିମ୍ନ ଭାଷା ଯୋଗ୍ୟତାକୁ ଦ୍ୱାଦଶ/ ଡିପ୍ଲୋମା/ ଆଇଟିଆଇ ପରୀକ୍ଷାରେ ଓଡ଼ିଆ ଭାଷା ସାହିତ୍ୟରେ ଉତ୍ତୀର୍ଣ୍ଣ ଯାଏଁ ବୃଦ୍ଧି କରିବାର ଆବଶ୍ୟକତା ଅନୁଭୂତ ହେଲାଣି। ଡିପ୍ଲୋମା, ଆଇଟିଆଇ, ସିଟି ଭଳି ମାଟ୍ରିକ ପର ବୃତ୍ତିଗତ ପାଠ୍ୟକ୍ରମରେ ମଧ୍ୟ ଓଡ଼ିଆ ଭାଷା ଓ ବ୍ୟାକରଣ ପଢ଼ାଯିବାର ବ୍ୟବସ୍ଥା କରାଯିବା ଆବଶ୍ୟକ। ୧୦ମ ପରବର୍ତ୍ତୀ ଯେତେଗୁଡ଼ିଏ ପାଠ୍ୟକ୍ରମର ବିକଳ୍ପ ରହିଛି, ସେଗୁଡିକରେ ପ୍ରାୟ ସମ୍ପୂର୍ଣ୍ଣ ଇଂରାଜୀ ଭାଷାରେ ପଢ଼ାଯାଉଛି। ଏଣୁ ୧୦ମ ପରେ ପିଲାମାନଙ୍କ ଓଡ଼ିଆ ଭାଷାରେ ଲେଖାପଢ଼ା ସହ ସମ୍ପର୍କ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଉଛି। ଏପଟେ କେନ୍ଦ୍ର ସରକାର ଭାରତୀୟ ଭାଷାଗୁଡ଼ିକୁ ଗୁରୁତ୍ୱ ଦେବାକୁ ଯାଇ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)) ଓ ମିଳିତ ପ୍ରବେଶିକା ପରୀକ୍ଷା (ଜେଇଇ) ଆଦିକୁ ଓଡ଼ିଆ ଭାଷା ସମେତ ଅନ୍ୟାନ୍ୟ ଭାରତୀୟ ଭାଷାରେ ଆୟୋଜନ କରିବା ଆରମ୍ଭ କଲେଣି। ଏଣୁ ଦ୍ୱାଦଶ ସମତୁଲ୍ୟ ୧୦ମ ପରବର୍ତ୍ତୀ ସମସ୍ତ ପାଠ୍ୟକ୍ରମରେ ଓଡ଼ିଆ ସାହିତ୍ୟ ଓ ବ୍ୟାକରଣ ପଢ଼ାଯିବାର ବ୍ୟବସ୍ଥା କରାଯାଇ ପିଲାମାନଙ୍କ ଓଡ଼ିଆ ଭାଷାଜ୍ଞାନର ନିରନ୍ତରତା ବଜାୟ ରଖିବାକୁ ଉଦ୍ୟମ କରିବା ସହ ଓ ସରକାରୀ ଚାକିରି ପାଇଁ ସର୍ବନିମ୍ନ ଯୋଗ୍ୟତାକୁ ୭ମ ଶ୍ରେଣୀରୁ ୧୨ଶ ବା ସମତୁଲ୍ୟ ପରୀକ୍ଷାରେ ଓଡ଼ିଆ ଭାଷାରେ ଉତ୍ତୀର୍ଣ୍ଣତା ଯାଏଁ ବୃଦ୍ଧି କରାଯିବା ବର୍ତ୍ତମାନର ଆବଶ୍ୟକତା।

ରଗଡ଼ିପଡ଼ା, କାମାକ୍ଷାନଗର
ଢେଙ୍କାନାଳ, ମୋ: ୯୪୩୭୬ ୫୩୨୬୦

# ନିରଙ୍କୁଶ କୈଶୋର



ଚିନ୍ତାମଣି ପଣ୍ଡା

'ଲାଳୟେତ ପଞ୍ଚବର୍ଷାଣି ଦଶବର୍ଷାଣି ତାଡୟେତ/ପ୍ରାପ୍ତେତୁ ଷୋଡ଼ଶ ବର୍ଷେ ପୁତ୍ର ମିତ୍ରବତ୍ ଆଚରେତ' -ଏହି ଆପ୍ତବାକ୍ୟଟିର ପରିଭାଷା ଯୁଗୋପଯୋଗୀ। ଅନ୍ୟଥା ସାମ୍ପ୍ରତିକ ପରିସ୍ଥିତି କିପରି ଲଗାମବିହୀନ କିଶୋର ମନଟିକୁ ଯୌବନର ଉଦ୍ଦାମତାରେ ଉଡ଼ାଇ ଉଡ଼ାଇ ଅପରାଧ ଦୁନିଆରେ ପାଦଥାପିବା ପାଇଁ ଖୋରାକ ଯୋଗାଉଛି, ତାହା ମାତାପିତାଙ୍କର ତାଡନା ବା ଆକଟର ଅଭାବ ବୋଲି ସ୍ପଷ୍ଟ ବାରି ହୋଇପଡ଼େ। ଅଲିଅଳରେ ବଢ଼ି ଉଠିଥିବା ଆଜିର ସନ୍ତାନସନ୍ତତି ଆଧୁନିକ ମାତାପିତାଙ୍କର ଏକମାତ୍ର କିମ୍ବା ଅତିବେଶିରେ ଦ୍ୱିତୀୟ ଉତ୍ପାଦ। ଏପରି ସ୍ଥଳେ ତାଙ୍କ ଦେହରେ ଧୂଳିଟିକେ ପଡ଼ିଗଲେ ଏମାନେ ପଥର ପଡ଼ିବା ପରି ଅନୁଭବ କରିବା ସ୍ୱାଭାବିକ। ସେ ଯୁଗର ଧୂଳିଖେଳ, ଦାଣ୍ଡରେ ପଡ଼ି ଖଣ୍ଡିଆଖାବରା ହେବା ଏହି ଗେଲବସର ଅପତ୍ୟମାନଙ୍କର ଜାତକରେ ନାହିଁ। ତଥାପି ମାତାପିତା ଏମାନଙ୍କର ପାରିବାପଣିଆର ପ୍ରଶଂସାରେ ଶତମୁଖ। ଏପରି ସ୍ଥଳେ ସରକାର ବାହାଦୁର ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ କରିଦେଇଛନ୍ତି। ନିଆଁରେ ଘିଅ ଢାଳିବା ପରି ବିଦ୍ୟାଳୟ କାନ୍ଥବାଡ଼ରେ ଦେୟମୁକ୍ତ ଫୋନ୍ ନମ୍ବର ବି ଲେଖାଅଛି। ଏପରି ସ୍ଥଳେ ପିଲାଙ୍କୁ ଆଖି ଦେଖେଇବାକୁ କାହା ଜିଭରେ ହାଡ଼ ଅଛି ? ତେଣୁ ଯେଉଁ ୧୦ ବର୍ଷ ପିଲାଟି ଭଲମନ୍ଦକୁ ଉପଲବ୍ଧି କରିବାକୁ ଆକଟରେ ରହିବା କଥା ତାହା ନା ଘରେ ନା ବିଦ୍ୟାଳୟରେ କେଉଁଠି ମିଳିଲା ?

ଏଥକୁ ବିଦ୍ୟାଳୟରେ ପରୀକ୍ଷାର ବୋଝ ବି ନାହିଁ। ପାଠ ପଢ଼ିବାର ଝିନ୍‌ଝଟ୍ ନାହିଁ। ଅତଏବ କୈଶୋର ଅବସ୍ଥାର ସ୍ପର୍ଶରେ ତା'ର ମନଟି ନୂତନ ଉନ୍ମାଦନାରେ ଆନ୍ଦୋଳିତ ହେଉ ହେଉ କେତେବେଳେ ସମସ୍ତଙ୍କ ଅଲକ୍ଷ୍ୟରେ ଲଗାମଛଡ଼ା ହୋଇଯାଉଛି। ଫଳରେ ସେ ଆଧୁନିକ ଯୁଗର ସାମାଜିକ ଗଣମାଧ୍ୟମ ତଥା ଅନ୍ତର୍ଜାଲ (ଇଣ୍ଟରନେଟ ) ସହାୟତାରେ ଅପରାଧ ଦୁନିଆରେ ପହଞ୍ଚିଯାଉଛି। ଜାତୀୟ ଅପରାଧ ପଞ୍ଜୀକରଣ ସଂସ୍ଥାର ଆକଳନ ଅନୁଯାୟୀ ଆମ ଦେଶରେ ଦିନକୁ ଦିନ ବାଳଅପରାଧ ସଂଖ୍ୟା ବଢ଼ି ବଢ଼ି ବର୍ଷକୁ ୩୦,୫୫୫ ରେ ପହଞ୍ଚି ଗଲାଣି। ଅତି ଜଘନ୍ୟ ବାଳ ଅପରାଧ ଘଟୁଥିବା ରାଜ୍ୟଗୁଡ଼ିକରେ ଓଡ଼ିଶା ଅନ୍ୟତମ। ନିର୍ଭୟା କାଣ୍ଡଠାରୁ ଆରମ୍ଭ କରି ପୁଣେରେ ଗାଡି ମଡେଇ ହତ୍ୟା କରିବା ପର୍ଯ୍ୟନ୍ତ ବାଳ ଅପରାଧ ସମ୍ପୃକ୍ତି ସାମ୍ନାକୁ ଆସିଛି। ତାହା ପୁଣି ନିଶାଗ୍ରସ୍ତ ହୋଇ। ତରୁଣ ବୟସରେ ନିଶା ଅଭ୍ୟାସ କରିବାକୁ ଆଜିର ପରିବେଶ ଯଥେଷ୍ଟ ଖୋରାକ ଯୋଗେଇଦେଉଛି। ହାତପାହାନ୍ତାରେ ନିଶାଦ୍ରବ୍ୟ ତଥା ନିଶା ବ୍ୟକ୍ତିଙ୍କର ଅଭାବ ନାହିଁ । ଏଣେ ବିଦ୍ୟାଳୟଗୁଡ଼ିକରେ ପରୀକ୍ଷାର ଚାପ ନାହିଁ କି ଶିକ୍ଷକମାନଙ୍କର ଆକଟ ହିଁ ନାହିଁ। ତେଣେ କର୍ମଜୀବୀ ମାତାପିତାଙ୍କର ପାଖରେ ସଣ୍ଟଣା ଶିଖେଇବା ପାଇଁ ସମୟ ନାହିଁ। ସଦ୍ୟତମ ଏକ ଘଟଣା ଯାହା ଉପାନ୍ତ ଜିଲାରେ ଘଟିଯାଇଛି ତାହା ଯେତିକି ସମ୍ବେଦନଶୀଳ ତା'ଠାରୁ ଅଧିକ ଉଦ୍‌ବେଗଜନକ। ଆଦିବାସୀ



ଛାତ୍ରାବାସରେ ରହି ପଢୁଥିବା ନବମ ଶ୍ରେଣୀ ପିଲାଏ ରାତିରେ ଛାତ ଉପରେ ମଦ୍ୟପାନ କରି ଅଶ୍ଳୀଳ ଚଳଚ୍ଚିତ୍ର ଦେଖିବା ଆମ ବିକୃତ ଶିକ୍ଷାବ୍ୟବସ୍ଥାକୁ ଉପହାସ କରୁନାହିଁ କି ? ପୁଣି ଏ ଘଟଣା ଦେଖି ଷଷ୍ଠ ଶ୍ରେଣୀ ଛାତ୍ରଟିଏ ପ୍ରଧାନ ଶିକ୍ଷକଙ୍କୁ ଜଣେଇଦେବାରୁ ତା'ର ଶରୀରକୁ ଧାରୁଆ ବ୍ଲେଡ୍‌ରେ କାଟି କ୍ଷତରେ ଲୁଣ ଲଗାଇବା ଅପରାଧପ୍ରବଣ ମାନସିକତାର ସ୍ତରକୁ ସୂଚିତ କରୁନାହିଁ କି ?

ଦେଶର ଭବିଷ୍ୟତ ନାଗରିକମାନଙ୍କର ନିଜ ଭବିଷ୍ୟତର ଗତି ଯେ କୁଆଡକୁ ତାହା ସ୍ପଷ୍ଟ ଅନୁମେୟ। କି ଉପାନ୍ତ, କି ଉପକୂଳ, କି ଉନ୍ନତ, କି ଅନୁନ୍ନତ, ପ୍ରତିଟି ଅଞ୍ଚଳକୁ ଆଜି ଏ ପ୍ରକାରର ହୀନ ମାନସିକତା ବ୍ୟାପିସାରିଲାଣି। କୋମଳମତି ଛାତ୍ରୀଛାତ୍ରମାନେ ଅନାୟାସରେ ଏହାର କବଳରେ ପଡ଼ି ଅତି ଜଘନ୍ୟ ତଥା ନାରକୀୟ କାଣ୍ଡରେ ସାମିଲ ହେଉଥିବାର ଦୃଷ୍ଟାନ୍ତ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି। ଗାଡ଼ି ଡିକି ଭାଙ୍ଗି ଚୋରି, ଛିନ୍‌ତାଇ କରିବାଠାରୁ ଆରମ୍ଭ କରି ଗଣବଳାତ୍କାର ତଥା ନଗ୍ନ ଚିତ୍ର ଦେଖେଇ ପଇସା ଆଦାୟ କରି ନିଶା ସେବନ ପରି ବିରଳ ଅପରାଧରେ କିଶୋରୀକିଶୋରମାନେ ସାମିଲ ହେବା ସାମାଜିକ ପତନର ପୂର୍ବାଭାସ ମାତ୍ର। ସୁରାସାକୀର ଲାଳସାରେ ନିଶା କାରବାର, ବହି ବସ୍ତାନିରେ ନିଶା ଦ୍ରବ୍ୟ ଚୋରାଚାଲାଣ ପରି ଉଦ୍ୟମ ସର୍ବସାଧାରଣଙ୍କ ଦୃଷ୍ଟି ଏଡାଇ ନିଜ ଅପ୍ରାପ୍ତ ବୟସର ଫାଇଦା ଉଠାଇବାର ପ୍ରଚେଷ୍ଟା ମାତ୍ର। କାରଣ ଧରାପଡ଼ିଗଲେ ଜଘନ୍ୟ ଅପରାଧ ପାଇଁ ମଧ୍ୟ କୋହଳ ଦଣ୍ଡ ବିଧାନ କିମ୍ବା ବାଳ ସୁଧାର ଗୃହ ଭ୍ରମଣ ବ୍ୟବସ୍ଥା କଥା ବୋଧହୁଏ ସେମାନେ ଭଲ ଭାବରେ ଅବଗତ। ପିଲାଟି ଦିନରୁ ମାତାପିତାଙ୍କ ପ୍ରୋତ୍ସାହନରେ କର୍ଣ୍ଣ ପିଶାଚ ଯନ୍ତ୍ରର(ମୋବାଇଲ) ବଶବର୍ତ୍ତୀ ହୋଇ ବୟୋପ୍ରାପ୍ତି ଆଗରୁ ତା'ର ଦୁରୁପଯୋଗରେ ବିଭିନ୍ନ ପ୍ରକାର ଜୁଆ ଖେଳି ସର୍ବସ୍ୱାନ୍ତ ହେବା ଏବଂ ପରିଶେଷରେ ଆତ୍ମହତ୍ୟାର ପଥ ବାଛିନେବା କିଶୋର ମାନସିକତାର ଅଧୋଗତିକୁ ହିଁ ଦର୍ଶାଉଛି। ପ୍ରେମ, ପ୍ରତାରଣା, ଅବାଞ୍ଛିତ ଗର୍ଭଧାରଣ, ତରୁଣୀତରୁଣଙ୍କର ସାଧାରଣ ଘଟଣା ପାଲଟିଗଲାଣି। ଏ ପ୍ରକାରର ଉଦ୍‌ବେଗଜନକ ସ୍ଥିତି ପାଇଁ କୌଣସି ବ୍ୟକ୍ତି ବିଶେଷଙ୍କୁ ଦାୟୀ ନ କରି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଚିନ୍ତାନାୟକମାନଙ୍କ ସମ୍ମୁଖରେ ଏକ ଆହ୍ୱାନ ପାଲଟିଛି। ଏବେ ଆତ୍ମସମୀକ୍ଷାର ଉପଯୁକ୍ତ ସମୟ ଆସିଯାଇଛି। ଚପଳମତି କିଶୋରୀକିଶୋରଙ୍କୁ ଭବିଷ୍ୟତର ଭୋଟ ବ୍ୟାଙ୍କ ଭାବି ଯଦି ନୃତ୍ୟ, ଗୀତ ତଥା ନିଶାପାଣିରେ ଆମେ ମସ୍‌ଗୁଲ ରଖିବା ତେବେ ଏ ପ୍ରକାର ଶସ୍ତା ଲୋକପ୍ରିୟତା ପ୍ରକାରାନ୍ତରେ ସେମାନଙ୍କର ଶିକ୍ଷାକୁ କେତେ ମାତ୍ରାରେ ଯେ ପ୍ରଭାବିତ କରୁଛି ତାହା କିଏ ବୁଝିବ ? ଅତଏବ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଘୋଷଣା କରି ପିଲାଙ୍କ ଜୀବନରୁ ପରୀକ୍ଷାର ଚାପ କୋହଳ କରିଦେଇ ଆମେ ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖିଛେ ତାହା ଦିଅଁ ଗଢୁ ଗଢୁ ବାନର ହୋଇଯିବ ନାହିଁ ତ ?

ପ୍ରାକ୍ତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ,
ଭବାନୀପାଟଣା। ମୋ:୮୧୪୪୦୬୬୦୧୬

## ଏଇ ଭାରତରେ

ବର୍ଜ୍ୟରୁ ଅବିକଳ ମୂର୍ତ୍ତି ତିଆରି କରୁଛନ୍ତି ବନ୍ଦନା ଜୈନ। ମହାରାଷ୍ଟ୍ର ବସାଇର ଏକ ଷ୍ଟୁଡିଓରେ ଅଦକାରୀ କାର୍ଡବୋର୍ଡ ବକ୍ସ ବ୍ୟବହାର କରି ସେ ଏହିସବୁ ମୂର୍ତ୍ତି ତିଆରି କରୁଛନ୍ତି। କାର୍ଡବୋର୍ଡ ବକ୍ସଗୁଡ଼ିକୁ ଥରେ ବ୍ୟବହାର କରିବା ପରେ ସେସବୁକୁ ବାହାରେ ଫିଙ୍ଗି ଦିଆଯାଉଛି, ଯାହା ଗଦାହୋଇ ପଡ଼ିରହୁଛି। ଏହା ମଧ୍ୟ ପରିବେଶକୁ ପ୍ରଦୂଷଣ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ସେଥିରୁ ମୂର୍ତ୍ତି ତିଆରି କରିବା ଲାଗି ସେ ନିଷ୍ପତ୍ତି ନେଇଥିଲେ। ବନ୍ଦନା ପ୍ରଥମେ କାଠରେ ମୂର୍ତ୍ତି କରୁଥିଲେ। ପରେ ୨୦୧୩ରେ କାର୍ଡବୋର୍ଡରୁ ଏହା ତିଆରି କରିବା ଲାଗି ଚେଷ୍ଟା କରି ସଫଳ ହୋଇପାରିଥିଲେ। ଏବେ ତିଆରି କରୁଥିବା କଳାରେ ସେ ମଣିଷର ଜୀବନକୁ ଚିତ୍ରଣ କରୁଛନ୍ତି। ବନ୍ଦନା ବିହାରର ଏକ ଛୋଟ ଗାଁରେ ପଢିଛନ୍ତି ଓ ବଢିଛନ୍ତି। ପ୍ରାରମ୍ଭିକ ଶିକ୍ଷା କାଳରେ ସେ କଳା ପ୍ରତି ଆଗ୍ରହୀ ଥିଲେ। ୨୦୦୨ରେ ଦିଲ୍ଲୀ ଯାଇ ଇଣ୍ଟେରିୟର ଡିଜାଇନରେ ଶିକ୍ଷା ଲାଭ କରିବା ପରେ କଳାକୁ ଆହୁରି ଉତ୍କୃଷ୍ଟମାନର କରିପାରିଛନ୍ତି। ବିବାହ ପରେ ଏବେ ମୁମ୍ବାଇ ଆସି କାର୍ଡବୋର୍ଡରୁ ମୂର୍ତ୍ତି ଗଢିବା କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଏପ୍ରିଲ ୧୯୭୬

- ମଇ ଦିବସକୁ ବେତନ ସହ ଛୁଟି ଦିବସ ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ସମସ୍ତ ସରକାରୀ ଓ ବେସରକାରୀ ଶିଳ୍ପ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।
- ଲେବାନନ୍‌ର ନୂତନ ରାଷ୍ଟ୍ରପତି ନିର୍ବାଚନ ଦୃଷ୍ଟିରୁ ପାର୍ଲାମେଣ୍ଟ ଅଧିବେଶନକୁ କିଛି ଦିନ ସ୍ଥଗିତ ରଖିବା ପାଇଁ ଉଭୟ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ଗୋଷ୍ଠୀ ଆଜି ରାଜି ହୋଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଏଆଇ ପ୍ରଯୁକ୍ତିବିଦ୍ୟା ବ୍ୟବହାରର ଆବଶ୍ୟକତା

ମହାଶୟ,

ସାଧାରଣତଃ କିଛି ଯାନବାହନକୁ ଅନୁମୋଦିତ ବାଲିଘାଟରୁ ଏକ ନିର୍ଦ୍ଦିଷ୍ଟ ପରିମାଣର ବାଲି ଉତ୍ତୋଳନ କରିବାକୁ ଅନୁମତି ଦିଆଯାଇଥାଏ । କିନ୍ତୁ କେତେକ ସ୍ଥାନରେ ଏହାର ବ୍ୟତିକ୍ରମ ଦୃଷ୍ଟିଗୋଚର ହୋଇଥାଏ ଯଥା ବାଲିର ଚୋରାଚାଲାଣ ଏବଂ ଅନୁମୋଦିତ ପରିମାଣରୁ ଅଧିକ ବାଲି ଉତ୍ତୋଳନ । ବାଲିର ଚୋରାଚାଲାଣ ବଢୁଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି । ବେଳେବେଳେ ରାଜସ୍ୱ ଅଧିକାରୀମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବାର ନଜିର ମଧ୍ୟ ଅଛି । ଅଧିକ ବାଲି ଉଠାଣ ଯୋଗୁ ନଦୀ ନାଳଗୁଡିକର ଗତିପଥ ଅସ୍ୱାଭାବିକ ଭାବରେ ବଦଳିଯିବା ସମ୍ଭାବନା ଉପୁଜୁଛି ଏବଂ ଇକୋସିଷ୍ଟମ ପ୍ରଭାବିତ ହେଉଛି । ଏଥିସହିତ ସରକାରଙ୍କର ରାଜସ୍ୱହାନି ଘଟୁଛି । ଏହି ପରିପ୍ରେକ୍ଷୀରେ, କେବଳ ଅନୁମୋଦିତ ଯାନବାହନଗୁଡ଼ିକ ନିର୍ଦ୍ଦିଷ୍ଟ ବାଲିଘାଟରୁ ଯେପରି ଅନୁମୋଦିତ ପରିମାଣର ବାଲି ଉତ୍ତୋଳନ କରିପାରିବେ ତାହାକୁ କର୍ତ୍ତୃପକ୍ଷ ନିଶ୍ଚିତ କରିବା ଆବଶ୍ୟକ । ଏଥିପାଇଁ ଆଧୁନିକ ଏଆଇ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଯୁକ୍ତିଯୁକ୍ତ ମନେହୁଏ।

–ନବନୀତ ପାଣିଗ୍ରାହୀ, ରାୟଗଡ଼ା

## ଚିରନ୍ତନୀ

କଣ୍ଠୀ ନୂପୁର କଟୀ ଶୃଙ୍ଖଳ
ହେଉଥିଲେ କେବେ ଆଖିର ଭେଟ
ଆଜି ବା ହୋଇଛି ଜର୍ଜେଟ୍ ଶାଢ଼ି
ବର୍ମା ସ୍ଲିପର ଆପଟୁ-ଡେଟ୍
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜଳବାୟୁ ପରିବର୍ତ୍ତନର ନୀରବ ଅସ୍ତ୍ର

## ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା ଓଡ଼ିଶା ସରକାରଙ୍କ ପଦକ୍ଷେପ

ଓଡ଼ିଶା ଭଳି କୃଷି ନିର୍ଭରଶୀଳ ଅଞ୍ଚଳ ସଂପ୍ରତି ବିଶ୍ୱ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏହାର ପ୍ରଶମନ ଏବଂ ଅନୁକୂଳନ ସମସ୍ୟାର ସମାଧାନ ସହିତ ବର୍ଦ୍ଧିତ ଜନସଂଖ୍ୟା ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ଜଳବାୟୁ ସଚେତନ କୃଷି (CSA)ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରୁଛି। ଏହା ଜଳବାୟୁ ପ୍ରଭାବିତ ବିଶ୍ୱରେ ସ୍ଥିରତା ଆଣିବା ସହିତ ସ୍ଥାୟୀ ଭାବରେ କୃଷି ଉତ୍ପାଦନ ବୃଦ୍ଧି କରିବାର ବ୍ୟବସ୍ଥାକୁ ଗୁରୁତ୍ୱ ଦିଏ। ଏ ଦିଗରେ ବ୍ୟାପକ ଧାନ ଅମଳ ପଡ଼ିଆଜମିର ପରିଚାଳନା (CRFM) ଏକ କାର୍ଯ୍ୟକ୍ରମ, ଯାହାର ଏକ ବିସ୍ତାର ପ୍ରଭାବ ଜଳବାୟୁ ଉପରେ ପଡ଼ିପାରେ କିନ୍ତୁ ଏହାର ଯଥାର୍ଥ ସ୍ୱୀକୃତିକୁ ଏ ପର୍ଯ୍ୟନ୍ତ ପରିଚୟ ମିଳିପାରିନି। ଓଡ଼ିଶା ସରକାର ୨୦୨୨ରୁ ରାଜ୍ୟର ସମସ୍ତ ୩୦ଟି ଜିଲାରେ ଏକ କୃଷି ପଦ୍ଧତି ଭାବରେ ଏହାକୁ ଏକ ପ୍ରମୁଖ କାର୍ଯ୍ୟକ୍ରମ ହିସାବରେ ଅନ୍ତର୍ଭୁକ୍ତ କରିବା ପାଇଁ ଦୃଢ଼ ପ୍ରତିବଦ୍ଧତା ସହିତ କାର୍ଯ୍ୟ କରୁଛନ୍ତି।

CRFM ହେଉଛି ଏକ ପ୍ରକୃତ ଜଳବାୟୁ ସଚେତନ କୃଷି ପଦ୍ଧତି, ଯେଉଁଥିରେ ଖରିଫ ଋତୁରେ ଧାନ ଅମଳ ପରେ ସାଧାରଣ ଭାବରେ ପଡ଼ିଆ ପଡ଼ିଥିବା ଜମିରେ ଅନ୍ୟ ଫସଲ, ବିଶେଷକରି ଡାଲି ଏବଂ ତୈଳବୀଜ ଚାଷ କରାଯାଇଥାଏ। CRFM ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ସହିତ ମାଟିର ସ୍ୱାସ୍ଥ୍ୟକୁ ଉନ୍ନତ କରିବା ଏବଂ ପାରମ୍ପରିକ ଭାବରେ ସେହି ଅଞ୍ଚଳରେ ଫସଲ ଘନତାକୁ (Cropping Intensity)କୁ ବୃଦ୍ଧି କରିଥାଏ। ରାଜ୍ୟରେ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା CRFM ୨୦୨୪-୨୫ରେ ପ୍ରାୟ ୧୧ ଲକ୍ଷ ଏକର ଜମିରେ କାର୍ଯ୍ୟକାରୀ କରାଯାଇଛି। ଏହି ପଦ୍ଧତିକୁ କୃଷି ଉତ୍ପାଦକତା ବୃଦ୍ଧି କରିବା, ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଗ୍ରାମୀଣ ଜୀବିକାକୁ ଉନ୍ନତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରୂପେ ବିବେଚନା କରାଯାଇପାରେ।

ପୂର୍ବଭାରତର ଅନ୍ୟ ରାଜ୍ୟମାନଙ୍କ ସହ ଓଡ଼ିଶାରେ ଖରିଫ ଋତୁରେ ମୁଖ୍ୟତଃ ଧାନ ଚାଷ କରାଯାଏ ଏବଂ ରବି ଋତୁରେ ବ୍ୟାପକ ଅଞ୍ଚଳ ପଡ଼ିଆ ପଡ଼ିଯାଏ। ଏହି ଅଞ୍ଚଳଗୁଡ଼ିକରେ, ବିଭିନ୍ନ ପରିବେଶଗତ ଏବଂ ସାମାଜିକ-ଅର୍ଥନୈତିକ କାରଣ ଯୋଗୁ ଧାନ ପରେ ଦ୍ୱିତୀୟ ଫସଲ ଚାଷକୁ ସୀମିତ କରିଥାଏ, ଯଥା ସୀମିତ ଜଳସେଚନ ସୁବିଧା, ଅପର୍ଯ୍ୟାପ୍ତ ମୃତ୍ତିକା ଆର୍ଦ୍ରତା ସ୍ତର, ମାଟିର ନିମ୍ନ ଉର୍ବରତା ଏବଂ କ୍ଷୁଦ୍ର ଚାଷୀମାନଙ୍କର ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ସମ୍ମୁଖୀନ ହେବାର କମ୍ କ୍ଷମତା ଇତ୍ୟାଦି ଦ୍ୱାରା ପ୍ରଭାବିତ ହୋଇଥାଏ। ଜଳବାୟୁ ପରିବର୍ତ୍ତନ ସମସ୍ୟା ମଧ୍ୟରେ, ଫସଲ ଘନତାକୁ ବ୍ୟାପକ କରି ସୀମିତ ଜମିରୁ ବର୍ଦ୍ଧିତ ଖାଦ୍ୟ ଚାହିଦା ପୂରଣ କରିବା ପାଇଁ ଏକ ସ୍ଥାୟୀ ପଦ୍ଧତି ପ୍ରସ୍ତୁତ କରିବା ସହ ପ୍ରାକୃତିକ ପରିସଂସ୍ଥାନ ଉପରେ ଚାପ ହ୍ରାସ କରି ପରିବେଶଗତ ବିପଦକୁ ହ୍ରାସ କରିବାରେ



ଅରବିନ୍ଦ କୁମାର ପାଢ଼ୀ

ଏହି ଯୋଜନା ସାହାଯ୍ୟ କରେ। ଏହି ଯୋଜନାରେ ମରୁଡ଼ି-ସହନଶୀଳ ଫସଲ କିସମ ଏବଂ ସ୍ଥାୟୀ ଜଳ ପରିଚାଳନା ଭଳି ଜଳବାୟୁ ଅନୁକୂଳ କୃଷିକୁ ଅବଲମ୍ବନ କରାଯାଏ, ଯାହା ଉକ୍ତ ଜମିରେ ଦୀର୍ଘକାଳୀନ ଉତ୍ପାଦକତା ବଜାୟ ରଖିବାରେ ସାହାଯ୍ୟ କରେ। ଉଦାହରଣ ସ୍ୱରୂପ, ଫସଲ ପୁନରାବର୍ତ୍ତନରେ ଡାଲି ଜାତୀୟ ଫସଲକୁ ସାମିଲ କରିବା ଦ୍ୱାରା ଯବକ୍ଷାରଜାନ ସଂଯୁକ୍ତି କରି ମାଟି ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ।

ଅନିୟମିତ କିମ୍ବା କମ୍ ବର୍ଷା, ଅପର୍ଯ୍ୟାପ୍ତ ଅବଶିଷ୍ଟ ଆର୍ଦ୍ରତା ଏବଂ ବିଳମ୍ବ ଧାନ କିସମର ବ୍ୟବହାର ଯୋଗୁ ଧାନ ପରବର୍ତ୍ତୀ ଜମିରେ ରବି ଫସଲ ଚାଷ କରିବାର ସମ୍ଭାବନା ସୀମିତ ହୋଇଥାଏ। ଏହି ପଦ୍ଧତିର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଏବଂ ଏହାର ବହୁଳ ପ୍ରଚଳନ ତଥା କାର୍ଯ୍ୟାନ୍ୱୟନ ପାଇଁ ଏହି ଯୋଜନାର ମୂଲ୍ୟାୟନ କରିବା ଅତ୍ୟନ୍ତ ଜରୁରୀ ଥିଲା।

ଏ ସଂକ୍ରାନ୍ତରେ ଓଡ଼ିଶା ସରକାର ଏବଂ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ (IFPRI) ମିଳିତ ଭାବେ ରାଜ୍ୟରେ ଏହି ଯୋଜନାର ଏକ ମହତ୍ତ୍ୱାକାଂକ୍ଷୀ ମୂଲ୍ୟାୟନ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାରେ ପ୍ରଭାବ ମୂଲ୍ୟାୟନ ପଦ୍ଧତି, ସାଟେଲାଇଟ ରିମୋଟ ସେନ୍ସିଂ ତଥ୍ୟ, ଭୂମି ବ୍ୟବହାର ପଦ୍ଧତି, ପୁନଃ ପୁନଃ ପଦ୍ଧତିକୁ ଆପଣେଇବା ଏବଂ ଐତିହାସିକ ତଥ୍ୟ ବିଶ୍ଳେଷଣ ଭଳି ମୂଲ୍ୟାୟନ ଶୈଳୀର ବ୍ୟବହାର କରାଯାଇଛି। ରିମୋଟ ସେନ୍ସିଂ ବିଶ୍ଳେଷଣ ଆଧାରରେ ବର୍ଷତମାମ ଏବଂ କ୍ଷଣସ୍ଥାୟୀ ଧାନ ପଡ଼ିଆ ଜମି ଉଭୟର ବ୍ୟବହାର ବିଶ୍ଳେଷଣ କରାଯାଇଥିଲା। ପୂର୍ବ ଭାରତର ଅନ୍ୟ ଅଞ୍ଚଳ ତୁଳନାରେ ଓଡ଼ିଶାରେ ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ଚାଷ କରାଯାଇଥିଲା। ପଡ଼ିଆ ଜମିର ପରିଚାଳନା ପରେ ଦେଖାଯାଇଛି, ଓଡ଼ିଶାରେ ହରଡ, ବିରି, ମୁଗ, ମସୁର, ରାଶି ଏବଂ ସୋରିଷ ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି।

ଏହି ମୂଲ୍ୟାୟନରେ ପଡ଼ିଆ ପଡ଼ି ରହୁଥିବାର ବିଭିନ୍ନ କାରଣଗୁଡ଼ିକ ଯେପରି କି ମାଟିର ଆର୍ଦ୍ରତା ଏବଂ ଭୂମିର ବିଭିନ୍ନ ପ୍ରକାରର ଅନୁଧାନ କରାଯାଇଥିଲା। ଧାନ ପରବର୍ତ୍ତୀ ପଡ଼ିଆ ଜମିର ବ୍ୟବହାର, ଡାଲି ଓ ତୈଳବୀଜ ଉତ୍ପାଦନ ଏବଂ ଅମଳ ଉପରେ ପ୍ରଭାବ ଏ ସବୁ ଦିଗରେ ଏହି ମୂଲ୍ୟାୟନରେ ଧ୍ୟାନ ଦିଆଯାଇଛି। ଡାଲି ଏବଂ ତୈଳବୀଜ ଫସଲର ଚାଷ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ଦୁଇଟି ଫସଲ ଚାଷରେ ଆଞ୍ଚଳିକ ଏବଂ ଜାତୀୟ ସ୍ତରରେ ଆମ ରାଜ୍ୟ ପଛରେ ଅଛି। ବର୍ତ୍ତମାନ, ରାଜ୍ୟ ଚାଉଳ ଉତ୍ପାଦନରେ ବଳକା କିନ୍ତୁ ଡାଲି ଏବଂ ତୈଳବୀଜ ଫସଲ ଉତ୍ପାଦନରେ ପଛୁଆ ଅଛି।

ଧାନ ଅମଳ ପରବର୍ତ୍ତୀ ଫସଲ ଚାଷର ବ୍ୟାପକତାର ସୂଚକ ପ୍ରମାଣ ଏହା ଯେ, ଓଡ଼ିଶାରେ ହରଡ, ମଟର, ମସୁର ଏବଂ ସୋରିଷ ସମେତ ପ୍ରମୁଖ ଫସଲରେ ଉଲ୍ଲେଖନୀୟ ଅମଳ ବୃଦ୍ଧି ଦେଖାଯାଇଛି। ଏହି ଯୋଜନାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ, ବିଭିନ୍ନ ଅଞ୍ଚଳ ଓ ଫସଲ ବାଛିବାରେ ସମ୍ବଳ ବଣ୍ଟନକୁ ଆହୁରି ସମଯୋଚିତ କିମ୍ବା ସମ୍ବଳର ପୁନଃବଣ୍ଟନ କରିବାର ଆବଶ୍ୟକତା ପଡ଼ିପାରେ। ଏଥିପାଇଁ ଆଞ୍ଚଳିକ ଆବଶ୍ୟକତାକୁ ବିଶ୍ଳେଷଣ କରି ଅଧିକ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ନେବାକୁ ହେବ।

ଏହା ବ୍ୟତୀତ, ଉତ୍ପାଦିତ ଡାଲି ଓ ତୈଳବୀଜ ଫସଲର ଉପଯୁକ୍ତ ବଜାରୀକରଣ ପାଇଁ ଚେଷ୍ଟା କରାଯିବ। ଏକ ବିସ୍ତୃତ ବଜାର ବିଶ୍ଳେଷଣ ଦ୍ୱାରା ନିର୍ଦ୍ଦିଷ୍ଟ ଫସଲର ବହୁଳ ଚାହିଦା ଥିବା ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ ମିଳିପାରିବ, ଯାହା ଚାଷୀମାନଙ୍କୁ ଏହି ଆଦାୟର ପ୍ରକ୍ରିୟାକରଣ ଦ୍ୱାରା ମୂଲ୍ୟଯୁକ୍ତ ସୁଯୋଗର ଲାଭ ଉଠାଇବାକୁ ସାହାଯ୍ୟ କରିବ। ଏ ସବୁକୁ ଆଖି ଆଗରେ ରଖି ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନାର ଏକ ସମନ୍ୱିତ ପରିବେଶଗତ, ଜୀବିକା ଏବଂ ଆର୍ଥିକ ମୂଲ୍ୟାୟନ ହେବା ଜରୁରୀ।

ଡିଜିଟାଇଜେସନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଏବଂ ଏଭଳି କାର୍ଯ୍ୟକ୍ରମର ମୂଲ୍ୟାୟନ ପ୍ରାପ୍ତ ହୋଇଥିବା ସୂଚନା ଓ ଏହାର ଫଳାଫଳଗୁଡ଼ିକୁ ତଦାରଖ ସହ ଦୃଢ଼ ତଥ୍ୟ ପ୍ରଣାଳୀ ଆଧାରରେ କୃଷି ବିକାଶର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଏ। କୃଷକ ଓଡ଼ିଶା ଏବଂ ADAPT ପୋର୍ଟାଲର ସମନ୍ୱୟ ଫଳରେ ଟ୍ରାକିଂ ବ୍ୟବସ୍ଥା ଭୂସ୍ଥାନିକ ମ୍ୟାପିଂ ଏବଂ ରିମୋଟ ସେନ୍ସିଂ ଏଭଳି ବୈଷୟିକ ଜ୍ଞାନ କୌଶଳ ଯୋଜନାର ସଠିକତା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥାଏ। ଏକ ଦୃଢ଼ ତଦାରଖ ଏବଂ ମୂଲ୍ୟାୟନ ପ୍ରଣାଳୀ ମାଧ୍ୟମରେ ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା (CRFM)ର ସ୍ୱଳ୍ପକାଳୀନ ଏବଂ ଦୀର୍ଘକାଳୀନ କାର୍ଯ୍ୟଦକ୍ଷତା ଉଭୟକୁ ମାପିହେବ ନିଶ୍ଚୟ।

**ଲେଖକଙ୍କ ନିଜସ୍ୱ ମତ**


- **ଡ. ଅରବିନ୍ଦ କୁମାର ପାଢୀ, ଆଇ.ଏ.ଏସ, ପ୍ରମୁଖ ଶାସନ ସଚିବ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ**
- **ଡ. ମମତା ପ୍ରଧାନ ଏବଂ ଡ. ଦେବେଶ ରୟ, ଗବେଷକ, IFPRI**


# ୯୫୩୭ ଜମାକାରୀ ପାଇବେ ୨୦ କୋଟି ୯୬ ଲକ୍ଷ

## ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୨୮।୪(ସୁନିତ୍ ମିଶ୍ର)

ଓଡ଼ିଶାରେ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବକ୍ତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ସୋମବାର ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀମାନଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ସମୁଦାୟ ୯,୫୩୭ ଜଣ ଜମାକାରୀ ୨୦ କୋଟି ୯୬ ଲକ୍ଷ ଟଙ୍କା ଫେରସ୍ତ ପାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ଲୋକସେବା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ୧୧୭ ଜଣ ଜମାକାରୀଙ୍କ ୨ କୋଟି ୮୦ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରତୀକାତ୍ମକ ଭାବେ ୯ ଜଣ ଜମାକାରୀଙ୍କୁ ଚେକ୍ ପ୍ରଦାନକରି ଅର୍ଥ ଫେରସ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘଦିନର ପରିଚାଳନାଗତ ତ୍ରୁଟି ଯୋଗୁ ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଆର୍ଥିକ ପରିସ୍ଥିତି ଖରାପ ହୋଇଯାଇଥିଲା। ୨୦୧୫ରେ ବ୍ୟାଙ୍କ ବନ୍ଦ ହେବା ବେଳକୁ ୧୧, ୬୭୩ ଜଣ ଜମାକାରୀଙ୍କ ୩୩ କୋଟି ୮୭ ଲକ୍ଷ ଟଙ୍କା ଫେରସ୍ତ ହେବାର ଥିଲା। ଇତିମଧ୍ୟରେ ୨୭୦୯ ଜଣ ଜମାକାରୀଙ୍କ ମୋଟ ୧୨ କୋଟି ୭୮ ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଥିବା ଜମାକାରୀ ସେମାନଙ୍କ ଅର୍ଥ ଫେରସ୍ତ ପାଇପାରି ନ ଥିଲେ। ଭାଜପା ସରକାରରେ ମୁଖ୍ୟମନ୍ତ୍ରୀ ଏହି ଜମାକାରୀଙ୍କ ଅର୍ଥ ଫେରସ୍ତ ପାଇଁ ନିଷ୍ପତ୍ତି ନେଇଥିଲେ। ଏହାସହ ଢେଙ୍କାନାଳ, ଛତ୍ରପୁର, ଆସ୍କା ଓ ଭଞ୍ଜନଗର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କଗୁଡ଼ିକର ଜମାକାରୀଙ୍କ ଅର୍ଥ ମଧ୍ୟ ଫେରସ୍ତ କରାଯିବ। ଏହି ୪ଟି ବ୍ୟାଙ୍କର ୧୭, ୮୫୯ ଜଣ ଜମାକାରୀଙ୍କୁ ୬ କୋଟିରୁ ଅଧିକ ଟଙ୍କା ଫେରସ୍ତ କରାଯିବ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୩୬ ସୁଦ୍ଧା ରାଜ୍ୟର ସମସ୍ତ କୃଷକଙ୍କୁ ସମବାୟ ସହ ଯୋଡ଼ିବା ଆମର ଲକ୍ଷ୍ୟ। ଏଥିପାଇଁ ରାଜ୍ୟର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ପାକ୍ସ/ଲ୍ୟାମ୍ପସ୍ ଗଠନ କରାଯିବା ଲକ୍ଷ୍ୟ ରହିଛି। ରାଜ୍ୟରେ ୨୭୧୧ଟି ପାକ୍ସ ଥିବାବେଳେ ବର୍ତ୍ତମାନ ଆଉ ୧୫୪୨ଟି ନୂଆ ପାକ୍ସ ଗଠନ କରାଯାଇଛି। ନୂଆ ପାକ୍ସଗୁଡ଼ିକୁ ୫ ଲକ୍ଷ ଟଙ୍କା ଲେଖାଏ ସିଡ୍ ମନି ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ଶୁଭ ଅକ୍ଷୟ ତୃତୀୟା
BIS Halmark 916 Gold Making Charges
FLAT ₹550/- per gm
Offer Valid till 29th April to 5th May 2025
MAKING CHARGES FREE ON SILVER ITEMS
LOKANATH JEWELLERY
150 (A), Ashok Nagar, Rajmahal Square, Bhubaneswar, Ph.: 0674-2530563
Condition apply

For Occasion of Akshaya Tritiya
SMILE GOLD JEWELLERS
GOLD | DIAMOND | SILVER | GEMSTONE | WATCHES
OFFER STARTED FROM 30TH APRIL
Making Charges 599/- FLAT on Gold
Making FLAT 50% OFF ON SILVER ORNAMENTS
MINIMUM 25,000/- PURCHASE GATE A COUPON
Flat 25% OFF ON DIAMOND ORNAMENTS
Flat 25% OFF ON BRANDED WATCHES
Flat 25% OFF ON FRAME ITEMS
WARDWIZ BUMPER LUCKY DRAW
*Consolation Prize on every purchase
Plot No. 838, Fancy Market, Saheed Nagar, Bhubaneswar - 751007, Ph.: 0674- 2969696 / 2969797 Mob.: 9438019696 / 9438029797



MINISTRY OF EDUCATION Government of India
सत्यमेव जयते
WADHWANI FOUNDATION

ବିକଶିତ ଭାରତ @ ୨୦୪୭ ନିମନ୍ତେ ଶିକ୍ଷା, ଶିଳ୍ପଜଗତ ଓ ନବପ୍ରବର୍ତ୍ତକମାନଙ୍କୁ ଏକଜୁଟ କରିବା ପାଇଁ ଆୟୋଜିତ ହେଉଛି

YUGM ଯୁଗମ
ଇନୋଭେସନ୍ କନ୍‌କ୍ଲେଭ୍
29 April 2025
ଭାରତ ମଣ୍ଡପମ୍, ନୂଆଦିଲ୍ଲୀ
ପୂର୍ବାହ୍ନ ୧୧ ଘଟିକା ପରଠାରୁ



ମୁଖ୍ୟ ଅତିଥି
ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

₹୧୪୦୦ କୋଟିରୁ ଅଧିକ ମିଳିତ ନିବେଶ ସହ ଗବେଷଣା ଏବଂ ଅଭିନବତାକୁ ସୁଦୃଢ଼ କରିବା ପାଇଁ ଏମ୍‌ଓୟୁ ବିନିମୟ

ମୋଦୀ ସରକାର ନିମ୍ନଲିଖିତ ପଦକ୍ଷେପ ସହ ରାଷ୍ଟ୍ରବ୍ୟାପୀ ଏକ ସୁଦୃଢ଼ ଗବେଷଣା ଏବଂ ଅଭିନବତା ପରିବେଶ ଗଠନ କରିବା ପାଇଁ ପ୍ରୟାସରତ:
- ଏଆଇ ଉତ୍କର୍ଷ କେନ୍ଦ୍ର
- ଅନୁସନ୍ଧାନ ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେସନ୍ (ଏଏନ୍‌ଆର୍‌ଏଫ୍)
- ପ୍ରଧାନମନ୍ତ୍ରୀ ରିସର୍ଚ୍ଚ ଫେଲୋଶିପ୍ (ପିଏମ୍‌ଆର୍‌ଏଫ୍)
- ରିସର୍ଚ୍ଚ ପାର୍କସ୍
- ୱାନ୍ ନେଶନ୍ ୱାନ୍ ସବ୍‌ସ୍କ୍ରିପ୍‌ସନ୍ (ଓଏନ୍‌ଓଏସ୍)
- ଗବେଷଣା ବିକାଶ ଏବଂ ଅଭିନବତା (ଆର୍‌ଡିଆଇ) ପାଣ୍ଠି ପାଇଁ ୧ ଲକ୍ଷ କୋଟି ଟଙ୍କା

ଡିଡି ନ୍ୟୁଜରେ ସିଧା ପ୍ରସାରଣ
CBC 21201/13/0005/2526

# ଉତ୍କଳ ଟନେରି ସ୍ମୃତିରେ କୀର୍ତ୍ତିସ୍ତମ୍ଭ ସ୍ଥାପନ ହେବ: ମୁଖ୍ୟମନ୍ତ୍ରୀ

## ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ଭୁବନେଶ୍ୱର, ୨୮।୪ (ସୌମ୍ୟରଞ୍ଜନ ରାଉତ):

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୋମବାର ସୂଚନା ଭବନଠାରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ, ମଧୁବାବୁ ଥିଲେ ସବୁ କ୍ଷେତ୍ରରେ ପ୍ରଥମ। ଓଡ଼ିଶାରେ ଏକ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଆ ଜାତିର ସ୍ୱାର୍ଥ ଓ ସ୍ୱାଭିମାନ ରକ୍ଷା କରିବା ପାଇଁ ସେ ସାରା ଜୀବନ ସଂଗ୍ରାମ କରିଥିଲେ। ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, କୁଟୀର ଶିଳ୍ପର ବିକାଶ ସହିତ କୃଷି, ବାଣିଜ୍ୟ, ଶିକ୍ଷା, ସଂସ୍କୃତି ଆଦି ସବୁ କ୍ଷେତ୍ରରେ ନୂତନ ଜାଗରଣ ସୃଷ୍ଟି କରିବା ପାଇଁ ଉତ୍କଳ ସମ୍ମିଳନୀ ଥିଲା ତାଙ୍କ ପାଇଁ ସବୁଠାରୁ ବଡ଼ ପ୍ଲାଟ୍‌ଫର୍ମ। ରାଜ୍ୟ ସରକାର ଉତ୍କଳ ଦିବସକୁ ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁରରେ ପାଳନ କରି ପୂଜ୍ୟପୂଜା ପରମ୍ପରାକୁ ଏକ ନୂଆ ସ୍ତରକୁ ଆଣିଛନ୍ତି। ମଧୁବାବୁଙ୍କ ଜନ୍ମପୀଠକୁ ଓଡ଼ିଆ ଜାତୀୟତାର କେନ୍ଦ୍ରସ୍ଥଳ ଭାବେ ବିକଶିତ କରିବା ପାଇଁ କାମ ଆରମ୍ଭ ହୋଇଛି। ଜନ୍ମପୀଠର ବିକାଶ ପାଇଁ ୨୧ କୋଟି ଟଙ୍କା ବିନିଯୋଗରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ଚାଲିଛି। ସ୍ମୃତିପୀଠ ଓ ଜନ୍ମପୀଠର ବିକାଶ ପାଇଁ ଆହୁରି ଅଧିକ ଟଙ୍କା ବିନିଯୋଗ କରାଯିବ। ଏଥିପାଇଁ ଆଉଥରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ମଧୁବାବୁଙ୍କ ସ୍ମୃତି ସହିତ ଜଡ଼ିତ ଉତ୍କଳ ଟନେରୀକୁ ଏକ କୀର୍ତ୍ତିସ୍ତମ୍ଭ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଦାଶ ବେନହୁର ଯୋଗଦେଇ କହିଲେ, ମଧୁବାବୁଙ୍କୁ ସ୍ମରଣ କରିବା ଅର୍ଥ ହେଉଛି ଓଡିଆ ଅସ୍ମିତା ଜାଗରଣକୁ ସ୍ମରଣ କରିବା। ଓଡିଆ ମାଟିରେ ଜନ୍ମ ନେଇଥିବା ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ ହେଉଛନ୍ତି ଉତ୍କଳଗୌରବ ମଧୁସୂଦନ। ଓଡିଆ ଅସ୍ତିତ୍ୱ ରକ୍ଷା ପାଇଁ ସେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇଥିଲେ। ଅନ୍ୟତମ ଅତିଥି ତଥା ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେଶନର ଉପଦେଷ୍ଟା ଗୋଲକ ପ୍ରସାଦ ମହାପାତ୍ର କହିଲେ, ମଧୁବାବୁଙ୍କ ଜୀବନ ବୃତ୍ତାନ୍ତ ଏବଂ ଓଡିଶା ପାଇଁ ଅବଦାନ ଅବିସ୍ମରଣୀୟ। ଓଡିଆ ଜାତିର ଉତ୍ଥାନ ପାଇଁ ସେ ସର୍ବଦା ଲଢେଇ ଜାରି ରଖିଥିଲେ। ଆଜି ଆମେ ଯଦି ଓଡିଆ ଜାତି, ଭାଷା, ସାହିତ୍ୟ ଓ ଅସ୍ମିତାକୁ ସୁରକ୍ଷିତ ରଖିପାରିବା ତେବେ ତାହା ହେବ ମଧୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଏକାମ୍ର ବିଧାୟକ ବାବୁ ସିଂ କହିଲେ, ଆମ ସରକାର ମଧୁବାବୁଙ୍କ କୀର୍ତ୍ତି ଓ ଅସ୍ମିତାକୁ ଆଗାମୀ ପିଢି ପାଖରେ ପହଞ୍ଚାଇବା ପାଇଁ ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଲାବଣ୍ୟ ଥିଏଟର ପକ୍ଷରୁ ମଧୁବାବୁଙ୍କ ଅବଦାନ ସମ୍ପର୍କିତ ନାଟକ 'ନିଶୀଥ ସୂର୍ଯ୍ୟ' ପରିବେଷଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କଳାକାର ଓ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦେବ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାକାର ଓ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତଘ କରୁଛନ୍ତି ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅର୍ଜୁନ


@ ଅଶୋକ


@ ବର୍ଷା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମୀକ୍ଷା ବୈଠକରେ କଟିଗଲା ଲାଇଟ, ଚାଲିଲାନି ଜେନେରେଟର


ସମୀକ୍ଷା ବୈଠକରେ ଅନ୍ଧାରରେ ବସିଥିବା ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ।

ନିଶ୍ଚିନ୍ତକୋଇଲି, ୨୮।୪ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ପରିସରରେ ଥିବା ସମ୍ମିଳନୀ କକ୍ଷରେ କଟକ ସଦର ବିଧାୟକ ଇଂ.ପ୍ରକାଶ ସେଠୀ ୧୪ ପଞ୍ଚାୟତର ସୋମବାର ସମୀକ୍ଷା ବୈଠକ କରିଥିଲେ। ବୈଠକ ଆରମ୍ଭର କିଛି ସମୟ ପରେ ହଠାତ୍ ଲାଇନ କଟିଯାଇଥିଲା। ଏହି ସମୟରେ ବ୍ଲକର ଜେନେରେଟର ନ ଚାଲିବାରୁ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଅନ୍ଧାରରେ ବସିବାକୁ ବାଧ ହୋଇଥିଲେ।

ବିଧାୟକ ସେଠୀ ବ୍ଲକରେ ହୋଇଥିବା ବିଭିନ୍ନ ଉନୟନମୂଳକ କାର୍ଯ୍ୟ ପାଇଁ ସମୀକ୍ଷା କରିଥିଲେ। ଏଥିସହ ପଞ୍ଚାୟତର ନିର୍ବାଚିତ ଲୋକପ୍ରତିନିଧିମାନଙ୍କ ବିଭିନ୍ନ ପ୍ରସ୍ତାବକୁ କ୍ରିୟାଶୀଳ କରାଇବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏମଜିଏନ୍‌ଆରଇଜିଏସ୍, ପାର୍କ ଓ ମଣ୍ଡପ ସମେତ ବହୁ ଜନକଲ୍ୟାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକସ୍ଥଳେ ବିଧାୟକ ପାଣ୍ଠି ଦିଆଯିବ ବୋଲି ସେ ପ୍ରସ୍ତାବ ଦେଇଥିଲେ। ବନ୍ଧୁପୁର, କଳମିଶ୍ରୀ, ଜନାର୍ଦ୍ଦନପୁର ପ୍ରମୁଖ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଗତିଶୀଳ ଓ କ୍ରିୟାଶୀଳ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଏମ୍‌ପିଙ୍କ ପ୍ରତିନିଧି ମଳୟ ଘଡେଇ, କଟକ ଡିଆରଡିଏ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ନାୟକ,ବିଡିଓ ଦ୍ୱିବ୍ୟେନ୍ଦୁ ଦାସଙ୍କ ସମେତ ବ୍ଲକର ଯନ୍ତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ତେବେ ସମୀକ୍ଷା ବୈଠକ ପୂର୍ବରୁ ବିଦ୍ୟୁତକାଟ ହେବା, ଜେନେରେଟର ନ ଚାଲିବା ଘଟଣାକୁ ନେଇ ବିଧାୟକଙ୍କ ସହ ଆସିଥିବା ଭାଜପା କର୍ମୀମାନେ ଦୃଢ ବିରୋଧ କରିଥିଲେ। ଏପିରିକି ସମୀକ୍ଷା ହେଉଥିବା କକ୍ଷକୁ ଯାଇ ବିଡିଓଙ୍କ ବଦଳି ଦାବି କରିଥିଲେ। ଏଥିସହ ଏହାର ବିଧିବଦ୍ଧ ତଦନ୍ତ କରିବାକୁ ବିଧାୟକଙ୍କୁ କହିଥିଲେ। ଏହି ଘଟଣାକୁ ନେଇ ବ୍ଲକ ପରିସରରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏସମ୍ପର୍କରେ ବିଡିଓ ଦାସ କୁହନ୍ତି, ବିଦ୍ୟୁତ କଟିଯାଇଥିଲା। ଜେନେରେଟର ଚଲାଇବା ବ୍ୟକ୍ତିଙ୍କର ଅସୁବିଧା ଥିବାରୁ ଏହା ଚାଲିପାରି ନ ଥିଲା। ଏନେଇ ପରେ ବିଡିଓଙ୍କ କାର୍ଯ୍ୟାଳୟରେ ଲୋକ ପ୍ରତିନିଧି ଓ ବିଧାୟକଙ୍କ ସହିତ ବିଶଦ ଆଲୋଚନା ହୋଇଛି।

# ଜନଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ କଡ଼ା ଆଭିମୁଖ୍ୟ

ନିଶ୍ଚିନ୍ତକୋଇଲି, ୨୮।୪ (ଅଶୋକ କୁମାର ମହାପାତ୍ର):

## ୧୮୪ ଅଭିଯୋଗ ପଞ୍ଜୀକୃତ

କଟକ ଜିଲା ମାହାଙ୍ଗା ବ୍ଲକରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଦତ୍ତାତ୍ରୟୋ ଭାଓ ସାହେବ ସିନ୍ଧେ ଯୋଗଦେଇ ୧୮୪ ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୭୧ ବ୍ୟକ୍ତିଗତ ଓ ୧୧୩ ଗୋଷ୍ଠୀଗତ ଅଭିଯୋଗ ଥିଲା। ତେବେ ଉନୟନମୂଳକ କାର୍ଯ୍ୟ କରି ନିଜ ପ୍ରାପ୍ୟ ପାଇ ନ ଥିବା ନେଇ ବହୁ ଅଭିଯୋଗ ହେବା ପରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସ୍ପଷ୍ଟିକରଣ ଜିଲାପାଳ ମାଗିଥିଲେ। ଜନ ଅଭିଯୋଗ ଶୁଣାଣିରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁପସ୍ଥିତ ରହିବା ଓ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଆବଶ୍ୟକୀୟ କାଗଜପତ୍ର ଜିଲାପାଳଙ୍କୁ ନ ଦେବାରୁ ୨ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ସିନ୍ଧେ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଜିଲା ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ ନାୟକ କହିଛନ୍ତି, ଜିଲାପାଳଙ୍କ ଆଦେଶ ଅନୁସାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ମୋନାଲିସା ମଲିକ ଓ କନିଷ୍ଠ ଯନ୍ତ୍ରୀ ସୁବାଷ ଜେନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ବ୍ଲକରେ କିଛି ଦିନ ହେବ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିଙ୍କ ମଧରେ ଶୀତଳ ଯୁଦ୍ଧ ଚାଲିଥିଲା ବେଳେ ଉନ୍ନୟନମୂଳକ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଥିଲା। ଏଭଳିସ୍ଥିତିରେ ଜିଲାପାଳଙ୍କ କଡା ଆଭିମୁଖ୍ୟକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।


ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

# ମୃତ ଡ୍ରାଇଭର ସଂଘର ସଦସ୍ୟଙ୍କୁ ସରକାରୀ ସହାୟତା

ତିଗିରିଆ,୨୮।୪(ଜାଫର ଖାଁ):

ତିଗିରିଆ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଗତ ଆର୍ଥିକ ବର୍ଷରେ ମୃତ୍ୟୁବରଣ କରିଥିବା ବ୍ଲକ ଡ୍ରାଇଭର ମହାସଂଘର ସଦସ୍ୟଙ୍କୁ ରାଜ୍ୟ ଡ୍ରାଇଭର ମହାସଂଘର କର୍ମକର୍ତ୍ତାଙ୍କ ପ୍ରଚେଷ୍ଟାରେ ସରକାରୀସ୍ତରରେ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏନେଇ ବ୍ଲକ ଡ୍ରାଇଭର ମହାସଂଘର ସଭାପତି ମନୋଜ କୁମାର ଭୁଜବଳ ସୂଚନା ଦେଇଛନ୍ତି।

ଭୁଜବଳଙ୍କ ସୂଚନା ଅନୁଯାୟୀ, ସ୍ୱାଭାବିକ ମୃତ୍ୟୁବରଣ କରିଥିବା ବଡନାଉପୁଟ ପଞ୍ଚାୟତର ସଦସ୍ୟ ପ୍ରହ୍ଲାଦ ଛାଟୋଇ, ଅଚଳକୋଟ ପଞ୍ଚାୟତର ସନ୍ତୋଷ ମହାନ୍ତି, ଭିରୁଡ଼ାର ପବିତ୍ର ମୋହନ କାଠ ଓ ମନୋରଞ୍ଜନ ଘଡେଇଙ୍କୁ ୨ଲକ୍ଷ ଟଙ୍କା ଲେଖାଏଁ ଓ ଦୁର୍ଘଟଣାରେ ପ୍ରାଣ ହରାଇଥିବା ନିଜିଗଡ଼ର ସୁଧୀର ପରିଡ଼ାଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଏନେଇ ତିଗିରିଆ ଡ୍ରାଇଭର ମହାସଂଘ ପକ୍ଷରୁ ରାଜ୍ୟ ସରକାର ଓ ରାଜ୍ୟ ଡ୍ରାଇଭର ମହାସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜ୍ଞାପନ କରାଯାଇଛି।

# ବିରୂପା ମହୋତ୍ସବ

ସାଲେପୁର,୨୮।୪(ଅରବିନ୍ଦ ଭୂୟାଁ):

ସାମାଜିକ, ମାନବ ସେବା ଓ ଜ୍ଞାନ ପାଇଁ ମଧୁବାବୁ ଖାଲି ଓଡ଼ିଶାରେ ନୁହେଁ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି ବିରୂପା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଏବଂ ବିଜୟାନନ୍ଦ ଯୁବ ପରିଷଦ ପକ୍ଷରୁ ଗୋପୀନାଥପୁର ହରିଡାପଡ଼ିଆଠାରେ ଏହି ମହୋତ୍ସବ ଆୟୋଜନ କରାଯାଇଛି। ଏହି ସନ୍ଧ୍ୟାରେ ଅନୁଷ୍ଠାନର ମୁଖ୍ୟଉପଦେଷ୍ଟା ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଭାରତୀୟ ପାଣିପାଗ ଗବେଷଣା କେନ୍ଦ୍ର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଯୋଗଦେଇ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ପରି ଆଜିର ଯୁବପିଢ଼ି ତ୍ୟାଗ ଓ ବଳିଦାନର ପ୍ରତୀକ ହୁଅନ୍ତୁ ବୋଲି ମହାପାତ୍ର କହିଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଯୁଗ୍ମ ଆୟୁକ୍ତ ମନୋଜ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସର୍ବୋଚ୍ଚ ନ୍ୟାୟାଳୟ ଅଧିବକ୍ତା ଅବନୀ ସାହୁ, ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।ଅଭିନେତ୍ରୀ ପ୍ରୀତି ଜେନା,ହାସ୍ୟ ଅଭିନେତା ଗୁଡୁ,ନଟରାଜ କଳା ପ୍ରତିଷ୍ଠାନ ଜଗତସିଂହପୁର, ଉତ୍କଳିକା ନୃତ୍ୟ ଅନୁଷ୍ଠାନ ଗଞ୍ଜାମ, ଫିଟ ଆଣ୍ଡ ଫାୟାର ଡ୍ୟାନ୍ସ ଏକାଡେମୀ କେନ୍ଦ୍ରାପଡା କଳାକାରମାନଙ୍କ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲା।

# ମଧୁବାବୁ ଭାଷା ଭିତ୍ତିକ ରାଜ୍ୟ ଗଠନର ମୁଖ୍ୟ ପୁରୋଧା ଥିଲେ

ସାଲେପୁର,୨୮।୪(ଅରବିନ୍ଦ ଭୂୟାଁ):

କଟକ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ମଧୁସୂଦନ ସାଂସ୍କୃତିକ ପରିଷଦ ସତ୍ୟଭାମାପୁର ମିଳିତ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ସମାରୋହ ସୋମବାର ତାଙ୍କ ଜନ୍ମପୀଠ ସତ୍ୟଭାମାପୁରରେ ଅନୁଷ୍ଠିତ ହୋଇଯାଇଛି। ମଧୁସୂଦନ ସାଂସ୍କୃତିକ ପରିଷଦର ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ମୁରାହରି ଶ୍ରୀଚରଣ ଯୋଗଦେଇ ମଧୁବାବୁ ଓଡ଼ିଆ ଜାତି ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ। ମଧୁବାବୁ ଥିଲେ ଓଡ଼ିଆ ଜାତିର ଜନକ, ତାଙ୍କ ମନରେ ଅହଂ ଭାବ ନ ଥିଲା । ତେଣୁ ଆଜିର ଯୁବପିଢ଼ି ଅହଂ ଭାବ ପରିତ୍ୟାଗ କରି ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଦେଶ ଓ ରାଜ୍ୟରେ ବିକାଶ ହୋଇପାରିବ ବୋଲି ମୁଖ୍ୟ ଅତିଥି ଶ୍ରୀଚରଣ କହିଥିଲେ। ମୁଖ୍ୟବକ୍ତାଭାବେ ଡ.ସନ୍ତୋଷ ତ୍ରିପାଠୀ, ବିଶିଷ୍ଟ ଅତିଥିଭାବେ ଜିଲାପାଳ କଟକ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**ତିଗିରିଆ,(ଜାଫର ଖାଁ):** ତିଗିରିଆ ଓକିଲ ସଂଘ ସଭାଗୃହରେ ଆଇନଜୀବୀ ଦିବସ ତଥା ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓକିଲ ସଂଘ ସଭାପତି ଆଇନଜୀବୀ ମଙ୍ଗଳ କୃଷ୍ଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଅକ୍ଷୟ କୁମାର ଦାଶ, ପ୍ରଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଆଦର୍ଶ ଓ ଜାତୀୟତାବାଦ ସମସ୍ତଙ୍କ ପ୍ରେରଣାର ଉତ୍ସ ହେଉ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ରମେଶ ଚନ୍ଦ୍ର ମାଝୀ, ଶରତ ଚନ୍ଦ୍ର ମହାପାତ୍ର, ରଘୁନାଥ ଦାଶ, ତନ୍ମୟ କୁମାର ମିଶ୍ର ପ୍ରମୁଖ ଥିଲେ। ଆଇନଜୀବୀ ସଂଘ ସମ୍ପାଦକ ଶାନ୍ତନୁ କୁମାର ଦାଶ ଏହାକୁ ସଂଯୋଜନା କରିଥିବାବେଳେ ଉପସଭାପତି ରଞ୍ଜନ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

**ବଡ଼ମ୍ବା, (ମାୟାଧର ମଲ୍ଲିକ):** ବଡ଼ମ୍ବା ଓକିଲ ସଂଘ ସଭାଗୃହରେ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓକିଲ ସଂଘ ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନୀଜୀବୀ କୃଷ୍ଣାନନ୍ଦ ମିଶ୍ର, ଦିଲୀପ କୁମାର ସାମନ୍ତ, ସମ୍ପାଦକ ମନୋଜ କୁମାର ପଣ୍ଡା, ସହ ସମ୍ପାଦକ ଗିରିଜା ପ୍ରସାଦ ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରାକ୍ତନ ସଭାପତି ସନ୍ତୋଷ ବେହେରା, ସରକାରୀ ଓକିଲ ପ୍ରସନ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମଧୁବାବୁ ଓକିଲ ସମାଜ ପାଇଁ ପଥପ୍ରଦର୍ଶକ ଥିଲେ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା।

**କଟକ,୨୮।୪(ଶିଳ୍ପା ପ୍ରିୟଦର୍ଶିନୀ):** କଟକ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟରେ ଜିଲା କଂଗ୍ରେସର ପ୍ରାକ୍ତନ ବରିଷ୍ଠ ଉପସଭାପତି ଶିଶିର ରଥଙ୍କ ଅଧକ୍ଷତାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମଧୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମଧୁବାବୁଙ୍କ ଓଡ଼ିଶା ଓ ଓଡ଼ିଆଙ୍କ ପ୍ରତି ବହୁ ଅବଦାନ ରହିଛି । ଏହାସହ ଭାଷା ଭିତ୍ତିକ ରାଜ୍ୟ ଗଠନର ସେ ଥିଲେ ମୁଖ୍ୟ ପୁରୋଧା। ଆଜିର ଯୁବ ସମାଜ ମଧୁବାବୁଙ୍କ ପରି ମାତୃଭୂମି, ମାତୃଭାଷାକୁ ଭଲ ପାଇବା ସହ ସ୍ୱାଭିମାନୀ ହୋଇ ବଞ୍ଚିବାକୁ ବକ୍ତାମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସର ଅନ୍ୟତମ ଉପସଭାପତି ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ବରିଷ୍ଠ ନେତା ରାମଚନ୍ଦ୍ର ଗୋଚ୍ଛାୟତ, କଟକ ନଗର (ଜିଲା)କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ଜିଲା କଂଗ୍ରେସ ସମ୍ପାଦକ ସଚ୍ଚିଦାନନ୍ଦ ରାଉତ, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ପ୍ରାକ୍ତନ କର୍ପୋରେଟର ପ୍ରଶାନ୍ତ ଭୋଇ, ଜିଲା ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ, ଜୟନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ପାଳିତ ହୋଇଯାଇଛି। କଟକ ଗୋରାକବରଠାରେ ଥିବା ମଧୁବାବୁଙ୍କ ସମାଧିପୀଠରେ ପରିଷଦ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବ ସହ କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରିଷଦ ସାଧାରଣ ସମ୍ପାଦକ ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ସ୍ମୃତି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ପ୍ରଫେସର୍ ଡ. ନଟବର ଶତପଥୀ ଯୋଗଦେଇ କହିଥିଲେ ଯେ, ମଧୁବାବୁଙ୍କ ଆଦର୍ଶ ଓ ତ୍ୟାଗପୂତ ଜୀବନ ପ୍ରତ୍ୟେକଟି ଓଡ଼ିଆଙ୍କ ପାଇଁ ଧ୍ୟେୟ ହେବା ଉଚିତ୍। ସେ ଥିଲେ ଯଥାର୍ଥରେ ସ୍ୱାଭିମାନୀ ପୁରୁଷ। ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ଡ. ବାବାଜୀଚରଣ ପଟ୍ଟନାୟକ ଯୋଗଦେଇ କହିଥିଲେ ଯେ, ମଧୁବାବୁ ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ। ମାଟିପ୍ରୀତି, ଭାଷାପ୍ରୀତି ତାଙ୍କ ଜୀବନର ବ୍ରତ ହୋଇଥିଲା। ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ଭାଷା ସୁରକ୍ଷାରେ ତାଙ୍କର ଅବଦାନ ପ୍ରଶଂସନୀୟ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ବଂଶୀଧର ରାଉତ, ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ଚିତ୍ରଶିଳ୍ପୀ ନକୁଳଚନ୍ଦ୍ର ମହାରଣା ଯୋଗଦେଇ ମଧୁବାବୁଙ୍କ ଜୀବନାଦର୍ଶ ଓ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଗୋପୀନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଚିରଞ୍ଜନ ପାଢ଼ୀ, ଗୌତମ କର, ଲକ୍ଷ୍ମୀକାନ୍ତ ମହାପାତ୍ର, ମୀରା ବେଉରା, ଦ୍ୱିପାୟନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ସାଲେପୁରର ସତ୍ୟଭାମାପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଧୁବାବୁଙ୍କ ଫଟୋ ସହ ଅତିଥିମାନେ ।

# ରାଜାଚକ୍ରଙ୍କ ନାଁରେ ହେବ ଅନ୍ତରୀଣ ଚାର୍ଜଶିଟ୍

**ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା**

ଭୁବନେଶ୍ୱର,୨୮।୪ (ସତ୍ୟଜିତ୍ ରାଉତ)

କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ୍ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିଃରେ ବହୁ କୋଟି ଟଙ୍କାର ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ବିଜେଡି ନେତା ସୌମ୍ୟ ଶଙ୍କର ଚକ୍ର ଓରଫ ରାଜା ଚକ୍ରଙ୍କ ନାଁରେ ଅନ୍ତରୀଣ ଚାର୍ଜଶିଟ୍ ହେବ। ରାଜାଙ୍କ ସମେତ ଅନ୍ୟ ସହ-ଅଭିଯୁକ୍ତଙ୍କ ନାଁରେ ମଧ ଅନ୍ତରୀଣ ଚାର୍ଜଶିଟ୍ ଦାଖଲ ହେବ ବୋଲି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୬୦ଟି ବ୍ୟାଙ୍କ ଆକାଉଣ୍ଟ ଓ ବହୁ ସଂଖ୍ୟାରେ କାଗଜପତ୍ରର ଯାଞ୍ଚ ଚାଲିଛି। ଆଉ କିଛି ଲୋକ ଏହି ମାମଲାରେ ତଦନ୍ତ ପରିସରଭୁକ୍ତ ହୋଇପାରନ୍ତି ବୋଲି ସେ କହିଛନ୍ତି।

ପୂର୍ବରୁ ସମବାୟ ସମିତିର ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାଶଙ୍କୁ ଗିରଫ କରାଯାଇଥିଲା। ମାର୍ଚ୍ଚ ୧୩ରେ ରାଜା ଏବଂ ୨୦ ତାରିଖରେ ତାଙ୍କ ଘନିଷ୍ଠ ସହଯୋଗୀ ସୁଶାନ୍ତ ସାମଲ ଗିରଫ ହୋଇଥିଲେ। ଏହି ମାମଲାରେ ଇଓଡବ୍ଲ୍ୟୁ ଅଧିକ ତଥ୍ୟ ପ୍ରମାଣ ଯୋଗାଡ଼ କରିବାକୁ ଛାନଭିନ୍ ଚଳାଇଥିବା ବେଳେ ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିପାରେ ବୋଲି ସୂଚନା ମିଳିଛି।

# ଉତ୍କଳ ଟ୍ୟାନେରୀ ସ୍ମୃତିରେ କୀର୍ତ୍ତିସ୍ତମ୍ଭ ସ୍ଥାପନ ହେବ: ମୁଖ୍ୟମନ୍ତ୍ରୀ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାକାର ଓ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର, ୨୮।୪
(ସୌମ୍ୟରଞ୍ଜନ ରାଉତ)

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୋମବାର ସୂଚନା ଭବନଠାରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ, ମଧୁବାବୁ ଥିଲେ ସବୁ କ୍ଷେତ୍ରରେ ପ୍ରଥମ। ଓଡ଼ିଶାରେ ଏକ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଆ ଜାତିର ସ୍ୱାର୍ଥ ଓ ସ୍ୱାଭିମାନ ରକ୍ଷା କରିବା ପାଇଁ ସେ ସାରା ଜୀବନ ସଂଗ୍ରାମ କରିଥିଲେ। ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, କୁଟୀର ଶିଳ୍ପର ବିକାଶ ସହିତ କୃଷି, ବାଣିଜ୍ୟ, ଶିକ୍ଷା, ସଂସ୍କୃତି ଆଦି ସବୁ କ୍ଷେତ୍ରରେ ନୂତନ ଜାଗରଣ ସୃଷ୍ଟି କରିବା ପାଇଁ ଉତ୍କଳ ସମ୍ମିଳନୀ ଥିଲା ତାଙ୍କ ପାଇଁ ସବୁଠାରୁ ବଡ଼ ପ୍ଲାଟ୍‌ଫର୍ମ। ରାଜ୍ୟ ସରକାର ଉତ୍କଳ ଦିବସକୁ ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁରରେ ପାଳନ କରି ପୂଜ୍ୟପୂଜା ପରମ୍ପରାକୁ ଏକ ନୂଆ ସ୍ତରକୁ ଆଣିଛନ୍ତି। ମଧୁବାବୁଙ୍କ ଜନ୍ମପୀଠକୁ ଓଡ଼ିଆ ଜାତୀୟତାର କେନ୍ଦ୍ରସ୍ଥଳ ଭାବେ ବିକଶିତ କରିବା ପାଇଁ କାମ ଆରମ୍ଭ ହୋଇଛି। ଜନ୍ମପୀଠର ବିକାଶ ପାଇଁ ୨୧ କୋଟି ଟଙ୍କା ବିନିଯୋଗରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ଚାଲିଛି। ସ୍ମୃତିପୀଠ ଓ ଜନ୍ମପୀଠର ବିକାଶ ପାଇଁ ଆହୁରି ଅଧିକ ଟଙ୍କା ବିନିଯୋଗ କରାଯିବ। ଏଥିପାଇଁ ଆଉଥରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ମଧୁବାବୁଙ୍କ ସ୍ମୃତି ସହିତ ଜଡ଼ିତ ଉତ୍କଳ ଟ୍ୟାନେରୀକୁ ଏକ କୀର୍ତ୍ତିସ୍ତମ୍ଭ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଦାଶ ବେନହୁର ଯୋଗଦେଇ କହିଲେ, ମଧୁବାବୁଙ୍କୁ ସ୍ମରଣ କରିବା ଅର୍ଥ ହେଉଛି ଓଡିଆ ଅସ୍ମିତା ଜାଗରଣକୁ ସ୍ମରଣ କରିବା। ଓଡିଆ ମାଟିରେ ଜନ୍ମ ନେଇଥିବା ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ ହେଉଛନ୍ତି

**ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**

ଉତ୍କଳଗୌରବ ମଧୁସୂଦନ। ଓଡିଆ ଅସ୍ତିତ୍ୱ ରକ୍ଷା ପାଇଁ ସେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇଥିଲେ। ଅନ୍ୟତମ ଅତିଥି ତଥା ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେଶନର ଉପଦେଷ୍ଟା ଗୋଲକ ପ୍ରସାଦ ମହାପାତ୍ର କହିଲେ, ମଧୁବାବୁଙ୍କ ଜୀବନ ବୃତ୍ତାନ୍ତ ଏବଂ ଓଡିଶା ପାଇଁ ଅବଦାନ ଅବିସ୍ମରଣୀୟ। ଓଡିଆ ଜାତିର ଉତ୍ଥାନ ପାଇଁ ସେ ସର୍ବଦା ଲଢେଇ ଜାରି ରଖିଥିଲେ। ଆଜି ଆମେ ଯଦି ଓଡିଆ ଜାତି, ଭାଷା, ସାହିତ୍ୟ ଓ ଅସ୍ମିତାକୁ ସୁରକ୍ଷିତ ରଖିପାରିବା ତେବେ ତାହା ହେବ ମଧୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଏକାମ୍ର ବିଧାୟକ ବାବୁ ସିଂ କହିଲେ, ଆମ ସରକାର ମଧୁବାବୁଙ୍କ କୀର୍ତ୍ତି ଓ ଅସ୍ମିତାକୁ ଆଗାମୀ ପିଢି ପାଖରେ ପହଞ୍ଚାଇବା ପାଇଁ ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଏହି ଅବସରରେ ଲାବଣ୍ୟ ଥିଏଟର ପକ୍ଷରୁ ମଧୁବାବୁଙ୍କ ଅବଦାନ ସମ୍ପର୍କିତ ନାଟକ 'ନିଶୀଥ ସୂର୍ଯ୍ୟ' ପରିବେଷଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କଳାକାର ଓ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦେବ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅର୍ଜୁନ


@ ଅଶୋକ


@ ବର୍ଷା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଳକଙ୍କ ପାଇଁ ନିଃଶୁଳ୍କ ଗୁରୁକୁଳ, ଉଚ୍ଚଶିକ୍ଷା ସୁବିଧା

ଭୁବନେଶ୍ୱର, ୨୮।୪ (ବନ୍ଦନା ସେଠୀ)

ଶ୍ରୀ ଜଗନ୍ନାଥ ସ୍ୱାଧ୍ୟାୟ ମଣ୍ଡଳ ପରିଚାଳିତ ଆଦର୍ଶ ଗୁରୁକୁଳରେ ବାଳକସନ୍ତାନଙ୍କ ପାଇଁ ନିଃଶୁଳ୍କ ଗୁରୁକୁଳ ଓ ଉଚ୍ଚଶିକ୍ଷା ସୁବିଧା ଦିଆଯାଉଛି। ସବର୍ଣ୍ଣ ହିନ୍ଦୁ ପରିବାରର ଉପନୟନ ସଂସ୍କାରିତ ହୋଇଥିବା ଓ ୨୦୨୪-୨୫ ଶିକ୍ଷାବର୍ଷର ୫ମ/୮ମ ଏବଂ ୧୦ମ ଉତ୍ତୀର୍ଣ୍ଣ ମେଧାବୀ ବାଳକମାନେ ନିଃଶୁଳ୍କରେ ୭ବର୍ଷ ଅବଧି ରହି ଓଡ଼ିଆ/ଇଂଲିଶ ମାଧ୍ୟମର ସରକାରୀ ଓ ବେସରକାରୀ ବିଦ୍ୟାଳୟ/ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ନେବାର ସୁବିଧା ଲାଭ କରିପାରିବେ। ତେବେ ଯେଉଁ ଆଗ୍ରହୀ ବ୍ୟକ୍ତିଙ୍କ ପୁତ୍ରର ଉପନୟନ ସଂସ୍କାର ହୋଇ ନ ଥିବ ସେମାନେ ଗୁରୁକୁଳରେ ପ୍ରବେଶ ପାଇଁ ଫୋନ୍ ନଂ. ୦୬୭୪-୨୭୪୫୦୩୦/୯୪୩୮୫୬୯୩୫୬ରେ ପୁତ୍ରସନ୍ତାନ ସହ ଉପସ୍ଥିତ ରହିବାକୁ ଗୁରୁକୁଳ ପକ୍ଷରୁ ସୂଚନା ଦିଆଯାଇଛି।

# ଏପ୍ରିଲ ୨୮କୁ 'ଓଡ଼ିଆ ଚଳଚ୍ଚିତ୍ର ଦିବସ' ଘୋଷଣା କରାଯାଉ


ଓଡ଼ିଆ ସିନେମାର ଜନ୍ମଦିନ ପାଳନ ଅବସରରେ ପ୍ରଯୋଜକ, ଅଭିନେତା, ଅଭିନେତ୍ରୀ ଓ ଅନ୍ୟ କଳାକାରମାନେ।

ଭୁବନେଶ୍ୱର, ୨୭।୪
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ସିନେମା ୯୦ ବର୍ଷରେ ପାଦ ଥାପିଛି। ଏହି ଅବସରରେ ପ୍ରେସ କ୍ଲବ୍‌ଠାରେ ସୋମବାର ଆମ ଓଡ଼ିଆ ସିନେମାର ଜନ୍ମଦିନ ପାଳନ ହୋଇଛି। ୧୯୩୬ ଏପ୍ରିଲ ୧ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାର ୨୭ଦିନ ପରେ ଅର୍ଥାତ୍ ଏପ୍ରିଲ ୨୮ରେ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଦ୍ୱାରା ନିର୍ମିତ ଆମ ମାଟିର ଓ ଆମ ଭାଷାର ପ୍ରଥମ ସିନେମା 'ସୀତା ବିବାହ' ପୁରୀର ଲକ୍ଷ୍ମୀ ଟକିଜରେ ମୁକ୍ତିଲାଭ କରିଥିଲା। ତେଣୁ ମୋହନ ସୁନ୍ଦରଙ୍କୁ ଓଡ଼ିଆ ସିନେମାର ଜନକ ବୋଲି କୁହାଯାଏ। ଆଉ ୧୦ବର୍ଷ ପରେ ଆମ ସିନେମା ୧୦୦ ବର୍ଷରେ ପଦାର୍ପଣ କରିବ। ସେତେବେଳେ ଆମ ସିନେମାକୁ ଆମେ କୋଉଁଠି ଦେଖିବାକୁ ଚାହିଁବା, ତା' ପାଇଁ ଆଜିଠୁ ସଙ୍କଳ୍ପ ନେବା ବୋଲି ଏହି ଅବସରରେ ଆହ୍ୱାନ ଦିଆଯାଇଛି। ଓଡ଼ିଆ ଚଳଚ୍ଚିତ୍ରର ଜନ୍ମଦିନ ପାଳନ ଉତ୍ସବରେ ଓଲିଉଡ୍ ସିନେ ଜଗତର ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ ତଥା ଅନେକ ଟେକ୍ନିସିଆନ ଯୋଗଦେଇଥିଲେ। ପ୍ରଯୋଜକ ଯୁଗଳ ଦେବତା, ସବ୍ୟସାଚୀ ମହାପାତ୍ର, କୌଶିକ ଦାସ, ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ, ସଂଳାପକାର ଡ. ରଜନୀ ରଞ୍ଜନ, ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର, ଅଭିନେତା ସୁକାନ୍ତ ରଥ, ହର ରଥ, ଶ୍ରୀତମ ଦାସ, ଶକ୍ତି ବରାଳ, ପାର୍ଥ ସାରଥୀ ରାୟ, ଅଭିନେତ୍ରୀ ସ୍ନିଗ୍ଧା ମହାନ୍ତି, ପ୍ରତିଭା ପଣ୍ଡା, ଅନୁ ଚୌଧୁରୀ, ଉଷଶୀ ମିଶ୍ରଙ୍କ ସମେତ ମିଡ଼ିଆ ପ୍ଲାନର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ପ୍ରମୁଖ ଯୋଗଦେଇଥିଲେ। ଏପ୍ରିଲ ୨୮କୁ ଓଡ଼ିଆ ଚଳଚ୍ଚିତ୍ର ଦିବସ ଭାବେ ରାଜ୍ୟ ସରକାର ଘୋଷଣା କରନ୍ତୁ। ସେଦିନ ଓଡ଼ିଆ ସିନେମା ବିଷୟରେ ଚର୍ଚ୍ଚା ହେଉ। ଓଡ଼ିଆ ଫିଲ୍ମ ଫେଷ୍ଟିଭାଲ, ଫଟୋ ପ୍ରଦର୍ଶନୀ ସହ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଉ ବୋଲି ମତ ପ୍ରକାଶ ପାଇଥିଲା।

# ଆପାର୍ଟମେଣ୍ଟ ଛାତରୁ ଖସି ଯୁବକ ମୃତ

ବାରଙ୍ଗ,୨୮।୪(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ଫକୀରପଡ଼ା ଗ୍ରାମ ନିକଟ ଏକ ଘରୋଇ ଆପାର୍ଟମେଣ୍ଟ ଛାତରୁ ଖସି ସୋମବାର ଜଣେ ମଜୁରିଆଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ପଙ୍କଡିହ ଗ୍ରାମ ଶିବ ସାଏ ଓରାମ(୨୯)। ତେବେ ଅତ୍ୟଧିକ ମଦ୍ୟପାନ ଯୋଗୁ ଆପାର୍ଟମେଣ୍ଟ ଉପରୁ ତଳକୁ ଖସି ଶିବ ମୃତ୍ୟୁ ହୋଇଥିବା ପୋଲିସ କହିଛି।

ଆପାର୍ଟମେଣ୍ଟର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାବେଳେ ଠିକାଦାର ଅଧୀନରେ ୨ ମାସ ପୂର୍ବରୁ ଶିବ ସେଠାରେ ରହି ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ରବିବାର ଶିବ ଅତ୍ୟଧିକ ମଦ୍ୟପାନ କରି ରହିବା ଘରକୁ ଆସି ନ ଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଶିବଙ୍କୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ମିଳି ନ ଥିଲା ବୋଲି ସମ୍ପର୍କୀୟ ଭାଇ ବଳଦେବ କୁମାର କହିଛନ୍ତି। ସୋମବାର ସକାଳେ ଆପାର୍ଟମେଣ୍ଟର ପ୍ରଥମ ମହଲାରେ ଶିବର ମୃତଦେହ ପଡ଼ିଥିଲା। ଖବର ପାଇ ବାରଙ୍ଗ ଥାନା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ

ଭୁବନେଶ୍ୱର, ୨୮।୪ (ବନ୍ଦନା ସେଠୀ)

ଓଡିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର ତଥା ଉତ୍କଳ ସମ୍ମିଳନୀର ପ୍ରାଣପ୍ରତିଷ୍ଠାତା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସୋମବାର ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ରାଷ୍ଟ୍ରପତିଙ୍କ ସୁପାରିଶ୍‌କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କାର୍ଯ୍ୟକାରୀ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବାବେଳେ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ପରିଚାଳନା କରିଥିଲେ। ସମ୍ମିଳନୀର ଉପଦେଷ୍ଟା ନିମାଇଁ ଦାସ, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି, ଯୁଗ୍ମସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ବିଶ୍ୱ ନୃତ୍ୟ ଦିବସ




ଭୁବନେଶ୍ୱର,୨୮।୪
(ସୌମ୍ୟରଞ୍ଜନ ରାଉତ)

ନୃତ୍ୟକୁ ସାଧାରଣତଃ ମନୋରଞ୍ଜନର ମାଧ୍ୟମ ବୋଲି କୁହାଯାଉଥିବାବେଳେ ଏବେ ଏହାର ଅର୍ଥ ବ୍ୟାପକ ହୋଇଛି। ନୃତ୍ୟରେ ଜଣେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରୁଛି। ଶରୀର ଏବଂ ମନକୁ ଫିଟ୍ ରଖିବାର ଅନ୍ୟତମ ମନ୍ତ୍ର ପାଲଟିଛି ନୃତ୍ୟ। ଓଡ଼ିଶାର ଅନ୍ୟତମ ପରିଚୟ ପାଲଟିଥିବା ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ କେବଳ ରାଜ୍ୟ କିମ୍ବା ଦେଶ ନୁହେଁ, ବିଦେଶରେ ମଧ ଏହାର ଲୋକପ୍ରିୟତା ବଢି ଚାଲିଛି। ଆଧୁନିକ ନୃତ୍ୟ ପ୍ରତି ଯୁବପିଢ଼ି ଆକର୍ଷିତ ହେଉଥିବାବେଳେ ଓଡ଼ିଶାର ଲୋକନୃତ୍ୟ ମଧ ନିଜର ସ୍ଥିତି ମଜଭୁତ୍ କରିବାରେ ସଫଳ ହୋଇଛି। ସମ୍ବଲପୁରୀ, ଗୋଟିପୁଅ, ଘୋଡ଼ାନାଚ, ଘୁମୁରା, ଛଉ ନୃତ୍ୟ ଆଦି ବିଭିନ୍ନ ଲୋକନୃତ୍ୟ ଆମ ଓଡ଼ିଶାର ପରମ୍ପରାକୁ ଋଦ୍ଧିମନ୍ତ କରିଛି। ମଙ୍ଗଳବାର ବିଶ୍ୱ ନୃତ୍ୟ ଦିବସ ଅବସରରେ ଏଭଳି କିଛି ନୃତ୍ୟଗୁରୁଙ୍କ ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

## ସାମାଜିକ ବିକାଶରେ ନୃତ୍ୟ ହେଉଛି ସୁନ୍ଦର ମାଧ୍ୟମ



ଓଡ଼ିଶୀ ନୃତ୍ୟର ସ୍ଥିତି ରାଜ୍ୟ ତଥା ଦେଶବିଦେଶରେ ବହୁତ ଭଲ ରହିଛି। ଓଡ଼ିଶୀ ନୃତ୍ୟ ପ୍ରତି ଅନ୍ୟ ରାଜ୍ୟ ତଥା ବିଦେଶୀମାନେ ମଧ ଆକର୍ଷିତ ହେଉଛନ୍ତି। ନୃତ୍ୟ ଶିଖିବାକୁ ମଧ ବର୍ତ୍ତମାନ ସମୟରେ ବେଶ୍ ଆଗ୍ରହ ବଢୁଛି। ଆଗାମୀ ୫୦ ବର୍ଷ ପାଇଁ ଓଡ଼ିଶୀ ନୃତ୍ୟର ଭବିଷ୍ୟତ ବହୁତ ଉଜ୍ଜ୍ୱଳ ରହିଛି। ଓଡ଼ିଶୀର ପ୍ରଚାର, ପ୍ରସାର ଆମ ସମସ୍ତଙ୍କର ଦାୟିତ୍ୱ। ଏଥିପାଇଁ ମୁଁ ୮୦ ଦେଶକୁ ଯାତ୍ରା କରିଛି। ସେଠାରେ ଯାଇ ଓଡ଼ିଶୀର ପ୍ରଶିକ୍ଷଣ ମଧ ଦେଉଛୁ। ସେମାନେ ଏହି ନୃତ୍ୟକୁ ଜଣିଲାପରେ ଶିଖିବା ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି। ସମୟ ଥିଲା ଓଡ଼ିଶୀ ଘରେ ରହିଯାଉଥିଲା। ବର୍ତ୍ତମାନ ତାହା ସମସ୍ତଙ୍କ ପାଖରେ ପହଞ୍ଚି ପାରିଛି। ଅନ୍ତର୍ଜାତୀୟ ନୃତ୍ୟ ଦିବସ ଅବସରରେ ଏହା କହିବି, ଓଡ଼ିଶୀ ଆଜି ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ନୃତ୍ୟ ହେଉଛି ସମାଜ ବିକାଶର ଏକ ସ୍ରୋତ ଓ ସାମାଜିକ ବିକାଶର ଏକ ସୁନ୍ଦର ମାଧ୍ୟମ। ସମସ୍ତେ ନୃତ୍ୟ ଶିକ୍ଷା କରନ୍ତୁ। ଆମ ସଂସ୍କୃତିକୁ ନିଜ ଭିତରେ ନ ରଖି ସମଗ୍ର ବିଶ୍ୱରେ ଏହାର ପ୍ରଚାର ପ୍ରସାର କରନ୍ତୁ।

- ଶାଶ୍ୱତ ଯୋଶୀ, ଓଡ଼ିଶୀ ନୃତ୍ୟ ଗୁରୁ

## ଘୁମୁରାର ପ୍ରଚାର ପ୍ରସାର ପାଇଁ ସରକାର ପଦକ୍ଷେପ ନିଅନ୍ତୁ



କଳାହାଣ୍ଡି ଜିଲାର ଘୁମୁରା ନୃତ୍ୟ କେବଳ ଗାଁରେ ସିମିତ ରହିଯାଇଛି। ବର୍ତ୍ତମାନ ଏହାର ସ୍ଥିତିକୁ ସୁଦୃଢ କରିବା ପାଇଁ ସରକାରୀ ସ୍ତରରେ ସହାୟତାର ଆବଶ୍ୟକତା ରହିଛି। କଳାହାଣ୍ଡିରେ ଏକ ଘୁମୁରା ଏକାଡେମୀ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସ୍ଥାପିତ ହୋଇଥିଲା। ବର୍ତ୍ତମାନ ସମୟରେ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ତାହା ଏକବର୍ଷ ଚାଲିବା ପରେ ପରବର୍ତ୍ତୀ ଅବସ୍ଥାରେ ଚାଲୁ ହୋଇପାରିନାହିଁ। ଘୁମୁରା ଏବେ ସମୟରେ ସର୍ବ ଭାରତୀୟ ସ୍ତରରେ ପହଞ୍ଚି ପାରିଛି। କିନ୍ତୁ ଏହାର ପ୍ରଚାରପ୍ରସାର ପାଇଁ ଭିତ୍ତିଭୂମି ଓ ଉଦ୍ୟମର ଅଭାବ ରହିଛି। ସରକାରୀ ସ୍ତରରେ ଘୁମୁରାର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ। କଷ୍ଟ୍ୟୁମ୍, ଡିଜାଇନ୍, ନୃତ୍ୟ ଶୈଳୀ, ଗୀତର ଶୈଳୀ ଉପରେ ଗବେଷଣାର ବି ଆବଶ୍ୟକତା ରହିଛି। ସରକାରୀ ସ୍ତରରେ ଧ୍ୟାନ ଦିଆଗଲେ ଘୁମୁରାର ସ୍ଥିତି ବହୁତ ସୁଦୃଢ ହେବ।

- ଧାନାନନ୍ଦ ପଣ୍ଡା, ଘୁମୁରା ନୃତ୍ୟଗୁରୁ

## ଦେଶ ବିଦେଶରେ ଛଉର ଚାହିଦା ଅଧିକ



ଛଉ କେବଳ ମୟୂରଭଞ୍ଜ ସହ କଟକ ଓ ଭୁବନେଶ୍ୱରରେ ସୀମିତ ରହିଯାଉଥିଲା। ୨୦୧୬ ମସିହାରୁ ଏକ ଛାଉଣୀ ୟୁନିଟ୍ କରିଛୁ। ଏହା ମାଧମରେ ଆମେ ଗ୍ରାମାଞ୍ଚଳର ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରୁଛୁ। ବିଦେଶରେ ବି ଛଉର ଚାହିଦା ଭଲ ରହିଛି। ଏଠାକାର ଛଉ ନୃତ୍ୟଶିଳ୍ପୀ ବିଦେଶରେ ପରିବେଷଣ କରି ବେଶ୍ ଆଦର ସାଉଁଟିଛନ୍ତି। କାରଣ ଏହା ଏମିତି ଏକ ନୃତ୍ୟ, ଏଥିରେ ଶାସ୍ତ୍ରୀୟ, ଲୋକକଳା, ସମର କଳାର ସମାବେଶ ଦେଖିବାରୁ ମିଳେ। ଛଉ ଦର୍ଶକଙ୍କୁ ଆକୃଷ୍ଟ କରିବା ସହ ଦେଶ ବିଦେଶରେ ଏହାର ଚାହିଦା ବଢୁଛି।

- ଶୁଭଶ୍ରୀ ମୁଖାର୍ଜୀ, ଛଉ ନୃତ୍ୟ ଶିଳ୍ପୀ

# ଜୁଏଲାରିରୁ ସୁନା ବାହୁଟି ନେଇ ୨ ମହିଳା ହଟହଟା

ବାଲିଅନ୍ତା,୨୮।୪(ନୀଳମାଧବ ସାହୁ)

ବାଲିଅନ୍ତା ନିକଟ ଅଟଳାଗଡ଼ାରେ ଥିବା ଏକ ଜୁଏଲାରୀରୁ ବାଉଳାରେ ହଳେ ସୁନା ବାହୁଟି ନେଇ ଆସି ୨ ମହିଳାଙ୍କୁ ହଟହଟା ହେବାକୁ ପଡ଼ିଛି। ସୋମବାର ଅପରାହ୍ନରେ ଭୁବନେଶ୍ୱରରୁ ଏକ ସ୍କୁଟିରେ ୨ ମହିଳା ସୁନା ଅଳଙ୍କାର କିଣିବାକୁ ଜୁଏଲାରୀକୁ ଆସିଥିଲେ। ଅଳଙ୍କାର ଦେଖିବା ସମୟରେ ସେଠାରୁ ଦୁହେଁ ଏକ ହଳ ସୁନା ବାହୁଟିକୁ ବାଉଳାରେ ନେଇ ଆସିଥିଲେ। ପରେ ସେଠାରୁ ବାଲିଅନ୍ତା ବଜାରର ଅନ୍ୟ ୨ ଜୁଏଲାରୀକୁ ସୁନା କିଣିବାକୁ ଯାଇଥିଲେ। ତେବେ ପ୍ରଥମେ ଜୁଏଲାରୀ ସପ୍ କର୍ମଚାରୀ ସୁନା ବାହୁଟିକୁ ମହିଳା ଜଣକ ନେଇ ଆସିଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ପାଇଥିଲେ। ପରେ ଜୁଏଲାରୀ କର୍ମଚାରୀ ସେମାନଙ୍କୁ ଖୋଜିଖୋଜି ଆସି ବାଲିଅନ୍ତା ବଜାରରେ ଉଭୟଙ୍କୁ ଧରିଥିଲେ। ସେମାନେ ବାଉଳାରେ ସୁନା ବାହୁଟିକୁ ନେଇ ଆସିଥିବା କହିଥିଲେ। ଅଜଣା ତରବରରେ ଓ ଭୁଲବଶତଃ ସୁନା ବାହୁଟିକୁ ଆଣିଥିବାରୁ ଏଥିପାଇଁ କ୍ଷମା ମାଗିବା ସହ ସେମାନଙ୍କୁ ଛାଡ଼ି ଦେବାକୁ କହିଥିଲେ। ଏଥିସହ ସୁନା ବାହୁଟିକୁ ଫେରସ୍ତ କରିଥିଲେ। ସୁନା ବାହୁଟି ମିଳିବା ପରେ ଜୁଏଲାରୀ ମାଲିକ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ କରି ନ ଥିବା ଜଣାପଡ଼ିଛି।

# ୧୯ ଆଇନଜୀବୀଙ୍କୁ ମଧୁ ସମ୍ମାନ


ଆଇନଜୀବୀ ଦିବସ ପାଳନ ଅବସରରେ ।ଇକୋର୍ଟ ଜଷ୍ଟିସ ଭି. ନରସିଂହଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୮।୪(ସତ୍ୟଜିତ୍ ରାଉତ)

ଉତ୍କଳ ଗୌରବମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ଅବସରରେ ସୋମବାର ଭଞ୍ଜକଳା ମଣ୍ଡପରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ଜଷ୍ଟିସ ଭି. ନରସିଂହ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର, ସମ୍ମାନିତ ଅତିଥି ଭାବେ ଭାରତୀୟ ଆଇନ ପରିଷଦ ସଦସ୍ୟ ଭକ୍ତ ଭୂଷଣ ବାରିକ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଉତ୍କଳଗୌରବ ମଧୁସୂଦନ ଦାସ ଓକିଲାତି ସହ ସମାଜ ସେବା କରୁଥିଲେ। ସେ କେବେ ତାଙ୍କ ଜୀବନରେ ସାଲିସ କରି ନ ଥିଲେ। ସେ ସମାଜ ସଂସ୍କାରକ ଥିଲେ। ତାଙ୍କର କାର୍ଯ୍ୟଧାରା, ତ୍ୟାଗ, ସଂଘର୍ଷ ଚିରସ୍ମରଣୀୟ। ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

**ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ**

- ୫୦ ବର୍ଷ ଓକିଲାତି ଲାଗି ୨ ଜଣ, ଆଇନରେ ପାରଦର୍ଶିତା ଲାଗି ୬ ସମ୍ମାନିତ
- ୩ ଜଣଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

ଏହି ଅବସରରେ ନିର୍ମଳ କିଶୋର ରଥ, ପ୍ରଦିପ୍ତ କୁମାର ପଟ୍ଟନାୟକଙ୍କ ସମେତ ୧୯ଜଣ ଆଇନଜୀବୀଙ୍କୁ 'ମଧୁ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ୫୦ବର୍ଷ ଓକିଲାତି ପାଇଁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ରଞ୍ଜନ ପଟ୍ଟନାୟକ ଓ ଶିବାନନ୍ଦ ରାୟଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ବରିଷ୍ଠ ଆଇନଜୀବୀ ହୃଦାନନ୍ଦ ରାଉତରାୟ, ନିର୍ମଳ କୁମାର ପଟ୍ଟନାୟକ ଓ ମାନସ ରଞ୍ଜନ ମହାପାତ୍ରଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ' ଦିଆଯାଇଥିଲା। ଆଇନରେ ପାରଦର୍ଶିତା ଲାଭ କରିଥିବା ବରିଷ୍ଠ ଆଇନଜୀବୀ ରଶ୍ମିରଞ୍ଜନ ବ୍ରହ୍ମା, ରମାକାନ୍ତ ରାଉତରାୟ, ପ୍ରଶାନ୍ତ କୁମାର ପରିଡାଙ୍କ ସମେତ ୬ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଓକିଲ ସଂଘ ସଭାପତି ଅଶୋକ କୁମାର ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ସତ୍ୟ ରଞ୍ଜନ ସେନାପତି ସ୍ୱାଗତ ଭାଷଣ, ଶିଳଭଦ୍ର ଶାସ୍ତ୍ରୀ ସଂଯୋଜନା ଓ ଉପସଭାପତି କବିନ୍ଦ୍ର କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ଯୁଗ୍ମ ସମ୍ପାଦକ ରଶ୍ମୀରଞ୍ଜନ ମହାପାତ୍ର, ସହ ସମ୍ପାଦକ ରଶ୍ମୀରଞ୍ଜନ ମୁଖୀ, କୋଷାଧ୍ୟକ୍ଷ ଦିପ୍ତିପ୍ରସାଦ ନନ୍ଦ, କାର୍ଯ୍ୟକାରୀ କମିଟି ସଭ୍ୟ ଅକ୍ଷୟ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।

**ମଧୁସୂଦନ ଦାସଙ୍କ ଜୟନ୍ତୀ**

ପୁରୀ,(ଅଜିତ୍ କୁମାର ମହାନ୍ତି)- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ ତମ ଜୟନ୍ତୀ ସମର୍ପଣ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପୁରୀ ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟ ସମ୍ମୁଖ ମଧୁସୂଦନ ପାର୍କ ପରିସରରେ ଅଧକ୍ଷ ବ୍ରଜକିଶୋର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଶିଷ୍ଟ ଗ୍ରନ୍ଥକାର, ସାହିତ୍ୟିକ ତଥା ସାମାଜିକ କର୍ମୀ ବଦ୍ରି ମିଶ୍ର ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଓଡ଼ିଶା ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଦସ୍ୟ ଅରୁଣ ମହାନ୍ତି, ପ୍ରବୀର ମହାନ୍ତି ଓ ଦେବରାଜ ଦାସ ପ୍ରମୁଖ ପରିଚାଳନା କରିଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୮।୪।୨୦୨୫

| | |
|---|---|
| ୫,୨୯,୮୬୭ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୪୪.୫୦୦ ଗ୍ରାମ୍ |

# ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତିବାଦରେ ବିଇଓ ଅଫିସ ଚାବି ପକାଇଲେ

ପିପିଲି,୨୮।୪ (ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକ ରାୟଗିରିପୁର ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରିବା ପ୍ରତିବାଦରେ ଗ୍ରାମବାସୀ ସୋମବାର ପିପିଲି ବିଇଓ ଅଫିସ ଚାବି ପକାଇ ଆନ୍ଦୋଳନ କରିଥିଲେ। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଚାର କରାଯିବା ପାଇଁ ବିଇଓ ରବୀନ୍ଦ୍ର ନାଥ ନନ୍ଦ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ମାତ୍ର ଯଦି ୨୪ ଘଣ୍ଟା ମଧ୍ୟରେ ଶିକ୍ଷୟିତ୍ରୀ ଦେବସ୍ୱିନ ମିଶ୍ରଙ୍କ ବଦଳି ବାତିଲ ନ ହୁଏ, ତେବେ ମଙ୍ଗଳବାର ଶତାଧିକ ଲୋକ ଆସି ବିଇଓ ଅଫିସ ଘେରାଉ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ, ରାୟଗିରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଛି। ଉକ୍ତ ସ୍କୁଲରେ ଆଜକୁ ୨୦ ବର୍ଷ ହେଲା ପ୍ରଧାନ ଶିକ୍ଷକ ନାହାନ୍ତି। ସ୍କୁଲରେ ଥିବା ୩ ଜଣ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ଦେବସ୍ୱିନ ମିଶ୍ର ପ୍ରଧାନ ଶିକ୍ଷୟିତ୍ରୀ କାର୍ଯ୍ୟ ସୂଚାରୁରୂପେ ତୁଲାଉଥିଲେ। ମାତ୍ର ବିଇଓ ଜଣେ ବରିଷ୍ଠ ଶିକ୍ଷକ ନେତାଙ୍କ ଚାପରେ ଦେବସ୍ୱିନଙ୍କୁ ଲକ୍ଷ୍ମୀନାରାୟଣପୁର ଗ୍ରାମପଞ୍ଚାୟତର ପାରିଚଅଁର ସ୍କୁଲକୁ ବଦଳି କରିଛନ୍ତି। ପାଖାପାଖି ସ୍କୁଲଗୁଡ଼ିକରେ ୨ରୁ ୫ ଜଣ ପର୍ଯ୍ୟନ୍ତ ସରପ୍ଲସ ଶିକ୍ଷକ ଥିବାବେଳେ ସେଠାରୁ ଶିକ୍ଷକଙ୍କୁ ନ ନେଇ ଆମ ସ୍କୁଲରୁ ଶିକ୍ଷୟିତ୍ରୀଙ୍କୁ ବଦଳି କରିବାରେ ବିଡିଓଙ୍କ କ'ଣ ସ୍ୱାର୍ଥ ରହିଛି ବୋଲି ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ତାଙ୍କ ପତ୍ର ନମ୍ବର ୭୮୩୫/ ତା.୨୩।୦୪।୨୫ରେ ଆସନ୍ତା ଏପ୍ରିଲ ୩୦ ମଧ୍ୟରେ ସରପ୍ଲସ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସିଙ୍ଗିଲ ସ୍ଥାନ ଏବଂ ନିଅଣ୍ଟିଆ ସ୍ଥାନରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଉକ୍ତ ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନ କରି କେଉଁଥିପାଇଁ କାହା ନିର୍ଦ୍ଦେଶରେ ରାୟଗିରିପୁର ସ୍କୁଲରୁ ଶିକ୍ଷକଙ୍କୁ ବଦଳି କଲେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏବେ ଖରାଦିନ ପାଇଁ ଛାତ୍ରୀଛାତ୍ରଙ୍କୁ ଛୁଟି କରାଯାଇଛି। ଆସନ୍ତା ମେ ୬ରୁ ଖରାଛୁଟି ହୋଇଯିବ। ଜୁନ ୧୭ରେ ସ୍କୁଲ ଖୋଲିବ। ପାଠପଢ଼ା ନ ଥିବାବେଳେ କ'ଣ ପାଇଁ ତରବରିଆ ଭାବେ ଶିକ୍ଷୟିତ୍ରୀଙ୍କୁ ବଦଳି କରାଗଲା ଏହା ତଦନ୍ତ ହେବା ଆବଶ୍ୟକ ବୋଲି ଗ୍ରାମବାସୀ କହିଛନ୍ତି।

## ସଂକ୍ଷେପରେ

### ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସୋମବାର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଭିତରକାଠ ନିକଟରେ ବାନ୍ତି ପଡ଼ିବା କାରଣରୁ ମହାପ୍ରଭୁଙ୍କର ଏହି ନୀତି ହୋଇଥିଲା। ଫଳରେ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ସକାଳ ଧୂପ ପରେ ଭିତରକାଠ ଦର୍ଶନ ସମୟରେ ସେଠାରେ ବାନ୍ତି ପଡ଼ିଥିବା ଦୃଷ୍ଟିକୁ ଆସିଥିଲା। ବାନ୍ତି ପଡ଼ିବା ଦେଖିବା ପରେ ସଙ୍ଗେସଙ୍ଗେ ନୀତି ବନ୍ଦ କରାଯାଇଥିଲା। ତେବେ ଦର୍ଶନ ସମୟରେ କେହି ଭକ୍ତ ଭିତରକାଠ ନିକଟରେ ବାନ୍ତି କରିଦେଇଥିବା ଅନୁମାନ କରାଯାଉଛି। ପରେ ଦର୍ଶନ ବନ୍ଦ ହେବା ସହ କବାଟ ବନ୍ଦ ହୋଇ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ କରାଯାଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ସିଂହାସନ, ଭିତରକାଠ ଧୁଆହୋଇ ଚୂନପାଣି ପଡ଼ିଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ ପାଇଁ ପ୍ରାୟ ପାଖାପାଖି ୨ ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ଏଥିଲାଗି ଅନ୍ୟାନ୍ୟ ନୀତିରେ ମଧ୍ୟ ବିଳମ୍ବ ଘଟିଥିଲା। ମହାସ୍ନାନ ନୀତି ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

### ବିଧାୟକଙ୍କ ଡ୍ରାଇଭରଙ୍କୁ ମାଡ଼, ଜଣେ ଗିରଫ

ପିପିଲି,୨୮।୪
(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ମଙ୍ଗଳପୁର ନିକଟ ବରଜୁପାଟଣା ଗ୍ରାମରେ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଗାଡ଼ି ଡ୍ରାଇଭରଙ୍କୁ ଆକ୍ରମଣ ଅଭିଯୋଗରେ ପିପିଲି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ବୁବୁନା ବେହେରା (୩୪)। ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ପିପିଲି ମଙ୍ଗଳପୁର ନିକଟ ବରଜୁପାଟଣା ଗ୍ରାମରେ ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ଆୟୁଷ୍ମାନ୍ କାର୍ଡ ବାଣ୍ଟିବା ପାଇଁ ଗାଡ଼ିକୁ ରାସ୍ତାକଡ଼ରେ ରଖି ଗ୍ରାମର ସାହି ଭିତରକୁ ଯାଇଥିଲେ। ଏହି ସମୟରେ ନିକଟସ୍ଥ ଗ୍ରାମର ବୁବୁନା ଏକ ବାଇକ୍‌ରେ ଆସି ଭାରସାମ୍ୟ ହରାଇ ବିଧାୟକଙ୍କ ଗାଡ଼ି ସହ ଧକ୍କା ହୋଇଥିଲେ। ଫଳରେ ଗାଡ଼ି ଡ୍ରାଇଭର ଗୁଟୁ ପରିଡ଼ା ଓ ବୁବୁନାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଖବରପାଇ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଥାନାକୁ ଉଠାଇ ଆଣିଥିଲେ। ଏନେଇ ବିଧାୟକଙ୍କ ଡ୍ରାଇଭର ଗୁଟୁ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୨୬୨୨/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ତ୍ରିପାଠୀ କହିଛନ୍ତି।

### ନାବାଳିକାଙ୍କୁ ଅପହରଣ ନେଇ ଅଭିଯୋଗ

ନିମାପଡ଼ା,୨୮।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଏକ ଟ୍ୟୁଟୋରିଆଲ ହଷ୍ଟେଲରେ ରହି ପାଠ ପଢୁଥିବା ଜଣେ ୧୬ ବର୍ଷୀୟାଙ୍କୁ ଜଣେ ଯୁବକ ଅପହରଣ କରିନେଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଅପହୃତା ଛାତ୍ରୀ ଜଣଙ୍କ ବାଲିପାଟଣା ଥାନା ଅଞ୍ଚଳର ହୋଇଥିବାବେଳେ ସେହି ଅଞ୍ଚଳର ବିମଳ ପାଲ ନାମକ ଯୁବକ ଗତ ୨୩ ତାରିଖରେ ତାଙ୍କୁ କେଉଁଆଡ଼େ ଅପହରଣ କରିନେଇଥିବା ଛାତ୍ରୀଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଅପହରଣକାରୀ ଯୁବକ ବିମଳଙ୍କ ବିରୋଧରେ ୧୧୯/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ନାବାଳିକା ଜଣଙ୍କ ହଷ୍ଟେଲରୁ ବାହାରି ଟ୍ୟୁଶନ ଯାଇଥିବାବେଳେ ଆଉ ହଷ୍ଟେଲକୁ ନ ଫେରିବାରୁ ହଷ୍ଟେଲ ପରିଚାଳକ ଛାତ୍ରୀଙ୍କ ବାପାଙ୍କୁ ଅବଗତ କରିଥିଲେ। ଛାତ୍ରୀ ବାପା ବିଭିନ୍ନ ଆଡ଼େ ଖୋଜାଖୋଜି କରିବା ପରେ ଝିଅଙ୍କୁ ନ ପାଇ ରବିବାର ଥାନାରେ ଅଭିଯୋଗ କରିଛନ୍ତି।

# ଜନ୍ମଦାତ୍ରୀଙ୍କ ପଣତକାନି ସନ୍ତାନର ସୁରକ୍ଷା କବଚ



ଅତିଥିମାନେ ଅନୁଷ୍ଠାନର ପତ୍ରିକା ଉନ୍ମୋଚନ କରୁଛନ୍ତି।

**ସତ୍ୟଭାମା ସାରସ୍ୱତ ଅନୁଷ୍ଠାନ ପକ୍ଷରୁ କବିତା ପାଠ ଓ ପତ୍ରିକା ଉନ୍ମୋଚନ**

ସାକ୍ଷୀଗୋପାଳ,୨୮।୪(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ବିପଦରୁ ସନ୍ତାନକୁ ରକ୍ଷା କରିବା ପାଇଁ ଜନ୍ମଦାତ୍ରୀଙ୍କ ପଣତକାନି ହିଁ ଏକମାତ୍ର ସୁରକ୍ଷା କବଚ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରାଳ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ରବିବାର ସତ୍ୟଭାମା ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ତୃତୀୟ ବାର୍ଷିକ ଉତ୍ସବ ସାରସ୍ୱତ ମହାକୁମ୍ଭ-୨୦୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ରାଜ୍ୟସ୍ତରର ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଷ୍ଠିତ କବି ଓ କବୟିତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ 'ସତ୍ୟଭାମା' ପତ୍ରିକାକୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସୁସାହିତ୍ୟିକ ତଥା ଜ୍ୟୋତିଷ ଶାସ୍ତ୍ର ବିଶାରଦ ସତ୍ୟଭାମା ସାରସ୍ୱତ ଅନୁଷ୍ଠାନର ସମ୍ପାଦକ ଡ. ଦେବୀ ପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସମ୍ମାନିତ ଅତିଥି ଅଧ୍ୟାପକ କୈଳାସ ଚନ୍ଦ୍ର ଚିକାୟତରାୟ, ମୁଖ୍ୟବକ୍ତା ସୁସାହିତ୍ୟିକ ବିପିନ ବିହାରୀ ଦଳେଇ, ଅନ୍ୟତମ ଅତିଥି ଭାବେ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ, ବସନ୍ତ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

କବି ବ୍ରଜ କିଶୋର ମହାପାତ୍ର, ଚନ୍ଦ୍ରକାନ୍ତ ପଣ୍ଡା, ଡ. ଚିନ୍ମୟ ମହାନ୍ତି, ହରପ୍ରିୟା ସାହୁ, ପ୍ରମୋଦ କୁମାର ରଥ, ପ୍ରଶାନ୍ତ କୁମାର ମିଶ୍ର, ସୁଦର୍ଶନ ମହାପାତ୍ର, ସୁଜାତାମୟୀ ମିତ୍ର, ସୁରଞ୍ଜନ ପାତ୍ର, ଉଷାମଣି ମିତ୍ର, ପ୍ରସନ୍ନ କୁମାର ମହାପାତ୍ର, ସୁମନ୍ତ ମହାପାତ୍ର, ବିଶ୍ୱନାଥ ପଟ୍ଟନାୟକ ପ୍ରମୁଖ ପ୍ରତିଷ୍ଠିତ କବୟିତ୍ରୀ ଓ କବିମାନେ ଯୋଗଦେଇ ମା'ଙ୍କ ଉପରେ ନିଜସ୍ୱ କବିତା ପାଠ କରିଥିଲେ। ଏକ ଟେଲିଭିଜନ ଚ୍ୟାନେଲ୍‌ର ହାସ୍ୟ ଅଭିନେତା ଶଙ୍କର ନାୟକ ଯୋଗଦେଇ କବିମାନଙ୍କୁ ନିଜ ହାସ୍ୟ ଅଭିନୟ ମାଧ୍ୟମରେ ମନୋରଞ୍ଜନ କରାଇଥିଲେ। କବିତା ପାଠୋତ୍ସବକୁ ଆଇନଜୀବୀ ସର୍ବାଣୀ ଦାସ ଓ ସତ୍ୟବାଦୀ ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ରମେଶ ଚନ୍ଦ୍ର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦେବୀପ୍ରସାଦ ମହାପାତ୍ର ବିବରଣୀ ପାଠ କରିଥିଲେ। ସ୍ମରଣିକାର ପ୍ରକାଶିକା ପାର୍ବତୀ ମହାପାତ୍ର, ମାନସ ପଟ୍ଟନାୟକ, ବିଶ୍ୱନାଥ ପଟ୍ଟନାୟକ, ଅଶୋକ ସାଇଁ, ରବୀନ୍ଦ୍ର ସାହୁ, ଚିନ୍ମୟ ବାରିକ, ଭାସ୍କର ବରାଳ ଓ ନଗେନ ମାଝୀ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

## ହରଚଣ୍ଡୀ ସାହି ଆଖେଡ଼ାର ନୂତନ କର୍ମକର୍ତ୍ତା

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)

ହରଚଣ୍ଡୀ ସାହି ଆଖେଡ଼ାର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ବାରମେଳର ସମସ୍ତ ଜାଗାର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ନୂତନ ସଭାପତି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଚୟନ କରାଯାଇଛି। ସମ୍ପାଦକ ଭାବେ ସୁଆରମହାସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆରଙ୍କୁ ଚୟନ କରାଯାଇଛି। ଆଖେଡ଼ାର ଅନ୍ୟ କର୍ମକର୍ତ୍ତା ଭାବେ ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଓ କୋଠାରି ନାରାୟଣ ମେକାପ, ସହ ସମ୍ପାଦକ ହଜୁରୀ ନୀଳକଣ୍ଠ ଖୁଣ୍ଟିଆ, ନିରଞ୍ଜନ ଖୁଣ୍ଟିଆ, ସାଂସ୍କୃତିକ ସମ୍ପାଦକ ହରିହର ପତ୍ରୀ, କୋଷାଧକ୍ଷ ଜଗନ୍ନାଥ ଖୁଣ୍ଟିଆ, ସମୀକ୍ଷକ ପଦ୍ମନାଭ ମହାସୁଆର ଚୟନ କରାଯାଇଛି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ସାଗର ଦୀନବନ୍ଧୁ ପ୍ରତିହାରୀ, ଆର୍ତ୍ତବନ୍ଧୁ ମହାପାତ୍ର, ଉମାକାନ୍ତ ଦାଶ, ପଦ୍ମନାଭ ମହାସୁଆର, ସୌମେନ୍ଦ୍ର ମୁଦୁଲି, ସାହି ନାୟକ ରଘୁନାଥ ପ୍ରତିହାରୀ, ମଦନମୋହନ ଦତ୍ତ ମହାପାତ୍ର ଓ ଜ୍ୟୋତିପ୍ରକାଶ ମହାପାତ୍ରଙ୍କୁ ଚୟନ କରାଯାଇଛି। ସେହିପରି ସହଯୋଗୀ ସଦସ୍ୟ ଭାବରେ ଆର୍ତ୍ତତ୍ରାଣ ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ଦାଶ, ଭୀମସେନ ପଲଙ୍କଧାରୀ, ରାମକୃଷ୍ଣ ପ୍ରତିହାରୀ, ନରସିଂହ ଖୁଣ୍ଟିଆଙ୍କୁ ଚୟନ କରାଯାଇଛି। କାର୍ଯ୍ୟକ୍ରମ ପୂର୍ବତନ ଆଖେଡ଼ା ସଭାପତି ସାଗର ଦୀନବନ୍ଧୁ ପ୍ରତିହାରୀଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା। ଶେଷରେ ଆର୍ତ୍ତବନ୍ଧୁ ମହାପାତ୍ର ଧନ୍ୟବାଦ ଦେଇଥିଲେ।

**ସେଲ୍ଫି କର୍ନର ଧରିତ୍ରୀ**
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅର୍ଜୁନ



@ ଅଶୋକ



@ ବର୍ଷା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାରଙ୍ଗଯୋଡ଼ି ଲୋକ ସଂସ୍କୃତି ମହୋତ୍ସବ ଉଦ୍‌ଯାପିତ

ସାକ୍ଷୀଗୋପାଳ,୨୮।୪(ଭରତ ରାଉତ)

ପୁରୀ ଜିଲାର ଲୋକକଳା ଗ୍ରାମ ସାରଙ୍ଗଯୋଡ଼ି ଦୋଳମେଳଣ ଅବସରରେ ସଂକୀର୍ତ୍ତନ ଓ ଲୋକସଂସ୍କୃତି ମହୋତ୍ସବ ପାରମ୍ପରିକ ରୀତିରେ ଉଦ୍‌ଯାପିତ ହୋଇଯାଇଛି। ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦ ଓ କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ଓଡିଶୀ ନାମସଂକୀର୍ତ୍ତନ ସହ ପାରମ୍ପରିକ ଲୋକକଳା ପ୍ରଦର୍ଶନ କରାଯାଇଥିଲା। ସାରଙ୍ଗଯୋଡ଼ି ଦେଶକୋଠ କର୍ମକର୍ତ୍ତା କେଦାରନାଥ ମହାପାତ୍ର, ଲକ୍ଷ୍ମୀଧର ମିଶ୍ର, କୃଷ୍ଣଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ ଓ ସନାତନ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ପଲେଇ ଓ କୈଳାସ ଚନ୍ଦ୍ର ବିଶ୍ୱାଳ ଉତ୍ସବର ସଂଯୋଜନା କରିଥିଲେ। ମଧୁବନ ଶାନ୍ତି ଆନନ୍ଦ ଆଶ୍ରମ ଅଧିଷ୍ଠାତା ବାବା କୃଷ୍ଣଚନ୍ଦ୍ର ଦୀକ୍ଷିତ, ଦେବଦତ୍ତ ପ୍ରଧାନ, ହେମେନ୍ଦ୍ର ନାଥ ପଟ୍ଟନାୟକ, ଗାୟକ ସଦାଶିବ ବରାଳ, ବିଜୟ ଚନ୍ଦ୍ର ସାମନ୍ତରାୟ, ପ୍ରତାପ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସମୀର ପଲେଇ, ରବୀନ୍ଦ୍ର ସାହୁ ଓ ସୁଦର୍ଶନ ପରିଡ଼ା ପ୍ରମୁଖଙ୍କ ସହଯୋଗରେ ସୁରୁଖୁରୁରେ କାର୍ଯ୍ୟକ୍ରମ ସମାହିତ ହୋଇଥିଲା। ଡ. ଦେବୀ ପ୍ରସାଦ ମହାପାତ୍ର ଦୋଳମେଳଣ ସମ୍ପର୍କରେ ଉପସ୍ଥିତ ଦର୍ଶକଙ୍କୁ ବୁଝାଇଥିଲେ। ଦେଶକୋଠ ପକ୍ଷରୁ ଯାତ୍ରା ଶ୍ରୀଜଗନ୍ନାଥ ଅପେରା ନାଟକ ମଞ୍ଚସ୍ଥ କରିଥିଲା। ଆସନ୍ତା ୩୦ ତାରିଖ ଅକ୍ଷୟ ତୃତୀୟାଠାରୁ ଏହି ମେଳଣପଡ଼ିଆ ପାଲା ମଣ୍ଡପରେ ଗାୟକ ତତ୍ତ୍ୱ ବିଭୂଷଣ ସୁବଳ ଚରଣ ମହାପାତ୍ର ଓ ଗାୟକ ଅତିବଡ଼ି ମଙ୍ଗରାଜ ବିଶ୍ୱାଳଙ୍କ ମଧ୍ୟରେ ୫ ଦିନ ବାଦୀପାଲା ଆୟୋଜିତ ହେବ।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ହାନା ଟାଏକୋଣ୍ଡୋ ଏକାଡେମୀ ଖେଳାଳିଙ୍କ ସଫଳତା

ସାକ୍ଷୀଗୋପାଳ,୨୮।୪(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ/ଭରତ ରାଉତ)



କୃତୀ ଟାଏକୋଣ୍ଡୋ ଖେଳାଳିମାନେ ।

ପୁରୀ ରେଲ୍‌ୱେ କଲ୍ୟାଣମଣ୍ଡପଠାରେ ୩ ଦିନ ଧରି ୧୮ତମ କିରୋଗୀ ଏବଂ ୧୦ମ ପୁମ୍‌ସି ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାକ୍ଷୀଗୋପାଳସ୍ଥିତ ହାନା ଟାଏକୋଣ୍ଡୋ ଏକାଡେମୀରୁ ୨୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୨ଟି ଇଭେଣ୍ଟରୁ ଏକାକୀ ଭାବେ ଯୁଗ୍ମ, ୩ଟି ପିଲାଙ୍କୁ ନେଇ ଏକ ସମୂହ ଏବଂ ଫାଇଟରେ ୨୪ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଏବଂ କାଂସ୍ୟ ପଦକ ପାଇ ପୁମ୍‌ସିରେ ଉପବିଜେତା ହୋଇଛନ୍ତି। ପ୍ରାୟ ୧୧ଟି ସେଣ୍ଟରରୁ ୫୦୦ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସଂଘ ପକ୍ଷରୁ ୨୦ଟି ଜାତୀୟ ରେଫରି ବିଭିନ୍ନ ଜିଲାରୁ ଆସି ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଅଲିମ୍ପିକ୍ ସଂଘ କୋଷାଧକ୍ଷ ରବିଶଙ୍କର ପ୍ରତିହାରୀ, ବକ୍ସି ଏକାଡେମୀର ମୁଖ୍ୟ କୋଚ, ଜିଲା ସଂଘ ସଭାପତି ଧବଳେଶ ମହାପାତ୍ର ଏବଂ ଜିଲା ସଂଘର ଅଧକ୍ଷ ବ୍ୟୋମକେଶ ଅଭିଳାଷ ଅତିଥି ଭାବେ ଯୋଗ ଦେଇ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ର ଏବଂ କୋଚ ଦୀପକ ପ୍ରଧାନଙ୍କୁ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଶୁଭେଚ୍ଛା ଜଣାଇଛନ୍ତି।

# ମିଳିଲା ରାସ୍ତା ମରାମତି ଲାଗି ୪୦ ଲକ୍ଷ ଅନୁଦାନ

**■ ଧରିତ୍ରୀ ପ୍ରଭାବ**
**■ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସରପଞ୍ଚଙ୍କ ଅଭିଯୋଗ**

ଗୋପ,୨୮।୪
(ଭାରତୀ ଭୂଷଣ ଉପାଧ୍ୟାୟ)

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ମରଣଯନ୍ତା ପାଲଟିଥିବା ନେଇ ଧରିତ୍ରୀ ଖବରକାଗଜରେ ଖବର ପ୍ରକାଶ ପରେ ମହଲପଡ଼ା ପଞ୍ଚାୟତ ସରପଞ୍ଚଙ୍କ ଅଭିଯୋଗକୁ ନେଇ ମୁଖ୍ୟମନ୍ତ୍ରୀ ରାସ୍ତା ମରାମତି ଲାଗି ୪୦ ଲକ୍ଷ ଟଙ୍କା ଅନୁଦାନ ଦେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ କୁହୁରା-ଆମ୍ବିଳି ଗାଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ଦୀର୍ଘଦିନ ହେବ ମରଣଯନ୍ତା ହୋଇ ରହିଛି। ଏହି ୯ କି.ମି.ଦୀର୍ଘ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଉପରେ ଗୋପ ବ୍ଲକର ମହଲପଡ଼ା, ଶିମିଳି, ବନାଖଣ୍ଡି ପଞ୍ଚାୟତର ଶତାଧିକ ଗାଁ ସହିତ କାକଟପୁର ବ୍ଲକ ଅଧୀନ ଆଉ କେତେକ ପଞ୍ଚାୟତର ଲୋକେ ଯା'ଆସ କରିଥାନ୍ତି। କିନ୍ତୁ କିଛିଦିନ ତଳେ ଏହି ରାସ୍ତା ଗମନାଗମନ ପାଇଁ ଅନୁପଯୁକ୍ତ ହୋଇପଡ଼ିଥିଲା। ପରେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ସେକ୍ସନ ପକ୍ଷରୁ ୧ କି.ମି. ରାସ୍ତା ଉପରେ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ପେଭର ବ୍ଲକ ପକାଯାଇଥିଲା। ହେଲେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁ ମାତ୍ର ୨ ମାସ ମଧ୍ୟରେ ପେଭର ବ୍ଲକ ଉଠିଯାଇଥିଲା। ଏପରି ଅଭିଯୋଗକୁ ନେଇ ଗତ ମାର୍ଚ୍ଚ ୨୫ରେ ଧରିତ୍ରୀରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା।

ଏହି ଖବର ପ୍ରକାଶ ପରେ ମହଲପଡ଼ା ସରପଞ୍ଚ ଶୀର୍ଷରଞ୍ଜନ ନାୟକ ଗତ ଏପ୍ରିଲ ୩ରେ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ରାସ୍ତା ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶାନୁସାରେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ହରିଶ୍ ଚନ୍ଦ୍ର ପୂର୍ତ୍ତି ଓ ସହକାରୀ ଯନ୍ତ୍ରୀ ନବୀନ କୁମାର ବେହେରାଙ୍କ ରିପୋର୍ଟ ମିଳିବା ପରେ ବିଭାଗ ପକ୍ଷରୁ ୪୦ ଲକ୍ଷ ଟଙ୍କା ମଞ୍ଜୁର ହେବା ସହିତ ତୁରନ୍ତ ଟେଣ୍ଡର କରି ରାସ୍ତା କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ହୋଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ଏପରି ପଦକ୍ଷେପକୁ ମହଲପଡ଼ା ସରପଞ୍ଚ ନାୟକ ଧନ୍ୟବାଦ ଜଣାଇଛନ୍ତି।

# ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ

**ରାଜ୍ୟସ୍ତରୀୟ କୋଣାର୍କ କପ୍ କ୍ରିକେଟ୍**

କୋଣାର୍କ,୨୮।୪(ଜ୍ୟୋତିରାଜ ମହାନ୍ତି)



ଚାମ୍ପିୟନ ଦଳର ଖେଳାଳିଙ୍କ ସହ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିମାନେ ।

କୋଣାର୍କ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ କୋଣାର୍କ କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ଭାରତ ଭୂଷଣ କ୍ରିକେଟ୍ ଏକାଡେମୀକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ ହୋଇଛି।

ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡ଼ା, ଯୁବ ବ୍ୟାପାର ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଚାମ୍ପିୟନ ରାମେଶ୍ୱର ସ୍ପୋର୍ଟିଂକୁ ୩୫ ହଜାର ଓ ଚାମ୍ପିୟନ ଟ୍ରଫି ଏବଂ ରନର୍ସଅପ୍ ଭାରତ ଭୂଷଣ କ୍ରିକେଟ୍ ଏକାଡେମୀକୁ ୨୫ ହଜାର ଟଙ୍କା ଓ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ କୋଣାର୍କ ଭଳି ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ପୁରୀ ଅଲିମ୍ପିକ୍ସ ଆସୋସିଏଶନ କୋଷାଧକ୍ଷ ରବି ପ୍ରତିହାରୀ, କୋଣାର୍କ ଭଗବତୀ ମହାବିଦ୍ୟାଳୟ ଅଧକ୍ଷ ଅବତାର ମିଶ୍ର, ଆର୍.ଡି. ମହିଳା ମହାବିଦ୍ୟାଳୟ ପ୍ରଫେସର ସୁଚିସ୍ମିତା ସର୍ଦ୍ଦାର ଯୋଗଦେଇଥିଲେ।

ପ୍ରଥମେ ବ୍ୟାଟିଂକରି ଭାରତ ଭୂଷଣ କ୍ରିକେଟ ଏକାଡେମୀ ନିର୍ଦ୍ଧାରିତ ୨୦ ଓଭର ମ୍ୟାଚ୍‌ରେ ୭ ଉଇକେଟ ହରାଇ ୧୩୨ ରନ୍ ସଂଗ୍ରହ କରିଥିଲା। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୧୮.୪ ଓଭରରେ ୫ ଉଇକେଟ ହରାଇ ୧୩୮ ରନ୍ କରି ବିଜୟୀ ହୋଇଥିଲା। ରାମେଶ୍ୱର ସ୍ପୋର୍ଟିଂର ଗୌତମ ଗୋପାଳ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ।

ଓସିଏ ପ୍ୟାନେଲ ଅମ୍ପାୟର ଅୟସକାନ୍ତ ମିଶ୍ର, ସତ୍ୟବ୍ରତ ମହାପାତ୍ର, ଦେବେନ୍ଦ୍ରନାଥ ମିଶ୍ର ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଧିରେନ ଚାନ୍ଦ ପିଚ୍ କ୍ୟୁରେଟର, ରାଜେନ୍ଦ୍ର ଦଳାଇ ଓ ପ୍ରମୋଦ ସିହ୍ନା ସ୍କୋରବୋର୍ଡ ପରିଚାଳନା କରିଥିଲେ। ଉଦ୍‌ଘୋଷକ ଭାବେ ପ୍ରଶାନ୍ତ ପାତ୍ର, ଅଧ୍ୟାପକ ଦେବାଶିଷ ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ। କୋଣାର୍କ ସ୍ପୋର୍ଟ୍ସ ଏକାଡେମୀ ସଭାପତି ଚନ୍ଦ୍ରଶେଖର ରାଉତରାୟ, ସମ୍ପାଦକ ରମାକାନ୍ତ ଖଟୋଇ, କୋଷାଧକ୍ଷ ଶିଶିର ସେଠ୍, ଉପସଭାପତି ରଶ୍ମିରଞ୍ଜନ ବିଶ୍ୱାଳ, ପିଙ୍କନ ଜେନା, ଟୁର୍ନାମେଣ୍ଟ ସଂଯୋଜକ ସୁଜିତ୍ ରାଉତରାୟ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ବିଜେତାଙ୍କୁ ସୁଶାନ୍ତ କୁମାର ମହାନ୍ତି, ତୁଷାର ସ୍ୱାଇଁ ଓ ବାବୁନା ମହାପାତ୍ର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଓସେପା କାର୍ଯ୍ୟାଳୟ ଘେରିଲା ଅଭିଭାବକ ମହାସଂଘ

■ **ପାରଦର୍ଶୀ ପୋର୍ଟାଲରେ ଘୋଟାଲା ଅଭିଯୋଗ**

**ଭୁବନେଶ୍ୱର,୨୮।୪(ସୁଚିସ୍ମିତା ସାହୁ)**

ଶିକ୍ଷା ଅଧିକାର ଆଇନ ଅନୁଯାୟୀ ପ୍ରାଇଭେଟ ସ୍କୁଲରେ ୨୫% ସିଟ୍‌ରେ ଆର୍ଥିକ ଓ ସାମାଜିକ ଅନଗ୍ରସର ପିଲାଙ୍କ ମାଗଣା ପାଠପଢ଼ା ନେଇ ପାରଦର୍ଶୀ ପୋର୍ଟାଲରେ ଆବେଦନ ହୋଇଥିଲା। ଇତିମଧ୍ୟରେ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ଛାତ୍ରୀଛାତ୍ର ଚୟନ ଓ ସ୍କୁଲ୍ ଆଲଟ୍‌ମେଣ୍ଟ ତାଲିକା ପ୍ରକାଶ ପାଇଥିବାବେଳେ ଏଥିରେ ବ୍ୟାପକ ଘୋଟାଲା ହୋଇଥିବା ଅଭିଭାବକ ମହାସଂଘ ଅଭିଯୋଗ ଆଣିଛି। ପ୍ରତିବାଦରେ ମହାସଂଘ ପକ୍ଷରୁ ସୋମବାର ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଅନେକ ସ୍କୁଲରେ ଆର୍‌ଟିଇ କୋଟା ସିଟ୍ ଥାଇ ମଧ୍ୟ ପ୍ରାୟ ୫୨୩୯ଜଣ ଛାତ୍ରୀଛାତ୍ରଙ୍କୁ ସିଟ୍ ଆଲଟ୍‌ମେଣ୍ଟ ହୋଇ ନାହିଁ। ପାରଦର୍ଶୀ ପୋର୍ଟାଲରେ ସ୍କୁଲ ପଞ୍ଜୀକରଣ ଅବଧିକୁ ଦୁଇମାସ ଘୁଞ୍ଚା ଯାଇଥିଲା। ମହାସଂଘ ଆନ୍ଦୋଳନକୁ ଓହ୍ଲାଇବାରୁ ବାଧହୋଇ ମାର୍ଚ୍ଚ ୧୮ରେ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ୨୧୦୯ଟି ସ୍କୁଲ ପଞ୍ଜୀକରଣ କରିଥିବାବେଳେ ଶେଷଦିନରେ ଏହି ସଂଖ୍ୟା ୩୯୯୩ରେ ପହଞ୍ଚିଥିଲା। ପଞ୍ଜୀକରଣରେ ସ୍କୁଲ ସଂଖ୍ୟା ବୃଦ୍ଧି ହୋଇଥିବାରୁ ସିଟ୍ ସଂଖ୍ୟା ମଧ୍ୟ ୫୦ ହଜାର ଛୁଇଁଥିଲା। ଏସବୁ ସ୍କୁଲ୍‌ରେ ମାଗଣା ସିଟ୍‌ରେ ନାମଲେଖା ପାଇଁ ସାରା ରାଜ୍ୟରୁ ୩୬୬୯୫ ଆବେଦନ ହୋଇଥିବାବେଳେ ସେଥିରୁ ୮୧୦୧ ରିଜେକ୍ଟ ହୋଇଯାଇଛି। ଏତେ ଆବେଦନ କ'ଣ ପାଇଁ ରିଜେକ୍ଟ ହେଲା, ତାହାକୁ ନେଇ ମହାସଂଘ ପ୍ରଶ୍ନ ଉଠାଇଛି। ଅନ୍ୟପକ୍ଷରେ ୫୨୩୪ ପିଲାଙ୍କ ଆବେଦନ କାଗଜପତ୍ର ଠିକ୍ ଥାଇ ମଧ୍ୟ ସେମାନଙ୍କୁ ସିଟ୍ ଆଲଟ୍‌ମେଣ୍ଟ ହୋଇ ନ ଥିବାରୁ ଅଭିଭାବକ ମହାସଂଘ କର୍ମକର୍ତ୍ତାମାନେ ଓସେପା କାର୍ଯ୍ୟାଳୟର ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ପରେ ଲୋକସେବା ଭବନରେ ଏକ ବୈଠକ ବସିଥିଲା।

### ଶ୍ରମିକ ନେତା ପ୍ରଶାନ୍ତଙ୍କ ପରଲୋକ

**ଖୋର୍ଦ୍ଧା,୨୮।୪(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧାର ସାମାଜିକ କର୍ମୀ ତଥା ସୂତାକଳ ଶ୍ରମିକ ସଂଘର ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କ ସୋମବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୬୮ବର୍ଷ ହୋଇଥିଲା।



ସେ ବିଭିନ୍ନ ଟ୍ରେଡ ୟୁନିଅନର ସଙ୍ଗଠକ ଭାବେ ଶ୍ରମିକମାନଙ୍କ ହକ୍ ପାଇଁ ସଂଗ୍ରାମ ଜାରି ରଖିଥିଲେ। ପ୍ରଶାନ୍ତଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାଙ୍କ ସମେତ ବୁଦ୍ଧିଜୀବୀ, ଶିକ୍ଷାବିତ୍, ରାଜନୈତିକ ନେତୃବୃନ୍ଦ ତାଙ୍କ ମୁକୁନ୍ଦପ୍ରସାଦ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଶୁଭ୍ରଜିତ ମହାନ୍ତି ମୁଖାଗ୍ନି ଦେଇଥିଲେ।

### ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ

**କଳାପଥର (ଗଙ୍ଗାଧର ସାହୁ):** ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ବାଙ୍କୀ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ ପଥୁରିପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁନୀଲ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ପଣ୍ଡିତ ଅଶୋକ କୁମାର ମିଶ୍ର ଯୋଗଦେଇ ମଧୁବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅତିଥିଭାବେ ସଦାଶିବ ଦାସ, ଧନେଶ୍ୱର ବଳିୟାରସିଂହ, ହୃଦାନନ୍ଦ ପ୍ରହରାଜ, ବିଜୟ ମହାନ୍ତି, ସୁଶାନ୍ତ ଦଳେଇ, ପ୍ରଧାନ ଶିକ୍ଷକ ଅକ୍ଷୟ ବେହେରା ପ୍ରମୁଖ ଯୋଗଦେଇଥିଲେ। ଗୁରୁଜୀ ସାଗର ଜେନା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଜିତେନ୍ଦ୍ର ସାହୁ, ନିବାସୀ ମହାନ୍ତି, ଜାଗେରୀ ପଣ୍ଡା, ଲୋପାମୁଦ୍ରା ପ୍ରଧାନ, ସୁଜାତା ବେହେରା, ଗୀତାଞ୍ଜଳି ସାହୁ, ଅକ୍ଷୟ ତ୍ରିପାଠୀ, ଅନସୂୟା ଦାସ ପ୍ରମୁଖ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ।

# ସ୍କୁଲରେ ୟୁଏଏସ୍ ଲାଗୁ ନିଷ୍ପତ୍ତିକୁ ବିରୋଧ

**ବେଗୁନିଆ,୨୮।୪ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**



ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବେଗୁନିଆ ସଦରମହକୁମାସ୍ଥିତ ଶିକ୍ଷକ ଭବନ ସମ୍ମିଳନୀ କକ୍ଷରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବୀନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଏବଂ ସହକାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ସଂଘର ଉପଦେଷ୍ଟା ବସନ୍ତ କୁମାର ପ୍ରହରାଜ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ୟୁନାଇଟେଡ ଅଟୋମେଶନ ସିଷ୍ଟମ(ୟୁଏଏସ୍)କୁ ବୈଠକରେ ବିରୋଧ କରାଯିବା ସହ ସରକାର ଡିଜିଟାଲକୁ ଗୁରୁତ୍ୱ ଦିଅନ୍ତୁ ବୋଲି ମତପ୍ରକାଶ ପାଇଥିଲା। ସ୍ମାର୍ଟ ମୋବାଇଲ, ଇଣ୍ଟରନେଟ ସୁବିଧା, କମ୍ପ୍ୟୁଟର ଏବଂ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିବା ପରେ ୟୁଏଏସ୍ ଲାଗୁ କରାଯାଉ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହା ସହିତ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପାଇଁ ଡ୍ରେସ କୋର୍ଡ ଭତ୍ତା ପ୍ରଦାନ କରାଯାଉ ଏବଂ କ୍ୟାସଲେସ ସ୍ୱାସ୍ଥ୍ୟ ବୀମାଭୁକ୍ତ କରାଯାଉ ବୋଲି ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ପ୍ରକଳ୍ପ ନିର୍ଦ୍ଦେଶକ(ଓସେପା) ଏବଂ ଖୋର୍ଦ୍ଧା ଜିଲାପାଳଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଉ ଏକ ଦାବିପତ୍ର ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ବେଗୁନିଆ ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କୁ ପ୍ରଦାନ କରାଯାଇଛି। ବୈଠକରେ ଓଷ୍ଟାର ବ୍ଲକ ସମ୍ପାଦକ ଗଣେଶ୍ୱର ମିଶ୍ର, ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ସରୋଜ ବେହେରା, ବୀରକିଶୋର ମହାରଣା, ଅକ୍ଷୟ ମଲ୍ଲିକ, ଉମାକାନ୍ତ ନାୟକଙ୍କ ସହିତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

# 'ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'



ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଖୋର୍ଦ୍ଧା ଜିଲା ଓକିଲ ସଂଘର କର୍ମକର୍ତ୍ତା ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୨୮।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ଓକିଲ ସଂଘ ଆନୁକୂଲ୍ୟରେ ସୋମବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋର୍ଟ ସମ୍ମୁଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପରେ କୋର୍ଟ ପରିସର ବାର୍ କାର୍ଯ୍ୟାଳୟରେ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସମ୍ପାଦକ କ୍ଷୀରୋଦ ସ୍ୱାଇଁ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣରେ ମଧୁବାବୁ ସମାଜ ପାଇଁ ଜଣେ ସମର୍ପିତ ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ। ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମତ ପ୍ରକାଶ ପାଇଥିଲା। ସେହିପରି ଓଡ଼ିଶା ପ୍ରତି ମଧୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦଳବେହେରା କହିଥିଲେ। ମଧୁବାବୁ ଜଣେ ନିର୍ଭିକ, ସ୍ୱାଭିମାନୀ ଓଡ଼ିଆ ଥିଲେ ବୋଲି ବରିଷ୍ଠ ଓକିଲ ନୃସିଂହନାଥ ମିଶ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପସଭାପତି ପ୍ରଦୀପ୍ତ କୁମାର ରାମ, କୋଷାଧ୍ୟକ୍ଷ ବସନ୍ତ କୁମାର ଭଞ୍ଜ, କାର୍ଯ୍ୟକାରିଣୀ ସଦସ୍ୟା ମନୋଲିସା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିବା ବେଳେ ବରିଷ୍ଠ ଆଇନଜୀବୀ ଅଜିତ ପଟ୍ଟନାୟକ, ଶିଶିର ପରିଡା, ସୁଶାନ୍ତ ରାୟ, ପ୍ରଫୁଲ୍ଲ ସାହୁ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସଞ୍ଜୟ ପଟ୍ଟନାୟକ, ମନୋଜ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ରାଜ୍ୟ ଅଭିଯୋଜନ ନିର୍ଦ୍ଦେଶାଳୟରେ ଦିନିକିଆ କର୍ମଶାଳା

**ଭୁବନେଶ୍ୱର,୨୮।୪(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ତୋଷାଳି ଭବନସ୍ଥିତ ରାଜ୍ୟ ଅଭିଯୋଜନ ନିର୍ଦ୍ଦେଶାଳୟରେ ସୋମବାର ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଉଦ୍‌ଘାଟନ କରିଥିଲେ। ତେବେ ନୂତନ ବ୍ୟବସ୍ଥାରେ ଉପ ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକଙ୍କ ଭୂମିକା ସମ୍ପର୍କରେ ସାହୁ ଆଲୋକପାତ କରିବା ସହ ଆଗକୁ କିପରି ଦଣ୍ଡହାର ବୃଦ୍ଧି ପାଇବ, ସେ ଦିଗରେ ମଧ୍ୟ ଆଲୋଚନା କରିଥିଲେ। ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ୟାମ ସୁନ୍ଦର ଦାଶ ନୂତନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱତନ୍ତ୍ର ଅଧିକାରୀ ଜନ୍ମେଜୟ ପଲେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଯୁଗ୍ମ ନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକ ରାଜ୍ୟ ନିର୍ଦ୍ଦେଶାଳୟ ସମ୍ପର୍କରେ ସୂଚନା ଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅର୍ଜୁନ



@ ଅଶୋକ



@ ବର୍ଷା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାସ୍ତାର ଉଭୟ ପାର୍ଶ୍ୱରୁ ମାଟିଖୋଳାକୁ ନେଇ ଅସନ୍ତୋଷ

**ବେଗୁନିଆ,୨୮।୪(ସନ୍ଧ୍ୟାରାଣୀ ମିଶ୍ର)**



### ବିନା ସୂଚନାଫଳକରେ ଚାଲିଛି ରାସ୍ତା ପ୍ରଶସ୍ତୀକରଣ

ବେଗୁନିଆ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଡାଳତୋଳା-ସାମନ୍ତରାପୁର ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ବିନା ସୂଚନାଫଳକରେ ଚାଲିଛି। ଏପରିକି ରାସ୍ତାର ଉଭୟ ପାର୍ଶ୍ୱରୁ ମାଟି ଖୋଳାଯାଉଥିବା ଅଭିଯୋଗ ହେଉଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଏହି ରାସ୍ତା ଦୀର୍ଘ ବର୍ଷ ହେବ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଥିବା ବେଳେ ପାଞ୍ଚ ବର୍ଷ ପୂର୍ବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ କାମ କରା ନ ଯାଇ ଅଧା ପିଚୁ କରାଯାଇଥିବା ବେଳେ ଅଧା ରାସ୍ତା ଖାଲଢିପ ହୋଇପଡ଼ିଥିଲା। ନିମ୍ନମାନର କାମ ଯୋଗୁ ପରବର୍ତ୍ତୀ ସମୟରେ ପିଚୁ ଉଠିଯାଇ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିଲା। ଫଳରେ ଲୋକେ ଯାତାୟାତ କରିବାରେ ହଇରାଣ ହେଉଥିଲେ। ତେବେ ଯେଉଁ ପର୍ଯ୍ୟନ୍ତ ପିଚୁ କାମ ହୋଇଥିଲା, ଉକ୍ତ ରାସ୍ତାର ପ୍ରଶସ୍ତୀକରଣ କରାଯାଉଥିବା ବେଳେ ସୂଚନାଫଳକ ଲଗାଯାଇ ନାହିଁ। ରାସ୍ତାର ଉଭୟ ପାର୍ଶ୍ୱ ଖୋଳାଯାଇ କ୍ରଶର ଗୁଣ୍ଡ ଭର୍ତ୍ତି କରାଯାଇ ତା ଉପରେ ମାଟି କାମ କରାଯାଉଛି। ତେବେ ଅନ୍ୟସ୍ଥାନରୁ ମାଟି ଆଣି ଉକ୍ତ କାର୍ଯ୍ୟ କରିବା ପାଇଁ ଥିବାବେଳେ ଜେସିବି ଦ୍ୱାରା ରାସ୍ତା ଦୁଇପାର୍ଶ୍ୱରୁ ମାଟି ଉଠାଯାଇ କାମ ହେଉଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଖାଲ ସୃଷ୍ଟି ହୋଇଛି। ବର୍ଷାଦିନେ ଏହି ଖାଲରେ ପାଣି ଜମି ରାସ୍ତା ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। ଉକ୍ତ ରାସ୍ତା ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# କୁକୁଡ଼ା ମୁଣ୍ଡରେ ବିଷଦେଇ ୩୦ କୁକୁରଙ୍କୁ ହତ୍ୟା

**ଭୁବନେଶ୍ୱର,୨୮।୪(ବନ୍ଦନା ସେଠୀ)**

ଭୁବନେଶ୍ୱର ପୁରୁଣା ବିମାନବନ୍ଦର ଅଞ୍ଚଳରେ ଗତ କିଛିଦିନ ଧରି କୁକୁର ମଡ଼କ ଦେଖାଦେଇଛି। ଏବେସୁଦ୍ଧା ଆଖପାଖ ଅଞ୍ଚଳରେ ପ୍ରାୟ ୨୦ରୁ ୩୦ କୁକୁରଙ୍କୁ କେହି ଅଜ୍ଞାତ ବ୍ୟକ୍ତି ବିଷଦେଇ ମାରୁଥିବା ଦେଖାଯାଇଛି। କୁକୁଡ଼ା ମୁଣ୍ଡ ଓ କୁକୁଡ଼ା ମାଂସରେ ବିଷଦେଇ ଏଭଳି ହତ୍ୟା କରାଯାଉଥିବା ସୋସାଇଟି ଫର୍ ଦି ପ୍ରଭେନ୍‌ଶନ୍ ଅଫ୍ କ୍ରୁଏଲିଟି ଟୁ ଆନିମଲ୍(ଏସ୍‌ପିସିଏ) ଅନୁଷ୍ଠାନର ସଦସ୍ୟ ତ୍ରୈଲୋକ୍ୟନାଥ ମହାରଣା ଓ ପିପୁଲ୍‌ସ ଫର୍ ଆନିମଲ୍‌ର ଜୀବନବଲ୍ଲଭ ଦାସ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ପ୍ରାଣୀ ପ୍ରେମୀ ଓ ପ୍ରାଣୀ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ମଙ୍ଗଳବାର ସ୍ଥାନୀୟ ଥାନାରେ ଏନେଇ ଏତଲା ଦିଆଯିବ ବୋଲି ଜୀବନବଲ୍ଲଭ କହିଛନ୍ତି। ଅଭିଯୋଗ ଅନୁଯାୟୀ, ବିଷମିଶା ମାଂସ ଖାଇବା ପରେ ଅଧିକାଂଶ କୁକୁର ଅସୁସ୍ଥ ହୋଇପଡିଥିବାବେଳେ ଅନେକ ମୃତ୍ୟୁବରଣ କରିଛନ୍ତି। ବିଭିନ୍ନ ସ୍ଥାନରେ ମୃତ କୁକୁର ପଡିରହିଥିବା ଦେଖିବାକୁ ମିଳୁଛି। ଏନେଇ ପିପୁଲ୍‌ସ ଫର୍ ଆନିମଲ୍ ପକ୍ଷରୁ ବିଏମ୍‌ସି, ଖୋର୍ଦ୍ଧା ଜିଲା ଏଡିଭିଓ ଏବଂ ଏସ୍‌ପିଏ ସଦସ୍ୟମାନଙ୍କୁ ଅବଗତ କରାଯାଇଛି। ହେଲେ କେଉଁ କାରଣରୁ ଏହି ନୀରିହ ପ୍ରାଣୀମାନଙ୍କୁ ବିଷ ଦେଇ ହତ୍ୟା କରାଯାଉଛି ଏବଂ କିଏ ଏଭଳି କାର୍ଯ୍ୟ କରୁଛି, ସେ ସମ୍ପର୍କରେ ତଦନ୍ତ କରିବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି।

# ଆଇନକ୍ଷେତ୍ରରେ ମଧୁବାବୁଙ୍କ ଭୂମିକା ବଳିଷ୍ଠ

**ଖୋର୍ଦ୍ଧା,୨୮।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଖୋର୍ଦ୍ଧା ଉତ୍କଳ ସମ୍ମିଳନୀ ପକ୍ଷରୁ ଜିଲା ସଭାପତି ଶକ୍ତିଶଙ୍କର ମିଶ୍ର, ସମ୍ପାଦକ ବିମଳଚନ୍ଦ୍ର ଷଡ଼ଙ୍ଗୀ ଏବଂ ଅନ୍ୟମାନେ କୋର୍ଟ ପରିସରସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ। ଓଡ଼ିଶା ମାଟି ପ୍ରତି ମଧବାବୁଙ୍କ ଅବଦାନ ଅତୁଳନୀୟ ବୋଲି ସମ୍ପାଦକ ଷଡ଼ଙ୍ଗୀ କହିଥିଲେ। ଆଜିର ଯୁବପିଢ଼ି, ଆଇନଜୀବୀ ନିର୍ଭୀକ ହୋଇ ଆଗକୁ ବଢ଼ିବାକୁ ପରାମର୍ଶ ଦେବା ସହ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସଭାପତି ମିଶ୍ର କହିଥିଲେ। ସେହିପରି ଖୋର୍ଦ୍ଧା ଜିଲା ଅଧିବକ୍ତା ପରିଷଦ ପକ୍ଷରୁ ରାଜ୍ୟ ସଭାପତି ଅଜିତ ପଟ୍ଟନାୟକ, ଜିଲା ସଭାପତି ପବିତ୍ର ମୋହନ ରାଜଗୁରୁ, ଲୋତକ ବିନ୍ଦୁ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ଆରତି ପଟ୍ଟନାୟକ, ମୋନାଲିସା ମିଶ୍ର ପ୍ରମୁଖ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ସେହିଭଳି ସାମାଜିକ ଅନୁଷ୍ଠାନ ଜାଗୃତିପକ୍ଷରୁ ସଭାପତିଦିଲୀପ ପଟ୍ଟନାୟକ, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଜିତେନ୍ଦ୍ର ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ଜଟଣୀ (ରବୀନ୍ଦ୍ରନାଥ ମହାକୁଡ଼):** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ସୋମବାର ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ଖୋର୍ଦ୍ଧାରୋଡ ଶାଖା କାର୍ଯାଳୟଠାରେ ସଭାପତି ବି.କେ.ସାମଲଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଯାଇଛି। ଅ ନୁଷ୍ଠାନର ସଭାପତି ସାମଲ ମଧୁସୂଦନଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ପାଦକ ବିଜୟ ରାମ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ଦାସ, ସୁରେନ୍ଦ୍ର ନାୟକ, ଉପସଭାପତି ସୁମନ ପଟ୍ଟନାୟକ, ସହ ସମ୍ପାଦକ ସୌଦାଗର ମହାନ୍ତି, ପି. କେ.ଦେଓ, ଅରୁଣ ମହାନ୍ତି, ଅବନି ମାଝୀ ପ୍ରମୁଖ ଯୋଗଦେଇ ମଧୁସୂଦନଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ଉଲ୍ଲାସ ଜେନା ଧନ୍ୟବାଦ ଦେଇଥିଲେ। ସେହିପରି ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଓ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅବନୀ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ବହୁ ସଦସ୍ୟ ଯୋଗଦେଇ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜଟଣୀ ସହରରେ ଥିବା ଗୋପବନ୍ଧୁ ପାର୍କ କିମ୍ବା ମ୍ୟୁନିସିପାଲିଟି ଛକଠାରେ ମଧୁବାବୁଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଛି।



ମଧୁବାବୁଙ୍କ ଜୟନ୍ତୀ ପାଳନ ଅବସରରେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ।

**ବାଣପୁର (ଦିଲୀପ କୁମାର ସ୍ୱାଇଁ):** ବାଣପୁର ଓକିଲ ସଂଘ ପକ୍ଷରୁ ସୋମବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଏବଂ ଓକିଲ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବୃନ୍ଦାବନ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ସଂଘର ସଦସ୍ୟମାନେ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ମଧୁବାବୁଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନରେ ସମ୍ମାନିତ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ଓକିଲ ସଂଘର ସମ୍ପାଦକ ଜଗଦୀଶ ପଟ୍ଟନାୟକ, ସହସମ୍ପାଦକ ନରେନ୍ଦ୍ର ନାୟକ, ସଦସ୍ୟ ପ୍ରସନ୍ନ ଜେନା, ବରିଷ୍ଠ ଆଇନଜୀବୀ ଗୌରିଶଙ୍କର ଷଡ଼ଙ୍ଗୀ, ରମେଶ ବିଶୋୟୀ, ଜଳଧର ପ୍ରଧାନ, ସଚିତ୍ ମିଶ୍ର, ମୁରଲୀ ସାମନ୍ତସିଂହାର, ମହେନ୍ଦ୍ର କୁମାର ସାମନ୍ତସିଂହାର, ନୀରୋଜ ମହାନ୍ତି, ପ୍ରଶାନ୍ତ ମହାନ୍ତି, ପ୍ରଦୀପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ବାଲୁଗାଁ (ସଂଗ୍ରାମ ପାଇକରାୟ):** ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟାପକ ଡ.କୈଳାସ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭାରେ ଅଧ୍ୟାପକ ବିଦ୍ୟାଧର ଜୁଝାରସିଂହ, ଅଧ୍ୟାପକ ପ୍ରବୀଣ କୁମାର ଜେନା, ଡ.ସନ୍ତୋଷ କୁମାର ରଥ, ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ରୀନା ରାଉତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟାପିକା ସୁଶ୍ରୀ ତପସ୍ୱିନୀ ନନ୍ଦ ଓ ଅଧ୍ୟାପିକା କୀର୍ତ୍ତିମୟୀ ବାରିକ ମଧୁବାବୁଙ୍କ କାଳଜୟୀ କବିତା ପାଠ କରିଥିଲେ। ଅଧ୍ୟାପିକା କ୍ରିଷ୍ଣା ସେଠୀ, ସୁନୀତା ନନ୍ଦ, ମନସ୍ୱିନୀ ପଟ୍ଟନାୟକ, ସ୍ନିଗ୍ଧାରାଣୀ ମୁଦୁଲି, ବାଳକୃଷ୍ଣ ପାଢ଼ୀ, ଚନ୍ଦନ ନାୟକ, ରୋଜାଲିନ ମିଶ୍ର, ଶୁଚିସ୍ମିତା ମହାପାତ୍ର, ହିମାଂଶୁ ଦାଶ, ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଅଧ୍ୟାପିକା ରୀନା ରାଉତ ଧନ୍ୟବାଦ ଦେଇଥିଲେ।

**ଟାଙ୍ଗୀ (ରଘୁନାଥ ସାହୁ):** ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ ବଳରାମ ଦେବ ମନ୍ଦିରଠାରେ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ସଭାପତି ନାରାୟଣ ମହାପାତ୍ର, ଅରୁଣ ରଞ୍ଜନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ପାତ୍ର, ବଡ଼ପାରୀ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଚ୍ଛନ୍ଦ ଜୟ ସିଂ, ସମ୍ପାଦକ ସାରଙ୍ଗଧର ପାଲଟା ସିଂ, ସାମ୍ବାଦିକ ରଘୁନାଥ ସାହୁ, ଆଇନଜୀବୀ ନିରଞ୍ଜନ ଦାସ, ମନୋଜ ମାନସିଂହ, ଅଶ୍ୱିନୀ ଦାସ, ମନୋଜ ପଟ୍ଟନାୟକ, ସୁଶାନ୍ତ ସିଂ, ପଣ୍ଡିତ ପ୍ରଦ୍ୟୁମ୍ନ ସାଥୁଆ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ସହ ସମ୍ପାଦକ ରବୀନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ମଧୁବାବୁଙ୍କ ଜୀବନୀ ସମ୍ପର୍କରେ ସ୍ୱରଚିତ କବିତା ପାଠ କରାଯାଇଥିଲା। କୃଷ୍ଣ ଚନ୍ଦ୍ର ପ୍ରଧାନ, ଦିଲୀପ ନାଥ, ପ୍ରଭାକର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ରଣା, ନିମାଇଁ ଚରଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଷଦେଇ ୩୦ କୁକୁରଙ୍କୁ ହତ୍ୟା

## ରାଜଧାନୀରେ ନୃଶଂସତା ସୀମା ଟପିଲା



ଭୁବନେଶ୍ୱର,୨୮।୪(ବନ୍ଦନା ସେଠୀ)

ଭୁବନେଶ୍ୱର ପୁରୁଣା ବିମାନବନ୍ଦର ଅଞ୍ଚଳରେ ଗତ କିଛିଦିନ ଧରି କୁକୁର ମଡ଼କ ଦେଖାଦେଇଛି। ଏବେସୁଦ୍ଧା ଆଖପାଖ ଅଞ୍ଚଳରେ ପ୍ରାୟ ୨୦ରୁ ୩୦ କୁକୁରଙ୍କୁ କେହି ଅଜ୍ଞାତ ବ୍ୟକ୍ତି ବିଷଦେଇ ମାରୁଥିବା ଦେଖାଯାଇଛି। କୁକୁଡ଼ା ମୁଣ୍ଡ ଓ ମାଂସରେ ବିଷଦେଇ ଏଭଳି ହତ୍ୟା କରାଯାଉଥିବା ସୋସାଇଟି ଫର୍ ଦି ପ୍ରିଭେନ୍‌ଶନ୍ ଅଫ୍ କ୍ରୁଏଲିଟି ଟୁ ଆନିମଲ୍(ଏସ୍‌ପିସିଏ) ଅନୁଷ୍ଠାନର ସଦସ୍ୟ ତ୍ରୈଲୋକ୍ୟନାଥ ମହାରଣା ଓ ପିପୁଲ୍‌ସ ଫର୍ ଆନିମଲ୍‌ର ଜୀବନବଲ୍ଲଭ ଦାସ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ପ୍ରାଣୀପ୍ରେମୀ ଓ ପ୍ରାଣୀ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ମଙ୍ଗଳବାର ସ୍ଥାନୀୟ ଥାନାରେ ଏନେଇ ଏତଲା ଦିଆଯିବ ବୋଲି ଜୀବନବଲ୍ଲଭ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ବିଷମିଶା ମାଂସ ଖାଇବା ପରେ ଅଧିକାଂଶ କୁକୁର ଅସୁସ୍ଥ ହୋଇପଡିଥିବାବେଳେ ଅନେକ ମୃତ୍ୟୁବରଣ କରିଛନ୍ତି। ବିଭିନ୍ନ ସ୍ଥାନରେ ମୃତ କୁକୁର ପଡିରହିଥିବା ଦେଖିବାକୁ ମିଳୁଛି। ଏନେଇ ପିପୁଲ୍‌ସ ଫର୍ ଆନିମଲ୍ ପକ୍ଷରୁ ବିଏମ୍‌ସି, ଖୋର୍ଦ୍ଧା ଜିଲା ଏଡିଭିଓ ଏବଂ ଏସ୍‌ପିସିଏ ସଦସ୍ୟମାନଙ୍କୁ ଅବଗତ କରାଯାଇଛି। ହେଲେ କେଉଁ କାରଣରୁ ଏହି ପ୍ରାଣୀମାନଙ୍କୁ ବିଷ ଦେଇ ହତ୍ୟା କରାଯାଉଛି ଏବଂ କିଏ ଏଭଳି କାର୍ଯ୍ୟ କରୁଛି, ସେ ସମ୍ପର୍କରେ ତଦନ୍ତ କରିବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏପରିକି ଅଭିଯୋଗ ପରେ ମଧ୍ୟ ଶବ ବ୍ୟବଚ୍ଛେଦ ପାଇଁ ପ୍ରକ୍ରିୟା କରାଯାଉନାହିଁ। ଏଥିରୁ ଖୋର୍ଦ୍ଧା ଜିଲାର ଜୀବେ ନିଷ୍ଠୁରତା ନିରୋଧ ସମିତି କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇପଡିଥିବା ଜଣାପଡ଼ିଛି ବୋଲି ତ୍ରୈଲୋକ୍ୟ କହିଛନ୍ତି। ସେହିପରି ଜିଲାରେ ଏନ୍‌ଫୋର୍ସ ପାଇଁ ପୂର୍ବରୁ ଏସ୍‌ପିସିଏ ଇନ୍ସପେକ୍ଟର ନିଯୁକ୍ତ ଥିବାବେଳେ ବର୍ତ୍ତମାନ ଦୀର୍ଘବର୍ଷ ଧରି ଏହି ପଦବୀ ଖାଲିପଡିଛି। ଅନ୍ୟପକ୍ଷରେ ଜିଲାର ପ୍ରାଣୀ ମଙ୍ଗଳ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନୂତନ ଇନ୍ସପେକ୍ଟର ନିଯୁକ୍ତି ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପାଦନା କରିବାକୁ ଜିଲାପାଳ ପୂର୍ବରୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଘଟଣା ସମ୍ପର୍କରେ ଅବଗତ ହେବା ପରେ ମଧ୍ୟ ସମ୍ପୃକ୍ତ ଅଧିକାରୀ ଚୁପ୍ ବସିଥିବା ଅଭିଯୋଗ କରାଯାଇଛି। ପ୍ରଶାସନିକସ୍ତରରେ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭୁବନେଶ୍ୱର ଓ ଜିଲାର ଏସ୍‌ପିସିଏ ସଦସ୍ୟଙ୍କ ସହ ପ୍ରାଣୀ ସୁରକ୍ଷାକର୍ମୀ ଦାବି କରିଛନ୍ତି। ଅପରପକ୍ଷେ ଘଟଣା ନେଇ କୌଣସି ଖବର ନ ଥିବା ବିଏମ୍‌ସିର ବିଭାଗୀୟ ଅଧିକାରୀ କହିଛନ୍ତି।

## ସଂକ୍ଷେପରେ

### ବିଧାୟକଙ୍କ ଗାଡ଼ି ଡ୍ରାଇଭରଙ୍କୁ ମାଡ଼, ଜଣେ ଗିରଫ

ପିପିଲି,୨୮।୪(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ମଙ୍ଗଳପୁର ନିକଟ ବରଜୁପାଟଣା ଗ୍ରାମରେ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଗାଡ଼ି ଡ୍ରାଇଭରଙ୍କୁ ଆକ୍ରମଣ ଅଭିଯୋଗରେ ପିପିଲି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ବୁବୁନା ବେହେରା (୩୪)। ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ପିପିଲି ମଙ୍ଗଳପୁର ନିକଟ ବରଜୁପାଟଣା ଗ୍ରାମରେ ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ଆୟୁଷ୍ମାନ୍ କାର୍ଡ ବାଣ୍ଟିବା ପାଇଁ ଗାଡ଼ିକୁ ରାସ୍ତାକଡ଼ରେ ରଖି ଗ୍ରାମର ସାହି ଭିତରକୁ ଯାଇଥିଲେ। ଏହି ସମୟରେ ନିକଟସ୍ଥ ଗ୍ରାମର ବୁବୁନା ଏକ ବାଇକ୍‌ରେ ଆସି ଭାରସାମ୍ୟ ହରାଇ ବିଧାୟକଙ୍କ ଗାଡ଼ି ସହ ଧକ୍କା ହୋଇଥିଲେ। ଫଳରେ ଗାଡ଼ି ଡ୍ରାଇଭର ଟୁଟୁ ପରିଡ଼ା ଓ ବୁବୁନାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଖବରପାଇ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଥାନାକୁ ଉଠାଇ ଆଣିଥିଲେ। ଏନେଇ ବିଧାୟକଙ୍କ ଡ୍ରାଇଭର ଟୁଟୁ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୨୬୨/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ତ୍ରିପାଠୀ କହିଛନ୍ତି।

### ସେଣ୍ଟ୍ରାଲ ବ୍ୟାଙ୍କ ସେବାନିବୃତ୍ତ ସଂଘ ବାର୍ଷିକ ବୈଠକ

ଭୁବନେଶ୍ୱର, ୨୮।୪ (ସୌମ୍ୟରଞ୍ଜନ ରାଉତ)

ସେଣ୍ଟ୍ରାଲ ବ୍ୟାଙ୍କ ସେବାନିବୃତ୍ତ ସଂଘର ବାର୍ଷିକ ବୈଠକ ସୋମବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ପୂର୍ବତନ ପ୍ରବନ୍ଧକ ବିଶ୍ୱରଞ୍ଜନ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ରଞ୍ଜନ କୁମାର ଦାସ ଯୋଗଦେଇ ବ୍ୟାଙ୍କର ଆର୍ଥିକ ଦୃଷ୍ଟିକୋଣ, ପେନ୍‌ସନ ବୃଦ୍ଧି, ଅବସର ପରେ କିଭଳି ଶାନ୍ତି ଓ ସ୍ୱାସ୍ଥ୍ୟମୟ ଜୀବନଯାପନ କରିହେବ ସେ ନେଇ ପୁରାଣ ଏବଂ ବିଭିନ୍ନ କାହାଣୀ ମାଧ୍ୟମରେ ବୁଝାଇଥିଲେ। ସଂଘର ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବତନ ସମ୍ପାଦକ ରବୀନ୍ଦ୍ର ନାଥ ଦାସ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପୂର୍ବତନ ଉପସଭାପତି କୈଳାସ ଚନ୍ଦ୍ର ପରିଡା ପେନ୍‌ସନ ବୃଦ୍ଧି ସମ୍ପର୍କରେ କହିଥିଲେ। ଡ.ଅଭିରାମ ଦାସ, ପୂର୍ବତନ କ୍ଷେତ୍ରୀୟ ପରିଚାଳକ ପିକେ ମହାନ୍ତି, ଅଶୋକ କୁମାର ତା ଓ ତ୍ରୈଲୋକ୍ୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ପ୍ରବନ୍ଧକ ରବୀନ୍ଦ୍ର ନାଥ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

### ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

ବାରଙ୍ଗ,୨୮।୪(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଉତ୍ତର ଭାଜପା ପକ୍ଷରୁ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କୁ ସୋମବାର ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି। ଭାଜପା ନେତ୍ରୀ ସଂଯୁକ୍ତା ପଢ଼ିହାରୀଙ୍କ ନେତୃତ୍ୱରେ ଭାଜପା କର୍ମୀ ଢାଙ୍ଗା ଗ୍ରାମମୁଣ୍ଡରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ସୋମନାଥ ମନ୍ଦିର ପର୍ଯ୍ୟନ୍ତ ଯାଇ ନିରବ ପ୍ରାର୍ଥନା କରିଥିଲେ। କର୍ମୀମାନେ ଆତଙ୍କବାଦୀ ଆକ୍ରମଣରେ ମୃତ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶୋଭାଯାତ୍ରାରେ ଦୁଷ୍ମନ୍ତ ସାସମଲ, ସୁକାନ୍ତ ପଣ୍ଡା, ଅକ୍ଷୟ କାଣ୍ଡି, ରୁକ୍ମୁଣି ଭୋଇ, ମାଗା ସାହୁଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ଅଂଶଗ୍ରହଣ କରିଥିଲେ।

# ପୋଲିସ, ଆର୍ମି ମଧ୍ୟରେ ସମନ୍ୱୟ ରଖିବାକୁ ଗୁରୁତ୍ୱ



ବୈଠକରେ କମାଣ୍ଡାଣ୍ଟ ରାଜେନ୍ଦ୍ର ସିଂ, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଓ ଅନ୍ୟମାନେ।

ଭୁବନେଶ୍ୱର,୨୮।୪(ସତ୍ୟଜିତ୍ ରାଉତ)

କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ସୋମବାର ପୋଲିସ ଓ ଆର୍ମି ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭୁବନେଶ୍ୱର ଆର୍ମି ଷ୍ଟେଶନ ମୁଖ୍ୟାଳୟର ଆଡ୍‌ମିନିଷ୍ଟ୍ରେଟିଭ୍ କମାଣ୍ଡାଣ୍ଟ ରାଜେନ୍ଦ୍ର ସିଂ, ଷ୍ଟାଫ୍ ଅଫିସର ନୀହାର କୁଅଁର, କେ.ଜି ମହାନ୍ତି ଓ ନରେଶ କୁମାର ଉପସ୍ଥିତ ଥିଲେ। ଏହି ଅବସରରେ ପୋଲିସ ଓ ଆର୍ମି ମଧ୍ୟରେ ନିରବଚ୍ଛିନ୍ନ ଏବଂ ପ୍ରଭାବଶାଳୀ ସମନ୍ୱୟ ରହିବ ବୋଲି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଆଶ୍ୱାସନା ଦେଇଥିଲେ। ଭରତପୁର ଘଟଣାର ପୁନରାବୃତ୍ତି ଯେପରି ନ ଘଟିବ ତାହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଥାନାକୁ ଅଭିଯୋଗ ନେଇ ଆସୁଥିବା ସେନା ଅଧିକାରୀ ଓ କର୍ମଚାରୀଙ୍କୁ ପୋଲିସ ସୌଜନ୍ୟ ରକ୍ଷା କରି ସମ୍ମାନ ପୂର୍ବକ ବ୍ୟବହାର ପ୍ରଦର୍ଶନ କରିବ। ସେନା ଅଧିକାରୀଙ୍କ ଅଭିଯୋଗ ପ୍ରତି ପୋଲିସ ତୁରନ୍ତ ଧ୍ୟାନ ଦେବା ସହ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଗୁରୁତ୍ୱ ଦିଆଯାଇଥିଲା। ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ସମେତ ଅନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ସୁରକ୍ଷା କଡ଼ାକଡ଼ି କରାଯାଇଥିବାବେଳେ ଭୁବନେଶ୍ୱର ରେଳ ଷ୍ଟେଶନରେ ଆର୍‌ପିଏଫ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

# ଭୁବନେଶ୍ୱର ରେଳଷ୍ଟେଶନରେ ଫ୍ଲାଗ୍‌ମାର୍ଚ୍ଚ

ଭୁବନେଶ୍ୱର,୨୮।୪(ସତ୍ୟଜିତ୍ ରାଉତ)

**ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ସୁରକ୍ଷା ବଢ଼ିଲା**

ଜମ୍ମୁ-କଶ୍ମୀର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ସବୁଠି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏହି କ୍ରମରେ ସୋମବାର ଭୁବନେଶ୍ୱର ରେଲୱେ ଷ୍ଟେଶନରେ ରେଲ୍‌ୱେ ପ୍ରୋଟେକ୍ସନ୍ ଫୋର୍ସ (ଆର୍‌ପିଏଫ୍) ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ସନ୍ଦିଗ୍ଧ ଲୋକଙ୍କୁ ପଚରାଉଚରା କରାଯିବା ସହ ମାଇକ ଜରିଆରେ ଯାତ୍ରୀଙ୍କୁ ମଧ୍ୟ ସଚେତନ କରାଯାଇଥିଲା। ତେବେ ଷ୍ଟେଶନର କୌଣସି ପ୍ରକାରର ସନ୍ଦେହଜନକ କାର୍ଯ୍ୟ ନଜରକୁ ଆସିଲେ ଖବର ଦେବା ପାଇଁ ଆର୍‌ପିଏଫ୍ ପକ୍ଷରୁ ଅପିଲ କରାଯାଇଥିଲା। ଫ୍ଲାଗମାର୍ଚ୍ଚ ବେଳେ ଆର୍‌ପିଏଫ୍ ଅଧିକାରୀମାନେ ମେଟାଲ ଡିଟେକ୍ଟର ସାହାଯ୍ୟରେ ଲଗେଜ୍ ଆଦି ସାମଗ୍ରୀକୁ ତନ୍ନ ତନ୍ନ ଯାଞ୍ଚ କରିଥିଲେ। ତେବେ ଆଗକୁ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ ଜାରି ରହିବ ବୋଲି ଆର୍‌ପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଏକାମ୍ର ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ

ପୁରୁଣା ଭୁବନେଶ୍ୱର,୨୮।୪(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ବରିଷ୍ଠ ନାଗରିକ ସଂଘର ନବମ ବାର୍ଷିକୋତ୍ସବ ଲୁଇସ୍ ରୋଡ୍‌ସ୍ଥିତ ଏକ କଲ୍ୟାଣମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ହୃଷିକେଶ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ବାବୁ ସିଂ ଯୋଗଦେଇ ୭୦ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକମାନେ ଆୟୁଷ୍ମାନ ଯୋଜନାରେ ସାମିଲ ହେବା ନେଇ ସରକାର ଚିନ୍ତା କରୁଛନ୍ତି ବୋଲି କହିଥିଲେ। ସମ୍ପାଦକ ଧୀରେନ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥଲେ। ସମ୍ମାନିତ ଅତିଥିଭାବେ ଚାଟାର୍ଡ ଆକାଉଣ୍ଟାଣ୍ଟ ଅରୁଣ କୁମାର ସାବତ, ବରିଷ୍ଠ ନାଗରିକ ମହାସଂଘର ସଭାପତି ଡା.ପ୍ରସନ୍ନ କୁମାର ଦାସ, ମୁଖ୍ୟବକ୍ତା ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ, ସଙ୍ଗଠନର ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବିଜୟ କୁମାର ମହାନ୍ତିଙ୍କ ସଂଯୋଜନାରେ ମୟୂର ଆର୍ଟ ସେଣ୍ଟରର କଳାକାରଙ୍କ ଦ୍ୱାରା ଛଉ ନୃତ୍ୟ, ଗାୟିକା ଜୟଶ୍ରୀ ଧଳଙ୍କ ସଂଗୀତ ମନ ଛୁଇଁଥିଲା। ଏହି ଅବସରରେ ଭାନୁମତି ସାହୁ , ଭାଗ୍ୟଲିପି ମଲ୍ଲ, ଡା. ଜୀବନକୃଷ୍ଣ ମିଶ୍ରଙ୍କୁ ରାଧାମଣୀ ହାତୀ ସ୍ମୃତି କମିଟି ପକ୍ଷରୁ ଏକାମ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ରାଜେନ୍ଦ୍ର ସମର୍ଥା, ନିହାର ରଞ୍ଜନ ସେଠୀ, ଆଞ୍ଚଳିକ ବିକାଶ ପରିଷଦର କର୍ମକର୍ତ୍ତା ଏବଂ ବୈବାହିକ ଜୀବନର ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଦର୍ଶ ଦାମ୍ପତ୍ୟ ସୁବର୍ଣ୍ଣ ଜୟନ୍ତୀ ସମ୍ମାନ ୪ଜଣ ଦମ୍ପତିଙ୍କୁ ଅମିତା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଦେବୀଦତ୍ତ ବାରିକ ସଂଯୋଜନା କରିଥିବା ବେଳେ ବିଜୟ କୁମାର ମଲିଆ ,ସତ୍ୟବ୍ରତ ନନ୍ଦ, ଗୌରି ପ୍ରସାଦ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟ ଅଭିଯୋଜନ ନିର୍ଦ୍ଦେଶାଳୟରେ ଦିନିକିଆ କର୍ମଶାଳା

ଭୁବନେଶ୍ୱର,୨୮।୪(ସତ୍ୟଜିତ୍ ରାଉତ)

ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା-୨୦ ଅନୁଯାୟୀ ରାଜ୍ୟର ପ୍ରତି ଜିଲାରେ ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟ କାର୍ଯ୍ୟକାରୀ ହେବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ପ୍ରତ୍ୟେକ ଜିଲା ନିର୍ଦ୍ଦେଶାଳୟରେ ଜଣେ ଉପ-ନିର୍ଦ୍ଦେଶକ ଏବଂ ସହକାରୀ ନିର୍ଦ୍ଦେଶକ ଅବସ୍ଥାପିତ ହେବା ସହ ସେମାନେ ପୋଲିସ ଚାର୍ଜଶିଟ୍‌ର ସମୀକ୍ଷା କରିବେ। ଏଥିସହ କୋର୍ଟରେ ମାମଲାର ପରିଚାଳନା ଦିଗରେ ଅନୁଧ୍ୟାନ କରିବା ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲା ପବ୍ଲିକ ପ୍ରସିକ୍ୟୁଟର ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟରଙ୍କୁ ନେଇ ଭୁବନେଶ୍ୱର ତୋଷାଳି ଭବନସ୍ଥିତ ରାଜ୍ୟ ଅଭିଯୋଜନ ନିର୍ଦ୍ଦେଶାଳୟରେ ସୋମବାର ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଉଦ୍‌ଘାଟନ କରିଥିଲେ। ତେବେ ନୂତନ ବ୍ୟବସ୍ଥାରେ ଉପ ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକଙ୍କ ଭୂମିକା ସମ୍ପର୍କରେ ସାହୁ ଆଲୋକପାତ କରିବା ସହ ଆଗକୁ କିପରି ଦଣ୍ଡହାର ବୃଦ୍ଧି ପାଇବ, ସେ ଦିଗରେ ମଧ୍ୟ ଆଲୋଚନା କରିଥିଲେ। ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ୟାମସୁନ୍ଦର ଦାଶ, ସ୍ୱତନ୍ତ୍ର ଅଧିକାରୀ ଜନ୍ମେଜୟ ପଲେଇ, ଯୁଗ୍ମ ନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକ ରାଜ୍ୟ ନିର୍ଦ୍ଦେଶାଳୟ ଓ ଏହାର କାର୍ଯ୍ୟ ସମ୍ପର୍କରେ କହିଥିଲେ।

# ଶହୀଦ ଯବାନ, ସେନା ଅଧିକାରୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୮।୪ (ସୌମ୍ୟରଞ୍ଜନ ରାଉତ)

**ଭେଟେରାନ ସୋଲଜର୍ସ ଆସୋସିଏଶନର ନୂତନ କର୍ମକର୍ତ୍ତା**

ଅଲ୍ ଓଡିଶା ଭେଟେରାନ ସୋଲଜର୍ସ ଆସୋସିଏଶନ ପକ୍ଷରୁ ଏକ ସାଧାରଣ ସଭା ଘାଟିକିଆ ଦୁର୍ଗା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ସେନା ଯବାନ ଟଗା ହାଇଲାଙ୍ଗ ଓ ନୌସେନା ଅଧିକାରୀ ବିନୟ ନରୱାଲ ଓ ପ୍ରଶାନ୍ତ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ ନୀରବ ପ୍ରାଥନା କରାଯାଇଥିଲା। ପାକିସ୍ତାନର ଏହି ବର୍ବରତାର ପ୍ରତିଶୋଧ ନେବା ପାଇଁ ସମସ୍ତ ପୂର୍ବ ସୈନିକ ସରକାରଙ୍କ ଯେକୌଣସି ନିଷ୍ପତ୍ତିକୁ ସହଯୋଗ କରିବାକୁ ସଂକଳ୍ପ ନେଇଥିଲେ। ପରେ ସଙ୍ଗଠନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭେଟେରାନ ପରମେଶ୍ୱର ସ୍ୱାଇଁ ସଭାପତି, ମଧୁସୂଦନ ଦାସ, ଅନିଲ ମହାନ୍ତି ଓ ପତିତପାବନ ସେନାପତି ଉପସଭାପତି, ଉମେଶ କୁମାର ଚଇନି ସମ୍ପାଦକ, ଦେବରାଜ ବଳିୟାରସିଂ ଯୁଗ୍ମ ସମ୍ପାଦକ, ରାଜକିଶୋର ସ୍ୱାଇଁ କୋଷାଧ୍ୟକ୍ଷ, ଗୋପବନ୍ଧୁ ବେହେରା ଓ ସଲିମ ଖାନ ପାଟ୍ରୋନ, ଦେବେନ୍ଦ୍ର ମିଶ୍ର ସଂଯୋଜକ ଭୁବନେଶ୍ୱର. ରତ୍ନାକର ଗୁମାନସିଂ ସଂଯୋଜକ ଖୋର୍ଦ୍ଧା, ପ୍ରତାପ ଚନ୍ଦ୍ର ରଥ ଓ ରାଇଚରଣ ମହାନ୍ତିଙ୍କୁ ପରାମର୍ଶଦାତା ଭାବେ ନିର୍ବାଚିତ କରାଯାଇଥିଲା। ଓଡିଶାର ପୂର୍ବ ସୈନିକଙ୍କୁ ସ୍ଥାୟୀ ନିଯୁକ୍ତି ନ ଦେଇ ଠିକା ସଂସ୍ଥାରେ ନିଯୁକ୍ତି ଦିଆଯାଉଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଓ ସ୍କ୍ୱାର୍ଡ ଓ ଟ୍ରାଫିକ ୱାର୍ଡନରେ ସମସ୍ତ ପୂର୍ବ ସୈନିକଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯିବା, ଓଡିଶାରେ ପୂର୍ବ ସୈନିକ ନିଗମ ଗଠନ କରିବା ଓ କଳିଙ୍ଗନଗରରେ ଗୋଟିଏ ଶହୀଦ ସ୍ମୃତି ପାର୍କ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା ।

# ଓସେପା କାର୍ଯ୍ୟାଳୟ ଘେରିଲା ଅଭିଭାବକ ମହାସଂଘ

ଭୁବନେଶ୍ୱର,୨୮।୪(ସୁଚିସ୍ମିତା ସାହୁ)



**ପାରଦର୍ଶୀ ପୋର୍ଟାଲରେ ଘୋଟାଲା ଅଭିଯୋଗ**

**୫୨୩୯ ଛାତ୍ରୀଛାତ୍ରଙ୍କୁ ସିଟ୍ ଆଲଟ୍‌ମେଣ୍ଟ ହୋଇ ନ ଥିବା ଅଭିଯୋଗ**

ଶିକ୍ଷା ଅଧିକାର ଆଇନ ଅନୁଯାୟୀ ପ୍ରାଇଭେଟ ସ୍କୁଲରେ ୨୫% ସିଟ୍‌ରେ ଆର୍ଥିକ ଓ ସାମାଜିକ ଅନଗ୍ରସର ପିଲାଙ୍କ ମାଗଣା ପାଠପଢ଼ା ନେଇ ପାରଦର୍ଶୀ ପୋର୍ଟାଲରେ ଆବେଦନ ହୋଇଥିଲା। ଇତିମଧ୍ୟରେ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ଛାତ୍ରୀଛାତ୍ର ଚୟନ ଓ ସ୍କୁଲ୍ ଆଲଟ୍‌ମେଣ୍ଟ ତାଲିକା ପ୍ରକାଶ ପାଇଥିବାବେଳେ ଏଥିରେ ବ୍ୟାପକ ଘୋଟାଲା ହୋଇଥିବା ଅଭିଭାବକ ମହାସଂଘ ଅଭିଯୋଗ ଆଣିଛି। ପ୍ରତିବାଦରେ ମହାସଂଘ ପକ୍ଷରୁ ସୋମବାର ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଅନେକ ସ୍କୁଲରେ ଆର୍‌ଟିଇ କୋଟା ସିଟ୍ ଥାଇ ମଧ୍ୟ ପ୍ରାୟ ୫୨୩୯ଜଣ ଛାତ୍ରୀଛାତ୍ରଙ୍କୁ ସିଟ୍ ଆଲଟ୍‌ମେଣ୍ଟ ହୋଇ ନାହିଁ। ପାରଦର୍ଶୀ ପୋର୍ଟାଲରେ ସ୍କୁଲ ପଞ୍ଜୀକରଣ ଅବଧିକୁ ଦୁଇମାସ ଘୁଞ୍ଚା ଯାଇଥିଲା। ମହାସଂଘ ଆନ୍ଦୋଳନକୁ ଓହ୍ଲାଇବାରୁ ବାଧହୋଇ ମାର୍ଚ୍ଚ ୧୮ରେ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ୨୧୦୯ଟି ସ୍କୁଲ ପଞ୍ଜୀକରଣ କରିଥିବାବେଳେ ଶେଷଦିନରେ ଏହି ସଂଖ୍ୟା ୩୯୯୩ରେ ପହଞ୍ଚିଥିଲା। ପଞ୍ଜୀକରଣରେ ସ୍କୁଲ ସଂଖ୍ୟା ବୃଦ୍ଧି ହୋଇଥିବାରୁ ସିଟ୍ ସଂଖ୍ୟା ମଧ୍ୟ ୫୦ ହଜାର ଛୁଇଁଥିଲା। ଏସବୁ ସ୍କୁଲ୍‌ରେ ମାଗଣା ସିଟ୍‌ରେ ନାମଲେଖା ପାଇଁ ସାରା ରାଜ୍ୟରୁ ୩୬୬୯୫ ଆବେଦନ ହୋଇଥିବାବେଳେ ସେଥିରୁ ୮୧୦୧ ରିଜେକ୍ଟ ହୋଇଯାଇଛି। ଏତେ ଆବେଦନ କ'ଣ ପାଇଁ ରିଜେକ୍ଟ ହେଲା, ତାହାକୁ ନେଇ ମହାସଂଘ ପ୍ରଶ୍ନ ଉଠାଇଛି। ଅନ୍ୟପକ୍ଷରେ ୫୨୩୪ ପିଲାଙ୍କ ଆବେଦନ କାଗଜପତ୍ର ଠିକ୍ ଥାଇ ମଧ୍ୟ ସେମାନଙ୍କୁ ସିଟ୍ ଆଲଟ୍‌ମେଣ୍ଟ ହୋଇ ନ ଥିବାରୁ ଅଭିଭାବକ ମହାସଂଘ କର୍ମକର୍ତ୍ତାମାନେ ଓସେପା କାର୍ଯ୍ୟାଳୟର ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ପରେ ଲୋକସେବା ଭବନରେ ଏକ ବୈଠକ ବସିଥିଲା। ବିଭାଗୀୟ ସ୍ୱତନ୍ତ୍ର ସଚିବ ଯଦୁମଣି ମହଲା, ଦୁର୍ଗା ମହାପାତ୍ର ଓ ସଙ୍ଗୀତା ପଣ୍ଡାଙ୍କ ସହ ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ, ମହାସଚିବ ଅଶୋକ ପାଇକରାୟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଓ ଭୁବନେଶ୍ୱର ଜିଲା ସଭାପତି ପଦ୍ମନାଭ ସାହୁ ଆଲୋଚନା କରିଥିଲେ। ଜିଲା ଶିକ୍ଷା ଅଧିକାରୀମାନେ ଏହି ଘଟଣାର ତଦନ୍ତ କରିବେ ବୋଲି ବିଭାଗୀୟ ଅଧିକାରୀମାନେ କହିଥିବା ମହାସଂଘ ସଭାପତି ଭଟ୍ଟ କହିଛନ୍ତି।

## ଫଟୋ ରେ ଖବର




ପ୍ରତି ପରିବାରକୁ ରାଶନ କାର୍ଡ, ବିଏସ୍‌କେୱାଇ ପରି ଆୟୁଷ୍ମାନ ଯୋଜନା ଆଦି ଦାବି ନେଇ ସିପିଆଇ ପକ୍ଷରୁ ସୋମବାର ରାଜମହଲ ଛକରେ ବିକ୍ଷୋଭ କରାଯାଉଛି। (ଫଟୋ- ବିକାଶ ନାୟକ)




ଜମ୍ମୁ-କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ମୃତାହତଙ୍କ ଉଦ୍ଦେଶ୍ୟରେ ଆଉଟ୍ ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ସୋମବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ମହମବତି ଶୋଭାଯାତ୍ରା।

**ପୋଲିସ ସାଧାରଣ ଲୋକଙ୍କ ବନ୍ଧୁ**

କଣ୍ଟାପଡା,(ସୁରନାରାୟଣ ସାହୁ): ଓଲଟପୁର ଥାନା ପୋଲିସ ପକ୍ଷରୁ ବାଗଲପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଆମ ପୋଲିସ ସମିତି ବୈଠକ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ କଟକ ସଦର ପୋଲିସ ଅଧିକାରୀ କିରଣ ହେମ୍ବ୍ରମ ଯୋଗଦେଇ ପୋଲିସ ସାଧାରଣ ଲୋକଙ୍କ ବନ୍ଧୁ, ତେଣୁ ଅଭିଯୋଗ କରିବାକୁ ଆସୁଥିବା ଅଭିଯୋଗକାରୀଙ୍କୁ ବନ୍ଧୁ ଭଳି ବ୍ୟବହାର ଦେଖାଇବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଗଲପୁର ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସେଠୀ ଓ ସାମାଜିକ କର୍ମୀ ଉମାକାନ୍ତ କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ସଂକ୍ଷେପରେ

### ମାଗଣାରେ ମିଳିବ ନୂଆ ରାଶନ କାର୍ଡ

କଟକ ସଦର,୨୮।୪(ସୁଶାନ୍ତ କୁମାର ଜେନା)

ଜାତୀୟ ପଞ୍ଚାୟତିରାଜ ଦିବସଠାରୁ ଓଡ଼ିଶାରେ ପୁରୁଣା ବଦଳରେ ନୂଆ ରାଶନ କାର୍ଡ ବିତରଣ କରାଯିବା ବ୍ୟବସ୍ଥା ସରକାର କରିଛନ୍ତି। ଲାମିନେଶନ ହୋଇଥିବା ଏହି ସବୁ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ପରିବାରଙ୍କୁ ମିଳିବ। କିନ୍ତୁ ତରବରିଆ ଭାବେ ନୂଆ କାର୍ଡ ପାଇବା ପାଇଁ ଜନସେବା କେନ୍ଦ୍ରରେ ଲମ୍ବା ଲାଇନ ଲାଗିଛି। ସରକାର କାହାରିକୁ ମାଗଣାରେ କାର୍ଡ ଦେବେ ନାହିଁ ବୋଲି କଟକ ସଦର ବ୍ଲକ ଅଞ୍ଚଳରେ ପ୍ରଚାର ଚାଲିଛି। ହେଲେ ଖାଦ୍ୟ ଯୋଗଣ ଓ ଖାଉଟି ବ୍ୟାପାର ବିଭାଗ ପକ୍ଷରୁ ମାଗଣାରେ ସମସ୍ତ ହିତାଧିକାରୀଙ୍କୁ କାର୍ଡ ଦିଆଯିବ ବୋଲି ଘୋଷଣା କରାଯାଇଛି। ବିଭାଗୀୟ ପ୍ରମୁଖ ସଚିବ ପତ୍ର ସଂଖ୍ୟା ୬୬୭୦/୧୬।୪।୨୦୨୫ରେ ମାଗଣାରେ କାର୍ଡ ଦେବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପ୍ରତି ଲାମିନେଶନ କାର୍ଡ ପିଛା ୧୦ଟଙ୍କା ମଞ୍ଜୁର କରାଯାଇ ସବୁ ଜିଲାର ଯୋଗାଣ ଅଧିକାରୀମାନଙ୍କ ନିକଟକୁ ପଠାଇ ଦିଆଯାଇଛି। ଏଥିପାଇଁ ଖାଉଟିମାନେ ତରବର ନ ହୋଇ ସେମାନଙ୍କ ପାଳି ଅପେକ୍ଷା କରିବା ପାଇଁ ଉକ୍ତପତ୍ରରେ କୁହାଯାଇଛି। କାରଣ ଏତେ ସଂଖ୍ୟାରେ କାର୍ଡ ବଣ୍ଟନ ପାଇଁ ସମୟ ଲାଗିବ।

# ‘ମଧୁବାବୁ ଥିଲେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱ’

**ଉତ୍କଳଗୌରବ ମଧୁବାବୁଙ୍କ ୧୭୭ତମ ଜୟନ୍ତୀ**

କଟକ,୨୮।୪(କାର୍ତ୍ତିକ ସାହୁ)

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସୋମବାର ସକାଳ ୭ଟାରେ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମଧୁବାବୁ ଥିଲେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱ। ଶିକ୍ଷା, ଶିଳ୍ପ ଏବଂ ସମାଜ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କର ଅକ୍ଳାନ୍ତ ପ୍ରୟାସ ଏକ ଇତିହାସ ବୋଲି ଜିଲାପାଳ ଶିନ୍ଦେ କହିଛନ୍ତି। ଏହାପରେ ମଧୁସୂଦନ ପାର୍କ ଏବଂ କ୍ୟାଣ୍ଟନମେଣ୍ଟ ଛକସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ପଢ଼ିହାରୀ ପାଠାଗାର ଓ ସୂଚନା କେନ୍ଦ୍ରଠାରେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ମଧୁସୂଦନ ସାଂସ୍କୃତିକ ପରିଷଦ, ସତ୍ୟଭାମାପୁର ମିଳିତ ଆନୁକୂଲ୍ୟରେ ସତ୍ୟଭାମାପୁର ମଧୁବାବୁଙ୍କ ଜନ୍ମପୀଠରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ହାଇକୋର୍ଟ ବିଚାରପତି ମୁରାହରି ଶ୍ରୀରମଣ, ସମ୍ମାନିତ ଅତିଥି ଜିଲାପାଳ ଶିନ୍ଦେ, ମୁଖ୍ୟବକ୍ତା ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଓଡ଼ିଆ ଜାତି ଓ ଭାଷା ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ, ମଧୁସୂଦନ ସାଂସ୍କୃତିକ ପରିଷଦର ସଭାପତି ପ୍ରଶାନ୍ତ କୁମାର ରାଉତ ସଭା ପରିଚାଳନା କରିଥିଲେ। ପରିଷଦ ସମ୍ପାଦକ ଦିଲୀପ କୁମାର ସାମଲ ବିବରଣୀ ପାଠ କରିଥିଲେ। ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ହାଇକୋର୍ଟ ପରିସରରେ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ସମେତ ଅନ୍ୟ ବିଚାରପତିମାନେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମଧୁବାବୁଙ୍କ ଜୟନ୍ତୀକୁ ଆଇନଜୀବୀ ଦିବସ ଭାବେ ପାଳନ କରାଯାଇଥିଲା। ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସିରେ ପ୍ରଜ୍ଞାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଛାତ୍ରୀଛାତ୍ରମାନେ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବା ସହିତ ବିକଶିତ ଓଡ଼ିଶା ଗଠନରେ ବ୍ରତୀ ହେବାକୁ ଦିଗଦର୍ଶନ ଦେଇଥିଲେ। ମୁଖ୍ୟଅତିଥି କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ମଧୁବାବୁଙ୍କ ଜାତି ପ୍ରେମ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଅବିସ୍ମରଣୀୟ ବୋଲି କହିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଅଧ୍ୟକ୍ଷତା କରି ମଧୁବାବୁଙ୍କ ଜୀବନୀ ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ଇତିହାସ ବୋଲି କହିଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ନନ୍ଦଙ୍କ ନେତୃତ୍ୱରେ ମଧୁସୂଦନ ପାର୍କଠାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ମଧୁବାବୁଙ୍କ ରଚିତ ସାତୋଟି କବିତାର ସଙ୍ଗୀତ ରୂପକକୁ ପରିବେଷଣ କରାଯାଇଥିଲା। ପରେ ଗୋରାକବରସ୍ଥିତ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଲିଗାଲ ଏଡ୍ କାଉନସିଲ ପକ୍ଷରୁ ଗୋରାକାବରଠାରେ ମଧୁବାବୁ ସମାଧି ପୀଠରେ ସଙ୍ଗଠନର କଟକ ଜିଲା ଆବାହକ ସି କସ୍ତୁରୀଙ୍କ ଆହ୍ୱାନକ୍ରମେ ରାଜ୍ୟ ସମ୍ପାଦକ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା।



ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳନ ଅବସରରେ ସୋମବାର ହାଇକୋର୍ଟ ବାର୍ ଆସୋସିଏଶନ କନ୍‌ଭେନ୍‌ସନ୍ ହଲ୍‌ରେ ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ସଂଘ ପକ୍ଷରୁ ଅନୁଷ୍ଠିତ ସଭାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟମାନେ।

# ଏସ୍‌ସିବି ମେଡିକାଲରେ ଚାକିରି ଦେବା ନାଁରେ ଠକେଇ

**ନକଲି ଡାକ୍ତର ଗିରଫ**

କଟକ,୨୮।୪(କାର୍ତ୍ତିକ ସାହୁ)

ଡାକ୍ତର ପରିଚୟ ଦେଇ ଚାକିରି କରାଇଦେବା ନାଁରେ ଲୋକଙ୍କୁ ଠକୁଥିବା ଜଣେ ନକଲି ଡାକ୍ତରଙ୍କୁ ମଙ୍ଗଳାବାଗ ଥାନା ପୋଲିସ ସୋମବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଅନୁଗୋଳ ଜିଲା ବଣ୍ଟରପାଳ ଥାନା ଭୋଗବରେଣୀ ଗାଁର ପବିତ୍ର ମୋହନ ନାୟକ (୩୮)। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ଜଣେ ଯୁବତୀଙ୍କୁ ଏସ୍‌ସିବି ମେଡିକାଲରେ ଚାକିରି କରାଇଦେବା କହି ୨.୨୦ ଲକ୍ଷ ଠକି ନେଇଥିବା ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ଜଗତସିଂହପୁର ଜିଲା ତିର୍ତ୍ତୋଲ ତୁଲାଙ୍ଗ ଅଞ୍ଚଳର ଜଣେ ଯୁବତୀ ଚିକିତ୍ସା ପାଇଁ ୨୦୨୩ ଅକ୍ଟୋବରରେ ଏସ୍‌ସିବି ମେଡିକାଲକୁ ଆସିଥିଲେ। ପବିତ୍ର ନିଜଙ୍କୁ ଇଏନ୍‌ଟି ବିଭାଗର ବରିଷ୍ଠ ଡାକ୍ତର ଭାବେ ପରିଚୟ ଦେଇ ଯୁବତୀଙ୍କ ସହ କଥା ହୋଇଥିଲେ। ସେ ଚତୁରତାର ସହ ଯୁବତୀଙ୍କ ଫୋନ ନମ୍ବର ମାଗି ନେଇଥିଲେ। କିଛି ଦିନ ପରେ ସେ ଯୁବତୀଙ୍କୁ ଫୋନ କରି ଏସ୍‌ସିବି ଇଏନ୍‌ଟି ବିଭାଗରେ ଟେକ୍ନିସିଆନ ପଦ ଖାଲି ଅଛି ବୋଲି କହିଥିଲେ। ମାସିକ ଦରମା ୬୦ରୁ ୭୦ ହଜାର ଟଙ୍କା ସହିତ ରହିବା ପାଇଁ ସରକାରୀ କ୍ୱାର୍ଟର ମଧ୍ୟ ମିଳିବ ବୋଲି କହି ଚାକିରି ପାଇଁ ୫ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ସେ କହିଥିଲେ। ଯୁବତୀ ଏଥିରେ ବିଶ୍ୱାସ କରି କିଛି କିଛି କରି ଟଙ୍କା ଦେବା ଆରମ୍ଭ କଲେ। ୨୦୨୩ରୁ ୨୦୨୫ ଜାନୁଆରୀ ଭିତରେ ସେ ପର୍ଯ୍ୟାୟକ୍ରମେ ୨ ଲକ୍ଷ ୨୦ ହଜାର ଟଙ୍କା ପବିତ୍ରଙ୍କୁ ଦେଇଥିଲେ। ମାତ୍ର ତାଙ୍କର ଚାକିରି ହେଲା ନାହିଁ। ଏକ ବର୍ଷ ବିତିଯିବା ପରେ ଯୁବତୀ ତାଙ୍କ ଟଙ୍କା ମାଗିବାରୁ ପବିତ୍ର ଦିନ ଗଡ଼ାଇ ଚାଲିଲେ। ଶେଷରେ ସେ ନିଜ ଫୋନ ସୁଇଚ ଅଫ କରି ଦେଇଥିଲେ। ଅନ୍ୟ ଉପାୟ ନ ପାଇ ଗତ ଫେବୃଆରୀ ୨୫ରେ ଯୁବତୀ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ଥାନାରେ ମାମଲା ରୁଜୁ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।



ଅଭିଯୁକ୍ତ ପବିତ୍ର ମୋହନ ନାୟକ

### ହରିନାମ ସଂକୀର୍ତ୍ତନ ମହୋତ୍ସବ

କଟକ,୨୮।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ନଗର ରଜକ ସମିତି ଆନୁକୂଲ୍ୟରେ ୬୮ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଓ ଶ୍ରୀହରିନାମ ସଂକୀର୍ତ୍ତନ ମହୋତ୍ସବ ସନସାଇନ ପଡିଆ ନିକଟରେ ଅନୁଷ୍ଠିତ ହୋଇଯାଇଛି। ସଂକୀର୍ତ୍ତନ ମଣ୍ଡଳୀ ସଭାପତି ବିକ୍ରମ ସେଠୀ, ସମ୍ପାଦକ ମଥୁରା ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିମଳ ସେଠୀ, ଚିତ୍ତରଞ୍ଜନ ସେଠୀ, ଶରତ ସେଠୀ, ରଞ୍ଜିତ ସେଠୀ, ବିକ୍ରମ ସେଠୀ, ରମେଶ ସେଠୀ, ଗୋରାଚାନ୍ଦ ସେଠୀ, ଜଗନ୍ନାଥ ସେଠୀଙ୍କ ସମେତ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ।





ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ସୋମବାର ଅନୁଷ୍ଠିତ ସଭାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅନ୍ୟମାନେ ନ୍ୟୁଜ୍ ଲେଟର ଉନ୍ମୋଚନ କରୁଛନ୍ତି।

### ଜମି କିଣି ହଟହଟା ମାଲିକ, ମିଳୁନି ଜାଗାର ଅବସ୍ଥିତି

ଫୁଲନଖରା,୨୮।୪ (ସତ୍ୟରଞ୍ଜନ ଦାସମହାପାତ୍ର)

ଭୁବନେଶ୍ୱର ତହସିଲ ନଖରା ଆରଆଇ ଅଧୀନ ନଖରା ମୌଜା ଖାରବେଳ ଇଷ୍ଟେଟରେ ବହୁ ସରକାରୀ ଅନାବାଦୀ ଜମି ବିଲଡ଼ରମାନେ ନିଜ ଅଧୀନକୁ ନେଇ ଘରୋଇ ଜମି ସହିତ ସରକାରୀ ଜମିକୁ ଲୋକମାନଙ୍କୁ ବିକ୍ରିକରି ଲାଭବାନ ହେଉଛନ୍ତି। କିନ୍ତୁ ଜମି କିଣିଥିବା ଲୋକମାନେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଲଡରମାନେ ସରକାରୀ ଜମି ଅକ୍ତିଆର କରି କିଣୁଥିବା ଲୋକମାନଙ୍କୁ ସେହି ଜମିଗୁଡିକ ହସ୍ତାନ୍ତର କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବାଲେଶ୍ୱର ଭାସ୍କରଗଞ୍ଜ ଅଞ୍ଚଳର କମଳାକାନ୍ତ ମଲ୍ଲିକ ୨୦୦୪ରୁ ଜମି କିଣିଥିଲେ ମଧ୍ୟ ଅଦ୍ୟାବଧି ନିଜର ଜମି ପାଇବାରୁ ବଞ୍ଚିତ ହୋଇଛନ୍ତି। ମଲ୍ଲିକ ଜମି କିଣିଥିବା ଜାଗା ଅନ୍ୟ ଜଣେ ବ୍ୟକ୍ତି ବଳପୂର୍ବକ ନିର୍ମାଣ କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ମଲ୍ଲିକ କୋର୍ଟରେ ୧୪୪ ମାମଲା ରୁଜୁ କରିବା ସହିତ ପାହାଳ ଥାନାରେ ଅଭିଯୋଗ କରି ଉପଯୁକ୍ତ ନ୍ୟାୟ ପାଇ ପାରୁନାହାନ୍ତି। ଜମି ରେଜେଷ୍ଟ୍ରିଶନ ସମୟରେ ମଲ୍ଲିକଙ୍କୁ ଯେଉଁ ପ୍ଲଟ ଦର୍ଶାଇ ଦିଆଯାଇଥିଲା, ସେହି ପ୍ଲଟ ଉପରେ ପୁରୀ କାକଟପୁର ଅଞ୍ଚଳର ନିରଞ୍ଜନ ବିଶ୍ୱାଳ ଘର ନିର୍ମାଣ କରିଛନ୍ତି। ଏ ନେଇ ତାଙ୍କ ମତାମତ ନେବାରୁ ସେ କହିଥିଲେ ବିଲଡର ଏହି ଜାଗା ମୋତେ ଦେଖାଇ ଥିବାରୁ ମୁଁ ଘର ନିର୍ମାଣ କରୁଛି।

### ‘ମଧୁବାବୁଙ୍କ ଜୟନ୍ତୀ ହେଉ ଶିଳ୍ପୋଦ୍ୟୋଗୀ ଦିବସ’



କାର୍ଯ୍ୟକ୍ରମରେ ସଂଘ ସଭାପତି ରାଜେଶ କାନୁନଗୋଙ୍କ ସହ ଅନ୍ୟ ଅତିଥିବୃନ୍ଦ।

କଟକ,୨୮।୪(କାର୍ତ୍ତିକ ସାହୁ)

ମଧୁ ବାବୁ ହେଉଛନ୍ତି ଓଡ଼ିଶାର ପ୍ରଥମ ବାରିଷ୍ଟର ଏବଂ ପ୍ରଥମ ଶିଳ୍ପୋଦ୍ୟୋଗୀ। ତେଣୁ ତାଙ୍କ ଜୟନ୍ତୀ ୨୮ ଏପ୍ରିଲକୁ ଶିଳ୍ପୋଦ୍ୟୋଗୀ ଦିବସ ଭାବେ ପାଳନ କରାଯିବା ପାଇଁ ଓଡ଼ିଶା ସରକାରଙ୍କୁ ପୁଣି ଅନୁରୋଧ କରାଯିବ ବୋଲି ଓଡ଼ିଶା ଶିଳ୍ପ ସଂଘରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ କରାଯାଇଛି। ଜଗତପୁରସ୍ଥିତ ସଂଘ ସମ୍ମିଳନୀ କକ୍ଷରେ ମଧୁବାବୁଙ୍କ ଜୟନ୍ତୀ ପାଳନ ଅବସରରେ ଶିଳ୍ପୋଦ୍ୟୋଗୀମାନଙ୍କ ସଭାରେ ମଧୁ ବାବୁଙ୍କ ସ୍ମୃତିଚାରଣ କରାଯାଇ ଏହି ସୂଚନା ଦିଆଯାଇଛି। ସଂଘର ସାଙ୍ଗଠନିକ ସମ୍ପାଦକ ରୁଦ୍ର ନାରାୟଣ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଦେବେନ୍ଦ୍ର ଶର୍ମା ଧନ୍ୟବାଦ ଦେଇଥିଲେ। ସଂଘ ସଭାପତି ରାଜେଶ କାନୁନଗୋଙ୍କ ନେତୃତ୍ୱରେ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ଜଗତପୁର ଗୋଲେଇ ଛକରେ ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ସୁଧାକର ସ୍ୱାଇଁ, ପ୍ରଶାନ୍ତ ମହାପାତ୍ର, ଶୁଭ୍ରକାନ୍ତ ପଣ୍ଡା, ଅଶୋକ ସାହୁ, ବିଭୁଦତ୍ତ ସାମନ୍ତରାୟ, ରମା ବଲ୍ଲଭ ନାୟକ, ଅରୁଣ ବାଗାଡ଼ିଆ, ଅନିରୁଦ୍ଧ ପୁହାଣ, ସିଦ୍ଧାର୍ଥ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ।

### ‘ମଧୁପାଟଣା ଛକରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନା ହେଉ’

କଟକ,୨୮।୪(କାର୍ତ୍ତିକ ସାହୁ)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନାମରେ ନାମିତ ମଧୁପାଟଣା ଶିଳ୍ପାଞ୍ଚଳ ଭାରତ ବିଖ୍ୟାତ। ୧୯୦୬ରେ ମଧୁ ବାବୁ ମଧୁପାଟଣାରେ ଉତ୍କଳ ଟାନେରୀ ନାମରେ ଏକ ଜୋତା କାରଖାନା ପ୍ରତିଷ୍ଠା କରିଥିଲେ। ବିଦେଶୀ ଜୋତା ବର୍ଜନ କରି ଆମ ଦେଶୀ ଜୋତା ପିନ୍ଧିବା ପାଇଁ ପ୍ରବର୍ତ୍ତାଇ ଥିଲେ। ସେ ଏହି ଶିଳ୍ପାଞ୍ଚଳର ପ୍ରଥମ ଶିଳ୍ପୋଦ୍ୟୋଗୀ ଥିଲେ। ଓଡ଼ିଶା ପାଇଁ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ବଡ଼ ଦୁଃଖ ଓ ପରିତାପର ବିଷୟ, ଏହି ଅଞ୍ଚଳରେ ତାଙ୍କର ଗୋଟିଏ ହେଲେ ପ୍ରତିମୂର୍ତ୍ତି ନାହିଁ। ତେଣୁ ମଧୁପାଟଣା ଛକରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳୋଦ୍ୟୋଗୀ ସଂଘ (ଓସ୍ମେ)ର ମହାସଚିବ ଇଂ. ସାତ୍ତ୍ୱିକ ସାଇଁ ଦାବି କରିଛନ୍ତି। ଏ ନେଇ ସରକାରଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଜନସେବା କେନ୍ଦ୍ରରେ ନିର୍ଦ୍ଧାରିତ ଫିଁରୁ ଅଧିକ ଆଦାୟ

କଟକ ସଦର,୨୮।୪(ସୁଶାନ୍ତ କୁମାର ଜେନା)

କଟକ ସଦର ନିର୍ବାଚନମଣ୍ଡଳୀରେ ସାଧାରଣ ଲୋକଙ୍କଠାରୁ ଅଧିକ ଫିଁ ଆଦାୟ କରାଯାଉଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅଧିକ ଦେୟ ନ ଦେଲେ ହଇରାଣ କରାଯାଉଥିବା ଅଭିଯୋଗ କିଶନ ନଗର ତହସିଲ କାର୍ଯ୍ୟାଳୟରେ ପହଞ୍ଚିଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟଠାରୁ ଅଧିକ ଦେବାକୁ ପଡୁଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ୨୦୧୯ ନଭେମ୍ବରରୁ ସ୍ଥାୟୀ ବାସିନ୍ଦା, ଜାତିଗତ, ଆୟ, ଉତ୍ତରାଧିକାରୀ ପ୍ରମାଣପତ୍ର ଉପରେ ୟୁଜର ଫିଁ ଛାଡ଼ କରିଛନ୍ତି। ଏ ନେଇ ପତ୍ର ସଂଖ୍ୟା ୩୫୦୭୨/୧୩।୧୧।୨୦୧୯ରେ ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଛି। ସେହିପରି ଜନସେବା କେନ୍ଦ୍ର ମାଧ୍ୟମରେ ଆବେଦନ କରୁଥିବା ବ୍ୟକ୍ତିବିଶେଷ କେତେ ଟଙ୍କା ସେବା ଦେୟ ପ୍ରଦାନ କରିବେ ସେଥିପାଇଁ ରାଜ୍ୟ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗ ପତ୍ର ସଂଖ୍ୟା ୪୦୪୫/୨୭।୧୨।୨୦୧୯ରେ ଘୋଷଣାନାମା ପ୍ରକାଶ କରିଛନ୍ତି। ଉକ୍ତ ପତ୍ରର କ୍ରମିକ ସଂଖ୍ୟା ୧ରେ ଜାତିଗତ, ଆୟ, ସ୍ଥାୟୀ ବାସିନ୍ଦା ଓ ଉତ୍ତରାଧିକାରୀ ପ୍ରମାଣପତ୍ର ଆବେଦନ ପାଇଁ ଜନସେବା କେନ୍ଦ୍ର ସେବା ଶୁଳ୍କ ୧୮ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହାଛଡା ପ୍ରମାଣ ପତ୍ର ମୁଦ୍ରଣ ପାଇଁ ଅଧିକ ୧୦ ଟଙ୍କା ଦେବାକୁ ପଡିବ। ବର୍ତ୍ତମାନ ମାଟ୍ରିକ ପରୀକ୍ଷା ସରିଯାଇଥିବାରୁ ଆଗାମୀ ଦିନରେ ପିଲାମାନଙ୍କ ନାମ ଲେଖାଇବା ପାଇଁ ଅଭିଭାବକମାନେ ଆଗୁଆ ବିଭିନ୍ନ ପ୍ରମାଣ ପତ୍ର ସଂଗ୍ରହ ଲାଗି ଆବେଦନ କରିବାକୁ ଜନସେବା କେନ୍ଦ୍ରକୁ ଗଲେ ଗୋଟିଏ ଲେଖାଏଁ ପ୍ରମାଣ ପତ୍ର ପାଇଁ ୨୦୦ ଟଙ୍କା ମଗାଯାଉଥିବା ଅଭିଯୋଗ ହୋଇଛି। ସେହିପରି ଜମିର ପଟ୍ଟା ବାହାର କରିବା ପାଇଁ ସେବା ଶୁଳ୍କ ୨୦ ଟଙ୍କା ହୋଇଥିବା ବେଳେ ସରକାର ୧୦ ଟଙ୍କା ନିଅନ୍ତି। ସରକାରୀ ଫିଁ ଛାଡ ହେବା ପରେ ସେବା ଶୁଳ୍କ ସମ୍ପର୍କରେ ସୂଚନା ଫଳକ କିମ୍ବା ନୋଟିସ ଜନସେବା କେନ୍ଦ୍ରରେ ଦେଖିବାକୁ ମିଳୁନାହିଁ। ଅଭିଯୋଗ ସମ୍ପର୍କରେ କିଶନ ନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାସଙ୍କୁ ପଚାରିବାରୁ ଅଧିକ ଆଦାୟ ନେଇ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଜନସେବା କେନ୍ଦ୍ରରେ ସୂଚନା ବୋର୍ଡ ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ଦାସ କହିଛନ୍ତି।

### କଟକ ମହାନଗର ମହାସଭା ପକ୍ଷରୁ ୧୭୭ତମ ମଧୁ ଜୟନ୍ତୀ ପାଳିତ

କଟକ,୨୮।୪(ଶିଳ୍ପା ପ୍ରିୟଦର୍ଶିନୀ)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ସୋମବାର ପାଳିତ ହୋଇଯାଇଛି। ଗୋରାକବରସ୍ଥିତ ସମାଧିପୀଠ, ହରିଣପାର୍କ, କ୍ୟାଣ୍ଟନମେଣ୍ଟ ରୋଡ୍ ଓ ଶୈଳବାଳା ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟ ସମେତ କଟକରେ ଥିବା ମଧୁବାବୁଙ୍କ ସମସ୍ତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମହାସଭାର କାର୍ଯ୍ୟକ୍ରମରେ ସଭାପତି ଡା. ରବିରନ ସାହୁ, ମାଧବ ମିଶ୍ର, ଶ୍ୟାମସୁନ୍ଦର ସାହୁ, ସମରେନ୍ଦ୍ର ଘୋଷ, ରବୀନ୍ଦ୍ର ପଣ୍ଡା, ମୀରା ବେଉରା, ପ୍ରଫୁଲ୍ଲ ସିଂ, ପ୍ରଶାନ୍ତ ନାୟକ, ଆଇନଜୀବୀ ଇଂ. ଆକାଶ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

### ଲାଇନ ମ୍ୟାନ୍‌ଙ୍କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କଟକ,୨୮।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକସିଡିଏ ରାଇସିନା ମଣ୍ଡପରେ ପାୱାର ପଏଣ୍ଟ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍ ଓ ଟାଟା ପାୱାର ମିଳିତ ଆନୁକୂଲ୍ୟରେ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଟିପିସିଓଡିଏଲ୍‌ର ଚିଫ୍ ଅପରେଶନର ରାଜ୍ କୁମାର ରସ୍ତୋଗୀ, ପାୱାର ପଏଣ୍ଟ ଇଞ୍ଜିନିୟରିଂର ନିର୍ଦ୍ଦେଶକ ତରୁଣ କୁମାର ନାୟକ ଯୋଗଦେଇଥିଲେ। ଟିପିସିଓଡିଏଲ୍‌ରେ କାର୍ଯ୍ୟରତ ଲାଇନ୍‌ମ୍ୟାନମାନେ କିପରି ସୁରକ୍ଷିତ ଭାବେ କାର୍ଯ୍ୟ କରିବେ ସେ ନେଇ ସିଇଡି ଓ ସିଡିଡି-୧ ଡିଭିଜନର ଲାଇନ୍ ମ୍ୟାନମାନଙ୍କ ସହିତ ଆଲୋଚନା କରାଯିବା ସହ ସଚେତନ କରାଯାଇଥିଲା। ଏପରି କି କାମ କରିବା ସମୟରେ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପୋଷାକ ପିନ୍ଧିବା ସହିତ, ମୁଣ୍ଡରେ ହେଲମେଟ୍ ତଥା ସେଫ୍ଟି ଟୁଲ ସାଙ୍ଗରେ ନେଇ ଯିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଲାଇନ ମ୍ୟାନ୍ ଓ ତାଙ୍କ ପରିବାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଟଙ୍କା ନେଲେ, ଜାଗା ଛାଡ଼ିଲେନି

- ଏନ୍‌ଏଚ୍ ସର୍ଭିସ ରୋଡ୍, ଡ୍ରେନ ହେବାରେ ବାଧକ ସାଜିଛି ଜାଗା
- ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭଙ୍ଗାଗଲା ଅଳ୍ପ, ଛାଡିଲେ ବଡ଼ ଜାଗା

ଖୁଣ୍ଟୁଣୀ,୨୮।୪(ସଚ୍ଚିଦାନନ୍ଦ ପଣ୍ଡା)

ମଙ୍ଗୁଳି ଛକଠାରୁ ଅନୁଗୋଳ ଦୀର୍ଘ ୧୧୦ କି.ମି. ଜାତୀୟ ରାଜପଥ ଚାରିଲେନ କାମ ଏବେ ଦ୍ରୁତଗତିରେ ଚାଲିଛି। ଏଥିପାଇଁ ଖୁଣ୍ଟୁଣୀ ବଜାର ରାସ୍ତା ଉଭୟ ପାର୍ଶ୍ୱରେ ୨୦୧୧ରୁ ଅଧିଗ୍ରହଣ ହୋଇଥିବା ଘରୋଇ ଜମି ଓ ଗୃହ ପାଇଁ ଏନ୍‌ଏଚ୍ କର୍ତ୍ତୃପକ୍ଷ ଖୁଣ୍ଟୁଣୀର ବହୁ ଜମି ମାଲିକଙ୍କୁ ୨୦୧୭ରୁ କୋଟିକୋଟି ଟଙ୍କା ମଧ୍ୟ ଦେଲେ। ହେଲେ ସେତେବେଳେ ପ୍ରଥମେ ଯେଉଁଠାରୁ ଅଧିଗୃହିତ ଜମି ମାପ ହୋଇଥିଲା ଓ ସେଥିପାଇଁ ଟଙ୍କା ମଧ୍ୟ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ଅଧିକାଂଶ ଲୋକ ନିଜ ଜାଗା ଛାଡି ଅନ୍ୟତ୍ର ରହିଲେଣି। ହେଲେ ଆଉ କେତେଜଣ ଜାଗା କିମ୍ବା ଘର ନ ଛାଡି ବେଆଇନ ଭାବେ ମାଡି ବସିଥିବାରୁ ଏବେ ଜାତୀୟ ରାଜପଥ କାମ କରୁଥିବା ଜଣେ ଠିକାଦାର କେଉଁଠି ରାସ୍ତା ବଙ୍କା କଲାଣିତ, କେଉଁଠି ସର୍ଭିସ ରୋଡ୍ ଓ ଡ୍ରେନ ପାଇଁ ଜାଗା ନାହିଁ ବୋଲି ଅଭିଯୋଗ କରିଛନ୍ତି। ଏପରି ସ୍ଥଳେ ବାରମ୍ବାର ଅଭିଯୋଗ ହେବା ପରେ ସୋମବାର ଅପରାହ୍ନରେ ଏନ୍‌ଏଚ୍ କର୍ତ୍ତୃପକ୍ଷ, ଖୁଣ୍ଟୁଣୀ ପୋଲିସ ଓ ମାଜିଷ୍ଟ୍ରେଟ ତଥା ସହକାରୀ ଜିଲାପାଳ ମାନସ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେତେଜଣ ଲୋକଙ୍କ ଡ୍ରେନ ଉପରେ ଘର ବୋଲଡେଜର ଲଗାଇ ଭାଙ୍ଗିଛନ୍ତି। ହେଲେ ଅନେକ ଲକ୍ଷଲକ୍ଷ ଟଙ୍କା ନେଇ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କ ଘର ଇଞ୍ଚେ ମଧ୍ୟ ଭଙ୍ଗା ଯାଇ ନ ଥିବା ଖୁଣ୍ଟୁଣି ବହୁ ବୁଦ୍ଧିଜୀବୀ ନାଗରିକ କହିଛନ୍ତି। ଏ ସମ୍ପର୍କରେ ସହକାରୀ ଜିଲାପାଳ ବେହେରା କହିଛନ୍ତି, ଯେଉଁମାନେ ଟଙ୍କା ସମ୍ପୂର୍ଣ୍ଣ ପାଇଛନ୍ତି, ସେମାନେ ତାଙ୍କ ଘର ଓ ଜାଗା ଅଧିକାର ହରାଇଛନ୍ତି। ଏହା ସରକାରଙ୍କ ହୋଇସାରିଛି। କେଉଁ ପରିସ୍ଥିତିରେ ଟଙ୍କା ନେଇଥିବା ଲୋକ ଏ ପର୍ଯ୍ୟନ୍ତ ଜାଗା ଛାଡି ନାହାନ୍ତି ତାହା ତଦନ୍ତ ହେଲା ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ପ୍ରଶାସନ ପକ୍ଷରୁ ଏନ୍‌ଏଚ୍ ସମ୍ପ୍ରସାରଣ ପାଇଁ ଉଚ୍ଛେଦ କରାଯାଉଛି।

## ସଂକ୍ଷେପରେ

### ୧୦କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ମହିଳା ଗିରଫ

ବାଲୁଗାଁ/ବାଣପୁର,୨୮।୪ (ସଂଗ୍ରାମ ପାଇକରାୟ/ଦିଲୀପ ସ୍ୱାଇଁ)

ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ଚଢ଼ାଉ କରି ବାଣପୁର ଥାନା କୁମାରଙ୍ଗ ଶାସନ ଗ୍ରାମରୁ ୧୦କେଜି ୫୦୦ଗ୍ରାମ ଗଞ୍ଜେଇ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ବ୍ୟବସାୟୀ ଉକ୍ତ ଗ୍ରାମର କସ୍ତୁରୀ ଦାସ (୪୫)ଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ଲକ୍ଷ ୫ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁପରେ ଅଭିଯୁକ୍ତ ମହିଳାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ରେଞ୍ଜ ନିରୀକ୍ଷକ ରମାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା । ଟାଙ୍ଗୀ ଏଏସ୍ଆଇ ରାମଚନ୍ଦ୍ର ଜେନା, ସଞ୍ଜୟ କୁମାର ସୁବୁଦ୍ଧି, ସୁନୀତା ମହାରଣା, କନଷ୍ଟେବଲ ଆଶିଷ ପ୍ରଧାନ, ରଞ୍ଜିତ ପଟେଲ, ମନୋଜ ଜୟସିଂ, ବିକାଶ ରାଉତ, କାଳୁ ପ୍ରଧାନ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।

### ଆଇଆଣ୍ଡପିଆର୍ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା,୨୮।୪(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ (ଆଇଆଣ୍ଡପିଆର) ନିର୍ଦ୍ଦେଶକ ଭାବେ ଅଭିଜ୍ଞ ପ୍ରଶାସକ ତଥା ବିଶିଷ୍ଟ ସାହିତ୍ୟିକ ଦେବପ୍ରସାଦ ଦାଶ ଯୋଗ ଦେଇଛନ୍ତି। ସୋମବାର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ନିର୍ଦ୍ଦେଶକ ଦାଶଙ୍କୁ ମାର୍ଗଦର୍ଶୀ ପତ୍ରିକାର ସମ୍ପାଦକ ଉମା ଶଙ୍କର ପ୍ରସାଦ ସାକ୍ଷାତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ଉପରେ ପ୍ରସାଦ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ।

### ସ୍ୱାଭିମାନ ଦିବସ ପାଳିତ

ବେଗୁନିଆ,୨୮।୪(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ଆଦର୍ଶ କ୍ଲବ ଆନୁକୂଲ୍ୟରେ ସୋମବାର ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଲକ୍ଷ୍ମୀକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ବିଷ୍ଣୁପ୍ରସାଦ କରଙ୍କ ମଙ୍ଗଳା ଚରଣ ପାଠ ସହିତ ମଧୁସୂଦନଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସମସ୍ତଙ୍କୁ ସ୍ୱାଗତ କରିବା ସହ 'ସନ୍ତାନର ଉକ୍ତି' କବିତା ଗାନ କରିଥିଲେ। ଏହି ଅବସରରେ ସଭାପତି ସମସ୍ତଙ୍କୁ ସ୍ୱାଭିମାନ ସୁରକ୍ଷା ସମ୍ବନ୍ଧୀୟ ଶପଥ ପାଠ କରାଇଥିଲେ। ବେଗୁନିଆ ତହସିଲଦାର ତାପସ କୁମାର ବିଶି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଡା.ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତା, ପ୍ରଫେସର ଡ.ହରିପ୍ରସାଦ ଦାସ, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମାନସୀ ଦାସ, ବାସନ୍ତୀ ପ୍ରଧାନ, ହରିବନ୍ଧୁ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, ବସନ୍ତ ହୋତା, ପତିତପାବନ ବଳବନ୍ତରାୟ, ଅଶ୍ୱିନୀ ପଟ୍ଟନାୟକ, କୈଳାସ ନାଥ ପଟ୍ଟନାୟକ, ରାମଚନ୍ଦ୍ର ବେହେରା, ପ୍ରଶାନ୍ତ ବାରିକ, ଦୀନବନ୍ଧୁ ଦାଶ, କୈଳାସ ଚନ୍ଦ୍ର ସାହୁ, ବିଜୟ ମହାନ୍ତି, ବିଶ୍ୱନାଥ ସାହୁ, ରାଜକିଶୋର ସାହୁ, ସବିତା ରାୟ, ଶୈଳ ସାହୁ, ପିତାମ୍ବର ସାହୁ, ଭ୍ରମର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କବିକେତନ ଗୌରଚରଣ ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ।

# ଡିଏଚ୍ଏଚ୍‌ରେ ଖାଲିପଡ଼ିଛି ୪୬ ଡାକ୍ତର ପଦବୀ

ଖୋର୍ଦ୍ଧା,୨୮।୪(ପ୍ରଭାତ ପାଣିଗ୍ରାହୀ)




- ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରୋଗୀ
- ସ୍ଥାନାନ୍ତର ହେଉନି ରକ୍ତଭଣ୍ଡାର
- ନାମଫଳକରେ ସୀମିତ ଟ୍ରମାକେୟାର

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍)ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଠାରେ ବିଭିନ୍ନ ବିଭାଗରେ ୯୧ଟି ପଦ ରହିଥିବା ବେଳେ ୪୫ ଜଣ ଡାକ୍ତର ଅଛନ୍ତି। ୪୬ ଡାକ୍ତର ପଦବୀ ଖାଲିପଡ଼ିଛି। ଫଳରେ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ମେଡିକାଲରେ ଦୈନିକ ଏକ ହଜାରରୁ ଊର୍ଦ୍ଧ୍ୱ ରୋଗୀ ବିଭିନ୍ନ ବିଭାଗରେ ଚିକିତ୍ସିତ ହେଉଛନ୍ତି। ଭେଷଜ(ମେଡିସିନ୍) ବିଭାଗ ବିଶେଷଜ୍ଞ ପଦବୀ ଦୀର୍ଘଦିନ ଧରି ଖାଲିପଡିବା ଯୋଗୁ ଲୋକେ ଚିକିତ୍ସା ପାଇଁ ଓପିଡିରେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ସେହିପରି ମା'ଓ ଶିଶୁ ବିକାଶ କେନ୍ଦ୍ର(ଏମ୍ସିଏଚ୍)ରେ ପସୂତି ଓ ଶିଶୁ ବିଭାଗରେ ଡାକ୍ତର ଥିବା ସତ୍ତ୍ୱେ ମଧ୍ୟାହ୍ନ ପରେ ଓପିଡି ବନ୍ଦ ରହୁଛି। ଫଳରେ ମଧ୍ୟାହ୍ନ ପରେ ଆସୁଥିବା ରୋଗୀ ଜେନେରାଲ ଓପିଡିରେ ଦେଖାଉଛନ୍ତି। ସେପଟେ ନବଜାତ ଶିଶୁଙ୍କ ଚିକିତ୍ସା ପାଇଁ ଓପିଡିରେ ଥିବା ଡାକ୍ତରମାନେ ଶିଶୁ ବିଭାଗକୁ ପଠାଉଛନ୍ତି। ବାହାରୁ ଆସୁଥିବା ରୋଗୀ ଏ କୋଠାରୁ ସେ କୋଠାକୁ ଶିଶୁଙ୍କୁ ଧରି ଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଦୁଇ ବର୍ଷ ପୂର୍ବେ ବିଧାୟକ ପାଣ୍ଠିରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ଆଇସିୟୁ ଉଦ୍‌ଘାଟନ ହୋଇଥିଲା। ତେବେ ତା' ପରଠାରୁ ବନ୍ଦପଡିଛି। ଜଣେ ଅଭିଜ୍ଞ ଡାକ୍ତରଙ୍କ କହିବା ଅନୁଯାୟୀ, ଆଇସିୟୁରେ ଭିତ୍ତିଭୂମି ନ ଥାଇ ତରବରିଆ ଭାବେ ଉଦ୍‌ଘାଟନ କରାଯାଇଛି। ଆଇସିୟୁ ଚଳାଇବା ପାଇଁ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ଉକ୍ତ ବିଭାଗରେ ଥିବା ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ନଷ୍ଟ ହେଉଛି। ସେହିଭଳି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଅକ୍ସିଜେନ ୟୁନିଟ ନିର୍ମାଣ ହୋଇଛି। ବର୍ଷେ ବିତିବାକୁ ବସିଲାଣି, ଏଯାବତ୍ ସମସ୍ତ ୱାର୍ଡକୁ ଅକ୍ସିଜେନ ସଂଯୋଗୀକରଣ କରାଯାଇନାହିଁ। ସେପଟେ ଦୁଇ ଜଣ ଟେକ୍ନିସିଆନଙ୍କୁ ବସାଇ ଦରମା ଦିଆଯାଉଥିବା ଅଭିଯୋଗ ହେଉଛି। ସେହିପରି ଡାଏଲିସିସ୍ ବିଭାଗରେ ସ୍ଥାୟୀ ଡାକ୍ତରଙ୍କ ଅଭାବରୁ ରୋଗୀ ଉପଯୁକ୍ତ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଯେଉଁ ଉଦ୍ଦେଶ୍ୟ ନେଇ ଟ୍ରମାକେୟାର ୟୁନିଟ୍ କରାଯାଇଥିଲା, ତାହା କେବଳ ନାମଫଳକରେ ସୀମିତ ରହିଛି। ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ଏଠାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ କିମ୍ବା ଏମ୍ସକୁ ସ୍ଥାନାନ୍ତର କରାଯାଉଛି। ସେହିପରି ସ୍ଥାୟୀ ଆନାସ୍ଥେସିଆ ଡାକ୍ତର ନ ଥିବାରୁ କ୍ୟାପିଟାଲ ହସ୍ପିଟାଲରୁ ଡେପୁଟେଶନରେ ଥିବା ଡାକ୍ତରଙ୍କୁ ନେଇ ଓପିଡି ସମୟରେ କେତେଜଣ ରୋଗୀଙ୍କ ଅପରେସନ କରାଯାଉଛି। ଅପରାହ୍ନ ୪ଟା ପରେ ଅପରେସନ ଓଟି ବନ୍ଦ ରହୁଛି। ଦୀର୍ଘଦିନର ଦାବି ପରେ ଡିଏଚ୍ଏଚ୍ ପରିସରରେ ସ୍ୱତନ୍ତ୍ର ଭାବେ ରକ୍ତଭଣ୍ଡାର କୋଠା ନିର୍ମାଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ସିଡିଏମ୍ଓ କାର୍ଯ୍ୟାଳୟ ପରିସରରୁ ଏଠାକୁ ସ୍ଥାନାନ୍ତର କରାଯାଉନାହିଁ। ଫଳରେ ରୋଗୀ ରକ୍ତ ପାଇବା ପାଇଁ ଡିଏଚ୍ଏଚ୍‌ରୁ ସିଡିଏମ୍ଓଙ୍କ କାର୍ଯ୍ୟାଳୟ ୪କିମି ଯାଉଛନ୍ତି। ରୋଗୀଙ୍କ ପାଇଁ ଏକ ପ୍ରେକ୍ଷାଳୟ ନିର୍ମାଣ କରାଯାଇଥିଲେ ମଧ୍ୟ ସେଥିରେ ତାଲା ଝୁଲୁଛି। ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ପାର୍କିଂସ୍ଥଳ ଘରୋଇ ଆମ୍ବୁଲାନ୍ସ ପାର୍କିଂସ୍ଥଳ ପାଲଟିଛି। ନିକଟରେ ଥିବା ଘରୋଇ ମେଡିକାଲକୁ ଆସୁଥିବା ରୋଗୀ ଡିଏଚ୍ଏଚ୍ ପାର୍କିଂସ୍ଥଳରେ ଗାଡ଼ି ରଖି ଯାତାୟାତ କରୁଛନ୍ତି।

ଏ ସମ୍ପର୍କରେ ଡିଏଚ୍ଏଚ୍ ଭାରପ୍ରାପ୍ତ ଅଧୀକ୍ଷକ ଡା.ଏସ୍.ପି. ମିତ୍ର କହିଛନ୍ତି, ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ବାରମ୍ବାର ଚିଠି ମାଧ୍ୟମରେ ଅବଗତ କରାଯାଉଛି। ବିଶେଷଜ୍ଞ ପଦବୀ, ସ୍ଥାୟୀ ଆନାସ୍ଥେସିଆ ଡାକ୍ତର ନିଯୁକ୍ତି ପାଇଁ ଅନୁରୋଧ କରାଯାଇଛି। ସେହିପରି ସିଡିଏମ୍ଓ ଡା.ରାଜଶ୍ରୀ ପଟ୍ଟନାୟକ କହିଛନ୍ତି, ଡିଏଚ୍ଏଚ୍‌ର ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି। ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା କହିଛନ୍ତି, ଡିଏଚ୍ଏଚ୍‌ରେ ରହିଥିବା ସମସ୍ୟାର ସମାଧାନ କିପରି ହୋଇପାରିବ ସେନେଇ ଜିଲାପାଳ ଏବଂ ସିଡିଏମ୍ଓଙ୍କ ସହ ଆଲୋଚନା କରାଯିବ।

## ଜନ୍ମ ମୃତ୍ୟୁ ପ୍ରମାଣପତ୍ରର ସମୀକ୍ଷା କଲେ ଉପଜିଲାପାଳ



ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା ରୋଗୀଙ୍କ ସହ ଆଲୋଚନା କରୁଛନ୍ତି।

ଖୋର୍ଦ୍ଧା,୨୮।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଜନ୍ମ ମୃତ୍ୟୁ ପ୍ରମାଣପତ୍ର କିପରି କରାଯାଉଛି, ତାହାର ରେକର୍ଡପତ୍ର ଯାଞ୍ଚ କରିବା ସହ ଦାୟିତ୍ୱରେ ଥିବା ଅଧିକାରୀ ଏବଂ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଅଧୀକ୍ଷକ ଡା. ଏସ୍.ପି. ମିତ୍ରଙ୍କ ସହ ଆଲୋଚନା କରିଥିଲେ। ଜନ୍ମ ମୃତ୍ୟୁ ପ୍ରମାଣପତ୍ର ସୁପରିଚାଳନା ପାଇଁ କହିଥିଲେ। ତୃଣମୂଳସ୍ତରରୁ ଡାଟାବେସ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଡାଟା ତୁରନ୍ତ ଡିଜିଟାଲାଇଜେଶନ ଉପରେ ଗୁରୁତ୍ୱ ଦେଇଥିଲେ। ଗ୍ରାମାଞ୍ଚଳସ୍ତରରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିବିଶେଷଙ୍କ ଡାଟା ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ଏଏନ୍ଏମ୍ ଦିଦିଙ୍କଠାରୁ ସଂଗୃହୀତ ହୋଇଆସିବା ପରେ ଏହାକୁ ତୁରନ୍ତ ବିଭାଗୀୟ ପୋର୍ଟାଲରେ ଅପ୍‌ଲୋଡ କରିବା ପାଇଁ କହିଥିଲେ। ତେବେ ଗ୍ରାମାଞ୍ଚଳରେ ଏହାକୁ ଗୁରୁତର ସହ ଗ୍ରହଣ କରାଯାଉନାହିଁ। ଫଳରେ ସାଧାରଣଲୋକେ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଆଗାମୀ ଦିନରେ ଏ ସଂକ୍ରାନ୍ତରେ ଆଶା, ଅଙ୍ଗନୱାଡି ଏବଂ ସ୍ୱାସ୍ଥ୍ୟକର୍ମୀ, ଏଏନ୍ଏମ୍‌ଙ୍କୁ ନେଇ ଆଲୋଚନା ହେବ। ଲୋକେ ଯେପରି ହଇରାଣ ନ ହେବେ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଉପଜିଲାପାଳ ପଣ୍ଡା ଗଣମାଧ୍ୟମକୁ କହିଛନ୍ତି। ଏଥିସହିତ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ପାଇଁ ଲୋକେ ଅଯଥା ମେଡିକାଲରେ ଲମ୍ବାଧାଡ଼ିରେ ଅପେକ୍ଷା ନ କରି ବିଭାଗୀୟ ସାଇଟରେ ଆବେଦନ କରିପାରିବେ। ସମସ୍ତ ତଥ୍ୟ ଏବଂ ପ୍ରମାଣ ଦେଇ ଆବେଦନ ପରେ ମୋବାଇଲକୁ ଡାଉନଲୋଡ ପାଇଁ ଏକ ମେସେଜ୍ ଆସିବା ପରେ ତାହାକୁ ଡାଉନଲୋଡ କରିପାରିବେ। ଗ୍ରାହକ ସେବା କେନ୍ଦ୍ରରେ ମଧ୍ୟ ଆବେଦନ କରିପାରିବେ। ମେଡିକାଲରେ କେବଳ ଆବେଦନକାରୀଙ୍କ ଡାଟା ଭେରିଫିକେଶନ କରାଯାଇ ଏହାକୁ ଅପଡେଟ କରାଯିବ। ଏହଦ୍ୱାରା ସମୟ ଅପଚୟ କମିବା ସହ ସାଧାରଣଲୋକ ସହଜରେ ଏହାକୁ ପାଇପାରିବେ।

# ୯୫ ଅଭିଯୋଗରୁ ୮ଗ୍ରାମୀଣ ସମସ୍ୟା



ଜନଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ଖୋର୍ଦ୍ଧା,୨୮।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନର ମିଳିତ ଜନଶୁଣାଣି ଶିବିର ସ୍ଥାନୀୟ ବ୍ଲକ ଅନ୍ତର୍ଗତ ବରସାହି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା ସଭାପତିତ୍ୱ କରିଥିଲେ। ଶିବିରରେ ମୋଟ ୯୫ଟି ଅଭିଯୋଗ ହୋଇଥିଲା। ସେଥିରୁ ୭୮ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୮ଟି ଅଭିଯୋଗ ଗ୍ରାମୀଣ ସମସ୍ୟା ରହିଥିଲା। ୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜାଗୁଲେଇପାଟଣାର ଅକ୍ଷୟ ବେହେରାଙ୍କୁ ୫ହଜାର, କୁମ୍ଭିଲୋ କେରଙ୍ଗର ନକୁଳ ବଡ଼ଜେନାଙ୍କୁ ୧୦ହଜାର ଏବଂ ବରସାହିର ଯୋଗେନ୍ଦ୍ର ବେହେରାଙ୍କୁ ୧୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ଜିଲା ରେଡକ୍ରସ ପାଣ୍ଠିରୁ ଅଭିଯୋଗକାରୀ ବରସାହିର ମିଲି ବେହେରାଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ୫ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯାଇଛି। ପରେ ଜିଲାପାଳ ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି , ଓଡ଼ିଶା ଜୀବିକା ମିଶନ, ଗ୍ରାମୀଣ ଗୃହ, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଶିବିର, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରାଣୀ ଚିକିତ୍ସା ସଚେତନତା ଷ୍ଟଲ ବୁଲି ଦେଖିଥିଲେ। ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଜିଲା ଆରକ୍ଷୀ ଅଧୀକ୍ଷିକା ସାଗରିକା ନାଥ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲାପରିଷଦ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ତହସିଲଦାର ବିଭାସ ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## କଂଗ୍ରେସର ସାଙ୍ଗଠନିକ ବୈଠକ

ଟାଙ୍ଗୀ,୨୮।୪(ରଘୁନାଥ ସାହୁ)

ଚାନ୍ଦପୁର ରାମଚଣ୍ଡୀ ମନ୍ଦିର ପରିସରରେ କଂଗ୍ରେସର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲାପରିଷଦ ସଭ୍ୟ ସୁକାନ୍ତ କିଶୋର ସେନାପତିଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ନେତା ବିଭୁପ୍ରସାଦ ମିଶ୍ର, ବ୍ଲକ କଂଗ୍ରେସ ସଭାପତି ତଥା ରଣପୁର ବାର ଆସୋସିଏଶନ ସଭାପତି ଶତ୍ରୁଘ୍ନ ପାଇକରାୟ, ଚାନ୍ଦପୁର ଜୋନ ସଭାପତି ଭରତ ଚନ୍ଦ୍ର ରାଉତରାୟ, ଚାନ୍ଦପୁର ଗ୍ରାମପଞ୍ଚାୟତ ସଭାପତି ପାର୍ଥସାରଥୀ ପାତ୍ର, ସମ୍ପାଦକ ସୁଜିତ କୁମାର ସାହୁ, ନାରୀନେତ୍ରୀ ପ୍ରତିମା ଜେନା ପ୍ରମୁଖ ଯୋଗଦେଇ ସର୍ବସାଧାରଣ ଲୋକଙ୍କ ପାଖରେ ପହଞ୍ଚି ଅସୁବିଧାରେ ସହଯୋଗ କରିବା, ଡିଜିଟାଲ ଇଲେକ୍ଟ୍ରି ମିଟର ବସାଇବାକୁ ବିରୋଧ କରିବା, ମାସିକ ବୈଠକ କରି ପଞ୍ଚାୟତରେ ହେଉଥିବା ଦୁର୍ନୀତିକୁ ବିରୋଧ କରିବା ସହିତ ବଜାରରେ ସାଧାରଣ ଶୌଚାଳୟ ନ ଥିବା ସମ୍ପର୍କରେ ଆଲୋଚନା କରିଥିଲେ। ଶତାଧିକ କର୍ମୀ ବୈଠକରେ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମରେ ବାଉରିବନ୍ଧୁ ବେହେରା, ଭାଗବତ ବେହେରା, ରବୀନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ପୌରପରିଷଦର ନୂତନ ସଭାଗୃହ ଉଦ୍‌ଘାଟିତ



ବିଧାୟକ ପ୍ରଶାନ୍ତ ଜଗଦେବ ପୌରପରିଷଦର ନୂତନ ସଭାଗୃହ ଉଦ୍‌ଘାଟନ କରୁଛନ୍ତି।

ଖୋର୍ଦ୍ଧା,୨୮।୪( ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌରପରିଷଦର ନୂତନ ସଭାଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ନୂତନ ସଭାଗୃହରେ ପୌର ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ନିର୍ବାହୀ ଅଧିକାରୀ ରୁଚ୍ଛୁଆନା କଅକବଙ୍କ ସହ ସମସ୍ତ କାଉନସିଲର, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଗତ ବୈଠକର କାର୍ଯ୍ୟ ବିବରଣୀ ଆଲୋଚନା ହେବା ସହିତ ଜାନୁଆରୀ, ଫେବୃଆରୀ ମାସର ଆୟବ୍ୟୟ ଉପସ୍ଥାପନ କରାଯାଇଥିଲା। ପୂର୍ତ୍ତ ବିଭାଗୀୟ କାର୍ଯ୍ୟର ଅଗ୍ରଗତି ରିପୋର୍ଟ ଉପସ୍ଥାପନ କରାଯିବା ସହିତ ଆଗାମୀ କାର୍ଯ୍ୟପନ୍ଥାକୁ ବିଚାର କରାଯାଇ କାଉନସିଲରେ ଅନୁମୋଦନ କରାଯାଇଥିଲା ।

## ଗୁପ୍ତେଶ୍ୱର ଦେବଙ୍କ ପୀଠରେ ମହାଶମ୍ଭୁ ମିଳନ, ବିଶ୍ୱଶାନ୍ତି ମହାଯଜ୍ଞ

ବାଣପୁର,୨୮।୪(ଦିଲୀପ କୁମାର ସ୍ୱାଇଁ)

ବାଣପୁର ବିଖ୍ୟାପିତ ଅଞ୍ଚଳରେ ଥିବା ବହୁ ପୁରାତନ ଶୈବପୀଠ ମଧ୍ୟରେ ଗାଲୁଆ ଗ୍ରାମଠାରେ ଥିବା ପଶ୍ଚିମାମୁଖୀ ମହାଶମ୍ଭୁ ବାବା ଗୁପ୍ତେଶ୍ୱର ଦେବ ଅନ୍ୟତମ। ଏହି ପୀଠରେ ଦୀର୍ଘ ବର୍ଷ ହେବ ଶମ୍ଭୁ ମିଳନ ସହ ବିଶ୍ୱଶାନ୍ତି ମହାଯଜ୍ଞ ହୋଇଆସୁଅଛି। ଏହି ପରିପ୍ରେକ୍ଷୀରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଅବସରରେ ସୋମବାର ୧୫ଶମ୍ଭୁ, ୩ ବିଷ୍ଣୁ ଏବଂ ୫ ଦେବୀଙ୍କ ମହାମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ପଣ୍ଡିତ ରାଜକିଶୋର ଶତପଥୀଙ୍କ ତତ୍ତ୍ୱାବଧାନରେ ୭ ଜଣ ବ୍ରାହ୍ମଣଙ୍କୁ ନେଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଲକ୍ଷ୍ମୀଧର ହୋତା, ବିଦ୍ୟୁଭୂଷଣ କର, ରାଜକିଶୋର ଶତପଥୀ, ସନ୍ତୋଷ କୁମାର ତ୍ରିପାଠୀ, ସତ୍ୟବାନ ମୁଦ୍ରା, ଅଭିଷେକ ସତ୍ୟବ୍ରତ ସାମନ୍ତରା, ପୂର୍ଣ୍ଣ ରଞ୍ଜନ ମିଶ୍ର ପ୍ରମୁଖଙ୍କୁ ନେଇ ଚାରିଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ହୋଇଥିଲା। ବିଭିନ୍ନ ଗ୍ରାମରୁ ଆସିଥିବା ୨୩ ଦେବଦେବୀ ଓ ଶମ୍ଭୁମାନଙ୍କୁ ପାଟ ପଗୁଆରରେ ଯଜ୍ଞସ୍ଥଳୀକୁ ବିଜେ କରାଯାଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ଅବସରରେ ସମସ୍ତ ଦେବଦେବୀଙ୍କ ମହାମିଳନ ସମୟରେ ଆତସବାଜି କାର୍ଯ୍ୟକ୍ରମ ହୋଇଥିଲା ।



## ବିଏସ୍ଏଫ୍ ଯବାନଙ୍କ ପରଲୋକ, ଗାର୍ଡ ଅଫ୍ ଅନର ପ୍ରଦାନ

ବୋଲଗଡ଼,୨୮।୪(ଦେବବ୍ରତ ହୋତା)



ବିଏସ୍ଏଫ୍ ଯବାନଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଉଛି।

ସୋମବାର ଜଣେ ବିଏସ୍ଏଫ୍ ଯବାନଙ୍କ ପରଲୋକ ହୋଇଯାଇଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାନପଦର ଗ୍ରାମର ପବିତ୍ର ମୋହନ ଶ୍ରୀଚନ୍ଦନ (୫୪)। ସୂଚନା ମୁତାବକ, ୧୯୯୦ ମସିହାରେ ପବିତ୍ର ବିଏସ୍ଏଫ୍‌ରେ ଯୋଗଦେଇଥିଲେ। ତେବେ ସେ ଛୁଟିରେ ଘରକୁ ଆସିଥିବା ବେଳେ ସୋମବାର ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଖୋର୍ଦ୍ଧାସ୍ଥିତ ବିଏସ୍ଏଫ୍ ବାଟାଲିୟନ ପକ୍ଷରୁ କର୍ମଚାରୀମାନେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହ ଗ୍ରାମ ଶ୍ମଶାନ ନିକଟରେ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଇ ତୋପ ସଲାମୀରେ ଗାଡ୍ ଅଫ ଅନର୍ ଦିଆଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲୀପ ମହାପାତ୍ର, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ, ସାମାଜିକକର୍ମୀ ଅର୍ଜୁନ ପଟ୍ଟନାୟକ, ଶିକ୍ଷକ ବିଜୟ କୁମାର ସାହୁ, ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକ, ସୁରେଶ ସାମନ୍ତସିଂହାର, ଅଜୟ ମଙ୍ଗରାଜଙ୍କ ସମେତ ଗ୍ରାମବାସୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଫଟୋରେ ଖବର





ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ମୃତ ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ସଂପୁର ଗ୍ରାମର ପାଞ୍ଚଗଡ଼ ସୃଜନଶୀଳ ସମିତି ପକ୍ଷରୁ ନୀରବ ପ୍ରାର୍ଥନା କରାଯାଉଛି। (ଫଟୋ: ଦେବବ୍ରତ ହୋତା) | ଛଣଗିରିସ୍ଥିତ ଗୋପୀନାଥଦେବ ମନ୍ଦିରଠାରେ ମୃତ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)

**ପାକିସ୍ତାନ ପତାକା ଜାଳି ପ୍ରତିବାଦ**

ବଳଙ୍ଗା,(କେଦାରେଶ୍ୱର ନନ୍ଦ)- ନିମାପଡ଼ା ବ୍ଲକ ବଳଙ୍ଗା ଥାନା ଅଞ୍ଚଳରେ ନୂଆଗୋପାଳପୁର ଗାଁର ମୁସଲିମ ଯୁବକମାନେ ସୋମବାର ରାସ୍ତା ମଝିରେ ପାକିସ୍ତାନ ପତାକା ଜାଳି ପ୍ରତିବାଦ କରିଛନ୍ତି। ପାକିସ୍ତାନ ମୁର୍ଦ୍ଦାବାଦ ଆଦି ନାରା ଦେଇଥିଲେ। ଆତଙ୍କବାଦୀଙ୍କ ଜାତି ନାହିଁ ଧର୍ମ ନାହିଁ ଭାରତରେ ହିନ୍ଦୁ ମୁସଲିମ ଭାଇଚାରା କ୍ଷୁର୍ଣ୍ଣ କରିବାକୁ ପ୍ରୟାସ କରୁଛି ପାକିସ୍ତାନ ବୋଲି ମୁସଲିମ ଯୁବକମାନେ ଅଭିଯୋଗ ଆଣିଛନ୍ତି ଏପଟେ ଭାରତ ସରକାର ଏହା ଉପରେ କଡ଼ା ଜବାବ ଦେଉ ବୋଲି ମୁସଲିମ ଯୁବକ ଦାବି କରିଛନ୍ତି ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ପୁରୀ ଜିଲା କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ମିର ଇସ୍ରାଦ ଅଲ୍ଲୀ, ରିଆଯତ ଅଲ୍ଲୀ ଉପସ୍ଥିତ ଶୋଲେମାନ ସାହା, ମିର ନୌସାଦ ଅଲ୍ଲୀ, ସାଦିକ ହୁସେନ, ରାଜୁନୁ ସାହା, କବିର ମହମ୍ମଦ, ବବୁଲ ସାହା, ଗୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚନ୍ଦନଯାତ୍ରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ, ସମୀକ୍ଷା କଲେ ଏସ୍‌ପି

- ୫ ପ୍ଲାଟୁନ୍ ଫୋର୍ସ ମୁତୟନ
- ବାଣ ଫୁଟା ଉପରେ ରୋକ୍ ଲଗାଯିବ
- ପ୍ରଥମଥର ପାଇଁ ଫିଡ୍‌ବ୍ୟାକ ସେଣ୍ଟର ନରେନ୍ଦ୍ରକୋଣ ଠାରେ କରାଯିବ

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)



ଚାପ ଖେଳ ପାଇଁ ଡଙ୍ଗା ପ୍ରସ୍ତୁତ କରାଯାଉଛି ।



ହଂସକୁ ରଙ୍ଗ ଦିଆଯାଉଛି ।

ଚଳିତ ମାସ ୩୦ରେ ପବିତ୍ର ଅକ୍ଷୟ ତୃତୀୟା ତିଥି ଅବସରରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ ହେବା ସହ ରଥଖଳାରେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ କରାଯିବ। ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନଯାତ୍ରା ପାଇଁ ପ୍ରଶାସନଠାରୁ ଆରମ୍ଭ କରି ପୋଲିସ ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଶେଷପର୍ଯ୍ୟାୟରେ ପହଞ୍ଚିଛି।

ପରମ୍ପରା ଅନୁଯାୟୀ, ଚୈତ୍ର ପୂର୍ଣ୍ଣିମା ତିଥିରେ ଭୋଇ ସେବକମାନେ ନରେନ୍ଦ୍ର ପୁଷ୍କରିଣୀରୁ ନନ୍ଦା, ଭଦ୍ରା ସହ ବୈଜୟନ୍ତୀ ଆଦି ଡଙ୍ଗାକୁ ପାଣିରୁ କାଢ଼ି କୂଳକୁ ଆଣିଥିଲେ। ରଥ ନିର୍ମାଣ ପାଇଁ ଶ୍ରୀନଅର ସମ୍ମୁଖରେ ଅସ୍ଥାୟୀ ରଥଖଳା ନିର୍ମାଣ କରିଛନ୍ତି। ଅପରପକ୍ଷରେ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନରେନ୍ଦ୍ର ଚକଡ଼ାଠାରେ ବିଭିନ୍ନ କାର୍ଯ୍ୟ କରାଯିବା ସହ ନନ୍ଦା, ଭଦ୍ରା ଦୁଇ ଚାପ ଡଙ୍ଗାର ମରାମତି କାର୍ଯ୍ୟ ମହାରଣା ସେବକଙ୍କ ପକ୍ଷରୁ କରାଯାଉଛି। ମହାପ୍ରଭୁଙ୍କ ଚନ୍ଦନଯାତ୍ରାକୁ ୨ ଦିନ ବାକିଥିବା ବେଳେ ଚନ୍ଦନ ଚକଡ଼ା ଓ ନରେନ୍ଦ୍ର ପୁଷ୍କରିଣୀକୁ ସୁସଜ୍ଜିତ କରାଯାଉଛି। ମହାରଣା ସେବକମାନେ ଦୁଇଟି ଡଙ୍ଗାକୁ ଯୋଡ଼ି ନନ୍ଦା ଓ ଭଦ୍ରା ଡଙ୍ଗା ପ୍ରସ୍ତୁତ କରିଛନ୍ତି। ପଟାବାଡ଼ିଆ କାର୍ଯ୍ୟ ଜାରି ରହିଛି। ପଟାବାଡ଼ିଆ ପରେ ହଂସପଟା ବାଡ଼ିଆ ହେବ। ଚିତ୍ରକାର ସେବକଙ୍କ ପକ୍ଷରୁ ଚନ୍ଦନ ଚକଡ଼ାରେ ରଙ୍ଗକାର୍ଯ୍ୟ କରାଯାଉଛି।

ଭୋଇ ସର୍ଦ୍ଦାର ରବି ଭୋଇ କାର୍ଯ୍ୟ ସମ୍ପର୍କରେ କହିଛନ୍ତି, ଅକ୍ଷୟ ତୃତୀୟା ପାଇଁ କାମ ଜୋର୍‌ସୋର୍‌ରେ ଜାରି ରହିଛି। ଚାପଡଙ୍ଗା ନିର୍ମାଣରେ ୧୦ ଭୋଇ ସେବକ ନିୟୋଜିତ ରହିଛନ୍ତି। ୪ଟି ଡଙ୍ଗାକୁ ଆଣି ଚନ୍ଦନ ମଣ୍ଡପ ନିକଟରେ ରଖାଯାଇଥିଲା। ଏଥିସହ ପଟାବାଡ଼ିଆ କାର୍ଯ୍ୟ କରାଯାଇଛି, ପରେ ମୁଣ୍ଡୁଳି ଉଠିବ। ଅକ୍ଷୟ ତୃତୀୟା ପୂର୍ବରୁ ହଂସ ଲାଗିବ ବୋଲି ଭୋଇ ସେବକ କହିଛନ୍ତି।

ଚିତ୍ରକାର ସେବକ ଦେବଦତ୍ତ ମହାରଣା କହିଛନ୍ତି, ଚନ୍ଦନ ଯାତ୍ରାକୁ ଅଳ୍ପଦିନ ବାକିଥିବା ବେଳେ ରଙ୍ଗକାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚନ୍ଦନମଣ୍ଡପ, ପାଣି ଚାରି, ରାମକୃଷ୍ଣ ମନ୍ଦିର, ପଞ୍ଚୁପାଣ୍ଡବ ମନ୍ଦିର, ଜଗମୋହନ ଆଦିର ରଙ୍ଗକାର୍ଯ୍ୟ କରାଯାଉଛି। ଏଥିସହ ଚାପଡଙ୍ଗାରେ ମଧ୍ୟ ରଙ୍ଗ କରାଯିବ ବୋଲି ମହାରଣା କହିଛନ୍ତି।

ତାଳଧ୍ୱଜ ରଥର ମୁଖ୍ୟ ବିଶ୍ୱକର୍ମା ମହାରଣା ସେବକ ନୃସିଂହ ମହାପାତ୍ର କହିଛନ୍ତି, ଚାପ କାର୍ଯ୍ୟ ଜାରି ରହିଛି। ଚାପ ତିଆରି କାର୍ଯ୍ୟ ରବିବାରଠାରୁ ଆରମ୍ଭ ହୋଇଛି। ସମସ୍ତ କାର୍ଯ୍ୟ ଅକ୍ଷୟ ତୃତୀୟା ଦିନ ଶେଷହେବ।

ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ଅକ୍ଷୟ ତୃତୀୟା ନିମନ୍ତେ ରଥ ଚାଳି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ରଥକାଠ ପର୍ଯ୍ୟାୟକ୍ରମେ ଆସି ପହଞ୍ଚିଛି। ସେହିପରି ମହାପ୍ରଭୁଙ୍କ ଚନ୍ଦନଯାତ୍ରା ନିମନ୍ତେ ଚାପ ଡଙ୍ଗା ନିର୍ମାଣ କାର୍ଯ୍ୟ ଜାରି ରହିଛି। ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷପର୍ଯ୍ୟାୟରେ ପହଞ୍ଚିଲାଣି। ଚନ୍ଦନ ଯାତ୍ରା ପାଇଁ ପୁରୀ ପୋଲିସର ପ୍ରସ୍ତୁତି ମଧ୍ୟ ଶେଷ ହୋଇଛି। ଆସନ୍ତା ୩୦ ତାରିଖ ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହେଉଥିବା ଚନ୍ଦନଯାତ୍ରାରେ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ଏଥିରେ ଜଣେ ଅତିରିକ୍ତ ଏସ୍‌ପି, ୫ ଡେପୁଟି ଏସ୍‌ପି ବା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୮ ଇନ୍ସପେକ୍ଟର, ୨୦ ସବ୍‌ଇନ୍ସପେକ୍ଟର ଅବା ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର, ୪ ହାବିଲ୍‌ଦାର, ୩୭ କନ୍‌ଷ୍ଟେବଲଙ୍କ ସମେତ ୫ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ୫୮ ଜଣ ହୋମ୍‌ଗାର୍ଡ ମୁତୟନ ରହିବେ। ସେହିପରି ଚନ୍ଦନ ଚକଡ଼ାରେ ବାଣ ଫୁଟାଇବାକୁ ନିଷେଧ କରାଯାଇଛି। ପ୍ରଥମଥର ପାଇଁ ପୁରୀ ପୋଲିସ ତରଫରୁ ଏକ ଫିଡ୍‌ବ୍ୟାକ୍ ସେଣ୍ଟର ନରେନ୍ଦ୍ରକୋଣଠାରେ କରାଯିବ। ଏଥିରେ ସମସ୍ତ ଅଭିଯୋଗ ଗ୍ରହଣ କରାଯିବା ସହ ନିଜର ଯାତ୍ରା ଅନୁଭୂତି ଦେଇପାରିବେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏସ୍‌ପି ଭିନୀତ୍ ଅଗ୍ରୱାଲ ସୋମବାର ନରେନ୍ଦ୍ର ପୁଷ୍କରିଣୀ ଯାଇ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ବିମାନଗୁଡ଼ିକୁ ପୋଲିସ ପକ୍ଷରୁ ଏସ୍କର୍ଟ କରାଯାଇ ନରେନ୍ଦ୍ର ନିକଟକୁ ଅଣାଯିବ। ସ୍ୱତନ୍ତ୍ର ଭାବେ ପୋଲିସ ନିୟୋଜିତ ରହିବେ। ପ୍ରବେଶ ପଥରେ ଚେକିଂ ବ୍ୟବସ୍ଥା କରାଯିବ। ବାଣଫୁଟା ଉପରେ ରୋକ୍ ଲଗାଯିବ। ଯେଉଁମାନେ ନିୟମ ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ରଥଖଳାରେ ୨୪ ଘଣ୍ଟିଆ ପୋଲିସ ନିୟୋଜିତ ରହିବେ ବୋଲି ଏସ୍‌ପି ଅଗ୍ରୱାଲ ସୂଚନା ଦେଇ କହିଛନ୍ତି। ଅପରପକ୍ଷରେ ଚନ୍ଦନଯାତ୍ରାକୁ ଯେପରି ଶୃଙ୍ଖଳିତ ଭାବେ କରାଯିବ ସେନେଇ ଅତିରିକ୍ତ ଏସ୍‌ପିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଏକ ବୈଠକ ଟାଉନ୍ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି।

# ଅନାସ୍ଥାରେ ହାରିଲେ ଗୋପୀନାଥପୁର ସରପଞ୍ଚ

କଣାସ,୨୮।୪(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗୋପୀନାଥପୁର ସରପଞ୍ଚ ସୁକାନ୍ତି ବେହେରାଙ୍କ ବିରୋଧରେ କେତେଜଣ ୱାର୍ଡ ସଭ୍ୟାସଭ୍ୟ ଦୀର୍ଘଦିନ ହେଲା ଅନାସ୍ଥା ଭୋଟ ପାଇଁ ଦାବି କରିବା ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସରପଞ୍ଚ ବେହେରା ହାଇକୋର୍ଟଙ୍କ ଆଶ୍ରୟ ନେଇଥିବାରୁ ଅନାସ୍ଥା ପ୍ରସ୍ତାବ ସ୍ଥଗିତ ରହିଥିଲା। ସୋମବାର ହାଇକୋର୍ଟ ଅନାସ୍ଥା ପ୍ରସ୍ତାବ ଭୋଟ ପାଇଁ ନିର୍ଦ୍ଦେଶ ଦେବାରୁ ଗୋପୀନାଥପୁର ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟ ଗ୍ରହଣ କରାଯାଇଥିଲା। କଣାସ ତହସିଲ୍‌ଦାର ଟ୍ରେନିଂରେ ଥିବାରୁ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରିଜାଇଡିଂ ଅଫିସର୍ ଭାବେ ଉପସ୍ଥିତ ଥିବାବେଳେ କଣାସ ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀ ମାଜିଷ୍ଟ୍ରେଟ୍ ଭାବେ ରହିଥିଲେ। ଗୋପୀନାଥପୁର ପଞ୍ଚାୟତ ୧୧ନଂ. ୱାର୍ଡ ହୋଇଥିବାରୁ ଗୋଟିଏ ୱାର୍ଡରେ ୱାର୍ଡସଭ୍ୟ ପାଇଁ ନିର୍ବାଚନ ହୋଇ ନ ଥିଲା। ୧୦ ଜଣ ୱାର୍ଡ ସଭ୍ୟାସଭ୍ୟ ଓ ସରପଞ୍ଚ ମିଶି ୧୧ଜଣ ଭୋଟ ଦେଇଥିଲେ। ସରପଞ୍ଚଙ୍କ ବିରୋଧରେ ୯ଟି ଭୋଟ ଯାଇଥିବାବେଳେ ସରପଞ୍ଚଙ୍କ ସପକ୍ଷରେ ୨ ଜଣ ଭୋଟ ଦେଇଥିଲେ। ସରପଞ୍ଚ ଅନାସ୍ଥା ପ୍ରସ୍ତାବରେ ହାରିଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ଉପସ୍ଥିତ ରହିଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍‌ଡିପିଓ ରବି ନାରାୟଣ ଭଞ୍ଜ, ଗଡ଼ିଶାଗୋଡା ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର, କଣାସ ଥାନାଧିକାରୀ ପ୍ରଦୀପ କୁମାର ଜୁଝାରସିଂହ ଏବଂ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

# ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ନିଷ୍ପତ୍ତିର ପରିବର୍ତ୍ତନ କରାଯାଉ

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)

**ଜିଲାପାଳଙ୍କୁ ଦାବିପତ୍ର**

ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ନିଷ୍ପତ୍ତି ପରିବର୍ତ୍ତନ ନିମନ୍ତେ ଦାବିକରି ଆଇନଜୀବୀ ଦିଲୀପ କୁମାର ବରାଳ ଜିଲାପାଳଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଆସନ୍ତା ୨୯ରୁ ଜୁନ୍ ୨୭ ତାରିଖ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରଖିବା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର। କେତେଜଣ ଅଧିକାରୀ ହାତଗଣତି ସେବାୟତଙ୍କ ସହ ମଧୁଚନ୍ଦ୍ରିକା କରି ମରାମତି କାର୍ଯ୍ୟ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭାଜପା ସରକାରକୁ ଅକଳରେ ନ ପକେଇବାକୁ ଯୋଜନା କରି ମନମୁଖି ନିଷ୍ପତ୍ତି ନିଆଯାଇ ମରାମତି କାର୍ଯ୍ୟ ବିଳମ୍ବ କରାଯାଉଛି। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଯେତିକି ବାକି ଅଛି, ତାହା ଅକ୍ଷୟ ତୃତୀୟାଠାରୁ ସ୍ନାନପୂର୍ଣ୍ଣିମା ମଧ୍ୟରେ ନିୟମିତ ୨ ଘଣ୍ଟା କାର୍ଯ୍ୟ କଲେ ଶେଷ ହୋଇଯିବ। ଫଳରେ ରଥଯାତ୍ରା ସମୟରେ ଗଣତି ମଣତି କାର୍ଯ୍ୟ ଶେଷ ହୋଇପାରିବ। ଗଣତି ମଣତି ପାଇଁ ରଥଯାତ୍ରା ସମୟ ଉପଯୁକ୍ତ। ସୁରକ୍ଷା ଦୃଷ୍ଟିରୁ ଚାରିଦ୍ୱାର ବନ୍ଦ କରାଯାଇ ରତ୍ନଅଳଙ୍କାର ଗଣତି ମଣତି କରାଯାଇପାରିବ। ରଥଯାତ୍ରାକୁ ଛାଡ଼ିଦେଲେ ଅନ୍ୟ ଯେକୌଣସି ସମୟରେ ରତ୍ନ ଅଳଙ୍କାର ଗଣତି ମଣତି କରାଗଲେ ନୀତିକାନ୍ତିରେ ବାଧା ଉପୁଜିବା ସହ ଭକ୍ତଙ୍କ ଦର୍ଶନରେ କଟକଣା ଲାଗୁହେବ। ତେଣୁ ୨୦୨୫ ରଥଯାତ୍ରା ସମୟରେ ଗଣତି ମଣତି କରାଯିବାର ଆବଶ୍ୟକତା ରହିଛି। ତେଣୁ ସ୍ନାନପୂର୍ଣ୍ଣିମା ପୂର୍ବରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷକରିବାକୁ ବିଭିନ୍ନ ନିଯୋଗର ସେବାୟତ ଓ ଏଏସ୍‌ଆଇ ଅଧିକାରୀଙ୍କ ସହ ଆଲୋଚନା କରି ମରାମତି କାର୍ଯ୍ୟ ବନ୍ଦ ନ କରିବାକୁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ସ୍ୱତନ୍ତ୍ର ଓଡ଼ିଶା ଗଠନର ସୂତ୍ରଧର ଥିଲେ ମଧୁବାବୁ

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପବିତ୍ର ଜୟନ୍ତୀ ଅବସରରେ ପୁରୀ ଜିଲା ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ୱତନ୍ତ୍ର ଓଡ଼ିଶା ଗଠନ, ଭାଷା ସୁରକ୍ଷାରେ ମଧୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ସଂଯୋଜନାରେ ଜିଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜୀବ ବେହେରା, ଡେପୁଟି କଲେକ୍ଟର ପ୍ରଶାନ୍ତ ଜେନା, ମନୀଷା ଷଡ଼ଙ୍ଗୀ, ସହଦେବ ସାହୁ, ବିବେକାନନ୍ଦ ସାହୁ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲା ପଞ୍ଚାୟତ ଅଧିକାରୀ ବଳରାମ ପାତ୍ର, ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ, ଉପନିର୍ଦ୍ଦେଶକ ଉଦ୍ୟାନ ମଞ୍ଜୁଳା ରଥ, ଆର୍‌ଟିଓ ରବିନ ପଟ୍ଟନାୟକ, ସହକାରୀ ଜିଲାପାଳ ଆଶୁତୋଷ ଦେ, ୱାଟ୍‌କୋ ନିର୍ବାହୀ ଯନ୍ତ୍ରୀ ବିକ୍ରମ ରାଉତ, ଏଆର୍‌ସିଏସ୍ ସ୍ୱରୂପ କର, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ୍ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସହରର ଅନ୍ୟାନ୍ୟ ସ୍ଥାନରେ ଥିବା ଉତ୍କଳଗୌରବଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ବ୍ୟକ୍ତିବିଶେଷ, ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।



ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ୧୯୮୮ ବ୍ୟାଚ ବାଣିଜ୍ୟ ବିଭାଗର ବନ୍ଧୁମିଳନ ଅବସରରେ କଲେଜ ପରିସରସ୍ଥ ସାମନ୍ତ ଚନ୍ଦ୍ରଶେଖରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

# ଆତଙ୍କବାଦୀ ଆକ୍ରମଣରେ ମୃତାହତଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା




ସିଂହଦ୍ୱାର ସମ୍ମୁଖରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ।

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ସହ ଅନୁବନ୍ଧିତ ପୁରୀର ସର୍ବପୁରାତନ ରୋଭର୍ ୟୁନିଟ୍ ଶ୍ରୀକ୍ଷେତ୍ର ଓପନ ୟୁନିଟ୍ ପକ୍ଷରୁ ଜମ୍ମୁ-କଶ୍ମୀରସ୍ଥିତ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତାହତଙ୍କ ପାଇଁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ୟୁନିଟ୍ ଲିଡର ରାଜେନ୍ଦ୍ର ନାରାୟଣ ହରିଚନ୍ଦନଙ୍କ ନେତୃତ୍ୱରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୟୁନିଟ୍‌ର ସଦସ୍ୟମାନେ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ। ପରେ ଆତଙ୍କବାଦୀଙ୍କ ଆକ୍ରମଣକୁ ନିନ୍ଦାକରି ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ରୋଭର୍ସ ମନୋଜ କୁମାର ସାମନ୍ତ, ଗୋପାଳ ଚନ୍ଦ୍ର ଘଡ଼େଇ, ମଳୟ ରଞ୍ଜନ ଦାଶ, ପ୍ରସନ୍ନଜିତ୍ ଦେବନାଥ, ଅର୍ଜୁନ ନାୟକ, ପ୍ରୀତମ୍ ପାଲ୍‌ଟାସିଂହ, ପ୍ରୟାସ କୁମାର ମହାପାତ୍ର, ରେଞ୍ଜର୍ସଙ୍କ ମଧ୍ୟରେ ଆରତି ମହାନ୍ତି, ପୁଷ୍ପଲତା ମୁଦୁଲି, ସୁଭାସିନୀ ପରିଡ଼ା, ସିମ୍ରନ୍ ଜେନା, ବିଜୟଲକ୍ଷ୍ମୀ ସ୍ୱାଇଁ, ମାନସୀ ଭୂୟାଁ, ତ୍ରିଶା ଦଳାଇ, ତେଜସ୍ୱିନୀ ଦାଶ ଓ ଭାଗ୍ୟଶ୍ରୀ ପରିଡ଼ା ପ୍ରମୁଖ ସାମିଲ ଥିଲେ। ଆସିଷ୍ଟାଣ୍ଟ ଲିଡର ଅଜିତ୍ କୁମାର ମହାନ୍ତି ଶୋଭାଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

# ଘର ଭଙ୍ଗାକୁ ନେଇ ତେଜିଲା ବିବାଦ

ପିପିଲି,୨୮।୪ (ଦୁର୍ଗା ମାଧବ ମିଶ୍ର)



ପ୍ରଶାସନ ପକ୍ଷରୁ ଘର ଭଙ୍ଗାଯାଉଛି ।

ପିପିଲି ନିକଟବର୍ତ୍ତୀ ଗାଁ ପଡ଼ା ମୌଜାରେ ଥିବା ଏକ କୋଠାଘରକୁ ସୋମବାର ପ୍ରଶାସନ ଭାଙ୍ଗିବା ନେଇ ବିବାଦ ତେଜିବାର ଲାଗିଛି। ଏ ସମ୍ପର୍କରେ ଘର ମାଲିକ ତଥା ସାମାଜିକ କର୍ମୀ ସରୋଜ କୁମାର ପ୍ରଧାନ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଉକ୍ତ ମୌଜାସ୍ଥିତ ସରକାରୀ ଜମି ୧୦୨ ପ୍ଲଟ୍‌ରେ ୫୦ ପରିବାର ଘର କରିବା ସହ ତାଙ୍କ ଘର ପାର୍ଶ୍ୱରେ ଏକାଧିକ ପକ୍କା ଘର ନିର୍ମିତ ହୋଇଛି। ମାତ୍ର ଉଦ୍ଦେଶ୍ୟମୂଳକ ଭାବେ ଅନ୍ୟମାନଙ୍କୁ ନୋଟିସ ନ କରି କେବଳ ତାଙ୍କ ଘର ଭାଙ୍ଗିବାକୁ ପିପିଲି ତହସିଲଦାର ନୋଟିସ ଦେବା ପରେ ସରୋଜ ଓଡ଼ିଶା ମାନବିକ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ ସରୋଜଙ୍କ ମାମଲାକୁ ବିଚାରକୁ ନେଇ ତାଙ୍କ ଘର ନ ଭାଙ୍ଗିବାକୁ ଏକ ମଧ୍ୟବର୍ତ୍ତିକାଳୀନ ସ୍ଥଗିତାଦେଶ ଜାରି କରିଥିଲେ। ଏହି ନିର୍ଦ୍ଦେଶନାମାକୁ ସରୋଜ ତହସିଲଦାର ହୃଷୀକେଶ ତ୍ରିପାଠୀ ଏବଂ ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀଙ୍କୁ ଦେଇଥିଲେ। ମାତ୍ର ପିପିଲି ତହସିଲଦାର ଏବଂ ଥାନା ଆଇଆଇସି ଉକ୍ତ ସ୍ଥଗିତାଦେଶ ନିର୍ଦ୍ଦେଶନାମାକୁ ନ ମାନି ଜବରଦସ୍ତ ଜେସିବି ଲଗାଇ କୋଠାଘର ଭାଙ୍ଗି ଦେଇଛନ୍ତି। କମିଶନ ନିର୍ଦ୍ଦେଶକୁ ବେଖାତିର କରି ରାଜନୈତିକ ଉଦ୍ଦେଶ୍ୟ ରଖି ସ୍ଥାନୀୟ ନେତାଙ୍କ ଚାପରେ ତହସିଲଦାର ସରୋଜଙ୍କ ଘର ଭାଙ୍ଗିଥିବା ଦଳିତ ଆଦିବାସୀ ସଂଘ ମୁଖ୍ୟ ବିଜୟ କୁମାର ସେଠୀ ଏହି ଖବରଦାତା ସମ୍ମିଳନୀରେ କହିଛନ୍ତି। ତହସିଲଦାରଙ୍କ ବିରୋଧରେ ଖୁବ୍‌ଶୀଘ୍ର କୋର୍ଟକୁ ଯିବେ ବୋଲି ସରୋଜ ପ୍ରକାଶ କରିଛନ୍ତି।

# ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସମ୍ପନ୍ନ ନିମନ୍ତେ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ

କୋଣାର୍କ,୨୮।୪(ଜ୍ୟୋତିରାଜ ମହାନ୍ତି)

**ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କଲେ ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ**

କୋଣାର୍କଠାରୁ ୪ କି.ମି. ଦୂର ଚନ୍ଦ୍ରଭାଗାଠାରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ସଚିବ ବଳବନ୍ତ ସିଂ ସୋମବାର ଅପରାହ୍ନରେ ପୁରୀ ଜିଲା ପୂର୍ତ୍ତ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ପାରିପାର୍ଶ୍ୱିକ ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଖବରରୁ ପ୍ରକାଶ, ଚନ୍ଦ୍ରଭାଗାର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ୪୬ କୋଟି ଟଙ୍କା ପୁରୀ ଜିଲା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ଚନ୍ଦ୍ରଭାଗାଠାରେ ପର୍ଯ୍ୟଟକଙ୍କ ନିମନ୍ତେ ପାର୍କିଂ ସ୍ଥାନ ନିର୍ମାଣ, ବ୍ୟବସାୟୀଙ୍କ ଥଇଥାନ ନିମନ୍ତେ ମାର୍କେଟ କମ୍ପ୍ଲେକ୍ସ, ସମୁଦ୍ରକୂଳରେ ପର୍ଯ୍ୟଟକଙ୍କ ପାଇଁ ପାଦଚଲା ରାସ୍ତା, ଚନ୍ଦ୍ରଭାଗା ତୀର୍ଥ ପଡ଼ିଆର ସୌନ୍ଦର୍ଯ୍ୟକରଣ ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ପ୍ରକଳ୍ପରେ ବ୍ୟୟ ବରାଦ କରାଯାଇଛି। ଏହି ଉନ୍ନୟନ କାର୍ଯ୍ୟରେ କି କି ପ୍ରକାରର କାର୍ଯ୍ୟ ଆରମ୍ଭ ହୋଇଛି ଏବଂ କେଉଁ କେଉଁ କାର୍ଯ୍ୟ ଆରମ୍ଭ ହୋଇନାହିଁ, ପର୍ଯ୍ୟଟନ ବିଭାଗ ସଚିବ ସିଂ ତାହାର ସ୍ଥିତି ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ପୁରୀ ଜିଲା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର କୁମାର ଦ୍ୱିବେଦୀଙ୍କୁ ପର୍ଯ୍ୟଟନ ବିଭାଗ ସଚିବ ସିଂ ନିର୍ଦ୍ଦେଶ ଦେଇଥିଲେ। ପର୍ଯ୍ୟଟନ ବିଭାଗ ସଚିବ ସିଂଙ୍କ ଏହି ଗସ୍ତ ସମୟରେ ପୁରୀ ଉପଜିଲାପାଳ ରାଜକିଶୋର ଜେନା, ପୁରୀ ଜିଲା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର ଦ୍ୱିବେଦୀ, କୋଣାର୍କ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଦିଲୀପ କୁମାର ବିଶ୍ୱାଳ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ, ଗୋପ ତହସିଲଦାର ଅନିଲ ମହାନ୍ତିଙ୍କ ସମେତ କୋଣାର୍କ ଏନ୍‌ଏସିର ଅଧିକାରୀ ଉପସ୍ଥିତ ଥିଲେ।



କୋଣାର୍କଠାରେ ସୋମବାର ପର୍ଯ୍ୟଟନ ବିଭାଗ ସଚିବ ବଳବନ୍ତ ସିଂ ଉନ୍ନୟନ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

# ଭକ୍ତି, ସମର୍ପଣ ଦ୍ୱାରା ମହାପ୍ରଭୁଙ୍କୁ ପାଇହେବ

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ ।

ଶ୍ରୀରାଧାରମଣ ଫାଉଣ୍ଡେଶନ ଆନୁକୂଲ୍ୟରେ ତଥା କଳ୍ପତରୁ ମିଶନ ସହଯୋଗରେ ଶ୍ରୀରାଧାରମଣଙ୍କ ୧୭୦ତମ ଜୟନ୍ତୀ ଓ ପରମ ବୈଷ୍ଣବୀ କଙ୍କରୀ ପରମେଶ୍ୱରୀ ମାଆଙ୍କ ୧୨୫ତମ ଜୟନ୍ତୀ ଉତ୍ସବ ଅବସରରେ 'ଭକ୍ତମୟ ଶ୍ରୀଜଗନ୍ନାଥ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଧାରମଣ ଫାଉଣ୍ଡେଶନର ଅଧ୍ୟକ୍ଷ ଡା. ଜଗନ୍ନାଥ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ରାମକୃଷ୍ଣ ମଠ ଓ ମିଶନ ଅଧ୍ୟକ୍ଷ ସ୍ୱାମୀ ସୋମଦେବାନନ୍ଦ ଜୀ ମହାରାଜ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରି ଭକ୍ତି ଏବଂ ସମର୍ପଣ ମହାପ୍ରଭୁଙ୍କୁ ପାଇବାର ଏକମାତ୍ର ମାର୍ଗ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବେ ପୂର୍ବତନ କୁଳପତି ପ୍ରଫେସର ହରିହର ହୋତା ଯୋଗଦେଇ ସମସ୍ତ ମତ ପନ୍ଥରୁ ଶ୍ରୀଜଗନ୍ନାଥ ସଂସ୍କୃତି ଊର୍ଦ୍ଧ୍ୱ ବୋଲି ମତ ରଖିଥିଲେ। ରାମକୃଷ୍ଣ ମଠ ଅଧ୍ୟକ୍ଷ ସ୍ୱାମୀ ସୋମଦେବାନନ୍ଦ ଜୀ ମହାରାଜ ଲକ୍ଷ୍ୟ ପ୍ରାପ୍ତି ନ ହେବା ପର୍ଯ୍ୟନ୍ତ କଠିନ ପରିଶ୍ରମ କରିବାକୁ କହିଥିଲେ। ବ୍ରହ୍ମବିଦ୍ୟା ମଠ ଅଧ୍ୟକ୍ଷ ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ଜୀ ମହାରାଜ କହିଲେ, ଭାରତର ସଂସ୍କୃତି ପରମ୍ପରା ପ୍ରତି ବଢ଼ିଚାଲିଥିବା ଅମାନବୀୟତା ସନାତନ ସଂସ୍କୃତି ପ୍ରତି କୁଠାରାଘାତ। ସେହିପରି ନିର୍ମଳକୃତି ବିକାଶ ଟ୍ରଷ୍ଟ ଅଧ୍ୟକ୍ଷ ଇଂ. ଦିଲୀପ କୁମାର ପଟ୍ଟନାୟକ, ଆଇନଜୀବୀ କୈଳାସ ଚନ୍ଦ୍ର ସ୍ୱାଇଁ, ରାଜଭୂମି ପତ୍ରିକା ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ, ଫ୍ରି ଟୁ ସ୍ପିକ୍ ସମ୍ପାଦକ ଲଳିତେନ୍ଦୁ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖବରଦାତା ବିରଞ୍ଚି ନାରାୟଣ ଦାଶ, ପ୍ରଭାତ ପାଣିଗ୍ରାହୀ ଏବଂ ଆସୋସିଏଟ ପ୍ରଫେସର ଲକ୍ଷ୍ମୀଧର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଧାରମଣ ଫାଉଣ୍ଡେଶନ ପ୍ରତିଷ୍ଠାତା ସମ୍ପାଦକ ଗୁରୁଚରଣ ଦାସ ଅତିଥି ପରିଚୟ, ସଦସ୍ୟ ପ୍ରଭାତ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ସଂସ୍କୃତି ଗବେଷକ ପଣ୍ଡିତ ସଦାଶିବ ମିଶ୍ର ବେଦ ପାଠ, ଶ୍ୟାମସୁନ୍ଦର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପଣ୍ଡିତ ହରିଶଙ୍କର ମିଶ୍ର ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି କୈଳାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଶିବସୁନ୍ଦର ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁଶାନ୍ତ ଶତପଥୀ ମଞ୍ଚ ସଂଯୋଜନା ଏବଂ ଜଗଦୀଶ ଦାଶ, ଶୁଭମ ଦାଶ, ଦୁର୍ଗାପ୍ରସାଦ ଦାଶ, ରାଧାନାଥ ମିଶ୍ର, ସତ୍ୟ ନାରାୟଣ ତ୍ୟାଗୀ ଓ ଗୁରୁପ୍ରସାଦ ଦାଶ ସହଯୋଗ କରିଥିଲେ।



ପ୍ରଦେଶ କଂଗ୍ରେସ ପକ୍ଷରୁ ସୋମବାର ଭୁବନେଶ୍ୱରର ରାଜମହଲ ଛକଠାରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଉଥିବା ସମ୍ବିଧାନ ବଞ୍ଚାଅ ଶୋଭାଯାତ୍ରା।

# ୩୦୦ ଦିନରେ ସରକାର କରିପାରିନି ଆଖିଦୃଶିଆ କାର୍ଯ୍ୟ: ବିଜେଡି

ଭୁବନେଶ୍ୱର, ୨୮।୪(ସୁନିତ୍ ମିଶ୍ର)

ସରକାରକୁ ଆସିବାର ଶହେ ଦିନ ଭିତରେ ରାଜ୍ୟରେ ଆଖିଦୃଶିଆ କାର୍ଯ୍ୟ କରି ଦେଖାଇବେ ବୋଲି କହିଥିବା ଭାଜପା ସରକାରକୁ ୩୦୦ ଦିନ ବିତିଯାଇଛି। ହେଲେ ଏଯାଏଁ କୌଣସି ଆଖି ଦୃଶିଆ କାର୍ଯ୍ୟ ହୋଇପାରିନାହିଁ ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ର ଓ ବିଧାୟକ ଅରୁଣ ସାହୁ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଭାଜପା ସରକାରର ବିଫଳତାକୁ ନେଇ ପ୍ରଶ୍ନ କରିଛନ୍ତି। ଦେବୀ କହିଛନ୍ତି, ସରକାରକୁ ଆସିବା ପରେ ରାଜ୍ୟ ସରକାର ୩୦୦ ଦିନର ଉପଲବ୍ଧି କ'ଣ? ସ୍ୱତନ୍ତ୍ର ଓଡ଼ିଶା ଗଠନର ଶହେବର୍ଷ ପୂର୍ତ୍ତି ବେଳକୁ ଓଡ଼ିଶାକୁ ଏକ ବିକଶିତ ରାଜ୍ୟଭାବେ ଗଢ଼ି ତୋଳିବା ପାଇଁ ଆସନ୍ତା ବର୍ଷର ରୋଡ୍‌ମ୍ୟାପ୍ ପ୍ରକାଶ କରିବେ କି? ଓଡ଼ିଶା ଲଗାତର କେନ୍ଦ୍ର ଅବହେଳାର ଶିକାର ହୋଇ ଆସୁଛି। ଭାଜପା ୨୦୧୪ ନିର୍ବାଚନ ଇସ୍ତାହାରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଁ ଦେଇଥିବା ପ୍ରତିଶ୍ରୁତି କେବେ ପୂରଣ କରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଅରୁଣ ସାହୁ କହିଛନ୍ତି, ଡବଲ ଇଞ୍ଜିନ ଡବଲ ବିକାଶ ସ୍ଲୋଗାନ ଦେଇ ସରକାରକୁ ଆସିଥିବା ଭାଜପାଠାରୁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁଦାନ ପାଇଁ ଆଶା କରାଯାଉଥିଲା। କିନ୍ତୁ କେନ୍ଦ୍ର ସରକାର ଓଡ଼ିଶାକୁ ମିଳୁଥିବା ଅନୁଦାନରେ ଟଙ୍କାଟିଏ ମଧ୍ୟ ବୃଦ୍ଧି କରିନାହାନ୍ତି ବୋଲି ଅରୁଣ ପ୍ରଶ୍ନ କରିଛନ୍ତି।

# ଭାଜପା ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା: ଅଡୁଆ ବଢ଼ିଲା

ଜଗତ୍‌ସିଂହପୁର, ୨୮।୪
(ପ୍ରମୋଦ କୁମାର ନାୟକ)

**ଜଗତ୍‌ସିଂହପୁର ପୌର ପରିଷଦ**

ଦୀର୍ଘ ୩ ବର୍ଷ ପରେ ଜଗତ୍‌ସିଂହପୁର ପୌର ପରିଷଦ ରାଜନୈତିକ ସମୀକରଣ ଭିନ୍ନ ମୋଡ଼ ନେଇଛି। ପରିଷଦର ୧୪ ନମ୍ବର ୱାର୍ଡ ଭାଜପା କାଉନସିଲର ତଥା ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ଜିଲାପାଳ ଗମ୍ଭୀରତାର ସହ ନେଇଛନ୍ତି। ଆସନ୍ତା ମେ' ୨୦ରେ କାଉନ୍‌ସିଲରମାନେ ଉପଜିଲାପାଳଙ୍କ ନିକଟରେ ପକ୍ଷ ରଖିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସମସ୍ତ ୨୧ ଜଣ କାଉନ୍‌ସିଲରଙ୍କୁ ଉପଜିଲାପାଳଙ୍କ ନିକଟରେ ଉପସ୍ଥିତ ରହି ସେମାନଙ୍କ ପକ୍ଷ ରଖିବାକୁ ନୋଟିସ୍ ଦର୍ଶାଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ସୀମା ଜେନା କହିଛନ୍ତି। ତେବେ ଏହି ଦିନ ସମ୍ଭବତଃ ଉପାଧ୍ୟକ୍ଷ ବିଶୋଇଙ୍କ ଆସ୍ଥାଭାଜନ ପାଇଁ ଶେଷ ସୁଯୋଗ ରହିପାରେ ବୋଲି କୁହାଯାଉଛି। ଅନ୍ୟପଟେ ପରିଷଦର ୧୪ ଜଣ କାଉନସିଲର ବିଶୋଇଙ୍କ ବିରୋଧରେ ମତ ରଖିବାକୁ ଏକପ୍ରକାର ପ୍ରସ୍ତୁତି ସରିଛି ବୋଲି କେତେଜଣ କାଉନସିଲର ନାମ ଗୋପନ ରଖି କହିଛନ୍ତି। ଏହା ଯଦି ସତ ହୁଏ ତେବେ ଉପାଧ୍ୟକ୍ଷଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଗତ ୧୫ ତାରିଖରେ ପରିଷଦର ମୋଟ ୨୧ କାଉନସିଲରଙ୍କ ମଧ୍ୟରୁ ୧୩ ଜଣ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟଙ୍କୁ ସାକ୍ଷାତ୍ କରି ଉପାଧ୍ୟକ୍ଷ ବିଶୋଇଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ସେମାନେ ଦର୍ଶାଇଥିଲେ, ବିଶୋଇ ନିଜ କାର୍ଯ୍ୟରେ ଅବହେଳା କରୁଛନ୍ତି, ଏପରିକି ବିଭିନ୍ନ ୱାର୍ଡ ପ୍ରତି ପକ୍ଷପାତିତା କରୁଛନ୍ତି। ସେମାନଙ୍କ ସହ ଆଉ ଜଣେ କାଉନ୍‌ସିଲର ମଧ୍ୟ ରହିଛନ୍ତି ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ୨୦୨୨ ପୌର ନିର୍ବାଚନ ସମୟରେ ଜଗତ୍‌ସିଂହପୁର ପୌର ପରିଷଦର ମୋଟ ୨୧ଟି ୱାର୍ଡ ମଧ୍ୟରୁ ବିଶୋଇଙ୍କ ସପକ୍ଷରେ ୧୧ଟି ଭୋଟ ଯାଇଥିଲା। ଅର୍ଥାତ୍ କଂଗ୍ରେସର ୭ (ୱାର୍ଡ ୨, ୫, ୯, ୧୧, ୧୮, ୧୯, ୨୧), ଭାଜପା ୨ (୧୩, ୧୪) ଓ ସ୍ୱାଧୀନ ୨ (ୱାର୍ଡ ୭, ୧୭) ଜଣ କାଉନସିଲର ମିଶିବାରୁ ବିଶୋଇ ବିଜୟୀ ହୋଇ ପାରିଥିଲେ। କିନ୍ତୁ ବର୍ତ୍ତମାନ ଚିତ୍ର ବଦଳିଛି। ୱାର୍ଡ ୭, ୧୭, କଂଗ୍ରେସର ୱାର୍ଡ ୨ କାଉନ୍‌ସିଲର ଉପାଧ୍ୟକ୍ଷଙ୍କ ଉପରୁ ଆସ୍ଥା ହରାଇଛନ୍ତି। ସେମାନେ ବିଜେଡିର ୧୦ ଜଣ କାଉନ୍‌ସିଲରଙ୍କ ସହ ହାତ ମିଳାଇ ଉପାଧ୍ୟକ୍ଷ ବିଶୋଇଙ୍କୁ ଗାଦିଚ୍ୟୁତ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ବିଶୋଇ କହିଛନ୍ତି, ଅନାସ୍ଥା ମୁକାବିଲା ପାଇଁ ସେ ପ୍ରସ୍ତୁତ ରହିଛନ୍ତି।


ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଭାଜପାର ୨ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ହୋଇଯାଇଛି। ଭାଜପାର ବିଧାନସଭା ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତି କୌଣସି କାର୍ଯ୍ୟ ନେଇ ବିଡିଓଙ୍କୁ ଦେଖା କରିବାକୁ ଆସିଥିଲେ। ସେଠାରୁ ଫେରୁଥିବା ବେଳେ ଅନ୍ୟ ଗୋଷ୍ଠୀର କେତେଜଣ ଯୁବକ ତାଙ୍କୁ ଇଙ୍ଗିତ କରି କହିବା ପରେ ଗଣ୍ଡଗୋଳ ହୋଇଥିଲା।

# ଭାଜପା ସରକାର ଲୋକଙ୍କ ସାମ୍ବିଧାନିକ ଅଧିକାର ଛଡ଼େଇ ନେଇଛି: ଭକ୍ତ

ଭୁବନେଶ୍ୱର, ୨୮।୪
(ରବିନାରାୟଣ ଜେନା)

- କଂଗ୍ରେସର ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ
- ସମ୍ବିଧାନ ଆମ ରକ୍ଷାକବଚ

ଦେଶର ସମ୍ବିଧାନ ସଙ୍କଟରେ। ସମ୍ବିଧାନର ସୁରକ୍ଷା ପାଇଁ ଲଢ଼େଇ କରିବା ପ୍ରତ୍ୟେକ ରାଜନୈତିକ ଦଳ ଓ ସାଧାରଣ ଜନତାଙ୍କର କର୍ତ୍ତବ୍ୟ। ମୋଦି ସରକାର ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ଦୁରୁପଯୋଗ କରୁଛନ୍ତି ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି।

ସୋମବାର ସନ୍ଧ୍ୟାରେ ପ୍ରଦେଶ କଂଗ୍ରେସ ପକ୍ଷରୁ ରାଜମହଲ ଛକଠାରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ କରାଯାଇଥିବା 'ସମ୍ବିଧାନ ବଞ୍ଚାଅ' ଶୋଭାଯାତ୍ରା ଅବସରରେ ଭକ୍ତ କହିଛନ୍ତି, ସମ୍ବିଧାନ ସଶକ୍ତ ହେଲେ ଆମ ଗଣତନ୍ତ୍ର ସଶକ୍ତ ହେବ ଏବଂ ଆମ ଅଧିକାର ସୁରକ୍ଷିତ ରହିବ। ଭାରତ ବର୍ଷର ଭାଜପା ସରକାର ସମ୍ବିଧାନକୁ ବିକୃତ କରିଚାଲିଛନ୍ତି। ଭାଜପା ଓ ଆର୍‌ଏସ୍‌ଏସ୍‌ର ବିଚାରଧାରାରେ ସମ୍ବିଧାନକୁ ବଦଳାଇବା ପାଇଁ ନିଷ୍ପତ୍ତି ନିଆଯାଉଛି। ଘୃଣା, ହିଂସା, ଭେଦଭାବ ସୃଷ୍ଟିକରି ଭାଇଚାରାକୁ ନଷ୍ଟ କରାଯାଉଛି। ଏହାଦ୍ୱାରା ଦେଶରେ ଥିବା ବିବିଧତା ଭିତରେ ଐକ୍ୟତା ଓ ଜାତୀୟ ସଂହତି ନଷ୍ଟ ହେଉଛି। ଏଥିପାଇଁ ଆମ ସମସ୍ତଙ୍କୁ ସତର୍କ ରହିବା ସହିତ ଭାରତବର୍ଷର ସାଧାରଣ ଜନତାଙ୍କୁ ଏଭଳି ପରିସ୍ଥିତି ପାଇଁ ସଚେତନ କରିବାକୁ ପଡ଼ିବ। କେନ୍ଦ୍ରର ଭାଜପା ସରକାର ଶାସନକାଳରେ ନିର୍ବାଚନ ଆୟୋଗ ନିଜର ଗରିମା ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇସାରିଛି। ନିର୍ବାଚନ ଆୟୋଗ ଏବେ ଭାଜପାର ଖେଳନା ସାଜିଛି। ଗଣଙ୍କ ନିଷ୍ପତ୍ତିକୁ ଗୌଣ କରିଦିଆଯାଉଛି। ନ୍ୟାୟାଳୟ ଆଉ ନିରପେକ୍ଷ ନାହିଁ। ବିରୋଧୀ ଦଳର ନେତୃବର୍ଗଙ୍କୁ ଇଡି, ସିବିଆଇ, ଆଇଟି ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ମିଛ ମାମଲା ଦାଏର କରି ଭୟଭୀତ କରାଯାଉଛି। ଫଳସ୍ୱରୂପ ସରକାରର ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ମୁହଁ ଖୋଲିବାକୁ ନିର୍ବାଚିତ ପ୍ରତିନିଧିମାନେ ଭୟ କରୁଛନ୍ତି। ସରକାରୀ ଚାପ, ଭୟ ଓ ବିଭିନ୍ନ ଆର୍ଥିକ ପ୍ରଲୋଭନରେ ଆଜି ଚତୁର୍ଥସ୍ତମ୍ଭ ସମ୍ପୂର୍ଣ୍ଣ ରୂପେ କବଳିତ। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ସତ୍ୟ ଓ ନ୍ୟାୟର ଲଢ଼େଇ ପାଇଁ ଚତୁର୍ଥ ସ୍ତମ୍ଭ ସୃଷ୍ଟି କରାଯାଇଥିଲା, ତାହା ଆଜି ଲକ୍ଷ୍ୟଠାରୁ ବହୁଦୂରରେ। ଏଥିପାଇଁ ଆମ ସମ୍ବିଧାନ ସୁରକ୍ଷାର ଆବଶ୍ୟକତା ରହିଛି। ସମ୍ବିଧାନ ବଞ୍ଚିଲେ ଗଣତନ୍ତ୍ର ବଞ୍ଚିବ ଓ ଦେଶ ମଧ୍ୟ ବଞ୍ଚିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି, ଦେଶରେ ଭାଜପା ସରକାର ଏକ ନୂଆ ସମ୍ବିଧାନ ପ୍ରଣୟନ ପାଇଁ ଅପଚେଷ୍ଟା କରୁଛି। ଦୁର୍ନୀତି ଭାଜପାର ନୀତି ହୋଇଯାଇଛି। ଆଜି ଭାରତ ବର୍ଷର ଖଣିଜ ସମ୍ପଦ, ଜଳ ସମ୍ପଦ, ଜଙ୍ଗଲ ସମ୍ପଦକୁ ମୋଦିଙ୍କ ବନ୍ଧୁ ବ୍ୟବସାୟୀଙ୍କ ମଧ୍ୟରେ ବଣ୍ଟନ କରାଯାଉଛି। ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ଉପରେ ପ୍ରହାର କରାଯାଉଛି। ଆଦିବାସୀମାନଙ୍କ ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରାଯାଉଛି। ଚାଷୀ, ଯୁବକ, ଛାତ୍ର ଓ ମହିଳା ସମ୍ପୂର୍ଣ୍ଣରୂପେ ସରକାରୀ ଷଡ଼ଯନ୍ତ୍ରର ଶିକାର। ସମସ୍ତଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ କଂଗ୍ରେସ ସଂଗ୍ରାମ ଜାରି ରଖିବ ଏବଂ ଏଥିପାଇଁ ଜୀବନ ଦେବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ଅନ୍ୟ ନେତାମାନେ ସାମିଲ ଥିଲେ।

## Business

# ୮୦,୦୦୦ ଉପରେ ସେନ୍‌ସେକ୍ସ

ମୁମ୍ବାଇ, ୨୮।୪



ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂରାଜନୈତିକ ଘଟଣାବଳୀ ମଧ୍ୟରେ ଭାରତୀୟ ଷ୍ଟକ୍ ମାର୍କେଟ କାରବାର ୮୦,୦୦୦ ଅଙ୍କ ପାର କରିଛି। ଏପରିକି ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାରରେ ସୁଧାର ଆସିଛି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସରେ ବିଏସ୍‌ଇ ସେନ୍‌ସେକ୍ସ ୧୦୦୬ ପଏଣ୍ଟ ବଢ଼ି ୮୦,୨୧୮ ଅଙ୍କରେ ବନ୍ଦ ହୋଇଥିଲାବେଳେ ନିଫ୍ଟି-୫୦ର କାରବାର ୧.୨୦% ବୃଦ୍ଧି ଘଟି ୨୪,୩୨୮.୫୦ ଅଙ୍କରେ କାରବାର ଶେଷ କରିଥିଲା। ବିଶେଷକରି ୨୦୨୪-୨୫ ଆର୍ଥିକ ବର୍ଷର ଶେଷ ତ୍ରୈମାସିକ ଫଳାଫଳ ଏବଂ ଅକ୍ଷୟ ତୃତୀୟା ଉପଲକ୍ଷେ ବଜାର କାରବାର ବେଶ ଉତ୍ସାହଜନକ ରହିଛି। ଅପରପକ୍ଷରେ ରିଲାଏନ୍ସ ଗ୍ରୁପ୍‌ର ନିବେଶ ବୃଦ୍ଧି ସହ କମ୍ପାନୀ ବିଶ୍ୱର ଶ୍ରେଷ୍ଠ ୨୫ କମ୍ପାନୀ ମଧ୍ୟରେ ସ୍ଥାନ ପାଇବାର ପ୍ରଭାବ ପୁଞ୍ଜି ବଜାରରେ ଉତ୍ସାହକୁ ବୃଦ୍ଧି କରାଇଛି। ସେହିପରି

## ଶେୟାର ବଜାରରେ ଉତ୍ସାହ

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୦୬ (୧୦୦୫.୮୪) ପଏଣ୍ଟ ବୃଦ୍ଧି ଘଟି ୮୦,୨୧୮ (୮୦,୨୧୮.୩୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୮୯ (୨୮୯.୧୫) ପଏଣ୍ଟ ବଢ଼ି ୨୪,୩୨୮ (୨୪,୩୨୮.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

ସେକ୍ଟରାଲ କ୍ଷେତ୍ରରେ ବ୍ୟାଙ୍କ, ଅଟୋ, ଅଏଲ ଆଣ୍ଡ ଗ୍ୟାସ୍, ଆଇଟି, ଫାର୍ମା ଏବଂ ମେଟାଲ ଭଳି କ୍ଷେତ୍ରର ନିବେଶକମାନେ ୨ରୁ ୩% ନିବେଶ ବୃଦ୍ଧି କରିଛନ୍ତି।

# ୩୦ରୁ ସ୍ମାର୍ଟ ବଜାରରେ ଫୁଲ୍ ପଇସା ଅସୁଲ ସେଲ୍

ଭୁବନେଶ୍ୱର, ୨୮।୪




ରିଲାଏନ୍ସ ରିଟେଲର ପ୍ରମୁଖ ବ୍ରାଣ୍ଡ୍ ତଥା ସ୍ମାର୍ଟ ବଜାରର ବହୁ ପ୍ରତୀକ୍ଷିତ ଅଫର 'ଫୁଲ୍ ପଇସା ଅସୁଲ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ବା ସେଲ୍ ୨୦୨୫ ଏପ୍ରିଲ ୩୦ରୁ ଆରମ୍ଭ ହେଉଛି। ଉକ୍ତ ସେଲ୍ ଏପ୍ରିଲ ୩୦ ରୁ ମେ ୪ ପର୍ଯ୍ୟନ୍ତ ସମସ୍ତ ସ୍ମାର୍ଟ ବଜାରରେ ଉପଲବ୍ଧ ରହିବ। ସେହିଭଳି ୯୩୦ରୁ ଅଧିକ ସ୍ମାର୍ଟ ବଜାରରୁ ଗ୍ରାହକମାନେ ଗ୍ରୋସେରି, ଫ୍ୟାଶନ, ହୋମ୍‌କେୟାର, ଆପ୍ଲାଏନ୍ସ ଭଳି ଅନେକ କିଛି ସାମଗ୍ରୀ ସୁଲଭ ମୂଲ୍ୟରେ କ୍ରୟ କରିପାରିବେ। ସେହିପରି ମାଧୁରୀ ଦୀକ୍ଷିତ ଏବଂ ଗୋପଳ ଦତ୍ତଙ୍କୁ ନେଇ ଏକ ସୁନ୍ଦର ଟିଭିସି ପରିବେଷଣ କରାଯାଉଛି। ଗ୍ରାହକଙ୍କୁ ସଚେତନ କରିବା ସହ ସୁଲଭ ମୂଲ୍ୟରେ କିପରି ଅତ୍ୟାବଶ୍ୟକ ସାମଗ୍ରୀ ଗୋଟିଏ ସ୍ଥାନରୁ କ୍ରୟ କରିପାରିବେ ସେନେଇ ମଧ୍ୟ ସମସ୍ତ ସୂଚନା ଟିଭିସି ଜରିଆରେ ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ରିଲାଏନ୍ସ ରିଟେଲର ସିଇଓ (ଭିଏଫ୍) ଦାମୋଦର ମଲ କହିଛନ୍ତି, ଆମେ ଆମର ବହୁ ପ୍ରତୀକ୍ଷିତ ଅଫର (ସେଲ୍)କୁ ଆନୁଷ୍ଠାନିକ ଭାବେ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକମାନେ ମଧ୍ୟ ଏହି ସମୟରେ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀ ସୁଲଭ ମୂଲ୍ୟରେ କ୍ରୟ କରିପାରିବେ ବୋଲି ବିସ୍ତୃତ ଭାବେ ସେ ମତପ୍ରକାଶ କରିଛନ୍ତି।

# ସ୍କ୍ରାପିଙ୍ଗ୍ ଗାଡ଼ି ଉପରେ ଆକର୍ଷଣୀୟ ରିହାତି

ଭୁବନେଶ୍ୱର, ୨୮।୪

ଟାଟା ମୋଟର୍ସ ଆର୍‌ଇ-ଡବ୍ଲ୍ୟୁଆଇ-ଆର୍‌ଇରେ ସ୍କ୍ରାପିଙ୍ଗ୍ ଗାଡ଼ି ଉପରେ ଆକର୍ଷଣୀୟ ରିହାତି ଅଫର ପ୍ରଦାନ କରାଯାଉଛି। ଏପରିକି ଏଠାରେ ଯାନର ସ୍କ୍ରାପିଙ୍ଗ୍ ଅତ୍ୟନ୍ତ ସରଳ ଏବଂ ସ୍ୱଚ୍ଛ ହୋଇଥାଏ। ଗ୍ରାହକମାନେ ଯେକୌଣସି ବ୍ୟବସାୟିକ କିମ୍ବା ବ୍ୟକ୍ତିଗତ ବ୍ରାଣ୍ଡର ଯାନକୁ ଏଠାରେ ସ୍କ୍ରାପ୍ କରିପାରିବେ। ଟାଟା ମୋର୍ଟସର ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧାଠାରେ ଏକ ଆର୍‌ଭିଏସ୍‌ଏଫ୍ ରହିଛି। ଯାନର ସ୍କ୍ରାପିଙ୍ଗ୍ ପଦ୍ଧତି ଆରମ୍ଭ ପୂର୍ବରୁ ଗ୍ରାହକମାନେ ଆର୍‌ଇ-ଡବ୍ଲ୍ୟୁଆଇ-ଆର୍‌ଇ ୱେବ୍‌ସାଇଟ୍‌ରେ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ କରିବା ସହ ଆମକୁ ଟୋଲ୍ ଫ୍ରି ନମ୍ବର ୧୮୦୦ ୨୦୯ ୭୯୭୯ ଜରିଆରେ ସମ୍ପର୍କ କରିପାରିବେ କିମ୍ବା ବ୍ୟକ୍ତିଗତ ଭାବେ ନିକଟସ୍ଥ ଟାଟା ମୋଟର୍ସର ଯେ କୌଣସି ଅଧିକୃତ ବିକ୍ରୟ କେନ୍ଦ୍ରକୁ ପରିଦର୍ଶନ କରିପାରିବେ। ଅପରପକ୍ଷରେ ପୁରୁଣା ଯାନର ସ୍କ୍ରାପିଙ୍ଗ୍‌ରେ ଅନେକ ସୁବିଧା ମିଳିଥାଏ। ଗ୍ରାହକମାନେ ସେମାନଙ୍କ ଯାନ ଉପରେ ଉଚିତ ମୂଲ୍ୟ ପ୍ରାପ୍ତ ହୋଇଥାନ୍ତି, ଯାହାକି ଏକ୍ସଶୋ'ରୁମ୍ ମୂଲ୍ୟର ସାଧାରଣତଃ ୪ରୁ୬% ରହିଥାଏ। ଅତିରିକ୍ତ ଭାବେ ଅନେକ ରାଜ୍ୟ ସରକାର ଏହା ଉପରେ ପ୍ରୋତ୍ସାହନ ରାଶି ପ୍ରଦାନର ବ୍ୟବସ୍ଥା ରଖିଛନ୍ତି, ଯାହା ମଧ୍ୟରେ ପରିବହନ ଯାନ ଉପରେ ୧୫%ର ରୋଡ୍ ଟ୍ୟାକ୍ସ ରିହାତି ତଥା ଅଣପରିବହନ ଯାନ ଉପରେ ୨୫% ର ରିହାତି ସାମିଲ ରହିଛି। ଏଥିସହସ୍ ମୁକ୍ତ ପଞ୍ଜୀକରଣ ଓ ଗ୍ରାହକମାନଙ୍କ ଦ୍ୱାରା ସାର୍ଟିଫିକେଟ୍ ଅଫ୍ ଡିପୋଜିଟ (ସିଓଡି) ଭଳି କାର୍ଯ୍ୟ ରହିଛି, ଯେତେବେଳେ ସମସ୍ତ କାର୍ଯ୍ୟ ଉପସ୍ଥାପିତ ହୋଇଥାଏ। ସେତେବେଳେ ନୂତନ ଯାନ କ୍ରୟ ଉପରେ ଯାନର ଉତ୍ପାଦକଙ୍କ ପକ୍ଷରୁ ୩ %ର ରିହାତି ବ୍ୟବସ୍ଥା ପ୍ରଦାନ କରାଯାଏ। ଏ ସବୁକୁ ମିଶାଇ ନୂଆ ଯାନ ମୂଲ୍ୟ ଉପରେ ୮ରୁ ୧୦ % ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଇ ସ୍କ୍ରାପିଙ୍ଗ୍‌ର ଏଭଳି ଏକ ବ୍ୟବସ୍ଥାକୁ ଆହୁରି ଅଧିକ ଆର୍ଥିକ ପସନ୍ଦଯୋଗ୍ୟ କରିବା ଦିଗରେ ପ୍ରଣାଳୀଟିକୁ ଆକର୍ଷଣ କରାଯାଏ। ଯାନର ପରିସ୍ଥିତିକୁ ନେଇ ଗ୍ରାହକଙ୍କ ଦ୍ୱାରଦେଶରେ ଏହାର ମୂଲ୍ୟାୟନ କରାଯିବ। ପଞ୍ଜୀକରଣ ରଦ୍ଦ, ସିଓଡି ପ୍ରସ୍ତୁତ, ମାଗଣା ଯାନକୁ ସ୍ଥାନାନ୍ତରୀକରଣ ପାଇଁ ଆଣିବା ତଥା ମୂଲ୍ୟାୟନ ଆଧାରରେ ଏହାର ମୂଲ୍ୟକୁ ଅନ୍‌ଲାଇନ ମାଧ୍ୟମରେ ସୁନିଶ୍ଚିତ କରାଯାଇଥାଏ।

# କାର୍ଯ୍ୟକ୍ଷେତ୍ରରେ ସ୍ମାର୍ଟ ଟେକ୍ନୋଲୋଜିର ଉପଯୋଗ

ଭୁବନେଶ୍ୱର, ୨୮।୪ (ଅଭୟ ଦାଶ)

ଚଳିତ ବର୍ଷ ମଧ୍ୟ ବେଦାନ୍ତ ଲିମିଟେଡ୍‌ରେ ୱାର୍ଲଡ ଡେ ଫର୍ ସେଫ୍ଟି ଆଣ୍ଡ ହେଲ୍‌ଥ ଆଟ୍ ୱର୍କ (କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ) ପାଳିତ ହୋଇଯାଇଛି। ଏହି ଅବସରରେ ବେଦାନ୍ତ ଲିମିଟେଡ୍ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମର୍ଥିତ ଭବିଷ୍ୟବାଣୀ ଏବଂ ଅନ୍ତର୍ଭୁକ୍ତିମୂଳକ ସୁରକ୍ଷାରେ ମୂଳ ଥିବା ସ୍ମାର୍ଟ ଟେକ୍ନୋଲୋଜିର ଉପଯୋଗ କରିଛି। ଏପରିକି ଏକ ବ୍ୟାପକ ପଦକ୍ଷେପ ମାଧ୍ୟମରେ କମ୍ପାନୀ ସୁରକ୍ଷା-ପ୍ରଥମ ସଂସ୍କୃତି ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃ ନିର୍ଦ୍ଦିଷ୍ଟ କରିଛି, କମ୍ପାନୀ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ନେତୃତ୍ୱାଧୀନ ମନିଟରିଂ ସିଷ୍ଟମ, ଡ୍ରୋନ୍, ଫାଟିଗ ଡିଟେକ୍ସନ ସିଷ୍ଟମ, ସ୍ମାର୍ଟ ହେଲ୍‌ମେଟ୍ ଏବଂ ଟେଲି-ରିମୋଟ୍ ଅପରେଶନ୍ସ ସମେତ ଅନେକ ଅଗ୍ରଣୀ ପ୍ରଯୁକ୍ତିବିଦ୍ୟାକୁ କାର୍ଯ୍ୟ କ୍ଷେତ୍ରରେ ନିୟୋଜିତ କରିଛି, ଯାହା ଏହାର କାର୍ଯ୍ୟକ୍ଷେତ୍ରରେ ଶିଳ୍ପ ସୁରକ୍ଷାକୁ ରୂପାନ୍ତରିତ କରୁଛି ବୋଲି କୁହାଯାଉଛି।

ସେହିଭଳି କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ-୨୦୨୫ର ବିଷୟବସ୍ତୁ କାର୍ଯ୍ୟସ୍ଥଳ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଡିଜିଟାଲାଇଜେଶନ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରଭାବ ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ଏପରିକି କାର୍ଯ୍ୟସ୍ଥଳଗୁଡ଼ିକ ଏଆଇ, ରୋବୋଟିକ୍ସ, ଏକ୍ସୋସ୍କେଲେଟନ୍ ଏବଂ ଦୂରବର୍ତ୍ତୀ କାର୍ଯ୍ୟ ସହ ବିକଶିତ ହେଉଥିବାରୁ ଏହି ପ୍ରଯୁକ୍ତିବିଦ୍ୟାଗୁଡ଼ିକ ସୁଯୋଗ ଏବଂ ଚ୍ୟାଲେଞ୍ଜ ଉଭୟ ଆଣିଥାଏ। ଭାରତରେ ବେଦାନ୍ତର ଜିଙ୍କ୍ ବ୍ୟବସାୟ ଦେଶରେ ପ୍ରଥମ ଯାହା ଭର୍ଚୁଆଲ୍ ରିଆଲିଟି (ଭିଆର)-ଆଧାରିତ ୱିଣ୍ଡର ଟ୍ରେନିଂ ସିମୁଲେଟର ସିଷ୍ଟମକୁ ନିୟୋଜିତ କରିଛି, ଯାହା ସାମଗ୍ରୀ ଏବଂ ମାନବ ଶକ୍ତି ଚଳାଚଳ ପାଇଁ ବ୍ୟବହୃତ ଅଫଶାଫ୍ଟ (ଲିଫ୍ଟ)ର କାର୍ଯ୍ୟକୁ ଅନୁକରଣ କରିଥାଏ। କମ୍ପାନୀ ଭାରତରେ ମଧ୍ୟ ପ୍ରଥମ ଯିଏ ଭିଆର୍-ଆଧାରିତ ଭୂତଳ ଯାନ ସିମୁଲେଟର ପ୍ରଚଳନ କରିଛି, ଯାହା କର୍ମଚାରୀମାନଙ୍କୁ ଖଣିରେ ଯାନ ଚଳାଇବାରେ ତାଲିମ ଦେଇଥାଏ। ବେଦାନ୍ତର ଆଲୁମିନିୟମ ବ୍ୟବସାୟ ଏହାର କାର୍ଯ୍ୟରେ ସାମଗ୍ରୀ ନିଷ୍କାସନ ପୂର୍ବରୁ ଯାଞ୍ଚ କରିବା ପାଇଁ ଡ୍ରୋନ୍ ମଧ୍ୟ ନିୟୋଜିତ କରିଛି।


ବେଦାନ୍ତ କାର୍ଯ୍ୟ ପରିସରରେ କର୍ମଚାରୀମାନେ ଡ୍ରୋନ୍ ଉଡାଉଛନ୍ତି।

# ସ୍ୱାଇଲ ଗୋଲ୍ଡର ଅକ୍ଷୟ ତୃତୀୟା ଅଫର

ଭୁବନେଶ୍ୱର, ୨୮।୪

ସ୍ୱାଇଲ ଗୋଲ୍ଡ ଜୁଏଲର୍ସର ବହୁ ପ୍ରତୀକ୍ଷିତ ଅକ୍ଷୟ ତୃତୀୟା ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ୨୦୨୫ ଏପ୍ରିଲ ୩୦ (ଅକ୍ଷୟ ତୃତୀୟା)ରୁ ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷରେ ସ୍ୱାଇଲ ଗୋଲ୍ଡରୁ ସୁନା କ୍ରୟ କରୁଥିଲେ ଗ୍ରାହକଙ୍କୁ ମେକିଂ ଚାର୍ଜ ଉପରେ ଫ୍ଲାଟ୍ ୫୯୯ ଟଙ୍କାର ରିହାତି ଶୋ'ରୁମ୍ ପକ୍ଷରୁ ଯୋଗାଇ ଦିଆଯାଉଛି। ସେହିଭଳି ରୁପା ଗହଣାର କ୍ରୟ ଉପରେ ଫ୍ଲାଟ୍ ୫୦% ରିହାତି ଏବଂ ହୀରା ଗହଣାର କ୍ରୟ ମୂଲ୍ୟ ଉପରେ ଫ୍ଲାଟ ୨୫% ରିହାତି ଦିଆଯାଉଛି। ସେହିପରି ଶୋ'ରୁମ୍‌ରେ ଉପଲବ୍ଧ ବ୍ରାଣ୍ଡେଡ୍ ହାତଘଣ୍ଟାର କ୍ରୟ ଉପରେ ଫ୍ଲାଟ୍ ୨୫% ଏବଂ ଫ୍ରେମ ଆଇଟମର କ୍ରୟ ମୂଲ୍ୟ ଉପରେ ଫ୍ଲାଟ୍ ୨୫%ର ରିହାତି ଦିଆଯାଉଛି ବୋଲି ସ୍ୱାଇଲ ଗୋଲ୍ଡର ଏମ୍‌ଡି ଇଂ ବାବୁରାମ ସ୍ୱାଇଁ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଗ୍ରାହକଙ୍କୁ ପ୍ରତି ୨୫,୦୦୦ ଟଙ୍କା କ୍ରୟ ଉପରେ ଗୋଟିଏ କୁପନ ଦିଆଯାଉଛି। ଉକ୍ତ କୁପନକୁ ଗ୍ରାହକ କ୍ରୟ ଦିନ ଶୋ'ରୁମ୍ ପରିସରରେ ରହିଥିବା ଲକି ଡ୍ର' ବକ୍ସରେ ପକାଇବାକୁ ହେବ ଏବଂ ଲକି ଡ୍ର'ର ଉଠାଣ ଦିନରେ ଭାଗ୍ୟଶାଳୀ ଗ୍ରାହକଙ୍କୁ ଟିଭିଏସ୍ ଜୁପିଟର, ଏଲ୍‌ଇଡି ଟିଭି, ଫ୍ରିଜ୍, ମିକ୍ସର ଗ୍ରାଇଣ୍ଡର ଏବଂ ହାତଘଣ୍ଟା ଆଦି ଉପହାର ଆକାରରେ ଦିଆଯିବ।



**ମେକିଂ ଚାର୍ଜ ଉପରେ ଫ୍ଲାଟ୍ ୫୯୯ ଟଙ୍କାର ରିହାତି**

# ୨ରୁ ଓଜେଇଇ

ଭୁବନେଶ୍ୱର,୨୮।୪(ସୁଚିସ୍ମିତା ସାହୁ)

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)୨୦୨୫ ମେ ୨ ତାରିଖରୁ ଆରମ୍ଭ ହେବ। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା ପାଇଁ ଓଜେଇଇ ପକ୍ଷରୁ ସୋମବାର କାର୍ଯ୍ୟସୂଚୀ ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରୀଛାତ୍ର କମ୍ପ୍ୟୁଟର ବେସ୍ଡ ଟେଷ୍ଟ(ସିବିଟି) ମୋଡ୍‌ରେ ପରୀକ୍ଷା ଦେବେ। ଚଳିତବର୍ଷ ୩ଟି ସିଫ୍ଟରେ ପରୀକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରଥମ ସିଫ୍ଟ ପରୀକ୍ଷା ସକାଳ ୮ଟା ୩୦ରୁ ଆରମ୍ଭ ହୋଇ ୧୦ଟା ୩୦ ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱିତୀୟ ସିଫ୍ଟ ପରୀକ୍ଷା ମଧ୍ୟାହ୍ନ ୧୨ଟା ୩୦ରୁ ଆରମ୍ଭ ହୋଇ ୨ଟା ୩୦ଯାଏ ଏବଂ ତୃତୀୟ ସିଫ୍ଟଟି ଅପରାହ୍ଣ ୪ଟା ୩୦ରୁ ୬ଟା ୩୦ ଯାଏ ଚାଲିବ।

ମେ ୨ରେ ୩ଟି ସିଫ୍ଟରେ ବି.ଫାର୍ମ ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ୩ ତାରିଖରେ ବି.ଫାର୍ମ, ଏଲ୍‌ଇ.ଟେକ୍(ଡିପ୍ଲୋମା) ଏବଂ ଏମ୍‌ବିଏ ପାଇଁ ପରୀକ୍ଷା ହେବ। ୫ ତାରିଖରେ ଏଲଇ.ଟେକ୍(ଡିପ୍ଲୋମା), ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ବି. କ୍ୟାଟ୍ ଏବଂ ଏଲଇ.ଟେକ୍ ବିଏସସି ରହିଥିବା ବେଳେ ୬ ତାରିଖରେ ଏମ୍‌ସିଏ, ବି.କ୍ୟାଟ,ଏମ୍.ଫାର୍ମ, ଏମ୍ ଆର୍କ, ଏମ.ପ୍ଲାନ୍ ଓ ଏମ୍. ଟେକ ପରୀକ୍ଷା ରହିଛି। ସେହିପରି ୧୦ ତାରିଖରେ ବେସିକ ବିଏସ୍‌ସି ନର୍ସିଂ ରହିଥିବା ବେଳେ ୧୧ ତାରିଖରେ ବେସିକ ବିଏସ୍‌ସି ନର୍ସିଂ, ପୋଷ୍ଟ ବେସିକ ଡିପ୍ଲୋମା ନର୍ସିଂ ଏବଂ ଏମ୍.ଏସ୍‌ସି ନର୍ସିଂ ରହିଛି। ୧୨ ତାରିଖରେ କେବଳ ଏଲଇ.ଟେକ୍(ଡିପ୍ଲୋମା) ରହିଥିବା ବିଜ୍ଞପ୍ତିରୁ ଜଣାପଡିଛି।

# ତୈଳବିଶୋଧନାଗାର ପାଇପ୍ ଜଳିଗଲା



ତୈଳବିଶୋଧନାଗାର ପାଇପ୍‌ରେ ନିଆଁ ଲାଗି ଚାରିଆଡ଼େ ଧୂଆଁମୟ ହୋଇଯାଇଛି।

## ପାରାଦୀପ ଦୋଛକିରେ ଭୟଙ୍କର ଅଗ୍ନିକାଣ୍ଡ

ପାରାଦୀପ,୨୮।୪(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପସ୍ଥିତ ତୈଳବିଶୋଧନାଗାର ପ୍ରବେଶ ପଥ ଦୋଛକିରେ ସୋମବାର ଖରାବେଳେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ତୈଳ ବିଶୋଧନାଗାର ପରିସରରେ କାମ କରୁଥିବା ଘରୋଇ କମ୍ପାନୀ ଟେକ୍ନୋମାଉଣ୍ଟର ମାଟି ତଳେ ବିଛା ଯିବାକୁ ଥିବା ପାଇପ୍‌ଗୁଡ଼ିକରେ ନିଆଁ ଲାଗିଯାଇଥିଲା। ଲୁହା ପାଇପ୍‌ର ଉପରିଭାଗରେ ଏକ ପ୍ଲାଷ୍ଟିକ କୋଟେଡ ରହିଥାଏ। ଦୋଛକି ପାଖ ତଥା ଗୋଆ କାର୍ବନ କମ୍ପାନୀ ପଛପଟେ ଶତାଧିକ ପାଇପ୍ ଗୋଟିଏ ଜାଗାରେ ଗଚ୍ଛିତ ଥିଲା। ସେହି ପାଇପ୍‌ରେ ନିଆଁ ଲାଗି ଯାଇଥିଲା। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ, ତାହା ୨ କିମି ପର୍ଯ୍ୟନ୍ତ ଦୃଶ୍ୟମାନ ହେଉଥିଲା। ନିଆଁ ଓ କଳା ଧୂଆଁ ସମଗ୍ର ଅଞ୍ଚଳରେ ବ୍ୟାପି ଯାଇଥିଲା। ଖବରପାଇ ତୈଳ ବିଶୋଧନାଗାର ଅଗ୍ନିଶମ ଗାଡ଼ି, କୁଜଙ୍ଗ ଅଗ୍ନିଶମ ଗାଡ଼ି ଓ ଅନ୍ୟ କମ୍ପାନୀ ଗାଡ଼ିଗୁଡିକ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। ଶେଷ ଖବର ଅନୁଯାୟୀ ସନ୍ଧ୍ୟା ୭ଟା ସୁଦ୍ଧା ନିଆଁ ଆୟତ୍ତ ହୋଇଛି। ଜଗତ୍‌ସିଂହପୁର ଜିଲାର ବିଭିନ୍ନ ପ୍ରାନ୍ତରୁ ଏବଂ ବିଭିନ୍ନ ଶିଳ୍ପ ସଂସ୍ଥାର ୧୩ଟି ନିଆଁ ଲିଭା ଗାଡି ଏଥିରେ ମୁତୟନ ହୋଇଥିଲା। ଘଟଣା ପରେ ତୈଳ ବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ଯାଞ୍ଚ କରୁଛନ୍ତି। ଏ ସମ୍ପର୍କରେ ଆଇଓସିଏଲ୍ ପାଇପଲାଇନ ଅଧିକାରୀ ଆର.କେ.ସାହୁ କହିଛନ୍ତି ଯେ, ଉକ୍ତ ଜାଗା ହେଉଛି ତୈଳବିଶୋଧନାଗାର ଡମ୍ପିଂ ୟାର୍ଡ। ସେଥିରେ ହଜାରରୁ ଅଧିକ ଲୁହା ଓ ରବର କୋଟେଡ ପାଇପ୍ ଥିଲା। ତେବେ ନିଆଁ କେମିତି ଲାଗିଲା ତାହା ଜଣାପଡିନାହିଁ। ଉକ୍ତ ପାଇପ୍‌ଲାଇନ ସମୁଦ୍ର ପାଣି ତଳେ ଏବଂ ମାଟି ତଳେ ବିଛା ଯାଇଥାଏ। ପାଇପ୍ ପୁରୁଣା ହେବା ପରେ ତାକୁ ବଦଳାଯାଇ ଏହି ଜାଗାରେ ରଖାଯାଇଥିଲା।

# ସରକାରଙ୍କ ଉପରେ ଗଡୁଛି ଖରିଫ୍-୨୦୨୩ ବୀମା ଅଂଶଧନ

ଭୁବନେଶ୍ୱର,୨୮।୪ (ରବିନାରାୟଣ ଜେନା)

ଓଡ଼ିଶା ଏକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ପ୍ରତିବର୍ଷ ବିପର୍ଯ୍ୟୟ ବର୍ଷା, ବାତ୍ୟା ଓ ବନ୍ୟା ଆସି ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଉଛି। ଚାଷୀଙ୍କ ବର୍ଷକର ଫସଲ ଉଜୁଡ଼ି ଯାଉଥିବାରୁ ସେମାନେ ଭାଙ୍ଗିପଡୁଛନ୍ତି। ଏହି ସମୟରେ ଚାଷୀଙ୍କୁ ସାହାରା ଦେବା ତଥା ଫସଲଜନିତ କ୍ଷୟକ୍ଷତି ବୀମା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୬ରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍‌ଏଫ୍‌ବିୱାଇ) ଲାଗୁ ହୋଇଛି। ହେଲେ ଏହି ବୀମା କରାଯିବା ବେଳେ ଯେଉଁଳି ସରକାର ତାଙ୍କର ଅଂଶଧନ ଦେବା କଥା ତାହା ହେଉନାହିଁ। ଫଳରେ ବୀମା କମ୍ପାନୀ ବୀମା ବାବଦ ଦେୟ ଦେବାକୁ ଖେଳୁଥିବାବେଳେ ଚାଷୀମାନେ ମଧ୍ୟ ତାଙ୍କ ବୀମା ବାବଦ ପ୍ରାପ୍ୟ ନ ପାଇ ହଇରାଣ ହେଉଛନ୍ତି।

ସରକାରୀ ତଥ୍ୟ ଅନୁଯାୟୀ, ୨୦୨୩ ବର୍ଷର ଖରିଫ୍ ବାବଦ ଚତୁର୍ଥ ପର୍ଯ୍ୟାୟ ବୀମା ନେଇ ଅଂଶଧନ ଏବେ ବି ସରକାରଙ୍କ ଉପରେ ଗଡୁଛି। ଇତିମଧ୍ୟରେ ୨୦୨୩ ଏବଂ ୨୦୨୪ ଖରିଫ୍ ଯାଇ ୨୦୨୫ ଖରିଫ ପ୍ରକ୍ରିୟା ଆରମ୍ଭ ହେଲାଣି। ଚଳିତବର୍ଷ ଚାଷୀମାନଙ୍କୁ ୧୧ ହଜାର କୋଟି ଟଙ୍କାର ଶସ୍ୟରଣ ଦେବାକୁ ପ୍ରକ୍ରିୟା ଆରମ୍ଭ ହେଲାଣି। ହେଲେ ଏପର୍ଯ୍ୟନ୍ତ ୨୦୨୩ରେ ଚାଷୀଙ୍କ ପାଇଁ ହୋଇଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ବାବଦ ଅଂଶଧନ ସରକାର ଦେଇନାହାନ୍ତି। ଇତିମଧ୍ୟରେ ତିନୋଟି ପର୍ଯ୍ୟାୟରେ ସରକାର ତାଙ୍କର ଅଂଶଧନ ଦେଇଥିବାବେଳେ ଚତୁର୍ଥ ପର୍ଯ୍ୟାୟରେ ଆଉ ୫.୭୧ କୋଟି ଟଙ୍କା ବକେୟା ରହିଛି। ଏହାକୁ ନେଇ ବୀମା କମ୍ପାନୀଗୁଡ଼ିକ ସରକାରଙ୍କୁ ତାଙ୍କର ଦାବିପତ୍ର ପ୍ରଦାନ କରିଛନ୍ତି।

ଫ୍ୟୁଚର ଜେନେରାଲ ଇଣ୍ଡିଆ ପକ୍ଷରୁ ସମବାୟ ନିବନ୍ଧକଙ୍କୁ ଚତୁର୍ଥ ପର୍ଯ୍ୟାୟ ବାବଦକୁ ୧୧ଲକ୍ଷ ୬୪ହଜାର ଟଙ୍କାର ଦାବି କରାଯାଇଥିବାବେଳେ ରିଲାଏନ୍ସ ଜିଆଇସି ପକ୍ଷରୁ ତିନୋଟି ବର୍ଗରେ ୫କୋଟି ୫୮ଲକ୍ଷ ଟଙ୍କାର ଦାବି ରଖାଯାଇଛି। ଏହାସହିତ ଏସ୍‌ବିଆଇ ଜିଆଇସି ୧.୩୮ଲକ୍ଷ ଟଙ୍କା ଦାବି କରିଛି। ଏହାକୁ ନେଇ ସମବାୟ ବିଭାଗ ପକ୍ଷରୁ ଚତୁର୍ଥ ପର୍ଯ୍ୟାୟ ଅଂଶଧନ ବାବଦ ଦେୟ ଦେବାକୁ ତତ୍ପରତା ପ୍ରକାଶ ପାଇଥିବା ଜଣାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି ବୈଜୟନ୍ତ ପଣ୍ଡା

## କେନ୍ଦ୍ରାପଡ଼ାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନେଇ ହେଲା ଆଲୋଚନା

ଭୁବନେଶ୍ୱର,୨୮।୪(ସୁନିତ୍ ମିଶ୍ର)



କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନଠାରେ ସାକ୍ଷାତକରିବା ସହ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। କେନ୍ଦ୍ରାପଡ଼ାର ତଳି ଅଞ୍ଚଳକୁ ଜଳମଗ୍ନ ହେବାରୁ ମୁକ୍ତ କରିବା ତଥା ବନ୍ୟା ନିୟନ୍ତ୍ରଣ ପାଇଁ ଲୁଣାନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ କରାଯିବା ପାଇଁ ସାଂସଦ ପ୍ରସ୍ତାବ ଦେଇଛନ୍ତି। ଜିଲାର ଗରଦପୁର ବ୍ଲକ୍ ଅନ୍ତର୍ଗତ ଗହଗପାଟ ଅଞ୍ଚଳ, କେନ୍ଦ୍ରାପଡ଼ା-ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବିସିବିଲପାଟ ଅଞ୍ଚଳରେ ବନ୍ୟା ଦ୍ୱାରା ଜଳମଗ୍ନ ହେଉଥିବା ଅଞ୍ଚଳଗୁଡ଼ିକୁ କିପରି ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଛି। ଏହାସହ ଜିଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଏକ ଚାରିଟେବୁଲ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ନିମନ୍ତେ ଜମି ଚିହ୍ନଟ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି।

ସୂଚନାଯୋଗ୍ୟ, ସତ୍ୟସାଇ ସେବା ସମିତି ପକ୍ଷରୁ କେନ୍ଦ୍ରାପଡ଼ାରେ ଏକ ହସ୍ପିଟାଲ ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ରହିଛି। ଏହାସହ କେନ୍ଦ୍ରାପଡ଼ା ଜିଲାରେ ଏକ ଲଜିଷ୍ଟିକ୍ସ ପାର୍କ ନିର୍ମାଣ, ଶୀତଳ ଭଣ୍ଡାର ପ୍ରତିଷ୍ଠା, ପାନୀୟ ଜଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଏବଂ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଡାଙ୍ଗମାଳ ଅଞ୍ଚଳରେ ଇକୋ ଟୁରିଜମ୍, ଲଳିତଗିରିରେ ବୌଦ୍ଧ ପର୍ଯ୍ୟଟନକୁ ଆହୁରି ବ୍ୟାପକ କରିବା ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। କେନ୍ଦ୍ରାପଡ଼ା ଜିଲାରେ ଖାଲିପଡ଼ିଥିବା ସରକାରୀ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ଏହି ବୈଠକରେ ଆଲୋଚନା ହୋଇଛି। ଜିଲାରେ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ବିଷୟରେ ଉକ୍ତ ବୈଠକରେ ଆଲୋଚନା ହୋଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ଜାତିର ଅପ୍ରତିଦ୍ୱନ୍ଦ୍ୱୀ ନେତା ଥିଲେ ମଧୁବାବୁ

ଢେଙ୍କାନାଳ,୨୮।୪(ରତନ ନାୟାର)




ରାଜ୍ୟସ୍ତରୀୟ ମଧୁ ଜୟନ୍ତୀରେ ବନ୍ଦେ ଉତ୍କଳ ଜନନୀ ଗାନ ଅବସରରେ ଅତିଥିବୃନ୍ଦ।

ରାଜ୍ୟ ଆଇନଜୀବୀ ପରିଷଦ ଓ ଢେଙ୍କାନାଳ ଜିଲା ଓକିଲ ସଂଘର ମିଳିତ ଆନୁକୂଲ୍ୟରେ ସୋମବାର ରାଜ୍ୟସ୍ତରୀୟ ମଧୁ ଜୟନ୍ତୀ ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ବନ୍ଦେ ଉତ୍କଳ ଜନନୀ ଗାନ ସହ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚ ନ୍ୟାୟାଳୟର ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଉତ୍କଳ ଗୌରବ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସେ କହିଲେ, ସ୍ୱାଭିମାନ ରକ୍ଷା ଶବ୍ଦ ମଧୁବାବୁଙ୍କ ସହ ସଦା ଜଡ଼ିତ। ମଧୁବାବୁ ସମଗ୍ର ଓଡ଼ିଆ ଜାତିର ଅପ୍ରତିଦ୍ୱନ୍ଦ୍ୱୀ ନେତା ଥିଲେ। ମହକିଲଙ୍କ ମାମଲାକୁ ବିଚାରପତିଙ୍କ ପାଖରେ ଠିକ୍ ଭାବରେ ଉପସ୍ଥାପନ କରିବା ଦିଗରେ ଆଇନଜୀବୀମାନେ ଯତ୍ନବାନ ହେବା ଉଚିତ ବୋଲି ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଉଚ୍ଚ ନ୍ୟାୟାଳୟର ବିଚାରପତି ସଞ୍ଜୟ କୁମାର ମିଶ୍ର କହିଲେ, ସମାଜରେ ଆଇନଜୀବୀଙ୍କ ଭୂମିକାକୁ ସ୍ୱୀକାର କରିବା ଏବଂ ନ୍ୟାୟିକ ବ୍ୟବସ୍ଥାରେ ସେମାନଙ୍କୁ ସମ୍ମାନ ଦେବା ଆଇନଜୀବୀ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେବା ଉଚିତ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଉଚ୍ଚ ନ୍ୟାୟାଳୟର ବିଚାରପତି ଗୌରୀ ଶଙ୍କର ଶତପଥୀ କହିଲେ, ଓଡ଼ିଶାକୁ ଏକ ଭାଷାଭିତ୍ତିକ ରାଜ୍ୟ ଭାବେ ଦେଖିବା ପାଇଁ ମଧୁବାବୁ ତାଙ୍କ ଜୀବନର ସବୁକିଛି ତ୍ୟାଗ କରିଥିଲେ। ଆଇନଜୀବୀମାନେ ଜୀବନରେ ୫ ପ୍ରତିଶତ ଗରିବ ଲୋକଙ୍କ ପାଇଁ ମାଗଣାରେ ମାମଲା ଲଢ଼ି ସେମାନଙ୍କୁ ନ୍ୟାୟ ପ୍ରଦାନ କଲେ, ମଧୁବାବୁଙ୍କ ସ୍ୱପ୍ନ ସାକାର ହେବ। ଅତିଥି ଭାବେ ଯୋଗଦେଇ ରାଜ୍ୟ ଆଇନଜୀବୀ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ଅରୂପାନନ୍ଦ ଦାସ ଓ ଦେବୀ ପ୍ରସାଦ ଧଳ ମଧୁବାବୁଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ସଭାପତିତ୍ୱ କରି ପରିଷଦ ସଭାପତି ସିତାଂଶୁ ମୋହନ ଦ୍ୱିବେଦୀ କହିଲେ, ମଧୁବାବୁଙ୍କ ଓକିଲାତି ଜୀବନ ସହିତ ନିଷ୍ଠାର ସହ ସମାଜସେବା ସମସ୍ତଙ୍କୁ ଅନୁପ୍ରାଣିତ କରିଛି। ଏହି ଅବସରରେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସମ୍ମାନଜନକ ମଧୁଜ୍ୟୋତି ସମ୍ମାନ ନରସିଂହ ମିଶ୍ର, ଦୁର୍ଗା ଚରଣ ଭୂତିଆଙ୍କୁ ପ୍ରଦାନ କରାଯାଇଥିଲା। ଜିଲା ଓକିଲ ସଂଘ ସମ୍ପାଦକ ତାପସ କୁମାର କବିଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କଲେ ଡିଜିପି

ରାଉରକେଲା,୨୮।୪(ସଙ୍ଗୀତା ଜେନା)

ଓଡ଼ିଶା ପୋଲିସ ବିଭାଗ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ରବିବାର ୨ ଦିନିଆ ରାଉରକେଲା ଗସ୍ତରେ ଆସି ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି। ସୋମବାର ଦ୍ୱିତୀୟ ଦିବସରେ ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଉଭୟ ଝାଡ଼ଖଣ୍ଡ ଏବଂ ଓଡ଼ିଶା ପୋଲିସ ଅଧିକାରୀଙ୍କ ସହ ବିଭିନ୍ନ ସମସ୍ୟା ନେଇ ସେ ଆଲୋଚନା କରିଥିଲେ। ବୈଠକ ପରେ ଖୁରାନିଆ ଗଣମାଧ୍ୟମକୁ ସୂଚନାଦେଇ କହିଥିଲେ, ସୀମାନ୍ତ ଏବଂ ପଡୋଶୀ ରାଜ୍ୟ ଝାଡଖଣ୍ଡରେ ମାଓବାଦୀ ଅଭିଯାନ, ପାକିସ୍ତାନ ନାଗରିକଙ୍କ ଭିସା ରଦ୍ଦ କରିବା ଓ ପ୍ରତ୍ୟାବର୍ତ୍ତନ କରିବା, ରାଉରକେଲାରେ ୩ଟି ନୂତନ ଆପରାଧିକ ଆଇନ କାର୍ଯ୍ୟଧାରା, ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ପଡୋଶୀ ରାଜ୍ୟ ସହ ମାଓବାଦୀ ଅପରେଶନ ସମ୍ପର୍କରେ ପଶ୍ଚିମ ସିଂ ଭୂମ ପୋଲିସ ନିରୀକ୍ଷକ, ସିଆରପିଏଫ୍ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ରାଉରକେଲାରେ ୩ଟି ଆପରାଧିକ ଆଇନର ସଫଳ ପରିଚାଳନା, କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।



ସୋମବାର ରାତିରେ କାଳବୈଶାଖୀ ବର୍ଷାରେ ଭୁବନେଶ୍ୱର ବମିଖାଲ ଅଞ୍ଚଳ ରାସ୍ତା ଜଳମଗ୍ନ ହୋଇଯାଇଛି।

# ଅଧିକାଂଶ ଜିଲାରେ କାଳବୈଶାଖୀ

- ଝଟ୍‌କା ପବନ ସହ କୁଆପଥର ବର୍ଷା
- ଦକ୍ଷିଣ ଉପକୂଳବର୍ତ୍ତୀ ଜିଲାରେ ବଢ଼ିଲା ତାତି

ଭୁବନେଶ୍ୱର,୨୮।୪(ଅନୁରାଧା ମହାରଣା)

ରାଜ୍ୟର ଅଧିକାଂଶ ଜିଲାରେ ସୋମବାର କାଳବୈଶାଖୀ ହୋଇଛି। ଘଡ଼ଘଡ଼ି ବିଜୁଳି ସହ କୁଆପଥର ବର୍ଷା ଜନଜୀବନକୁ ପ୍ରଭାବିତ କରିଛି। କେତେକ ଜିଲାରେ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିଥିବାବେଳେ ଆଉ କିଛି ଜିଲାରେ ଏହା ୬୦ କି.ମି. ଛୁଇଁଛି। ବିଶେଷକରି ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ବରଗଡ଼, କୋରାପୁଟ, ରାୟଗଡ଼ା, କଟକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ଦେବଗଡ଼, ଅନୁଗୋଳ ଆଦି ଜିଲାରେ ଅପରାହ୍ଣରୁ ଝଡ଼ବର୍ଷା ଆରମ୍ଭ ହୋଇଯାଇଥିଲା। ଟ୍ୱିନ୍ ସିଟି କଟକ ଓ ଭୁବନେଶ୍ୱରରେ ମଧ୍ୟ ବିଜୁଳି, ଘଡ଼ଘଡ଼ି ସହ ଝଟ୍‌କା ପବନ ଲୋକଙ୍କୁ ଭୟଭୀତ କରିଥିଲା। ୬୦ରୁ ୭୦ କିମି ବେଗରେ ପବନ ବହିବା ସହ ପ୍ରବଳ ବର୍ଷିଥିଲା। କେତେକ ସ୍ଥାନରେ କୁଆପଥର ବର୍ଷା ହୋଇଥିଲା। ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ସୂଚନାନୁସାରେ, ସୋମବାର ସନ୍ଧ୍ୟା ସୁଦ୍ଧା ନୂଆପଡ଼ାରେ ୮.୦ ମି.ମି., ରାୟଗଡ଼ାରେ ୩.୦ ମିମି, ବାଲେଶ୍ୱରରେ ୨.୬ ମିମି, ପାରଳାଖେମୁଣ୍ଡି ଓ ଅନୁଗୋଳରେ ୨ ମିମି ଏବଂ ଢେଙ୍କାନାଳରେ ୧.୪ ମିମି ବର୍ଷା ରେକର୍ଡ କରାଯାଇଥିଲା। ମଙ୍ଗଳବାର ମଧ୍ୟ ଏହିସବୁ ଜିଲାଗୁଡ଼ିକରେ କାଳବୈଶାଖୀଜନିତ ବର୍ଷା ସମ୍ଭାବନା ରହିଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଅନ୍ୟପଟେ ରାଜ୍ୟର ଦକ୍ଷିଣ ଉପକୂଳବର୍ତ୍ତୀ ଜିଲାର କିଛି ସ୍ଥାନରେ ସୋମବାର ତାପମାତ୍ରା ପ୍ରାୟ ୪ ଡିଗ୍ରୀ ବୃଦ୍ଧି ପାଇଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ବଲାଙ୍ଗୀର ଜିଲାରେ ଉଷ୍ମ ରାତି ଅନୁଭୂତ ହୋଇଥିଲା।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/SBP/Stores/Tender Publication/Engg.-3/2025/28, ତା.23.04.2025ରିଖ

ଟେଣ୍ଡର ସଂ. 40255409A

ସାମଗ୍ରୀଗୁଡ଼ିକର ବିବରଣୀ : ଜଗଲ୍ଡ (Joggled) ଫିସ୍ ପ୍ଲେଟ୍।

ଟେଣ୍ଡର ମୂଲ୍ୟ : ₹ 1,65,49,075.20, EMD @ 2% : ₹ 3,30,980/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.05.2025ରିଖ 1500 ଘଟିକାରେ।

ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ।
କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ସମ୍ବଲପୁର

PR-74/Q/25-26

# ପ୍ରସ୍ତାବରେ ଅଟକିଛି ଇକୋ ସେନ୍‌ସିଟିଭ ଜୋନ୍

ବାରିପଦା,୨୮।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ଚାରିପାଖ ଅଞ୍ଚଳକୁ ଇକୋ ସେନ୍‌ସିଟିଭ ଜୋନ୍(ପରିବେଶ ସମ୍ବେଦନଶୀଳ ଅଞ୍ଚଳ) ଘୋଷଣା କରାଯିବା ନେଇ ଅନିଶ୍ଚିତତା ଦେଖାଦେଇଛି। ବାରମ୍ବାର ବନ ବିଭାଗ ପକ୍ଷରୁ ଆବେଦନ କରାଯାଉଥିଲେ ମଧ୍ୟ ସଂରକ୍ଷିତ ଅଞ୍ଚଳ ଚାରିପାଖ ୦-୫ କି.ମି. ପରିସୀମାକୁ ନିଷିଦ୍ଧାଞ୍ଚଳ ଘୋଷଣା କରିବା ପ୍ରସ୍ତାବ ଅଟକି ରହିଛି। ଶିମିଳିପାଳ ଅଭୟାରଣ୍ୟର ବଫର ଜୋନ୍ ସମ୍ପର୍କରେ ସ୍ପଷ୍ଟ କରିବା ପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର କୌଣସି ସୂଚନା ପ୍ରଦାନ କରୁ ନ ଥିବାରୁ ପ୍ରସ୍ତାବରେ ଅଟକି ରହିଥିବା ସମ୍ବେଦନଶୀଳ ଅଞ୍ଚଳ ଗୁଡ଼ିକରେ ବେଆଇନ କାର୍ଯ୍ୟକଳାପ ବଢ଼ିଚାଲିଛି।

ଶିମିଳିପାଳ ଅଭୟାରଣ୍ୟ ଚାରିପାଖରେ ପରିବେଶକୁ କ୍ଷତି ପହଞ୍ଚାଉଥିବା କାର୍ଯ୍ୟକଳାପକୁ ନିୟନ୍ତ୍ରଣ କିମ୍ବା ନିଷିଦ୍ଧକରି ଅଞ୍ଚଳର ଜୈବ ବିବିଧତାକୁ ସୁରକ୍ଷା ଦେବା ବନ ବିଭାଗର ମୂଳ ଲକ୍ଷ୍ୟ ରହିଛି। ଏହାକୁ ନେଇ ଶିମିଳିପାଳ ଏବଂ ହଦଗଡ଼ ଅଭୟାରଣ୍ୟ ଚାରିପାଖକୁ ଇକୋ ସେନ୍‌ସିଟିଭ୍ ଜୋନ୍ ଘୋଷଣା କରିବା ପାଇଁ ଜାନୁଆରୀ ୨୦୧୯ରେ ଏକ ଡ୍ରାଫ୍ଟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଡ୍ରାଫ୍ଟରେ ୧୭୬୫.୨୯ ବର୍ଗ କି.ମି. ଅଞ୍ଚଳକୁ ସମ୍ବେଦନଶୀଳ ଅଞ୍ଚଳ ଘୋଷଣା ପାଇଁ ପ୍ରସ୍ତାବିତ ଦିଆଯାଇଥିଲା। ଏହାର ପରିସର ସଂରକ୍ଷିତ ଅଞ୍ଚଳ ଚାରିପାଖରୁ ୦ ରୁ ୧୦ କି.ମି. ମଧ୍ୟରେ ରହିଥିଲା। ଏହାକୁ ବିରୋଧ କରାଯାଇ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁହେବା ପରେ ଅଞ୍ଚଳକୁ ସୀମିତ କରାଯାଇ ୦ ରୁ ୫ କି.ମି. ରଖାଯାଇଥିଲା। ପୁନର୍ବାର ଏହାକୁ ୦ ରୁ ୧ କି.ମି. ମଧ୍ୟରେ ରଖିବାକୁ ଅଞ୍ଚଳବାସୀ ସୁପ୍ରିମକୋର୍ଟରେ ମାମଲା ରୁଜୁ କରିଥିଲେ। ଏହାକୁ ନେଇ ପୂର୍ବତନ ରାଜ୍ୟ ସରକାର ଶୂନ କି.ମି. ଅଞ୍ଚଳକୁ ଇକୋ ସେନ୍‌ସିଟିଭ ଜୋନ୍ ଘୋଷଣା କରିବାକୁ ସୁପ୍ରିମକୋର୍ଟରେ ଦସ୍ତାବିଜ୍ ଦାଖଲ କରିଥିଲେ। ତେବେ କାହିଁକି ଶୂନ କି.ମି. ଅଞ୍ଚଳକୁ ଇକୋ ସେନ୍‌ସିଟିଭ ଜୋନ୍ ଘୋଷଣା କରାଯିବ ସେ ନେଇ ସୁପ୍ରିମକୋର୍ଟ ସ୍ପଷ୍ଟୀକରଣ ମାଗିଥିଲେ। ଏହି ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ଶିମିଳିପାଳ ଅଭୟାରଣ୍ୟର ପ୍ରସ୍ତାବିତ ଇକୋ ସେନ୍‌ସିଟିଭ ଜୋନ୍ ଅଞ୍ଚଳଗୁଡ଼ିକରେ ବେଆଇନ କ୍ରଶର ଓ ପଥର ଖାଦାନ ଚାଲୁରହିଛି। ଏପରିକି ଶିମିଳିପାଳ ପାଦଦେଶ ଠାକୁରମୁଣ୍ଡାଠାରୁ ବାଙ୍ଗିରିପୋଷି ପର୍ଯ୍ୟନ୍ତ ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ କ୍ରଶର ଓ ୧୦୦ରୁ ଅଧିକ ବେଆଇନ ପଥର ଖାଦାନ ଚାଲିଥିବା ଜଣାପଡ଼ିଛି।

ଇକୋ ସେନ୍‌ସିଟିଭ ଜୋନ୍ ଘୋଷଣା କରିବା ପାଇଁ ସ୍ଥାନୀୟ ସମ୍ପ୍ରଦାୟର ବିସ୍ଥାପନ କିମ୍ବା ସ୍ଥାନାନ୍ତର କରିବା ଅନ୍ତର୍ଭୁକ୍ତ ରହିନାହିଁ। ସେହି ଅଞ୍ଚଳଗୁଡ଼ିକରେ କୃଷି କାର୍ଯ୍ୟ କରିବା ପାଇଁ ମଧ୍ୟ କୌଣସି ପ୍ରତିବନ୍ଧକ ନାହିଁ। ତେଣୁ ଜନସାଧାରଣଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଯଥାଶୀଘ୍ର ସୁପ୍ରିମ କୋର୍ଟକୁ ସ୍ପଷ୍ଟୀକରଣ ଦେଇଦେଲେ ଇକୋ ସେନ୍‌ସିଟିଭ ଜୋନ୍ ଶିମିଳିପାଳର ସୁରକ୍ଷା କବଚ ହେବ ବୋଲି ପୂର୍ବତନ ବନ୍ୟପ୍ରାଣୀ ସଂରକ୍ଷକ ତଥା ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB)
ପ୍ରଥମ ମହଲା, ପ୍ଲଟ୍ ନଂ.: ୭୭୮, ମହର୍ଷି କଲେଜ ରୋଡ, ସା/ପୋ: ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍ ନଂ.: ୦୬୭୪-୨୫୪୯୬୬୩ / ୨୫୪୯୬୧୨, ଇ-ମେଲ ଆଇଡି: sbi.05174@sbi.co.in

**ଇ-ନିଲାମ / ବିକ୍ରୟ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମର ତାରିଖ ଏବଂ ସମୟ: ତା୦୮.୦୫.୨୦୨୫ରିଖ ଅପରାହ୍ଣ ୩.୦୦ ଘଟିକା ରୁ ଅପରାହ୍ଣ ୪.୦୦ ଘଟିକା ପର୍ଯ୍ୟନ୍ତ
ଗାଡି ଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ୦୩.୦୫.୨୦୨୫ ଅପରାହ୍ଣ ୪.୦୦ଘଟିକାରୁ ଅପରାହ୍ଣ ୫.୦୦ ଘଟିକା

| କ୍ର ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ଅକ୍ଷୟ କୁମାର ପରିଡ଼ା, ପରିଡ଼ା ସାହି, ଅଳତିରି, ପାଣିକୋଇଲି ଉଚ୍ଚ ବିଦ୍ୟାଳୟ ପଛପାର୍ଶ୍ୱ, ପୋ.: ପାଣିକୋଇଲି, ଯାଜପୁର, ଓଡ଼ିଶା, ପିନ୍-୭୫୫୦୪୩ / ଆକାଉଣ୍ଟ ନଂ.: ୩୯୭୯୮୯୬୫୬୫୪ | ASHOK LEYLAND LTD., Regd. No.: OD-04-Q-4343, Year Manufacturing : Oct. 2020, Chasis No.: OT42022012025, Engine No.: LYPZ107701 | ୨୮.୦୪.୨୦୨୫ ସୁଦ୍ଧା ଟ.୩୯,୫୬,୬୦୯/- + ୨୯.୦୪.୨୦୨୫, ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨୫,୫୦,୦୦୦/- / ଟ.୨,୫୫,୦୦୦/- / ଟ.୨୦,୦୦୦/- |

ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://baanknet.com.ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦କୁ କଲ୍ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡ଼ି ସ୍ଥିତି ପାଇଁ support.BAANKNET@psballiance.comକୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ https://baanknet.com ଦେଖନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ https://baanknet.com କୁ ଇମେଲ କରନ୍ତୁ। ଗାଡିର ବିବରଣୀ ଏବଂ ଗାଡିର ଫଟୋଗ୍ରାଫ୍ https://baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd, ଯୋଗାଯୋଗ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।

https://baanknet.com ୱେବସାଇଟ୍‌ରେ ଗାଡି ଖୋଜିବାବେଳେ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡିର କ୍ରେତା ବହନ କରିବେ।

ନିୟମ ଏବଂ ସର୍ତ୍ତାବଳୀ ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ : www.sbi.co.in & https://baanknet.com

ଗାଡିର ପାର୍କିଂ ସ୍ଥାନ: ମା କମଳା ଷ୍ଟକୟାର୍ଡ଼, ଚଣ୍ଡିଖୋଲ, ସୟୀ, ହରିଦାସପୁର, ଧର୍ମଶାଳା, ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୪

ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ: ୯୪୩୭୫୫୨୫୩୫ ଏବଂ ଶ୍ରୀ କେଶବ ଚନ୍ଦ୍ର ମଲ୍ଲିକ (ସିଟି କେସ୍ ଅଫିସର), ମୋ.: ୯୪୩୭୯୫୩୬୪୨

ତାରିଖ : ୨୮.୦୪.୨୦୨୫, ସ୍ଥାନ : ଭୁବନେଶ୍ୱର | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ଅଙ୍ଗନଦୀରୁ ମୃତଦେହ ଜବତ**

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସାଲେଭଟା ନିକଟ ଅଙ୍ଗନଦୀରୁ ଏକ ମୃତଦେହ ପୋଲିସ ସୋମବାର ଜବତ କରିଛି। ମୃତକଙ୍କ ପରିଚୟ ମିଳି ପାରିନାହିଁ। ସକାଳେ କେତେଜଣ ବ୍ୟକ୍ତି ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ନଦୀ ବାଲି ଭିତରେ ଏକ ଗୋଡ ଦେଖିବାକୁ ପାଇଥିଲେ। ଏନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଯାଜ୍ଞସେନୀ ନାଏକ ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିର ଭକ୍ତ ନିବାସ ନାମରେ ଜାଲ୍ ୱେବ୍‌ସାଇଟ୍








ଗିରଫ ଅଭିଯୁକ୍ତମାନେ

■ ୫ ମାମଲାରେ ଗିରଫ ହେଲେ ୭ ଅଭିଯୁକ୍ତ
■ କ୍ରାଇମବ୍ରାଞ୍ଚ ଟିମ୍‌ର ରାଜ୍ୟ ବାହାରେ ଚଢ଼ାଉ

କଟକ,୨୮।୪(କାର୍ତ୍ତିକ ସାହୁ)

ପୁରୀ ଶ୍ରୀମନ୍ଦିରର ନୀଳାଦ୍ରି ଭକ୍ତନିବାସରେ ରହିବା ନିମନ୍ତେ ଜାଲ୍ ୱେବସାଇଟ୍ ଖୋଲି ଭକ୍ତଙ୍କୁ ଠକିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ଆଗ୍ରା ଜିଲା ତାଜଗଞ୍ଜ ଥାନା ଅନ୍ତର୍ଗତ କହରାଇ ବାସିନ୍ଦା ଅଂଶୁମାନ ଶର୍ମା (୨୪) ଓ କୁଣ୍ଡୁ ଥାନା ଅନ୍ତର୍ଗତ ମନର୍ଥ ବାସିନ୍ଦା ଅରବିନ୍ଦ କୁମାର (୩୫)। ସେମାନଙ୍କ ନିକଟରୁ ଏକ ଲାପଟପ୍, ମୋବାଇଲ ଫୋନ୍, ସିମ୍ କାର୍ଡ, ଜାଲ ୱେବସାଇଟ୍‌ର ସମ୍ପୂର୍ଣ୍ଣ ବିବରଣୀ, ଆଧାର କାର୍ଡ, ପାନ୍ କାର୍ଡ ଆଦି ଜବତ ହୋଇଛି ବୋଲି କଟକ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ଏହି ସୂଚନା ଦେଇଛନ୍ତି। ଏ ନେଇ କ୍ରାଇମବ୍ରାଞ୍ଚରେ ଏକ ମାମଲା (ନଂ.୦୯/୨୦୨୫) ରୁଜୁ ହୋଇଛି।

ସୂଚନାନୁସାରେ, ଭକ୍ତମାନଙ୍କ ନିକଟରୁ ଅଭିଯୋଗ ପାଇବା ପରେ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ ଏ ନେଇ କ୍ରାଇମବ୍ରାଞ୍ଚରେ ଲିଖିତ ଅଭିଯୋଗ କରିଥିଲେ। ଭକ୍ତନିବାସର ପ୍ରଶାସନିକ କାର୍ଯ୍ୟାଳୟରୁ ବହୁ ଅଭିଯୋଗ ଆସିଥିଲା ଯେ, ତୀର୍ଥଯାତ୍ରୀମାନେ ଅନ୍‌ଲାଇନ ଜରିଆରେ ଭକ୍ତନିବାସରେ ରହିବା ପାଇଁ ବୁକିଂ କରିବା ବେଳେ ତାହା ଏକ ଜାଲ୍ ୱେବସାଇଟ୍‌କୁ ଚାଲିଯାଉଛି। ଉକ୍ତ ଜାଲ୍ ୱେବସାଇଟ୍‌ରେ ଏକ ନକଲି ହ୍ୱାଟ୍ସଆପ ମୋବାଇଲ ନମ୍ବର ରହୁଛି। ସେହି ମୋବାଇଲ ନମ୍ବରରେ କଥା ହେଉଥିବା ବ୍ୟକ୍ତି ପୁରୀସ୍ଥିତ ନୀଳାଦ୍ରି ଭକ୍ତନିବାସରେ ରହିବା ବ୍ୟବସ୍ଥା କରାଇବାର ପ୍ରତିଶ୍ରୁତି ଦେଇ ଅନ୍‌ଲାଇନ ଯୋଗେ ଟଙ୍କା ଜମା କରିବାକୁ କହୁଛନ୍ତି। ସେମାନେ କାନାରା ବ୍ୟାଙ୍କର ଏକ ଜମାଖାତା ନମ୍ବର ମଧ୍ୟ ଏଥିପାଇଁ ତୀର୍ଥଯାତ୍ରୀମାନଙ୍କୁ ଦେଉଛନ୍ତି। କ୍ରାଇମବ୍ରାଞ୍ଚ ଏହି ଅଭିଯୋଗର ତଦନ୍ତ କରି ଉକ୍ତ ଜାଲ୍ ୱେବସାଇଟ୍ ୨୦୨୪ ମେ ୨୨ରେ ଅଭିଯୁକ୍ତ ଅଂଶୁମାନ ତିଆରି କରିଥିବା ଜାଣିବାକୁ ପାଇଥିଲେ। ସେହିପରି ଅର୍ଥ ଜମା ପାଇଁ ବ୍ୟବହାର କରାଯାଉଥିବା ବ୍ୟାଙ୍କ ଆକାଉଣ୍ଟ ଅନ୍ୟତମ ଅଭିଯୁକ୍ତ ଅରବିନ୍ଦଙ୍କ ଥିଲା।

ଏହାବାଦ୍ କ୍ରାଇମବ୍ରାଞ୍ଚ ଟିମ୍ ଅନ୍ୟ ଠକେଇ ମାମଲା (ନଂ.୫୦/୨୦୨୪, ୬୦/୨୦୨୪, ୫୭/୨୦୨୪ ଓ ୦୩/୨୦୨୫ରେ ଗୁଜରାଟ ଓ ଉତ୍ତରପ୍ରଦେଶରେ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ମାମଲା ନଂ. ୫୦/୨୦୨୪ରେ ୧.୨୮ କୋଟି ଟଙ୍କାର ଠକେଇ ହୋଇଥିଲା। ଏହି ମାମଲା ସହ ଜଡ଼ିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ସୁରଟରେ ରହୁଥିବା ବାଲେଶ୍ୱର ଅଞ୍ଚଳର ହିତେଶଭାଇ ପାତ୍ର(୩୯)। ସେ ଜଣେ ୱେବସାଇଟ୍ ଡେଭଲପର। ହିତେଶଙ୍କ ଆକାଉଣ୍ଟକୁ ଠକେଇ ଅର୍ଥରୁ ୨୭ ଲକ୍ଷ ଟଙ୍କା ସିଧା ଯାଇଥିଲା। ତାଙ୍କ ନିକଟରୁ ୬ଟି ବ୍ୟାଙ୍କ ଚେକ୍ ବୁକ୍, ୩୧ଟି ଡେବିଟ/କ୍ରେଡିଟ୍ କାର୍ଡ ଆଦି ଜବତ କରାଯାଇଛି। ମାମଲା ନଂ. ୬୦/୨୦୨୪ରେ ୭.୫ କୋଟି ଟଙ୍କାର ଠକେଇ ହୋଇଥିଲା। ଏହି ମାମଲାରେ ଅହମଦାବାଦର ପାର୍ଥ ପରମର (୨୫)ଙ୍କୁ ଗିରଫ କରାଯାଇଛି। ଠକେଇ ଅର୍ଥରୁ ୨୫ ଲକ୍ଷ ଟଙ୍କା ପାର୍ଥଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ଅଭିଯୁକ୍ତଙ୍କ ମୋବାଇଲ, ଆଧାର କାର୍ଡ, ପାନ୍ କାର୍ଡ ଆଦି ଜବତ ହୋଇଛି। ମାମଲା ନଂ. ୫୭/୨୦୨୪ରେ ୮୭.୮ ଲକ୍ଷ ଟଙ୍କା ଠକେଇ ହୋଇଥିଲା। ଏହି ମାମଲାର ୨ ଅଭିଯୁକ୍ତ ଗୁଜୁରାଟର ଠାକ୍କର କାରସାଞ୍ଜି ସୋଭାଜୀ(୪୮)ଙ୍କ ଆକାଉଣ୍ଟରେ ୯.୩ ଲକ୍ଷ ଜମା ହୋଇଥିଲା। ଅନ୍ୟ ଅଭିଯୁକ୍ତ ଗୁଜରାଟର କୁରେଶୀ ମହମ୍ମଦ ଅସଲମ (୩୧)ଙ୍କ ଆକାଉଣ୍ଟରେ ୬ ଲକ୍ଷ ଟଙ୍କା ଜମା ହୋଇଥିଲା। ଉଭୟଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମୋବାଇଲ, ଆଧାର କାର୍ଡ ଓ ପାନ କାର୍ଡ ବତ କରାଯାଇଛି। ତେବେ ଲୋକମାନେ ସାଇବର ଠକେଇ ପ୍ରତି ସଚେତନ ରହିବା ସହ ଠକେଇର ଶିକାର ହେଲେ ତୁରନ୍ତ ପୋଲିସକୁ ଜଣାଇବା ନିମନ୍ତେ କ୍ରାଇମବ୍ରାଞ୍ଚ ପକ୍ଷରୁ ନିବେଦନ କରାଯାଇଛି। କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ ଏବଂ ଡିଆଇଜି ବି. ଗଙ୍ଗାଧର ସମ୍ମିଳନୀରେ ଉପସ୍ଥିତ ଥିଲେ।

# କୋଟିଏ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

**ଟ୍ରକ୍‌ରେ ତିଆରି ହୋଇଥିଲା ସିକ୍ରେଟ୍ ଚାମ୍ବର**

ଭୁବନେଶ୍ୱର,୨୮।୪ (ସତ୍ୟଜିତ୍ ରାଉତ)



ଗନ୍ଧ ନ ହେବା ପାଇଁ ବ୍ୟବହାର କରିଥିଲେ ଗନ୍ଧକର୍ପୂର



ଗିରଫ ୨ ଅଭିଯୁକ୍ତ

ରାଜଧାନୀ ଭୁବନେଶ୍ୱର ଦେଇ ରାଜ୍ୟ ବାହାରକୁ ଚାଲାଣ ହେଉଥିଲା ଗଞ୍ଜେଇ। ଧରା ନ ପଡ଼ିବା ପାଇଁ ଟ୍ରକ୍‌ରେ ତିଆରି ହୋଇଥିଲା ସିକ୍ରେଟ୍ ଚାମ୍ବର ଓ ଗଞ୍ଜେଇ ଗନ୍ଧ ବାହାରକୁ ନ ଆସିବା ଲାଗି ବ୍ୟବହାର ହୋଇଥିଲା ଗନ୍ଧକର୍ପୂର। ତେବେ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ (ଏସ୍‌ସିୟୁ) ଏବଂ ଖଣ୍ଡଗିରି ଥାନା ପୋଲିସର ମିଳିତ ଟିମ୍ ସୋମବାର ଚଢ଼ାଉ କରି ଟ୍ରକ୍ (ଏପି୩୦ଏକ୍ସ୩୪୯୯) ସହ ସେଥିରୁ ପ୍ରାୟ ୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟି ଟଙ୍କା ହେବ ବୋଲି ପୋଲିସ କହିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ପଞ୍ଜାବ ଅମୃତସରର ମନଦୀପ ସିଂ ଓ କନ୍ଧମାଳ ଜିଲା ଫିରିଙ୍ଗିଆର ମହେଶ୍ୱର ମଲ୍ଲିକ। ତେବେ ଏହି ଗଞ୍ଜେଇ ଫୁଲବାଣୀରୁ ପଶ୍ଚିମବଙ୍ଗ କିମ୍ବା ହିମାଚଳପ୍ରଦେଶ ଚାଲାଣ ହେଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏନେଇ ଖଣ୍ଡଗିରି ଥାନା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ଟ୍ରକ୍‌ରେ ଡ୍ରାଇଭର ବସୁଥିବା ଚାମ୍ବରର ପଛପଟ ଡାଲା ସହ ସଂଲଗ୍ନ କରି ଏକ ସିକ୍ରେଟ୍ ଚାମ୍ବର କରାଯାଇଥିଲା ବୋଲି ଜୋନ୍-୩ ଏସିପି ତାପସ ପ୍ରଧାନ କହିଛନ୍ତି।

ସୂଚନା ଅନୁଯାୟୀ, ୧୬ ନଂ ଜାତୀୟ ରାଜପଥ ଦେଇ ଏକ ଟ୍ରକ୍‌ରେ ବିପୁଳ ଗଞ୍ଜେଇ ଚାଲାଣ ହେଉଥିବା ସ୍ପେଶାଲ କ୍ରାଇମ ୟୁନିଟ୍ ଖବର ପାଇଥିଲା। ସକାଳେ ମିଳିତ ପୋଲିସ ଟିମ୍ ଖଣ୍ଡଗିରି ଛକ ନିକଟରେ ଛକି ରହିଥିଲା। ଟ୍ରକ୍ ଆସିବା ପରେ ଭୁବନେଶ୍ୱର ଖଣ୍ଡଗିରି ଛକ ପୂର୍ବରୁ ଗାଡ଼ିକୁ ଅଟକାଇବା ପାଇଁ ପୋଲିସ ଚେଷ୍ଟା କରିଥିଲା। ହେଲେ ଟ୍ରକ୍ ଡ୍ରାଇଭର ହଠାତ୍ କୋଳଥିଆ ଛକ ଆଡକୁ ଟ୍ରକ୍ ମୁହାଁଇଥିଲେ। ହେଲେ ଅନ୍ୟ ଏକ ପୋଲିସ ଟିମ୍ ସାମ୍ନା ପାର୍ଶ୍ୱକୁ ଘେରି ଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଖଣ୍ଡଗିରି-କୋଳଥିଆ ରାସ୍ତା ଖାରବେଳ ପାର୍କ ପାଖରେ ପୋଲିସ ଟିମ୍ ଘେରି ଯାଇ ଟ୍ରକକୁ କାବୁ କରିବାରେ ସକ୍ଷମ ହୋଇଥିଲା। ତେବେ ଏହି ଗଞ୍ଜେଇ କେଉଁ ସ୍ଥାନକୁ ଏବଂ କାହା ପାଖକୁ ଚାଲାଣ ହେଉଥିଲା ସେନେଇ ପୋଲିସ ଜାଣିବାକୁ ତଦନ୍ତ କରୁଛି।

# ୨ ସଉତୁଣୀଙ୍କ ସନ୍ଦେହଜନକ ମୃତ୍ୟୁ

■ ଆତ୍ମହତ୍ୟା ସନ୍ଦେହ, ପୋଲିସର ତଦନ୍ତ ଆରମ୍ଭ
■ ଆଜି ଆସିବ ସାଇଣ୍ଟିଫିକ୍ ଟିମ୍

ପଟ୍ଟାଙ୍ଗି,୨୮।୪(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ଚନ୍ଦକା ପଞ୍ଚାୟତ ପାଙ୍ଗିଗୁଡା ଗ୍ରାମରେ ଦୁଇ ସଉତୁଣୀଙ୍କ ରବିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେମାନେ ଘରୋଇ କଳିକୁ କେନ୍ଦ୍ରକରି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଗ୍ରାମରେ ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ବାସ କରୁଥିବା ଜାଲି ଜାନିଙ୍କ ପୁଅ ରାଜେନ୍ଦ୍ରଙ୍କର ଦୁଇଟି ସ୍ତ୍ରୀ ପ୍ରଥମ ଜାନି ଚମ୍ପି ଓ ଦ୍ୱିତୀୟ ସାଖାରି ରଶ୍ମି। ୩ ଘଣ୍ଟା ମଧ୍ୟରେ ରଶ୍ମି ଓ ଜାନିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏ ନେଇ ସୋମବାର ପଟ୍ଟାଙ୍ଗି ଥାନାରେ ରାଜେନ୍ଦ୍ରଙ୍କ ବାପା ଜାଲି ଜାନି ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ଝୁଲନ୍ତା ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବା ନେଇ ସୂଚନା ମିଳିଛି। ପୋଲିସ ଏହାକୁ ନେଇ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ସେପଟେ ଦୁଇ ବୋହୂଙ୍କ ନିଜ ଗ୍ରାମ ପାଙ୍ଗିଗୁଡ଼ା ଗ୍ରମରେ।

ଗ୍ରାମବାସୀଙ୍କ ସୂଚନା ଅନୁସାରେ ସାଖାରି ରଶ୍ମିଙ୍କ ମୃତଦେହ ଗ୍ରାମ ମଶାଣି ନିକଟରେ ରବିବାର ଅପରାହ୍ନ ପ୍ରାୟ ୪ଟାରେ ପଡିଥିଲା ବେଳେ ଏହାର କିଛି ଘଣ୍ଟା ପରେ ପ୍ରଥମ ସ୍ତ୍ରୀ ଜାନି ଚମ୍ପାଙ୍କ ମୃତଦେହ ଗ୍ରାମର ଚର୍ଚ୍ଚ ନିକଟରେ ପଡିଥିବା ଲୋକେ ଦେଖିଥିଲେ। ଦୁଇ ସ୍ତ୍ରୀ ଓ ସ୍ୱାମୀ ରାଜେନ୍ଦ୍ରଙ୍କ ମଧ୍ୟରେ ଅନେକ ସମୟରେ କୌଣସି କାରଣରୁ ଗଣ୍ଡଗୋଳ ଲାଗି ରହୁଥିଲା। ଏହାକୁ ନେଇ କିଛି ଦିନ ପୂର୍ବେ ଉଭୟଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଥିଲା। କିନ୍ତୁ ରବିବାର ଘରେ କେହି ନ ଥିବାବେଳେ ଏପରି ଘଟଣା ଘଟିଥିବା ଦେଖିବାକୁ ପାଇଥିଲୁ ବୋଲି ଗାଁ ଲୋକେ କହିଛନ୍ତି।

ଅନ୍ୟପକ୍ଷରେ ଉକ୍ତ ଗ୍ରାମକୁ ବାହାର ଗ୍ରାମର ଝିଅ ବୋହୂ ହୋଇ ଆସୁ ନ ଥିବା ବେଳେ ଅନୁରୂପଭାବେ ଏହି ଗ୍ରାମର ଝିଅ ଅନ୍ୟ ସ୍ଥାନକୁ ବୋହୂ ହୋଇଯାଇ ନ ଥାନ୍ତି। ଏହା ସାରା ବ୍ଲକ ପାଇଁ ଉଦାହରଣ ହୋଇଛି।

# ପ୍ରୟାଗରାଜରୁ ୯ମ ଅଭିଯୁକ୍ତ ଗିରଫ

**ବିଧାୟକଙ୍କଠାରୁ ୧.୪ କୋଟି ଟଙ୍କା ସାଇବର ଠକେଇ ଘଟଣା**

ଭୁବନେଶ୍ୱର,୨୮।୪ (ସତ୍ୟଜିତ୍ ରାଉତ)



ଆକାଶ କେଶରୱାନି

ବହୁଗୁଣ ଲାଭ ଦେବାର ପ୍ରତିଶ୍ରୁତି ଦେଇ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ତୁଷାରକାନ୍ତି ବେହେରାଙ୍କଠାରୁ ୧ କୋଟି ୪୦ ଲକ୍ଷ ଟଙ୍କା ସାଇବର ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଆଉ ଜଣେ ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶ ପ୍ରୟାଗରାଜରୁ ଗିରଫ କରିଛି। ସେ ହେଲେ ଆକାଶ କେଶରୱାନି (୩୩)। ତାଙ୍କଠାରୁ ମୋବାଇଲ, ଆଧାର, ପାନ କାର୍ଡ ଜବତ ହୋଇଛି। ଆକାଶଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ସୋମବାର ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ କ୍ରାଇମବ୍ରାଞ୍ଚ ମାର୍ଚ୍ଚ ଶେଷ ସପ୍ତାହରେ ୭ଜଣଙ୍କୁ କର୍ଣ୍ଣାଟକ ଓ ତାମିଲନାଡୁରୁ ଏବଂ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ହାଇଦ୍ରାବାଦରୁ ଅଷ୍ଟମ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ସମସ୍ତେ ଜେଲରେ ଅଛନ୍ତି। ୯ମ ଅଭିଯୁକ୍ତ ଆକାଶ ଏହି ଠକେଇ ଘଟଣାରେ ସେକେଣ୍ଡ ଲେୟର ଆକାଉଣ୍ଟ ହୋଲ୍ଡର ବୋଲି କ୍ରାଇମବ୍ରାଞ୍ଚ କହିଛି। ଠକେଇ ଟଙ୍କାରୁ ତାଙ୍କ ଆକାଉଣ୍ଟକୁ ୩.୭ ଲକ୍ଷ ଟଙ୍କା ଟ୍ରାନ୍ସଫର୍ ହୋଇଛି। ପଚରାଉଚରା ବେଳେ ସେ ଆଉ ୪ଟି କରେଣ୍ଟ ବ୍ୟାଙ୍କ ଆକାଉଣ୍ଟକୁ ଏହି ଠକେଇ ପାଇଁ ଦେଇଥିବା କହିଛନ୍ତି। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଚେଷ୍ଟା ଚାଲିଥିବା କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ବିଧାୟକଙ୍କୁ କିଛିମାସ ତଳେ ଠକମାନେ ହ୍ୱାଟ୍‌ସଆପ୍‌ରେ ମେସେଜ୍ କରି ଟ୍ରେଡିଂରେ ନିବେଶ କରି ଅଧିକ ଲାଭ ପାଇବାକୁ ଫସାଇଥିଲେ। ବିଧାୟକ ଓଟିସି (ଓଭର୍-ଦି-କାଉଣ୍ଟର) ଓ ଆଇପିଓ (ଇନିସିଆଲ୍ ପବ୍ଲିକ୍ ଅଫରିଙ୍ଗ୍) ଟ୍ରେଡିଂରେ ୨୦୨୪ ନଭେମ୍ବର ୧୩ରୁ ୨୦୨୫ ଜାନୁଆରୀ ୧ ମଧ୍ୟରେ ୧ କୋଟି ୪୦ ଲକ୍ଷ ଟଙ୍କା ଟ୍ରାନ୍ସଫର୍ କରି ଠକେଇର ଶିକାର ହୋଇଥିଲେ। ଅଭିଯୋଗ ପରେ ଜାନୁଆରୀ ୧୩ରେ କ୍ରାଇମବ୍ରାଞ୍ଚର ସାଇବର ଥାନା ଏକ ମାମଲା (ନଂ.୩/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ୨ ଭାଇଙ୍କୁ ମାରି ଜାଳିଦେବା ଘଟଣାରେ ୩ ଗିରଫ

ବ୍ରହ୍ମପୁର,୨୮।୪(ସୁବାସ ଚନ୍ଦ୍ର ପାଢ଼ୀ)

ବେଗୁନିଆପଡା ଥାନା ଅନ୍ତର୍ଗତ ଭାଲିଆଝର ଗାଁର ଦୁଇଭାଇ ସଞ୍ଜୟ ବାରିକ ଓ ଅଜୟ ବାରିକଙ୍କୁ ହତ୍ୟା କରି ପୋଡ଼ି ଦିଆଯାଇଥିଲା। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଶାଳବଣ ଗାଁର ମାନୋଜ ସ୍ୱାଇଁ, ରବୀନ୍ଦ୍ରନାଥ ସ୍ୱାଇଁ ଏବଂ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ। ମାମଲା ନଂ. ୨୨୦/୨୫ରେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ଶାଳବଣ ଗ୍ରାମରେ ମନ୍ଦିର ପ୍ରତିଷ୍ଠା ପାଇଁ ନାମଯଜ୍ଞ ଚାଲିଥିଲା। ଅଜୟ ଓ ସଞ୍ଜୟ ସେହି ଗାଁକୁ ଯାଇଥିଲେ। ଶାଳବଣ ଗାଁର କେତେ ଜଣ ଲୋକଙ୍କ ସହ ସେମାନଙ୍କର କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଗାଁର କେତେଜଣ ମେଳି ହୋଇ ଉଭୟଙ୍କୁ ପିଟି ହତ୍ୟା କରିଥିଲେ। ସେମାନଙ୍କ ମୃତଦେହ ଉପରେ ପାଳ ପକାଇ ଜାଳି ଦେଇଥିଲେ।

## ଗୋଟିଏ ନମ୍ବର ପ୍ଲେଟ୍‌ରେ ୨ ବସ୍

ବ୍ରହ୍ମପୁର,୨୮।୪(ସୁବାସ ଚନ୍ଦ୍ର ପାଢ଼ୀ)

ବେଗୁନିଆପଡା ଥାନା ଅନ୍ତର୍ଗତ ଭାଲିଆଝର ଗାଁର ଦୁଇଭାଇ ସଞ୍ଜୟ ବାରିକ ଓ ଅଜୟ ବାରିକଙ୍କୁ ହତ୍ୟା କରି ପୋଡ଼ି ଦିଆଯାଇଥିଲା। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଶାଳବଣ ଗାଁର ମାନୋଜ ସ୍ୱାଇଁ, ରବୀନ୍ଦ୍ରନାଥ ସ୍ୱାଇଁ ଏବଂ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ। ମାମଲା ନଂ. ୨୨୦/୨୫ରେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ଶାଳବଣ ଗ୍ରାମରେ ମନ୍ଦିର ପ୍ରତିଷ୍ଠା ପାଇଁ ନାମଯଜ୍ଞ ଚାଲିଥିଲା। ଅଜୟ ଓ ସଞ୍ଜୟ ସେହି ଗାଁକୁ ଯାଇଥିଲେ। ଶାଳବଣ ଗାଁର କେତେ ଜଣ ଲୋକଙ୍କ ସହ ସେମାନଙ୍କର କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଗାଁର କେତେଜଣ ମେଳି ହୋଇ ଉଭୟଙ୍କୁ ପିଟି ହତ୍ୟା କରିଥିଲେ। ସେମାନଙ୍କ ମୃତଦେହ ଉପରେ ପାଳ ପକାଇ ଜାଳି ଦେଇଥିଲେ।

# ବାଇକ୍ ଚୋରି ଅଭିଯୋଗରେ ଯୁବକଙ୍କୁ ରାତିସାରା ବାନ୍ଧି ପିଟିଲେ

ପାଣିକୋଇଲି,୨୮।୪(ବିକାଶ କୁମାର ମଲିକ)

ଜଣେ ଯୁବକଙ୍କ ବିରୋଧରେ କେତେଜଣ ବ୍ୟକ୍ତି ବାଇକ୍ ଚୋରି ଅଭିଯୋଗ ଆଣିଥିଲେ। ଏହାପରେ ସମ୍ପୃକ୍ତ ବ୍ୟକ୍ତିମାନେ ସେହି ଯୁବକଙ୍କୁ ଅମାନୁଷିକ ଭାବେ ରାତିସାରା ହାତଗୋଡ ବାନ୍ଧି ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହାର ଭିଡିଓ ଭାଇରାଲ ପରେ ଆହତ ଯୁବକଙ୍କ ସ୍ତ୍ରୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତୁରନ୍ତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆହତ ଯୁବକଙ୍କ ପରିବାର ଲୋକମାନେ ପାଣିକୋଇଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ, ପାଣିକୋଇଲି ଥାନା ଖଇରାବଦ ଗ୍ରାମର କୁନି ନାୟକଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୨ ତାରିଖ ରାତିରେ ତାଙ୍କ ପୁଅ ସିପୁନା ଘରକୁ ଫେରୁଥିଲେ। ଖଇରାବାଦ ଗ୍ରାମର କାଳିନ୍ଦୀ ମଲିକ, ଅଭିନ୍ନ ମଲିକ ଓ କୁରୁପଦା ଗ୍ରାମର ଗଣେଶ୍ୱର ମଲିକ ମିଳିତ ହୋଇ ତାଙ୍କୁ ଅଟକାଇ ତୁ ବାଇକ୍ ଚୋରି କରିଛୁ କହି ଗାଳିଗୁଲଜ କରିଥିଲେ। ପରେ ତାଙ୍କ ହାତଗୋଡ଼କୁ ବାନ୍ଧି ଏକ ବାରଣ୍ଡାରେ ପକାଇ ମନଇଚ୍ଛା ମାଡ଼ ମାରିବା ସହ ତାଙ୍କ ତଣ୍ଟି ଉପରେ ଚଢ଼ି ଯାଇଥିଲେ। ସକାଳୁ ଶଙ୍ଖଚିଲା ଫାଣ୍ଡି ପୋଲିସ ସେଠାରେ ପହଞ୍ଚି ସିପୁନାଙ୍କୁ ଉଦ୍ଧାର କରି କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରି ଘରେ ଛାଡିଥିଲେ। ସୋମବାର ସିପୁନାଙ୍କ ପରିବାର ଲୋକେ ପାଣିକୋଇଲି ଥାନାରେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭୋକ କି ଜାଣଇ କଞ୍ଚା ଓଦା**
**ନିଦ କି ଜାଣଇ ଲଟାବୁଦା।**

କଥାରେ ଅଛି ଭୋକ ଲାଗୁଥିବାବେଳେ ଆମ୍ବିଳା ଆମ୍ବ ମଧ୍ୟ ପାଟିକୁ ସୁଆଦିଆ ଲାଗିଥାଏ। ତେଣୁ ଭୋକିଲା ବ୍ୟକ୍ତିଙ୍କୁ ଯେ କୌଣସି ଖାଦ୍ୟ ମିଳିଲେ ସେଥିରେ ସେ ବାଛବିଚାର ନ କରି ତାକୁ ଆନନ୍ଦରେ ଗ୍ରହଣ କରିଥାଏ। ସେହିପରି ନିଦ ମାଡ଼ି ଆସିଲେ ବ୍ୟକ୍ତିର ସ୍ଥାନ, ପାତ୍ର ଓ କାଳର କୌଣସି ଜ୍ଞାନ ରହେ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଭଙ୍ଗା ଢିଙ୍କିଶାଳ ରୁଅ,**
**ହେଲା ଚାଉଳକୁ କେତେ ଭଣ୍ଡାଉଛୁ**
**ପାଇଛୁ କି ପୋଲା ଦେହ?**

ସମ୍ପୂର୍ଣ୍ଣ ହୋଇଯାଇଥିବା କାମଟିକୁ ପୁନଶ୍ଚ କଷ୍ଟକରି କରିବାରେ କିଛି ଯଥାର୍ଥତା ନ ଥାଏ। ଏପରି ଲୋକଦେଖାଣିଆ କାମରେ କିଛି ମୂଲ୍ୟ ନ ଥାଏ ବା କିଛି ଲାଭ ମିଳି ନ ଥାଏ। ହୋଇସାରିଥିବା କାମରେ ହାତଦେଇ ମିଛ ବାହାଦୁରି ନେବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ବିବାହ ପୂର୍ବରୁ କନିଆ ଅପହରଣ

ଘଷିପୁରା,୨୮।୪(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଘଷିପୁରା ଥାନା ଅଧୀନ ଦରଡ଼ିପାଳ ପଞ୍ଚାୟତ ଟୋଲକନାଣ୍ଡି ଅଞ୍ଚଳରୁ ବିବାହ ପୂର୍ବରୁ ଜଣେ କନିଆଙ୍କୁ ଅପହରଣ ଅଭିଯୋଗ ହୋଇଛି। ଏ ନେଇ କନିଆଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, କନିଆଙ୍କ ଆସନ୍ତା ୩୦ ତାରିଖରେ ବିବାହ ହେବାର ଥିଲା। ଏ ନେଇ ସୋମବାର ପୂର୍ବାହ୍ନ ୧୧ଟା ସମୟରେ କେଶଦୁରାପାଳ ବଜାରକୁ ଭାଇଙ୍କ ସହ କନିଆ ପାର୍ଲରକୁ ଯାଇଥିଲେ। ଭାଇ କୌଣସି କାମରେ ବଜାରରେ ରହିଯାଇଥିଲେ। କନିଆ ଜଣକ ନିଜ କାମ ସାରି ସ୍କୁଟିରେ ଘରକୁ ଫେରୁଥିଲେ। ବାଟରେ ତାଙ୍କୁ ୪ ଯୁବକ ଅଟକାଇ କାର ଯୋଗେ ଅପହରଣ କରିନେଇଥିଲେ। ପରିବାର ଲୋକ ଜାଣିବା ପରେ ଘଷିପୁରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପଚରାଉଚରା କରି ତଦନ୍ତ କରୁଛି। ଅପହରଣରେ କନିଆଙ୍କ ଗ୍ରାମର ଜଣେ ଯୁବକଙ୍କ ସମ୍ପୃକ୍ତିଥିବା ପୋଲିସ ଜାଣିବାକୁ ପାଇଛି।

# ଆଇଇଡି ବିସ୍ଫୋରଣରେ ଯବାନ ଆହତ

**ବହୁ ମାଓବାଦୀ ମୃତ ଆଶଙ୍କା**

ମାଲକାନଗିରି,୨୮।୪
(ନୃସିଂହ ଚରଣ ମହାନ୍ତି)

ଛତିଶଗଡ଼ ବିଜାପୁରରେ କରିଗେଟା ଜଙ୍ଗଲରେ ମାଓବାଦୀ ଦମନ ନିମନ୍ତେ ଗତ ୭ ଦିନ ଧରି ବଡ ଧରଣର ଅପରେଶନ ଜାରି ରହିଛି। ଏଥିରେ ସୋମବାର ଏକ ଆଇଇଡି ବୋମା ବିସ୍ଫୋରଣରେ ଜଣେ ଯବାନ ଗୁରୁତର ହୋଇଛନ୍ତି। ଅନେକ ମାଓବାଦୀ ନିହତ ହୋଇଥିବା ସନ୍ଦେହ କରାଯାଉଛି। ଆହତ ଯବାନଙ୍କୁ ହେଲିକପ୍ଟର ଯୋଗେ ଚିକିତ୍ସା ପାଇଁ ରାୟପୁର ନିଆଯାଇଥିବା ବେଳେ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଛି। ଏହାସହ ଅଞ୍ଚଳରୁ ଯବାନମାନେ କେତେକ ବୋତଲ ବୋମା ଜବତ କରିଥିବା ଜଣାପଡ଼ିଛି।

# ନାବାଳିକା ଶାଳୀଙ୍କୁ ଗର୍ଭବତୀ କରି ଭିଣୋଇ ଫେରାର

ଦିଗପହଣ୍ଡି,୨୮।୪ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଧୀନ ଏକ ଗାଁରେ ନାବାଳିକା ଶାଳୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଖବର ଜଣାପଡିବା ପରେ ସମ୍ପୃକ୍ତ ଭିଣୋଇ ଫେରାର ହୋଇଯାଇଛନ୍ତି। ଦଶମ ଶ୍ରେଣୀରେ ପଢୁଥିବା ଏହି ନାବାଳିକା (୧୫) ଏବେ ଗର୍ଭବତୀ ଅଛନ୍ତି। ପୀଡ଼ିତାଙ୍କ ଏତଲାକୁ ଭିତ୍ତିକରି ଆଇଆଇସି ପ୍ରଶାନ୍ତ ପାତ୍ର ନଂ.୧୫୫/୨୫ରେ ସମ୍ପୃକ୍ତ ଭିଣୋଇଙ୍କ ନାଁରେ ମାମଲା ରୁଜୁ କରିଛନ୍ତି। ପୀଡ଼ିତାଙ୍କ ବଡ଼ ଭଉଣୀଙ୍କୁ ବିବାହ କରିଥିବା ସମ୍ପୃକ୍ତ ବ୍ୟକ୍ତି ପ୍ରାୟ ସମୟ ଶ୍ୱଶୁର ଘରକୁ ଯାଉଥିଲେ। ନାବାଳିକାଙ୍କ ମା'ବାପା କାମ ପାଇଁ ବାହାରକୁ ପଳାଉଥିବା ବେଳେ ଘରେ କେହି ରହୁ ନ ଥିଲେ। ଏହି ସୁଯୋଗରେ ନାବାଳିକା ଶାଳୀଙ୍କୁ ପ୍ରଲୋଭିତ କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ ଭିଣୋଇ। ବାରମ୍ବାର ତାଙ୍କ ସହ ସମ୍ପର୍କ ରଖିବା ପରେ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ଏହା ଜଣାପଡ଼ିବା ପରେ ସେ ଭିଣୋଇଙ୍କୁ ଜଣାଇଥିଲେ। ଭିଣୋଇ ତାଙ୍କୁ ବ୍ରହ୍ମପୁର ନେଇ ଗର୍ଭନଷ୍ଟ କରିବାକୁ ବାଧ୍ୟ କରିଥିଲେ। ଏଥିରେ ନାବାଳିକା ରାଜି ହୋଇ ନ ଥିଲେ। ପରେ ତାଙ୍କୁ ଭିଣୋଇ ହତ୍ୟା ଧମକ ଦେଉଥିବା ପୀଡ଼ିତା ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବାପାଙ୍କୁ ପିଟି ମାରିଦେଲେ ୨ ପୁଅ

**ପାରିବାରିକ ଅଶାନ୍ତି କାଳ ହେଲା**

ପୁରୁଷୋତ୍ତମପୁର,୨୮।୪
(ସୀମାଞ୍ଚଳ ମିଶ୍ର)



ଗିରଫ ପିଣ୍ଟୁ ସାହୁ ଓ ରଞ୍ଜନ ସାହୁ।

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ କୁଶପୁର ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ଅଶାନ୍ତିରୁ ୨ ପୁଅ ନିଜ ବାପାଙ୍କୁ ରଡ୍‌ରେ ପିଟି ମାରି ଦେଇଛନ୍ତି। ମୃତକ ହେଲେ ଗୋପାଳକୃଷ୍ଣ ସାହୁ। ପୋଲିସ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି। ଅଭିଯୁକ୍ତ ଦୁଇ ପୁଅ ପିଣ୍ଟୁ ସାହୁ ଓ ରଞ୍ଜନ ସାହୁଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

ବାଘଳା ପଞ୍ଚାୟତ କୁଶପୁର ଗ୍ରାମର ଗୋପାଳଙ୍କ ପରିବାର ଗରିବ ଶ୍ରେଣୀର। ପ୍ରାୟ ୧୦ ବର୍ଷ ତଳେ ସେ ବଡ଼ ଝିଅର ବିବାହ କରାଇଥିଲେ। ଆର୍ଥିକ ଅନଟନ ମଧ୍ୟରେ ୨ ମାସ ତଳେ ସାନଝିଅକୁ ବାହା କରିଥିଲେ। ଦୁଇ ପୁଅ ପିଣ୍ଟୁ ଓ ରଞ୍ଜନ ଅବିବାହିତ ଅଛନ୍ତି। ଋଣ ଓ ଧାର କରଜକୁ ନେଇ ପରିବାରରେ ସବୁବେଳେ ଅଶାନ୍ତି ଲାଗି ରହିଥିଲା। ଋଣ ଶୁଝିବା ଚିନ୍ତାରେ ଥିବା ଗୋପାଳ ଅଧିକାଂଶ ସମୟରେ ବିରକ୍ତି ପ୍ରକାଶ କରି ସ୍ତ୍ରୀ ସୀତାଙ୍କୁ ମାଡ଼ ମାରୁଥିଲେ। ସୋମବାର କୌଣସି କଥାକୁ ନେଇ ସେ ଏକ ରଡ୍‌ରେ ସୀତାଙ୍କୁ ପିଟିବାକୁ ଉଦ୍ୟମ କରିବା ବେଳେ ଦୁଇ ପୁଅ ଏହାର ପ୍ରତିବାଦ କରିଥିଲେ। ହେଲେ ସେ କାହା କଥା ନ ଶୁଣି ସୀତାଙ୍କୁ ମାଡ଼ ମାରିବାକୁ ଗୋଡାଇଥିଲେ। ଘରେ ସବୁବେଳେ ଏପରି ଚାଲିଥିବାରୁ ପିଣ୍ଟୁ ଓ ରଞ୍ଜନ ଆଉ ସହ୍ୟ କରିପାରି ନ ଥିଲେ। ଉଭୟେ ଉତ୍ୟକ୍ତ ହୋଇ ବାପାଙ୍କ ହାତରୁ ରଡ୍ ଛଡ଼ାଇ ନେଇ ସେଥିରେ ତାଙ୍କୁ ପିଟି ପିଟି ମାରି ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ଥାନା ଆଇଆଇସି ରାଜେଶ କୁମାର ନାୟକ ଓ ପୁରୁଷୋତ୍ତମପୁର ଏସ୍‌ଡିପିଓ ଡ. ଦୀପକ କୁମାର ମିଶ୍ର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ବାପା ସବୁବେଳେ ମା'ଙ୍କୁ ମାଡ଼ ମାରୁଥିବାରୁ ସହ୍ୟ କରି ପାରିଲୁନି ବୋଲି ପିତୃହନ୍ତା ପୁଅଦ୍ୱୟ ପୋଲିସ ଆଗରେ କହିଛନ୍ତି। ଅନ୍ୟପଟେ ଘଟଣାର ତଦନ୍ତ ଜାରି ରହିଥିବା ଆଇଆଇସି ନାୟକ କହିଛନ୍ତି।



ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ କଶ୍ମୀରରୁ ପର୍ଯ୍ୟଟକ ଫେରିଛନ୍ତି । ବାରମୁଲା ଜିଲାର ଗୁଲମାର୍ଗଠାରେ ଥିବା ଗୋଣ୍ଡୋଲା କେବୁଲ କାର୍ ଷ୍ଟେସନରେ ସୋମବାର ପର୍ଯ୍ୟଟକମାନେ ଧାଡ଼ି ଲଗାଇଛନ୍ତି ।

## ଏଏସ୍‌ପିଙ୍କ ଉପରକୁ ହାତ ଉଠାଇଲେ ସିଦ୍ଧାରାମାୟା

ବେଲାଗାଭି,୨୮।୪

କର୍ଣ୍ଣାଟକର ବେଲାଗାଭିରେ ସୋମବାର ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କଂଗ୍ରେସର ଏକ ରାଲିକୁ ଉଦ୍‌ବୋଧନ ଦେଉଥିବାବେଳେ ଉତ୍ତେଜିତ ହୋଇ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଚାପୁଡ଼ା ମାରିବାକୁ ହାତ ଉଠାଇଥିଲେ । ରାଲି ସ୍ଥଳକୁ ଭାଜପା ମହିଳା କର୍ମୀମାନେ ଧସେଇ ପଶିବା ସହ କଳାପତାକା ଦେଖାଇ ମୁଖ୍ୟମନ୍ତ୍ରୀ ଏବଂ କଂଗ୍ରେସ ବିରୋଧରେ ସ୍ଲୋଗାନ ଦେଇଥିଲେ । ସିଦ୍ଧାରାମାୟା ରାଗିଯାଇ ଡ୍ୟୁଟିରେ ଥିବା ଅତିରିକ୍ତ ଏସ୍‌ପି ନାରାୟଣ ବରମଣିଙ୍କୁ ମଞ୍ଚକୁ ଡାକି ହାତ ଉଠାଇଥିଲେ । ଏହି ସମୟରେ ଏଏସ୍‌ପି ପଛକୁ ଘୁଞ୍ଚିଯାଇଥିଲେ ।

# ୟେମେନ୍‌ରେ ଆମେରିକାର ଏୟାରଷ୍ଟ୍ରାଇକ୍, ୬୮ ମୃତ



ଆମେରିକାର ଏୟାର୍ ଷ୍ଟ୍ରାଇକ୍‌ରେ ୟେମେନ୍‌ର ସାଦାସ୍ଥିତ ଏକ ପ୍ରବାସୀ ଅଟକ କେନ୍ଦ୍ର ଧ୍ୱଂସ ହୋଇଯାଇଛି ।

ସାନା, ୨୮।୪

ୟେମେନ୍‌ର ଉତ୍ତର ପ୍ରାନ୍ତର ସାଦାରେ ସୋମବାର ଆମେରିକା ପକ୍ଷରୁ ଏୟାରଷ୍ଟ୍ରାଇକ୍ କରାଯାଇଛି, ଯେଉଁଥିରେ ୬୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୭ ଜଣ ଆହତ ହୋଇଛନ୍ତି । ଆଫ୍ରିକୀୟ ପ୍ରବାସୀମାନଙ୍କୁ ରଖାଯାଇଥିବା ଏକ ଅଟକ କେନ୍ଦ୍ର ଉପରେ ଏହି ଆକ୍ରମଣ ହୋଇଥିବା ନେଇ ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି । ଏହି କେନ୍ଦ୍ରରେ ୧୧୫ ଜଣଙ୍କୁ ଅଟକ ରଖାଯାଇଥିଲା । ଆହତଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ଗୁରୁତର ରହିଛି । ତେବେ ଆମେରିକା ସେନା ପକ୍ଷରୁ ଏହି ଏୟାରଷ୍ଟ୍ରାଇକ୍‌କୁ ନେଇ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ । କିଛିଦିନ ତଳେ ଆମେରିକୀୟ ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ ଏକ୍ସ'ରେ ପୋଷ୍ଟ କରାଯାଇ କୁହାଯାଇଥିଲା, ଗତ ମାର୍ଚ୍ଚ ୧୫ରୁ ଆମେରିକୀୟ ସେଣ୍ଟ୍ରାଲ କମାଣ୍ଡ ୟେମେନର ହୁତି ଆତଙ୍କବାଦୀ ସଙ୍ଗଠନ ବିରୋଧରେ ଏକ ନିରନ୍ତର ଅଭିଯାନକୁ ଆରମ୍ଭ କରିଛି, ଯଦ୍ୱାରା ସମୁଦ୍ର ପଥଗୁଡ଼ିକୁ ହୁତି କବଳରୁ ମୁକ୍ତ କରାଯାଇପାରିବ । ଏକ ବିସ୍ତୃତ ଗୋଇନ୍ଦା ସୂଚନା ଆଧାରରେ ଏହି ଅପରେଶନକୁ କାର୍ଯ୍ୟକାରୀ କରାଯାଉଛି, ଯାହାଫଳରେ ହୁତି ଆତଙ୍କବାଦୀଙ୍କ ଆଡ୍ଡାଗୁଡ଼ିକୁ ଅଧିକରୁ ଅଧିକ ଟାର୍ଗେଟ କରାଯାଇ ପାରିବ ଏବଂ ସାଧାରଣ ନାଗରିକଙ୍କୁ ସର୍ବନିମ୍ନ କ୍ଷତି ପହଞ୍ଚିବ ।

## 'ବିବାହ କରି ଭାରତରେ ରହୁଛନ୍ତି ୫ ଲକ୍ଷ ପାକିସ୍ତାନୀ ମହିଳା'

ନୂଆଦିଲ୍ଲୀ, ୨୮।୪



ନିଶିକାନ୍ତ ଦୁବେ

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ପାକିସ୍ତାନୀ ନାଗରିକଙ୍କୁ ଦିଆଯାଇଥିବା ଭିଜାକୁ ରଦ୍ଦ କରିଥିଲେ । ଏହାସହ ୪୮ ଘଣ୍ଟା ମଧ୍ୟରେ ଦେଶ ଛାଡ଼ିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଅଟ୍ଟାରୀ ବର୍ଡରରେ ପାକିସ୍ତାନ ଫେରିବା ନେଇ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା । ଏହାକୁ ନେଇ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ସୋମବାର ଏକ୍ସରେ ପୋଷ୍ଟ କରିଛନ୍ତି, ପାକିସ୍ତାନୀ ଆତଙ୍କବାଦର ଏକ ନୂଆ ଚେହେରା ସାମ୍ନାକୁ ଆସିଛି । ଭାରତୀୟଙ୍କୁ ବିବାହ କରି ୫ ଲକ୍ଷରୁ ଅଧିକ ପାକିସ୍ତାନୀ ମହିଳା ସମ୍ପ୍ରତି ଭାରତରେ ରହୁଛନ୍ତି । ଅନେକ ବର୍ଷ ଧରି ରହୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଭାରତୀୟ ନାଗରିକତ୍ୱ ମିଳିନାହିଁ । ଭାରତ ମଧ୍ୟରେ ପ୍ରବେଶ କରିଥିବା ଏହି ଶତ୍ରୁମାନଙ୍କ ସହ କିପରି ଲଢ଼ାଯିବ ବୋଲି ସେ ଏହି ପୋଷ୍ଟରେ ପ୍ରଶ୍ନ କରିଛନ୍ତି ।

# ଦଳୀୟ ନେତାଙ୍କ ବିବାଦୀୟ ମନ୍ତବ୍ୟରୁ ଦୂରେଇଲା କଂଗ୍ରେସ

ନୂଆଦିଲ୍ଲୀ,୨୮।୪(ପି.ଟି.)

**ପହଲଗାମ୍ ଆକ୍ରମଣ**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ କଂଗ୍ରେସର କେତେଜଣ ନେତା ବିବାଦୀୟ ମନ୍ତବ୍ୟ ଦେଇଥିବାବେଳେ ସୋମବାର ଦଳ ନିଜକୁ ଏହାଠାରୁ ଦୂରେଇ ରଖିଛି । ନିକଟରେ ସିଡବ୍ଲ୍ୟୁସି ବୈଠକରେ ଗୃହୀତ ପ୍ରସ୍ତାବ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ ଏବଂ ଏଆଇସିସିର ଅଧିକୃତ କାର୍ଯ୍ୟକର୍ତ୍ତାଙ୍କ ମତାମତ ହିଁ ଦଳୀୟ ଆଭିମୁଖ୍ୟ ବୋଲି କୁହାଯାଇଛି । ପହଲଗାମ୍ ଆକ୍ରମଣକୁ ନେଇ ଦଳର କେତେଜଣ ନେତା ମନଇଚ୍ଛା ବିବୃତି ଦେଉଥିବାରୁ ବିରୋଧୀ ଦଳ ନେତା ରାହୁଲ ଏବଂ ଦଳ ଅଧ୍ୟକ୍ଷ ଖାର୍ଗେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଦଳୀୟ ଆଭିମୁଖ୍ୟର ବିରୋଧାଚରଣ କରୁଥିବା ମନ୍ତବ୍ୟ ଦେବାରୁ ଦୂରେଇ ରହିବା ପାଇଁ ନେତାମାନଙ୍କୁ ପରାମର୍ଶ ଦିଆଯାଇଛି । ସୂଚନାଯୋଗ୍ୟ, ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ ପାକିସ୍ତାନ ବୋଲି କଂଗ୍ରେସ କାର୍ଯ୍ୟକାରୀ କମିଟି କହିବା ସହ ଏହା ଆମ ସାଧାରଣତନ୍ତ୍ରର ମୂଲ୍ୟବୋଧ ଉପରେ ଆକ୍ରମଣ ବୋଲି କହିଥିଲା । ଗୋଇନ୍ଦା ବିଫଳତା ଏବଂ ସୁରକ୍ଷାଗତ ତ୍ରୁଟିର ବିସ୍ତୃତ ଯାଞ୍ଚ ଲାଗି ସିଡବ୍ଲ୍ୟୁସି ଆହ୍ୱାନ ଦେଇଥିଲା । ଏହି ଘଟଣାରେ କେନ୍ଦ୍ର ସରକାର ଯେଉଁ ପଦକ୍ଷେପ ନେବେ ତାହାକୁ କଂଗ୍ରେସ ସମର୍ଥନ କରିବ ବୋଲି ଖାର୍ଗେ ଏବଂ ରାହୁଲ କହିଥିଲେ । ଅନ୍ୟପକ୍ଷରେ କଂଗ୍ରେସ ନେତା ବିଜୟ ୱାଡେଟ୍ଟିୱାର, ମଣିଶଙ୍କର ଆୟାର, ଶଶୀ ଥରୁର, ତାରିକ୍ ହମିଦ କାରା ଏବଂ ସୈଫୁଦ୍ଦିନ ସୋଜ୍ ପହଲଗାମ୍ ସମ୍ପର୍କିତ ମନ୍ତବ୍ୟ ଦେଇ ବିବାଦ ସୃଷ୍ଟି କରିଥିଲେ । ବିରୋଧୀ ଦଳରୁ କେତେଜଣ ପାକିସ୍ତାନ ଭାଷା କହୁଥିବା ଭାଜପା ଅଭିଯୋଗ କରିଥିଲା ।


**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE**

E-mail Id:serw_balasore@yahoo.in, Ph.No.-06782/260318, Balia, Balasore

"e" Procurement Notice for Road Work

Identification No.Online Tender-Road N.C.B. No.03 for 2025-26

Letter No.1122, Date:21.04.25

**No.O-83:**1. Name of the Work :- (MMSY-TRIP). 2. Total No. of Work: 3 (Three) Nos. of Work. 3.Estimated Cost: Rs.583.59 Lakhs to 832.82 lakhs (Approximately). 4. Eligible Class of Contractor: As per annexure. 5. Period of Completion: As per Annexure. 6. Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No.03 | 28.04.2025 at 11.00 A.M. | 14.05.2025 Upto 5.00 P.M. | 13.05.2025 Upto 5.00 P.M. | 15.05.2025 at 11.00 A.M. | Will be Intimated Later |

•Further details can be seen from the website www.tendersodisha.gov.in

Sd./- Chief Construction Engineer, R.W. Circle, Balasore

GOVERNMENT OF ODISHA, "e"-PROCUREMENT NOTICE

**WORKS DEPARTMENT**

E-mail : ceworldbankprojects@gmail.com

**1st corrigendum to Bid Identification No. CE-BRIDGES-21/2024-25**

**No.B-68** : The tender for the work : Construction of H.L. Bridge over river Gunfa at Ch.31.900km of Chipat Junction to Baripada - Baghra road in the District of Mayurbhanj under State Plan for the year 2024-25" vide Bid Identification No.CE-BRIDGES-21/2024-25 is hereby cancelled due to Administrative reasons.

Sd./- Chief Engineer, Bridges, Odisha, Bhubaneswar

**KASTURBA GANDHI BALIKA VIDYALAYA (KGBV Type-IV) ODISHA ADARSHA VIDYALAYA: BODAPALASA,KEONJHAR SADAR**

(Under the Department of S & ME, Govt. of Odisha)

AT-BODAPALASA, PO-BODAPALASA, BLOCK-SADAR, DIST.-KEONJHAR, PIN-758002

Email: kendujharsadar@oav.edu.in

Advertisement No: 01/OAV-LJK/2025 Date: 25.04.2025

TENDER CALL NOTICE

**No.n-17:**Sealed tenders are invited from registered supplier / firms having own sale counter, valid GST Registration, PAN & IT certificate 2024-25 for supply of recurring/ non-recurring items/ articles for KGBV Type-IV Girls Hostel of OAV Bodapalasa, Keonjhar Sadar, Keonjhar. The Tender Paper containing detailed scope of work along with terms and conditions displayed at https://kendujhar.odisha.gov.in/. **Last date of receipt of the Tender Paper by 09.05.2025 at 4 PM.**

The authority reserves the right to cancel all or any / part of the tender without assigning any reason thereof.

By the Order of Chairman, VMDC

Sd./- Principal, OAV, Bodapalasa Keonjhar Sadar, Keonjhar

**OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL**

Email - eedklpwd@gmail.com

INVITATION FOR BIDS THROUGH e-Procurement

Bid Identification No. SE DKL (R&B). 02/2025-26

**No.B-58** Invitation for Bids

1. The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below.
2. Nature of work : Electrical Works
3. No. of work : 02 Nos
4. Bid Cost : ₹ 6,000/-
5. Class of Contractor : 'HT' License
6. Availability of Bid Documents in the website : From 10.00 A.M. of 29.04.2025 to 5.00 P.M. of 13.05.2025
7. Date of Opening of Bid : Dt. 14.05.2025 at 11:00 A.M.
8. The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.

Sd./- Superintending Engineer Dhenkanal (R&B) Division

**ODISHA STATE SEEDS CORPORATION LIMITED**

(A GOVERNMENT UNDERTAKING)

SANTARAPUR, BHUBANESWAR-751002

Tel-MD 0674-2340573, E-mail-mdosscltd456@gmail.com

NIT No.OSSC/Mktg (Hort)-32/2025

**e-Tender Call Notice for Procurement of TC Pomegranate Plantlet for the Year-2025-26**

**No.CAD-225:**OSSC Ltd., invites e-Tender from Producers only on item wise rate contract basis for Procurement of TC Pomegranate Plantlet for the Year-2025-26 in double cover system through online mode only for the work below.

| | |
|---|---|
| Name of the Work | Purchase of TC Pomegranate Plantlet for the Year-2025-26 |
| No. of Work | One |
| Availability of bid documents in portal | 15 hours on dt.28.04.2025 to 17 hours of dt.19.05.2025 |
| Last date of receipt of tender in portal | 17 hours of dt.19.05.2025 |
| Date and Time opening of Bid | 10.30 hrs of dt.20.05.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/ cancellation can also be seen in the said website.

Sd./- Managing Director, OSSC Ltd.

**ODISHA STATE SEEDS CORPORATION LIMITED**

(A GOVERNMENT UNDERTAKING)

SANTARAPUR, BHUBANESWAR-751002

Tel-MD 0674-2340573, E-mail-mdosscltd456@gmail.com

NIT No.OSSC/Mktg (Hort)-26/2025

**e-Tender Call Notice for Procurement of Custard Apple Graft for the Year-2025-26**

**No.CAD-229:** OSSC Ltd., invites e-Tender from Producers having valid Nursery license on itemwise rate contract basis for Procurement of **Custard Apple Graft** for the Year-2025-26 in double cover system through online mode only for the work below.

| | |
|---|---|
| Name of the Work | Purchase of Custard Apple Graft for the Year-2025-26 |
| No. of Work | One |
| Availability of bid documents in portal | 15 hours on dt.28.04.2025 to 17 hours of dt.19.05.2025 |
| Last date of receipt of tender in portal | 17 hours of dt.19.05.2025 |
| Date and Time opening of Bid | 10.30 hrs of dt.20.05.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/ cancellation can also be seen in the said website.

Sd./- Managing Director, OSSC Ltd.

**THE ODISHA STATE POLICE HOUSING & WELFARE CORPORATION LTD.**

OPHWC

(A Government of Odisha Undertaking)

JANAPATH, BHOINAGAR, BHUBANESWAR-22

No.CAD-246 Ph:0674-2541545, 2542921

E-mail: ophwc.od@nic.in, Website:www.ophwc.com/www.ophwc.nic.in

e-Procurement Notice No.02/OPHWC/2025-26

INVITATION FOR BIDS (IFB)

**The Chief Engineer (OSPH&WC), Odisha, Bhubaneswar invites Percentage rate bid in Double Cover System in ONLINE MODE only, for the works as detailed below:**

| | | |
|---|---|---|
| 1 | Nature of Work | Buildings Works |
| 2 | No. of Works | 17 Nos. |
| 3 | Value of Tender | Rs.53.92 Lakh to Rs.678.34 Lakh |
| 4 | Class of Contractor | 'B' Class to 'Spel' Class |
| 5 | Cost of Bid document (To be paid online) | Rs.11,800.00 |
| 6 | Availability of Bid documents in the website | Dt.28.04.2025 to Dt.13.05.2025 upto 5.00 P.M. |
| 7 | Last date/time of Receipt of Bids in the Portal | Dt.13.05.2025 upto 5.00 P.M. |
| 8 | Date of Opening Bid | Dt.14.05.2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & Time will be notified after operning of the Technical Bid. |
| 10 | * The Bidders have to participate in ONLINE bidding only. Further details can also be seen from the website: https//tendersodisha.gov.in. Any addendum/corrigendum/cancellation of tender shall not be published in Newspaper and can only be seen in the said website. * The Authority reserves the right to reject any or all bids and terminate the tender process without assigning any reason thereof. | |

Sd./- Chief Engineer (OSPH&WC)

**N.B.: The quoted rate should be all inclusive but excluding G.S.T. as applicable Under works contract.**

GOVT. OF ODISHA

**OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI**

AT/PO : PARALAKHEMUNDI, DIST : GAJAPATI

PHONE NO. : 06815-222365, e-mail : eemi_gajapati@yahoo.co.in

eemigajapatiparalakhemundi@gmail.com

e-Procurement Notice No. 1144 Date : 24/04/2025

BID IDENTIFICATION NO. MIDGJP-02/2025-26

**No.A-93** : The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Double** Cover Syatem **in ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N)** from the eligible class of contractors.

| | | | |
|---|---|---|---|
| 1 | Name of the work | : | **Construction of Check Dams under MATY Scheme-2024-25** |
| 2 | No. of works | : | **4 Nos. (Four)** |
| 3 | Estimated cost | : | **Rs.72.00 to 90.50 Lakhs** |
| 4 | Period of completion | : | **6 (Six)** calendar months (Including Rain Season) |
| 5 | Date and time of availability of bid documents in the portal | : | From **10.00 Hours of 30.04.2025 to 17.00 Hours of 08.05.2025** |
| 6 | Last date/time for receipt of bids in the portal | : | **17.00 Hours of 08.05.2025** |
| 7 | Date of opening of Bid | : | **11.00 Hours on 09.05.2025** |
| 8 | Name and address of the Officer inviting Bid | : | Superintending Engineer, Minor Irrigation Division, Gajapati, At/Po - Paralakhemundi, Dist. - Gajapati, PIN - 761200 |

Further details can be seen from the e-procurement portal https://tendersodisha.gov.in

Sd./- Er. Simachala Satapathy
Superintending Engineer
MI Division, Gajapati, Paralakhemundi

**The Odisha Small Industries Corporation Ltd.**

(A Government of Odisha Undertaking)

(An ISO:9001:2008 certified Govt. Company)

Industrial Estate, Madhupatna, Cuttack-753010, Odisha

Tel.No.:0671-2341204, 2342816, Fax:0671-2341875/2342561

e-mail:osicltd@gmail.com, osicmd@gmail.com

website:osicltd.in

No.CAD-236: OSIC GST No.21AAACO2101M1Z1

NOTICE INVITING E-TENDER

NIT No. OSIC/RE Cell/971 Date:24.04.2025

Online tenders are invited through e-Tender portal (http://tenderorissa.gov.in) by the MANAGING DIRECTOR, ODISHA SMALL INDUSTRIES CORPORATION LIMITED for execution of work "Supply, Installation and comissioning of 250KVA, 11/0.4 KV Sub-station for 95 KW load at single point at OK&VI Board Campus, Bhubaneswar. The Tender document may be downloaded from the website http://tenderorissa.gov.in. The salient features of the tender are furnishing below. The bidders can participate in the e-procurement after necessary enrolment in the portal.

| | | |
|---|---|---|
| Tender fee (online) | : | Rs.7080.00 (inclusive of GST) (Non-refundable/ not transferable) |
| Earnest Money Deposit (online) | : | Rs.22,000.00 (Separately) |
| Time Period for Supply | : | Three (3) Months |
| Date of Commencement of the Tender | : | Dt.29.04.2025 at 11.00 A.M. |
| Online Tender submission date & time upto | : | Dt.19.05.2025 till 03.00 P.M. |
| Date of online opening of technical Bid | : | Dt.20.05.2025 at 3.00 P.M. |

OSIC reserves the right to reject any or all the tenders without assigning any reason whatsoever OSIC also does not bind itself to accept the lowest offer. Any corrigendum / addendum/ information relating to this NIT will be uploaded in above website only which will not be published in Newspapers.

Sd./- General Manager (O)

**OFFICE OF THE CHIEF CONSERVATOR OF FORESTS TRAINING AND DEVELOPMENT, OLD SECRETARIAT, CUTTACK-753001**

Telephone/Fax No. 2959551, e-mail Id - ccf.td@odisha.gov.in

NOTICE INVITING BID

**No.MM-13** : The Chief Conservator of Forests. (Training & Development), Cuttack on behalf of Principal Chief Conservator of Forests & HoFF. Odisha invites bids from eligible and experienced agencies for appointing a design consultant for Audio-Visual and Furnishing works at the State Forest Academy, Shyamasundarpur, Bhubaneswar.

The details of the bid documents can be downloaded from www.odishaforest.in

Sd./- Chief Conservator of Forests
Training and Development, Cuttack

ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କେବିକେ-୧, କ୍ଷୁଦ୍ର ଜଳସେଚନ ମଣ୍ଡଳ, ଭବାନୀପାଟଣା-୭୬୬୦୦୧

**OFFICE OF THE ADDITIONAL CHIEF ENGINEER KBK-I, MINOR IRRIGATION CIRCLE, BHAWANIPATNA DIST : KALAHANDI, PIN-766001**

Tel. No. 06670-230443, (email : sekbkmi@yahoo.co.in)

Letter No.-619 Dated-23.04.2025

e-Procurement Notice

BID IDENTIFICATION NO-01 ACE KBK-I MIC /2025-26

**No.A-74** : The Additional Chief Engineer, KBK-I, Minor Irrigation Circle, Bhawanipatna on behalf of Governor of Odisha invites **percentage rate bids in Double cover only in ONLINE mode** for the Construction of works detailed in the table from "B & A" Class Contractors registered with the State Government and contractors of equivalent Grade/ Class registered with Central Government / M.E.S. / Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

1. Name of the works : Construction of Canal Lining of different Minor Irrigation Projects under the Scheme "Mukhya Mantri Canal Lining Yojana" (MMCLY) for the year 2025-26
2. Total No. of works : **02** (Two)
3. Estimated Cost : Varies from Rs. **167.66** lakh **to 205.78** lakh Approximately
4. Class of Contractor : Class **"B & A"**
5. Period of completion : **08 (Eight)** calendar months
6. Date & time of availability of Bid Document in the Portal for online bidding : **From 29.04.2025** at 10.00 A.M. to **08.05.2025** up to 5.00 P.M.
7. Last date/Time for receipt of Bid only in ONLINE : **08.05.2025** up to 5.00 P.M.
8. Date/Time of Opening of Technical Bid : **09.05.2025** at 9.00 A.M. at Office of the Additional Chief Engineer, KBK-I, Minor Irrigation Circle, Bhawanipatna
9. Date/Time of Opening of Financial Bid : **To be intimated through website after evaluation of Technical Bid**
10. Date of Transparent Lottery (if cases arise) : At 10.00 hrs onwards of Dt. **22.05.2025**
11. Name & Address of the Officer Inviting the Bid : Office of the Additional Chief Engineer, KBK-I, Minor Irrigation Circle, Bhawanipatna, Tel No. (06670)230443, e-Mail ID : sekbkmi@yahoo.co.in
12. Further details can be seen from the "e"Procurement Portal https://tendersodisha.gov.in

Sd./- Additional Chief Engineer,
KBK-I, M.I. Circle, Bhawanipatna

**DISTRICT PROJECT OFFICE, SAMAGRA SHIKSHYA, BHADRAK**

No.1135/Civil/2025 Dated 23.04.2025

NOTICE INVITING TENDER (NIT)

**No.n-20:** Sealed tenders are invited from the reputed & potential Original Equipment Manufacturer (OEM)/ Distributers/ Authorized Firms of Odisha for supply of items for FLN compliant class rooms in 665 numbers of schools of Bhadrak District in two bid systems (Technical & Financial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & time of receipt of Bid | Date & Time of opening of Technical Bid |
|---|---|---|---|---|
| Supply of items for FLN Compliant Class Room of Bhadrak District | Rs.5,000/- | Rs.12,00,000/- | 22.05.2025 1.00 P.M. | 23.05.2025 11.00 A.M. |

The detailed BID document is available in the website www.osepa.gov.in & www.bhadrak.odisha.gov.in. Interested and eligible agency/ firm may download BID DOCUMENT from the above website and apply accordingly. Corrigendum/ addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept/ reject any full or part / all BID/ cancel the entire selection process at any stage without assigning any reason thereof.

Sd./- Additional District Magistrate, Bhadrak District

obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ No.CAD-223

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**

(A Government of Odisha Undertaking under Works Department)

No. 4172 Date:23.04.2025

File: SMT-2059

**Corrigendum-1 to Bid Identification No.36/Tender/OBCC/2024-25 of the work "Renovation/ Restoration of Shree Gundicha Temple, Puri under ABADHA Scheme" issued vide letter No.2505, dtd.10.03.2025**

| Sl. No. | Schedule of Tender | As per NIT | As Modified |
|---|---|---|---|
| 1 | Date of availability in e-procurement portal | from 20.03.2025 | from dt.28.04.2025 |
| 2 | Last Date of pre-bid queries receipt | Upto 5.00 P.M. of 25.03.2025 | upto 05.00 P.M. of 03.05.2025 |
| 3 | Date of Pre-Bid Meeting | On 26.03.2025 | on 05.05.2025 |
| 4 | Last Date & Time of receipt of online bid | 08.04.2025 till 5.00 P.M. | 14.05.2025 till 5.00 P.M. |
| 5 | Date of opening of online technical bid | 09.04.2025 at 11.30 A.M. | 15.05.2025 at 11.30 A.M. |

6.Further details can be seen from the e-Procurement portal https://www.tendersodisha.gov.in.

7. OBCC has the right to accept or reject the Notice/ RFP / Proposal without assigning any reasons thereof.

Sd./- EIC-cum-Managing Director

## ଜନ୍ମଦିନର ଶୁଭେଚ୍ଛା

ନାମ: .................................
ବୟସ: .................................
ଜନ୍ମ ତାରିଖ: .................................


ଆୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶ୍ରୀଜେଶଙ୍କୁ ପଦ୍ମ ଭୂଷଣ, ଅଶ୍ୱିନଙ୍କୁ ପଦ୍ମଶ୍ରୀ

**ନୂଆଦିଲ୍ଲୀ, ୨୮।୪**

ଭାରତୀୟ ହକି ଦଳର ପୂର୍ବତନ ଗୋଲକିପର ତଥା ବର୍ତ୍ତମାନର ଜୁନିୟର ହକି କୋଚ୍ ପି.ଆର. ଶ୍ରୀଜେଶ ସୋମବାର ସମ୍ମାନଜନକ ପଦ୍ମ ଭୂଷଣ ପୁରସ୍କାର ଲାଭ କରିଛନ୍ତି। ସେହିପରି ଅବସରପ୍ରାପ୍ତ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଛି। ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଏହି ପୁରସ୍କାର ପ୍ରଦାନ କରିଛନ୍ତି। କିମ୍ବଦନ୍ତୀ ଖେଳାଳି ମେଜର ଧ୍ୟାନ ଚାନ୍ଦଙ୍କ ପରେ ଭାରତର ଦ୍ୱିତୀୟ ହକି ଖେଳାଳିଭାବେ ଶ୍ରୀଜେଶ ଏହି ପୁରସ୍କାର ଲାଭ କରିବାର ଗୌରବ ଅର୍ଜନ କରିଛନ୍ତି। ଧ୍ୟାନ ଚାନ୍ଦ ୧୯୫୬ରେ ଏହି ପୁରସ୍କାର ଲାଭ କରିଥିଲେ। ଏହାର ୭ ଦଶନ୍ଧି ପରେ ଶ୍ରୀଜେଶ ଭାରତୀୟ ହକିକୁ ଏହି ସମ୍ମାନ ମିଳିଛି।

ଦୀର୍ଘ ୧୮ ବର୍ଷ ଭାରତୀୟ ହକିର ସେବା କରିଥିବା ଶ୍ରୀଜେଶ ଦେଶ ପାଇଁ ୩୩୬ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପରେ ସେ ହକିକୁ ଅଲବିଦା ଜଣାଇଥିଲେ। ତାଙ୍କର ଚମତ୍କାରୀ ଗୋଲକିପିଂ ଦକ୍ଷତା ବଳରେ ଭାରତ କ୍ରମାଗତ ୨ଟି ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ନିଜ କ୍ୟାରିୟର ମଧ୍ୟରେ ଶ୍ରୀଜେଶ ଅନେକ ପୁରସ୍କାର ହାସଲ କରିଥିଲେ। ଏହା ମଧ୍ୟରେ ଏଫଆଇଏଚ୍ ଗୋଲକିପର ଅଫ୍ ଦି ଇୟର ପୁରସ୍କାର ୩ ଥର (୨୦୨୧, ୨୦୨୨ ଓ ୨୦୨୪), ଅର୍ଜୁନ ପୁରସ୍କାର (୨୦୧୫), ମେଜର ଧ୍ୟାନ ଚାନ୍ଦ ଖେଲରତ୍ନ ପୁରସ୍କାର (୨୦୨୧), ୱାର୍ଲ୍ଡ ଗେମ୍ସ ଆଥଲେଟ୍ ଅଫ୍ ଦି ଇୟର (୨୦୨୧) ଆଦି ଅନ୍ୟତମ। ୨୦୧୦ରେ ଅନ୍ତର୍ଜାତୀୟ ହକିରେ ପଦାର୍ପଣ କରିବାପରେ ସେ ଭାରତୀୟ ରକ୍ଷଣଭାଗର ମେରୁଦଣ୍ଡ ପାଲଟି ଯାଇଥିଲେ। ଚାପ ସ୍ଥିତିରେ ସେ ଭଲ ପ୍ରଦର୍ଶନ କରିପାରୁଥିଲେ।

ଖେଳାଳି ଜୀବନରେ ଶ୍ରୀଜେଶ ୪ଟି ଅଲିମ୍ପିକ୍ସ (ଲଣ୍ଡନ-୨୦୧୨, ରିଓ-୨୦୧୬, ଟୋକିଓ-୨୦୨୦, ପ୍ୟାରିସ-୨୦୨୪) ଖେଳିଥିବାବେଳେ ୨ଟି ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ (୨୦୧୪ ଓ ୨୦୨୨), ଥରେ ଏସିଆନ ଗେମ୍ସରେ ବ୍ରୋଞ୍ଜ (୨୦୧୮), ୨ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ (୨୦୧୪, ୨୦୨୨) ହାସଲ କରିଥିଲେ। ଏହା ବ୍ୟତୀତ ଭାରତ ୪ ଥର ଏସିଆନ ଚାମ୍ପିୟନ୍ସ ଟ୍ରଫି ଚାମ୍ପିୟନ (୨୦୧୧, ୨୦୧୬, ୨୦୧୮ ଓ ୨୦୨୩) ହେବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଖେଳାଳିରୁ କୋଚ୍ ହୋଇଥିବା ଶ୍ରୀଜେଶଙ୍କ ତତ୍ତ୍ୱାବଧାନରେ ଭାରତୀୟ ଜୁନିୟର ଦଳ ୨୦୨୪ ନଭେମ୍ବରରେ ଜୁନିୟର ଏସିଆ କପ୍ ଟାଇଟଲ ହାସଲ କରିଥିଲା।

### ଧ୍ୟାନ ଚାନ୍ଦଙ୍କ ପରେ ଦ୍ୱିତୀୟ ହକି ଖେଳାଳି

ଶ୍ରୀଜେଶଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇଛନ୍ତି। "ପୂର୍ବରୁ ଖେଳାଳି ଓ ଏବେ କୋଚ୍‌ଭାବେ ଭାରତୀୟ ହକିକୁ ଶ୍ରୀଜେଶଙ୍କ ଅବଦାନ ଅସାଧାରଣ। ତ୍ୟାଗ, ଉତ୍କର୍ଷ ଓ ନେତୃତ୍ୱର ସେ ଉଦାହରଣ ପାଲଟି ଯାଇଛନ୍ତି। ପଦ୍ମ ଭୂଷଣ ହେଉଛି ତାଙ୍କ ଅବଦାନ ପ୍ରତି ଉପଯୁକ୍ତ ପୁରସ୍କାର। ଭାରତର ଯୁବପିଢ଼ି ଏହାଦ୍ୱାରା ଉତ୍ସାହିତ ହେବେ। ହକି ଇଣ୍ଡିଆ ପକ୍ଷରୁ ମୁଁ ତାଙ୍କୁ ଏବଂ ତାଙ୍କ ପରିବାରକୁ ଅଭିନନ୍ଦନ ଜଣାଉଛି" ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ସମ୍ପାଦକ ଭୋଲାନାଥ ସିଂ ମଧ୍ୟ ଶ୍ରୀଜେଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଅଶ୍ୱିନ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ ଅବସରରେ ରାଷ୍ଟ୍ରପତି ଭବନରେ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କଠାରୁ ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନ ପାଇଥିବାରୁ ଅଶ୍ୱିନଙ୍କୁ ଅଭିନନ୍ଦନ ବୋଲି ବିସିସିଆଇ ପକ୍ଷରୁ ଟୁଇଟ୍ କରାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଅବସର ଘୋଷଣା କରିଥିବା ଅଶ୍ୱିନ ସର୍ବାଧିକ ଟେଷ୍ଟ ଉଇକେଟ ନେଇଥିବା ଭାରତୀୟ ବୋଲରଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୧୦୬ ଟେଷ୍ଟ ଖେଳିଥିବା ଅଶ୍ୱିନଙ୍କ ନାମରେ ୫୩୭ ଟେଷ୍ଟ ଉଇକେଟ ରହିଛି। ଏହି ୩୮ ବର୍ଷୀୟ କ୍ରିକେଟର ଭାରତ ପାଇଁ ୧୧୬ ଦିନିକିଆ ଖେଳି ୧୫୬ ଉଇକେଟ ନେଇଥିବା ବେଳେ ୬୫ଗୋଟି ଟି୨୦ ମ୍ୟାଚ୍‌ରେ ୭୨ ଉଇକେଟ ନେଇଛନ୍ତି। ଚଳିତ ଆଇପିଏଲ୍‌ରେ ସେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପଦ୍ମ ଭୂଷଣ ପୁରସ୍କାର ଗ୍ରହଣ ଅବସରରେ ପି.ଆର. ଶ୍ରୀଜେଶ। ପଦ୍ମଶ୍ରୀ ସମ୍ମାନ ସହ ରବିଚନ୍ଦ୍ରନ ଅଶ୍ୱିନ।

# କିଟ୍‌ରେ ଭାରତୀୟ ଆଥଲେଟିକ୍ସ, ଟେବୁଲ ଟେନିସ ଦଳ ପାଇଁ ଚୟନ ଟ୍ରାଏଲ୍ସ ଆରମ୍ଭ


ଟେବୁଲ ଟେନିସ କୋର୍ଟ।

**ଭୁବନେଶ୍ୱର, ୨୮।୪ (ତପନ ସ୍ୱାଇଁ)**

ଜର୍ମାନୀରେ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ କିଟ୍ ପରିସରରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ(ଆଥଲେଟିକ୍ସ ଓ ଟେବୁଲ ଟେନିସ୍)ର ଚୟନ ଟ୍ରାଏଲ୍ସ ସୋମବାର ଆରମ୍ଭ ହୋଇଛି। ଉଭୟ ମହିଳା ଓ ପୁରୁଷ ବର୍ଗରେ ଆଥଲେଟିକ୍ସ ଟ୍ରାଏଲ୍ସ ଦୂତୀ ଚାନ୍ଦ ଆଥଲେଟିକ୍ ଷ୍ଟାଡିୟମରେ ଏବଂ ଟେବୁଲ ଟେନିସ୍ ଟ୍ରାଏଲ୍ସ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଏହା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଟ୍ରାଏଲ୍ସରେ ପାଖାପାଖି ୪୦୦ ଖେଳାଳି ଓ ଅଫିସିଆଲ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଆଥଲେଟିକ୍ସରେ ୩୨୦ ଓ ଟେବୁଲ ଟେନିସ୍‌ରେ ୬୦ ଆଥଲେଟ୍ ସାମିଲ ଅଛନ୍ତି। ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଅନେକ ଆଥଲେଟ୍ ଏଠାରେ ଏକତ୍ରିତ ହୋଇଛନ୍ତି। ଟ୍ରାଏଲ୍ସ ପରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତରୁ ୫ ଜଣ ଲେଖାଏ ମହିଳା ଓ ପୁରୁଷ ଖେଳାଳି ଏବଂ ୪ ଅଫିସିଆଲ ପ୍ରତିନିଧିତ୍ୱ କରିବେ। ସେହିପରି ଆଥଲେଟିକ୍ସରେ ୫୪ ଜଣ ଲେଖାଏ ମହିଳା ଓ ପୁରୁଷ ଖେଳାଳି ଏବଂ ୨୨ ଅଫିସିଆଲ୍ ମନୋନୀତ ହେବେ। ଅଂଶଗ୍ରହଣକାରୀ ସମସ୍ତ ଖେଳାଳି, ଅଫିସିଆଲଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ କରିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ କିଟ୍ ପରିସରରେ ଆର୍ଚେରୀ, ଭଲିବଲ, ଲନ୍ ଟେନିସ୍ ଓ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟର ଚୟନ ଟ୍ରାଏଲ୍ସ ଓ କୋଚିଂ କ୍ୟାମ୍ପ୍ ହୋଇସାରିଛି।

### ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ


## ବିବାହ ବାର୍ଷିକୀ ଶୁଭେଚ୍ଛା


ଭଗବାନ ପ୍ରିୟଙ୍କା
ଧଉଳି, ଭୁବନେଶ୍ୱର
Happy 10th Anniversary wishing you both a lifetime of happiness and love.
ଆଜି ଆପଣ ନିଜର ବିବାହବାର୍ଷିକୀକୁ ରକ୍ତଦାନ ଭଳି ମହତ ରକ୍ତଦାନ ଶିବିର କାର୍ଯ୍ୟକ୍ରମର ଆୟୋଜନ କରିଥିବାରୁ ଆନ୍ତରିକ ଶୁଭେଚ୍ଛା।
Well wisher: Friends & Family
ଧ-୩୧୮

## ନବମ ବିବାହ ବାର୍ଷିକୀ ଶୁଭେଚ୍ଛା


ବାପିନା ରାଉତ ଓ ରୀତାଞ୍ଜଳି ରାଉତ
ଆଠଗଡ଼, କଦଳୀବାଡ଼ି
ତୁମ ଦୁହିଁଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହେଉ। ଏହା ହିଁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।
ଧ-୩୧୭


# ଜାତୀୟ ମହିଳା ହ୍ୟାଣ୍ଡବଲ ପାଇଁ ଚୟନ ଟ୍ରାଏଲ୍ସ

**ଭୁବନେଶ୍ୱର, ୨୮।୪ (ତପନ ସ୍ୱାଇଁ)**

ଗୁଜରାଟର ଭୁଜ୍‌ଠାରେ ମେ' ୨୦ରୁ ୨୫ ପର୍ଯ୍ୟନ୍ତ ୫୪ତମ ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଖେଳାଳି ମନୋନୟନ ଲାଗି ଏକ ଚୟନ ଟ୍ରାଏଲ୍ସ ଚଳିତ ମାସ ୨୭ ଓ ୨୮ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୨୦ ଜିଲାରୁ ୧୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୦ ଖେଳାଳିଙ୍କୁ କ୍ୟାମ୍ପ ପାଇଁ ମନୋନୟନ କରାଯାଇଛି। ମେ'୧ରୁ ଏହି କ୍ୟାମ୍ପ ୧୫ ଦିନଧରି ଚାଲିବ। ଏଥିରେ ଏନଆଇଏସ୍ କୋଚ୍ ପ୍ରସାଦ ରଥ ଓ ବରିଷ୍ଠ କୋଚ୍ ଅର୍ଣ୍ଣବ କୁମାର ସିହ୍ନା କୋଚିଂ ଦେବେ। ଏହାପରେ ପ୍ରଦର୍ଶନ ଭିତ୍ତିରେ ୧୮ ଜଣିଆ ଓଡ଼ିଶା ଦଳ ଚୟନ ହେବ ବୋଲି ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସମ୍ପାଦକ ବୀରେନ୍ଦ୍ର କୁମାର ବେହେରା ଜଣାଇଛନ୍ତି।

# ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଟେନିସ୍ ମ୍ୟାଚ୍ ସ୍ଥଗିତ

**ମାଡ୍ରିଡ୍, ୨୮।୪(ଏପି)**

ସ୍ପେନ୍ ଓ ପର୍ତ୍ତୁଗାଲ୍‌ରେ ଏକ ବଡ଼ଧରଣର ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସୋମବାର ମାଡ୍ରିଡ୍ ଓପନ୍ ଟେନିସ ଟୁର୍ନାମେଣ୍ଟର ଖେଳକୁ ସ୍ଥଗିତ ରଖାଯାଇଛି। ସ୍ଥାନୀୟ ସମୟ ଅପରାହ୍ନ ୧୨ଟା ୩୪ ମିନିଟ୍ ସମୟରେ ଦୁଇଟି ସିଙ୍ଗଲ୍ସ ଓ ଗୋଟିଏ ଡବଲ୍ସ ମ୍ୟାଚ ଖେଳାଯାଉଥିବା ବେଳେ ବିଦ୍ୟୁତ୍ ଚାଲିଯାଇଥିଲା। ଫଳରେ ମାନୋଲୋ ସାନ୍ତାନା ଷ୍ଟାଡିୟମ କୋର୍ଟ ଭିତରେ ଲାଗିଥିବା ସ୍ପାଇଡର କ୍ୟାମେରା ଓ କଲିଂ ସିଷ୍ଟମ ଅଚଳ ହୋଇପଡ଼ିଥିଲା। ସେତେବେଳେ ମୁଖ୍ୟ ଷ୍ଟାଡିୟମରେ ଜାକବ ପିଅର୍ନଲିଙ୍କ ବିପକ୍ଷ ଏକ ମ୍ୟାଚ୍‌ରେ ଗ୍ରିଗୋର ଦିମିତ୍ରି ଆଗୁଆ ରହିଥିଲେ। ମହିଳା ମ୍ୟାଚ୍ ମଧ୍ୟ ହେବାର ଥିଲା।


# Classified Everyday
0674-2580101, 9692975378


REAL ESTATE
SALE

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811

2BHK flat for sale at Naharakanta Chhaka, NH Facing. Contact- 7978209277, 7008789347. D-260

Gharabari plot with compound wall 52x40 2080sft. at lowest price 7 KM from Nakhara 12 KM from Bhubaneswar also instalment basis (middle of CTC & BBSR) no interest. 7809525452. D-76445

Duplex sale with gated society AIIMS Hospital, Bhubaneswar. 8455909543, 7735579312. D-76262



Ground Floor Single Room with attached Toilet available at VSS Nagar for office space- 7873657633. D-314



Newly opened SPA in Bhubaneswar (ଖରାଦିନର ମଜା) good massage. Contact- 9853155914. D-75845

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

I, Magdali Ekka, aged about 25 years, W/o- Budha Tirkey, resident of Vill- Malipada, P.O.- Khatkurbahal, P.S.- Kutra, Dist.- Sundargarh, Odisha do hereby solemnly affirm and declare as under I have Aadhaar Card vide No.- xxxx xxxx 7896 in which my name has been wrongly mentioned as Magdali Tirkey. That Magdali Ekka and Magdali Tirkey denotes to one and same person i.e. myself.
Magdali Ekka
D-321

I, Sri Sudhansu Sekhar Patro, S/o- Sri Khali Patro, residing at New Udhura, near Bellaguntha, P.O.- Udhura, Via-Bellaguntha, P.S.-Bellaguntha, Dist.-Ganjam, Odisha, PIN-761119 have changed my name to Sri Sudhansu Sekhar Mahapatra. This change has been made through an affidavit bearing No.- 1107, dated 28.04.2025 sworn before Sri Prashant Kumar Padhi, Hon'ble Notary, Aska. Henceforth, I shall be known as Sri Sudhansu Sekhar Mahapatra for all purposes. D-320

I, Liza Rani Sahoo, W/o- Nadir Hossen, age-27, residing at Motijharan, Sadar Sambalpur, Odisha-768001 have changed my name to Neha Naaz vide affidavit dated 18.02.2025 at Sambalpur. D-319

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

I.R. No.- 625
Date- 23.04.2025

ନୋଟିସ

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀ ପ୍ରଦୀପ କୁମାର ନାୟକ)ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନଂ.- ୨ନ୍ୱର, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. ମୋକଦମା ନମ୍ବର- ୭୫୬/୨୦୨୩ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

(ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ)

ଡୁମନୀ ମାଣ୍ଡି, ପିତା- ସମାଇ ମାଝୀ, ଠିକଣା- ସା/ପୋଷ୍ଟ- ମହୁଲଡିହ, ଥାନା- ରାଇରଙ୍ଗପୁର, ଜିଲ୍ଲା- ମୟୂରଭଞ୍ଜ ....ବାଦିନୀ

ବନାମ

ତହସିଲଦାର, ଭୁବନେଶ୍ୱର ଓଗେର ....ପ୍ରତିବାଦୀମାନେ

ପ୍ରାପ୍ତେଷୁ-

ପ୍ରତିବାଦୀ ନମ୍ବର ୫ ପ୍ରଦୀପ୍ତ କୁମାର ଦାସ, ପିତା- ୰ବୀର କିଶୋର ଦାସ, ସା- ଜଜାରସିଂହ, ପୋଷ୍ଟ/ଥାନା/ଜିଲ୍ଲା/- ଖୋର୍ଦ୍ଧା, ଓଡ଼ିଶା

୬) ରାଜକିଶୋର ଦାସ, ପିତା- ବୀର କିଶୋର ଦାସ, ୭) ପ୍ରତିଭା ଦାସ, ସ୍ୱାମୀ- ପ୍ରମୋଦ କୁମାର ଦାସ, ପିତା- ବୀର କିଶୋର ଦାସ

ଏ ଦୁଇ ଜଣଙ୍କ ଠିକଣା:- ସା- ଗୁଡ଼ିଆନାଳି, ପୋଷ୍ଟ/ଥାନା/ଜିଲ୍ଲା- ଢେଙ୍କାନାଳ, ଓଡ଼ିଶା

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦିନୀ ନିମ୍ନଲିଖିତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବାପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀଙ୍କୁ ପଞ୍ଜୀକୃତ ଡାକଦ୍ୱାରା ନୋଟିସ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀ ନମ୍ବର ୫, ୬ ଓ ୭ଙ୍କୁ ନୋଟିସ ଜାରି ନ ହୋଇ ଫେରିଆସିଅଛି। ଇତ୍ୟବସରେ ଉକ୍ତ କେସ୍‌ର ଶୁଣାଣି ତା୦୩।୦୬।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ ନିମ୍ନରେ ଦିଆଗଲା:

ଜମିର ବିବରଣୀ

ମୌଜା: ଭୋଳା, ଥାନା- ଚନ୍ଦକା, ଥାନା ନଂ.- ୨୭ନ୍ୱର, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ.- ୨୮୫ନ୍ୱର, ହାଲ୍ ପ୍ଲଟ୍ ନଂ.- ୭୧୧ନ୍ୱର, ରକବା ଏ୧.୦୫୦ ଡିସିମିଲ ସ୍ୱଧରୁ ଏ୦.୦୬୭.୯ ଡିସିମିଲ, ସ୍ୱତ୍ୱ- ସ୍ଥିତିବାନ, ସାବିକ ଖାତା ନମ୍ବର ୧୧୪, ସାବିକ ପ୍ଲଟ୍ ନମ୍ବର- ୨୧୪, ଏରିଆ ଏ୦.୦୬୭.୯ ଡିସିମିଲ।

ଏଣୁ ଉପରୋକ୍ତ ପ୍ରତିବାଦୀ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନଂ.୨ନ୍ୱରରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିର ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୩୨୨


## ମନେ ପଡ଼ନ୍ତି

୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି


୰ ହାଡୁବନ୍ଧୁ ପ୍ରଧାନ
(ମାଣିତରା, ବୁଗୁଡ଼ା)
ଆବିର୍ଭାବ : ୩୦.୦୧.୧୯୪୫
ତିରୋଧାନ : ୨୯.୦୪.୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ ଆମମାନଙ୍କ ପାଇଁ ଚିରପାଥେୟ ହେଉ। ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


୰ବିଶ୍ୱଜିତ୍ ପାଢ଼ୀ
ଆବିର୍ଭାବ: ୦୬.୦୯.୧୯୬୫ ~ ତିରୋଧାନ: ୧୪.୦୫.୨୦୦୨
(ତିଥି- ବୈଶାଖ ଶୁକ୍ଳ ଦ୍ୱିତୀୟା)
ତୁମେ ଯିବାର ଚାହୁଁ ଚାହୁଁ ୨୩ ବର୍ଷ ବିତିଗଲେ ମଧ୍ୟ ତମେ ଆମ ସମସ୍ତଙ୍କ ହୃଦୟରେ ଅଲିଭାସ୍ମୃତି ହୋଇ ହୋଇ ରହିଛ ଓ ଆଉ ରହିଥିବ ମଧ୍ୟ। ଆଜିର ଏହି ଶ୍ରାଦ୍ଧ ଦିବସରେ ତମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ସମସ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ପତ୍ନୀ- ସୁନନ୍ଦା, ପୁତ୍ର- ରାଜନ୍, ରୋଷନ୍
ପୁତ୍ରବଧୂ- ଶେଫାଳି ଓ ପରିବାରବର୍ଗ।
ଧ-୭୬୮୧୫

**ପାଠକଙ୍କ ପାଇଁ ସୂଚନା :** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫିଟ୍‌ନେସ୍ ଫର୍ମୁଲା

ଅଧିକାଂଶ ମହିଳା କାର୍ଯ୍ୟବ୍ୟସ୍ତତା ମଧ୍ୟରେ ନିଜକୁ ଅବହେଳା କରି ବସନ୍ତି, ଯାହାର ଫଳସ୍ୱରୂପ ସେମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ହେଲେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ମାତ୍ର କେତୋଟି ଫିଟ୍‌ନେସ୍ ଫର୍ମୁଲା ମାନି ଚଳିଲେ ନିଜକୁ ସୁସ୍ଥ ରଖିବା ସହଜ ହୋଇପାରିବ...



**ଠିକ୍ ସମୟରେ ଏବଂ ସନ୍ତୁଳିତ ଖାଦ୍ୟ ଖାଇବା:** ଅଧିକାଂଶ ମହିଳା କାର୍ଯ୍ୟବ୍ୟସ୍ତତା ଭିତରେ ସକାଳ ଜଳଖିଆ ଖାଇ ନ ଥାନ୍ତି ଏବଂ ଅନ୍ୟ ସମୟରେ ବି ସମସ୍ତେ ଖାଇବା ପରେ ବିଳମ୍ବରେ ଖାଇଥାନ୍ତି। ଏମିତି କି ଖାଦ୍ୟ ନିଅଣ୍ଟ ହେଲେ ବାସି ଖାଦ୍ୟ କିମ୍ବା ସାମାନ୍ୟ ବଳକା ଖାଦ୍ୟରେ ଚଳାଇ ଦିଅନ୍ତି। ଏହାଦ୍ୱାରା ମଧ୍ୟ ସ୍ୱାସ୍ଥ୍ୟ ଖରାପ ହୋଇଥାଏ। ତେଣୁ ନିଜକୁ ଫିଟ୍ ରଖିବାକୁ ହେଲେ ଖାଇବା ସମୟ ଠିକ୍ ରଖିବା ସହ ସନ୍ତୁଳିତ ଖାଦ୍ୟ ଖାଇବା ନିହାତି ଆବଶ୍ୟକ।

**ବହୁତ ଜରୁରୀ ଆରାମ:** ଅନେକ ମହିଳାଙ୍କଠାରେ ଗ୍ୟାସ୍, ଏସିଡିଟି, ଅଣ୍ଟା ଆଦିରେ ପ୍ରେସର ପଡ଼ିଥାଏ ଏବଂ ଯନ୍ତ୍ରଣା ହୋଇଥାଏ। ସେହିପରି ଅଧିକାଂଶ କର୍ମଜୀବୀ ମହିଳାଙ୍କୁ ଦୀର୍ଘ ସମୟ ବସିବାକୁ ପଡୁଛି। ତା'ଛଡ଼ା ମୋବାଇଲ୍ ବ୍ୟବହାର ଏତେ ମାତ୍ରାରେ ବଢ଼ିଯାଇଛି ଯେ, ସମସ୍ତଙ୍କର ବସିବାଶୈଳୀ ବଦଳିଯାଇଛି। ଆରାମ ଲାଗିବା ଆଳରେ ଦୀର୍ଘ ସମୟ ଡାକି ହୋଇ ବା ବଙ୍କା ହୋଇ ବସିବା ଦ୍ୱାରା ମେରୁଦଣ୍ଡ ସହ ବେକ, ଅଣ୍ଟା ଆଦିରେ ଚାପ ପଡ଼ିଥାଏ। ସେହିପରି ଡାକି ହୋଇ ବସିବା ଦ୍ୱାରା ପେଟ ଚାପି ହୋଇ ରହିବା କାରଣରୁ ହଜମ କ୍ରିୟା,



ବଦହଜମି, ମେଦବହୁଳତା ଆଦି ସମସ୍ୟା ଦେଖା ଦେଇଥାଏ। ଏଥିପାଇଁ ଖାଦ୍ୟପେୟରେ ଅବହେଳା ସହ ଶୋଇବା ଅଭାବ ବା ପ୍ରତିଦିନ ଠିକ୍ ଭାବେ ନ ଶୋଇବା ମୁଖ୍ୟତଃ ଦାୟୀ। କାରଣ ଏସବୁ ନିଦ୍ରାହୀନତାଜନିତ ବିଭିନ୍ନ ସମସ୍ୟା ହୋଇଥିବା ବେଳେ ଏହା କେବେ କେବେ ହୃଦ୍‌ରୋଗ ଆଶଙ୍କା ବି ବୃଦ୍ଧି କରିଥାଏ। ତେଣୁ ଜୀବନଶୈଳୀ ଯେତେ ବ୍ୟସ୍ତବହୁଳ ହୋଇଥାଉ ନା କାହିଁକି ଶୋଇବା ପାଇଁ ସମୟ ବାହାର କରିବା ନିହାତି ଜରୁରୀ। କାରଣ ଠିକ୍ ଭାବେ ଶୋଇବା ଦ୍ୱାରା ଉଭୟ ଶରୀର ଏବଂ ମନ ଷ୍ଟ୍ରେସ୍ ଫ୍ରି ରହିବା ସହିତ ରୋଗ ପ୍ରତିରୋଧକ ଶକ୍ତି ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ।

**ଦୀର୍ଘ ସମୟ ବସିବା କିମ୍ବା ଠିଆହେବା:** ରୋଷେଇ ଘରେ ଦୀର୍ଘ ସମୟ ଠିଆ ହେବା ଦ୍ୱାରା ଅଧିକାଂଶ ମହିଳାଙ୍କ ଆଣ୍ଠୁ, ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ, ଯାହାଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ତେଣୁ ଅଧିକ ସମୟ ଠିଆ ହେବା କିମ୍ବା ବସିରହିବା ଅଭ୍ୟାସ ବଦଳାନ୍ତୁ। ଘରେ ହେଉ କିମ୍ବା ଅଫିସ୍‌ରେ କାମ କରିବା ବେଳେ କିଛି କିଛି ସମୟ ଅନ୍ତରାଳରେ ଅଳ୍ପ ସମୟ ଚାଲନ୍ତୁ କିମ୍ବା ଅଳ୍ପ ସମୟ ଷ୍ଟ୍ରେଚିଂ କରନ୍ତୁ।

**ଯୋଗ ବ୍ୟାୟାମ ହେବ ଉପକାରୀ:** ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀରେ ସୁସ୍ଥ ରହିବାର ସବୁଠୁ ଉତ୍ତମ ଉପାୟ ହେଉଛି ଯୋଗ। କାରଣ ଶାରୀରିକ ପରିଶ୍ରମ ଅଭାବରୁ ଅନେକଙ୍କଠାରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି, ଯାହାକୁ ଦୂର କରିବା ଲାଗି ପ୍ରତିଦିନ ଅତି କମ୍‌ରେ ଅଧଘଣ୍ଟା ଯୋଗ, ବ୍ୟାୟାମ କରନ୍ତୁ।

# ସମର କ୍ୟାମ୍ପ

ପ୍ରତ୍ୟେକ ଅଭିଭାବକ ନିଜ ପିଲାଙ୍କୁ ପାଠପଢ଼ା ସହ ନାଚ, ଗୀତ, ବକ୍ତୃତା, ଅଭିନୟ, ଚିତ୍ରାଙ୍କନ ଓ କ୍ରୀଡ଼ା ଭଳି ବିଭିନ୍ନ କ୍ଷେତ୍ରରେ ଦକ୍ଷ କରିବାକୁ ସ୍ୱପ୍ନ ଦେଖନ୍ତି। ହେଲେ ମାତ୍ର କେତେଜଣ ଅଭିଭାବକ ଏନେଇ ପିଲାଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇ ପାରୁଥିବା ବେଳେ ଆଉ କେତେଜଣ ଆଖପାଖରେ ଏସବୁ ଶିଖାଇବାର ସୁବିଧା ନ ଥିବାରୁ ହେଉ କିମ୍ବା ପାଠ ପଢ଼ାରେ ଅବହେଳା ହେବା ଭୟରେ ପିଲାଙ୍କୁ ଏସବୁ କ୍ଷେତ୍ରରେ ଆଗକୁ ବଢ଼ିବାର ସୁଯୋଗ ଦେଇପାରନ୍ତି ନାହିଁ। ଫଳରେ ଅନେକ ପିଲା ନିଜ କଳା ବିକାଶ କରିବା ସହ ଏହାକୁ ଲୋକଲୋଚନକୁ ଆଣିବାର ସୁଯୋଗରୁ ବଞ୍ଚିତ ହୋଇଥାନ୍ତି। ହେଲେ ବର୍ତ୍ତମାନ ଏସବୁ ସମସ୍ୟା ସମାଧାନର ଭଲ ଉପାୟ ପାଲଟିଛି ସ୍କୁଲ୍‌ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସମର୍ କ୍ୟାମ୍ପ...



ଅନେକ ପିଲାଙ୍କ ବିଭିନ୍ନ କ୍ଷେତ୍ରରେ ରୁଚି ଥାଏ। କିଏ ଭଲ ଗୀତ ଗାଏ ତ କିଏ ଭଲ ନୃତ୍ୟ, ଅଭିନୟ କିମ୍ବା ଚିତ୍ରାଙ୍କନ କରେ। ଆଉ ପୁଣି କାହାର କ୍ରୀଡ଼ା କ୍ଷେତ୍ରରେ ଥାଏ ବିଶେଷ ରୁଚି। ହେଲେ କେବେ ପାଖରେ ଶିଖିବାର ସୁବିଧା ନ ଥିବାରୁ ହେଉ କିମ୍ବା କେବେ ପାଠପଢ଼ା ଚାପରେ ଅନେକ ପିଲା ନିଜ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶ କରିବାରୁ ବଞ୍ଚିତ ହୁଅନ୍ତି। ଏମିତିରେ ନିଜ ପିଲାମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ମାର୍ଜିତ କରିବା ସହ ଲୋକଲୋଚନକୁ ଆଣିବା ଲାଗି ଅଭିଭାବକଙ୍କ ପାଇଁ ବେଷ୍ଟ ଅପ୍ସନ ପାଲଟିଛି ସମର କ୍ୟାମ୍ପ। ଏବେ ଅନେକ ସ୍କୁଲ୍ ଏବଂ ବିଭିନ୍ନ ସଂସ୍ଥା ପକ୍ଷରୁ ସମର କ୍ୟାମ୍ପ ଆୟୋଜନ କରାଯାଇ ପିଲାମାନଙ୍କୁ ଛୁଟି ସମୟରେ ବିଭିନ୍ନ କ୍ଷେତ୍ରରେ ସେଶାଲ୍ ତାଲିମ ଦିଆଯାଉଛି। ଫଳରେ ପିଲାମାନେ ଖୁବ୍ ଉପକୃତ ହେଉଛନ୍ତି। ଯଥା:

▶▶ଏଠାରେ ସେମାନେ ଯୋଗ, ଡାନ୍ସ, ଆର୍ଟ, ଆର୍ଟ ଆଣ୍ଡ କ୍ରାଫ୍ଟ, ସ୍ପୋର୍ଟ୍ସ, ସୁଇମିଂ, ସ୍ପୋକନ୍ ଇଂଲିଶ୍, ମ୍ୟାଥ୍, ସ୍କେଟିଂ, ହର୍ସ ରାଇଡିଂ, ଯୁଡୋ ଏବଂ ଆତ୍ମସୁରକ୍ଷା କୌଶଳ ଶିକ୍ଷା ଭଳି ରୁଚି ଥିବା ବିଭିନ୍ନ କ୍ଷେତ୍ରରେ ଦକ୍ଷ ଟ୍ରେନରମାନଙ୍କଠାରୁ ଶିକ୍ଷାଗ୍ରହଣ କରି ନିଜ ପ୍ରତିଭାକୁ ପରିପ୍ରକାଶ କରିବାର ସୁଯୋଗ ପାଇପାରୁଛନ୍ତି।

▶▶ଏକାଠି ଶିଖିବା ଦ୍ୱାରା ପିଲାଙ୍କର ଆତ୍ମବିଶ୍ୱାସ ବଢ଼ିବା ସହ ପ୍ରତିଯୋଗିତା ମନୋଭାବ ବୃଦ୍ଧି ପାଉଛି। ତା'ଛଡ଼ା ଏଠାରେ ସମସ୍ତଙ୍କ ଆଗରେ କହିବା ଦ୍ୱାରା ପବ୍ଲିକ୍ ସ୍ପିକିଂ ଡର ଛାଡ଼ିଯାଉଥିବାରୁ ସମାଜେ ଅଧିକ ଦକ୍ଷ ହୋଇପାରୁଛନ୍ତି।

▶▶ପାଠପଢ଼ା ବ୍ୟତୀତ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି ଶିଖିବା ଦ୍ୱାରା ପିଲା ଅଧିକ ସ୍ମାର୍ଟ ହୋଇପାରୁଛନ୍ତି। ଏଠାରେ ନିଜ କ୍ଲାସମେଟ୍ ବ୍ୟତୀତ ଅନ୍ୟ ପିଲାଙ୍କ ସହ ବନ୍ଧୁତା କରିବାର ସୁଯୋଗ ମିଳୁଛି।

▶▶ଏହାଦ୍ୱାରା ସେମାନେ ନିଜେ ବିଭିନ୍ନ କାର୍ଯ୍ୟ କରିବା ସହ ଟାଇମ୍ ମ୍ୟାନେଜମେଣ୍ଟ ଶିଖିବାର ସୁଯୋଗ ପାଉଛନ୍ତି। ତା'ଛଡ଼ା ଛୁଟି ସମୟରେ ସେମାନଙ୍କ ଫିଜିକାଲ୍ ଫିଟ୍‌ନେସ୍ ଠିକ୍ ରଖିବା ଲାଗି ଏହା ବହୁତ କାମରେ ଆସୁଛି।

ପିଲାଙ୍କୁ ସମର କ୍ୟାମ୍ପ ଛାଡୁଥିଲେ କେତେକ କଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ...

– ପ୍ରତ୍ୟେକ ସମରକ୍ୟାମ୍ପରେ ଏକାପ୍ରକାରର ଆକ୍ଟିଭିଟି ଶିଖିବାର ବ୍ୟବସ୍ଥା ନ ଥାଏ। କେତେକ କ୍ୟାମ୍ପରେ ଏକାଧିକ କ୍ଷେତ୍ରରେ ତାଲିମ ଦିଆଯାଉଥିବା ବେଳେ ଆଉ କେତେକ କ୍ୟାମ୍ପ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ତାଲିମ ଦେବା ଲାଗି ଆୟୋଜନ କରାଯାଇଥାଏ। ତେଣୁ ନିଜ ପିଲାର କେଉଁଥିରେ ରୁଚି ଅଛି ଜାଣିବା ପରେ ଉକ୍ତ କ୍ୟାମ୍ପକୁ ପଠାନ୍ତୁ।

▶▶ପିଲାଙ୍କୁ ସମର କ୍ୟାମ୍ପ ଛାଡୁଥିଲେ ପ୍ରଥମେ କ'ଣ ଶିଖେଇବାକୁ ଛାଡୁଛନ୍ତି ଏବଂ ସେଥିପାଇଁ କେଉଁ ସବୁ ସାମଗ୍ରୀ ଆବଶ୍ୟକ ଭଲ ଭାବେ ବୁଝିବା ପରେ ସମସ୍ତ ସାମଗ୍ରୀ କିଣି ପିଲାଙ୍କୁ ଦିଅନ୍ତୁ। ଯେପରି ପେଣ୍ଟିଂ ପାଇଁ ବ୍ରଶ୍‌ବୁକ୍, କଲର, ସ୍ୱିମିଂ ପାଇଁ ସ୍ୱିମିଂ ସୁଟ୍, କ୍ୟାପ୍, ଚଷମା ଆଦି, ଯୋଗ ପାଇଁ ମ୍ୟାଟ୍, କ୍ରାଫ୍ଟ ପାଇଁ କଲରପେପର, ଗ୍ଲୁ ଏବଂ ଅନ୍ୟ ଆବଶ୍ୟକ ସାମଗ୍ରୀ ଆଦି ଭଲ ଭାବେ ବୁଝି ପିଲା ସହ ପଠାନ୍ତୁ ଯେପରି ତା'ର ଶିଖିବାରେ କୌଣସି ଅସୁବିଧା ନ ହୁଏ।

▶▶ସବୁବେଳେ ଘରଠାରୁ ଅଳ୍ପ ଦୂରରେ ଆୟୋଜିତ କ୍ୟାମ୍ପକୁ ପିଲାଙ୍କୁ ଛାଡ଼ିବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ପିଲାଙ୍କ ନେବା ଆଣିବା କରିବା ସହିତ ହଠାତ୍ ଆବଶ୍ୟକ ହେଲେ କୌଣସି ସାମଗ୍ରୀ ଯୋଗାଇ ଦେବା ସହଜ ହୋଇପାରିବ।

▶▶ଯଦି ରହିବାର ବ୍ୟବସ୍ଥା ଥିବା କୌଣସି କ୍ୟାମ୍ପକୁ ପିଲାଙ୍କୁ ଛାଡୁଥାନ୍ତି ତେବେ ସେଠାରେ ରହିବା, ଖାଇବା ବ୍ୟବସ୍ଥା କିପରି ଭଲ ଭାବେ ବୁଝିନିଅନ୍ତୁ। ପିଲାଙ୍କ ବ୍ୟାଗରେ ଆବଶ୍ୟକ ପରିମାଣରେ ଶୁଖିଲା ଖାଦ୍ୟ ଏବଂ ଏକ୍ସଟ୍ରା ପୋଷାକ ଦିଅନ୍ତୁ। ଯଦି ପିଲା କୌଣସି ଔଷଧ ଖାଉଥାଏ ତେବେ ଏହାକୁ ଦେବା ସହ କ୍ୟାମ୍ପ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଏସମ୍ପର୍କରେ ଜଣାନ୍ତୁ। ବିଶେଷକରି ପିଲାଙ୍କ ସହ ଯୋଗାଯୋଗ ପାଇଁ ଠିକ୍ ବ୍ୟବସ୍ଥା ଅଛି ନା ନାହିଁ ଦେଖିବାକୁ ଭୁଲନ୍ତୁ ନାହିଁ।





## ଏମାନେ କ'ଣ କହନ୍ତି



**ପ୍ରଜ୍ଞା ପରମିତା ବାରିକ(ଭୁବନେଶ୍ୱର)**– ପିଲାମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କେବଳ ପାଠପଢ଼ା ଯଥେଷ୍ଟ ନୁହେଁ, ତେଣୁ ସେମାନଙ୍କ ରୁଚିକୁ ଆଖିଆଗରେ ରଖି ଆମେ ଡାନ୍ସ, ଆର୍ଟିଙ୍ଗ୍ ଏବଂ ମେଣ୍ଟାଲ୍ ଶିକ୍ଷା ମଧ୍ୟ ଯୋଗାଇ ଦେଉଛୁ। ତଥାପି ସମୟ ଅଭାବରୁ ଆଉ କିଛି ରୁଚିକୁ ବାଧ୍ୟରେ ଅଣଦେଖା କରିବାକୁ ପଡୁଛି। କିନ୍ତୁ, ଏହି ଖରାଛୁଟିରେ ସେମାନେ ଯେପରି ବିଭିନ୍ନ ଗେମ୍ ଆକ୍ଟିଭିଟି, ସୁଇମିଂ, ଯୋଗ, ଆର୍ଟ ଆଣ୍ଡ କ୍ରାଫ୍ଟ ଶିଖିବାର ମଜା ନେଇପାରିବେ ସେଥିପାଇଁ ବିଭିନ୍ନ ସ୍ଥାନରେ ଆୟୋଜିତ ସମର କ୍ୟାମ୍ପରେ ଆଡ୍‌ମିଶନ୍ ପାଇଁ ଯୋଜନା ରଖିଛୁ। ଏହା ପିଲାଙ୍କର ଦକ୍ଷତା ବୃଦ୍ଧିରେ ବହୁତ ସାହାଯ୍ୟ କରେ ବୋଲି ପୂର୍ବ ବର୍ଷ ଅନୁଭୂତିରୁ କହିପାରିବି। ତେଣୁ ମୋ ମତରେ ପାଖରେ ସୁବିଧା ଥିଲେ ଏଭଳି ପିଲାଙ୍କୁ ସମର୍ କ୍ୟାମ୍ପ ପଠାଇବାରେ ଆଦୌ ଅବହେଳା କରିବା କଥା ନୁହେଁ।



**ସ୍ମିତିରୂପା ମହାନ୍ତି(ଭୁବନେଶ୍ୱର)**– ମୋ ଝିଅର ଡାନ୍ସରେ ଖୁବ୍ ଆଗ୍ରହ ରହିଛି। ତା'ଛଡ଼ା ଆର୍ଟ, କ୍ରାଫ୍ଟରେ ବି ରୁଚି ରହିଛି। ତେଣୁ ସ୍କୁଲ୍ ଛୁଟିରେ ସମର କ୍ୟାମ୍ପରେ ଏସବୁ ଶିଖିବାର ଭଲ ସୁଯୋଗ ଥିବାରୁ ଏବର୍ଷ ନିଶ୍ଚୟ ପଠାଇବି। ସେଠାକୁ ଗଲେ ଏସବୁ ଶିଖିବା ବଦଳରେ କମ୍ୟୁନିକେସନ ସ୍କିଲ୍ ସହ ଟିମ୍ ୱାର୍କ, ପରସ୍ପର ମଧ୍ୟରେ ସାହାଯ୍ୟ ସହଯୋଗ ମନବୃତ୍ତି ମଧ୍ୟ ବଢ଼ିବ ବୋଲି ମୋର ବିଶ୍ୱାସ। ତା'ଛଡ଼ା ସମର କ୍ୟାମ୍ପକେନ୍ଦ୍ରରେ ପିଲାଙ୍କୁ ମୋବାଇଲ୍‌ରୁ ଦୂରେଇ ରଖି କିଛି ଭଲ ଶିକ୍ଷା ଦେବା ଲାଗି ଏହାଠାରୁ ଆଉ ଭଲ ଅପ୍ସନ କ'ଣ ବା ହୋଇପାରେ।

## ସୌନ୍ଦର୍ଯ୍ୟ

# ଖରାରେ ବି ଚମକିବ ତ୍ୱଚା



ଦିନକୁ ଦିନ ଖରା ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ସବୁଠୁ ଅଧିକ ପଡୁଛି ତ୍ୱଚା ଉପରେ। ଏମିତିରେ କେତୋଟି ଉପାୟ ଆପଣେଇ ତ୍ୱଚାକୁ ଟ୍ୟାନିଂ ଏବଂ ଡଲନେସ୍‌ରୁ ରକ୍ଷା କରିପାରିବେ। ଜାଣନ୍ତୁ ସେ ସମ୍ପର୍କରେ...

▶▶ଯେଉଁମାନଙ୍କୁ ପ୍ରତିଦିନ ବାହାରକୁ ଯିବାକୁ ପଡୁଛି ସେମାନେ ଖରା ପ୍ରଭାବରୁ ତ୍ୱଚାକୁ ସୁରକ୍ଷିତ ରଖିବାଲାଗି ପ୍ରତି ୨ରୁ ୩ ଘଣ୍ଟା ବ୍ୟବଧାନରେ ଥରେ ସନ୍‌ସ୍କ୍ରିନ୍ ଲଗାଇବା ନିହାତି ଆବଶ୍ୟକ। ତେବେ ସନ୍‌ସ୍କ୍ରିନ୍ ଏସ୍‌ପିଏଫ୍ ୫୦ଯୁକ୍ତ ହୋଇଥିଲେ ତାହା ତ୍ୱଚାକୁ ସୂର୍ଯ୍ୟ ହାନିକାରକ କିରଣରୁ ସୁରକ୍ଷା ପ୍ରଦାନ କରିଥାଏ। ଯେଉଁମାନେ ଘରେ ରହୁଛନ୍ତି ସେମାନେ ବି ଦିନ ବେଳା ସନ୍‌ସ୍କ୍ରିନ୍ ଲଗାଇବା ଦରକାର।

▶▶ସୂର୍ଯ୍ୟକିରଣରୁ ସୁରକ୍ଷା ଦେବା ପାଇଁ ସନ୍‌ସ୍କ୍ରିନ୍ ସମ୍ପୂର୍ଣ୍ଣ ସମାଧାନର ବାଟ ନୁହେଁ। ତେଣୁ ଖରାଦିନେ ବାହାରକୁ ଯିବାବେଳେ ଏହାକୁ ଲଗାଇବା ସହିତ କଟନ୍ କପଡ଼ାରେ ମୁହଁକୁ ଘୋଡ଼ାଇବାକୁ ଆଦୌ ଭୁଲନ୍ତୁ ନାହିଁ। ଏହା ବ୍ୟତୀତ ମୁଣ୍ଡରେ କ୍ୟାପ୍ ଲଗାନ୍ତୁ ଏବଂ ଚାଲିବା ବେଳେ ଛତା ଧରନ୍ତୁ।

▶▶ମୁହଁରେ ଆଲୋଭେରା ଜେଲ୍, ଗୋଲାପ ଜଳ ଏବଂ କାକୁଡ଼ି ଲଗାଇଲେ ଟ୍ୟାନିଂ ସମସ୍ୟା ଦୂର ହୋଇଥାଏ। ଏହା ତ୍ୱଚାକୁ ହାଇଡ୍ରେଟ୍ କରିବା ସହ ଗ୍ଲୋ ମଧ୍ୟ ବଢ଼ାଇଥାଏ।

▶▶ଦହି, ବେସନ ପ୍ୟାକ୍ ଲଗାଇଲେ ମଧ୍ୟ ଖରାଦିନେ ସ୍କିନ୍ ଡଲନେସ୍ ଦୂର ହୋଇଥାଏ। ଏହା ତ୍ୱଚାକୁ ସୁନ୍ଦର ଏବଂ ଅଏଲ୍‌ଫ୍ରି ରଖିବାରେ ସାହାଯ୍ୟ କରେ।

▶▶ଯଦି ପ୍ରତିଦିନ ଖରାରେ ବାହାରକୁ ଯିବା ଫଳରେ ସ୍କିନ୍ କଲର ଡଲ୍ ଲାଗୁଛି ତେବେ ବେସନ, ଦହି ପ୍ୟାକ୍ ଲଗାବା ଦ୍ୱାରା ସ୍କିନ୍ ଟୋନ୍ ବ୍ରାଇଟ୍ ହେବ।

▶▶ଖରାଦିନେ ସ୍କିନ୍‌କୁ ଠିକ୍ ରଖିବା ଲାଗି ନାଇଟ୍ କେୟାରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ରାତିରେ ମୁହଁ ଧୁଅନ୍ତୁ, କେମିକାଲ୍‌ଯୁକ୍ତ କୌଣସି ଫେସ୍‌ୱାଶ୍ କିମ୍ବା କ୍ରିମ୍ ଆଦି ବ୍ୟବହାର କରନ୍ତୁ ନାହିଁ। ମୁହଁ ଧୋଇବା ପରେ ଟୋନର୍ ଲଗାନ୍ତୁ।



## ଖାଦ୍ୟରୁଚି / ଜହ୍ନି ଚୋପା ଚଟଣି



**ଆବଶ୍ୟକ ସାମଗ୍ରୀ:** ଏକ କପ୍ ଜହ୍ନି ଚୋପା, ମଧ୍ୟମ ଆକାରର ଟମାଟୋ ୨ଟି, ରାଶି ୧୦୦ଗ୍ରାମ, ତେଲ ଏକ ବଡ଼ ଚାମଚ, ତିନି ୨ ଛୋଟ ଚାମଚ, ରସୁଣ କୋଳା ୫ଟି, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଜହ୍ନିକୁ ଭଲ ଭାବେ ଧୋଇ ଗ୍ରେଟର ସାହାଯ୍ୟରେ ଏହାର ଚୋପା ଛଡ଼ାନ୍ତୁ। ଏହାକୁ ଭଲ ଭାବେ ଧୋଇ ପାଣିରେ ଅଧଘଣ୍ଟା ଭିଜେଇ ଦିଅନ୍ତୁ। ଏହାକୁ ଛାଣି ସେଥିରେ ଟମାଟୋକୁ ଛୋଟ ଛୋଟ କାଟି ମିଶାନ୍ତୁ। ଏକ ପ୍ୟାନ୍‌ରେ ଅଳ୍ପ ତେଲ ଗରମ କରି ସେଥିରେ ଏସବୁ ପକାଇ କିଛି ସମୟ ଭାଜନ୍ତୁ। ଭାଜି ହୋଇଗଲେ ସେଥିରେ ଛୋଟ ଛୋଟ କଟା ରସୁଣ, ଲଙ୍କା ଗୁଣ୍ଡ ଏବଂ ଲୁଣ ପକାଇ ଅଳ୍ପ ଭାଜି ଚୁଲା ବନ୍ଦ କରିଦିଅନ୍ତୁ। ଗରମ କମିଯିବା ପରେ ସେଥିରେ ଅଳ୍ପ ପାଣି ମିଶାଇ ଗ୍ରାଇଣ୍ଡ କରି ଦିଅନ୍ତୁ। ଏହାକୁ ଏକ ପାତ୍ରରେ କାଢ଼ି ତା' ଉପରେ ଅଳ୍ପ ରାଶି ପକାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଯାଇଛି ଜହ୍ନି ଚୋପା ଚଟଣି।



ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୯/୨୦୨୫ Bhubaneswar, Tuesday, April 29/ 2025

# ଟି୨୦ରେ ବୈଭବଙ୍କ ରେକର୍ଡ

ଜୟପୁର,୨୮।୪

ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଶତକ ବଳରେ ଏକ ହାଇସ୍କୋରିଂ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ୮ ଉଇକେଟରେ ଗୁଜରାଟ ଟାଇଟନ୍ସ (ଜିଟି)କୁ ପରାସ୍ତ କରିଛି। ଗୁଜରାଟ ଦ୍ୱାରା ପ୍ରଦତ୍ତ ୨୧୦ ରନର ଟାର୍ଗେଟକୁ ରାଜସ୍ଥାନ ୧୫.୫ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହା ରାଜସ୍ଥାନର ତୃତୀୟ ବିଜୟ ଏବଂ ଏହି ବିଜୟ ସହ ଦଳ ତା'ର ପ୍ଲେଅଫ୍ ଆଶା ଉଜ୍ଜୀବିତ ରଖିଛି।

## ଗୁଜରାଟକୁ ହରାଇଲା ରାଜସ୍ଥାନ

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୦୯ ରନ କରିଥିଲା। ଦଳ ପକ୍ଷରୁ ସାଇ ସୁଦର୍ଶନ ୩୦ ବଲରେ ୩୯ ଏବଂ ଅଧିନାୟକ ଶୁବମନଗିଲ ୫୦ ବଲରେ ୫ ଚୌକା ଓ ୪ ଛକା ବଳରେ ୮୪ ରନ କରିଥିଲେ। ଶେଷ ଆଡ଼କୁ ବଟଲର ୨୬ ବଲରେ ୩ ଚୌକା ଓ ୪ ଛକା ସହିତ ୫୦ ରନ କରି ଅପରାଜିତ ରହିଥିଲେ। ଫଳରେ ଗୁଜରାଟ ରାଜସ୍ଥାନ ପକ୍ଷରୁ ମହିଶ ଥିକସାନା ଦୁଇ ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନକୁ ୧୪ ବର୍ଷୀୟ ବୈଭବ ଓ ଯଶସ୍ୱୀ ଜୟସ୍ୱାଲ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ଗ୍ରାଉଣ୍ଡର ଚାରିଆଡ଼େ ଛକା ଓ ଚୌକା ବର୍ଷା କରି ୧୧.୫ ଓଭରରେ ୧୬୬ ରନ କରି ଦଳର ବିଜୟ ନିଶ୍ଚିତ କରିଥିଲେ। ୩୫ ବଲରେ ଶତକ ପୂରଣ କରିଥିବା ସୂର୍ଯ୍ୟବଂଶୀ ମୋଟ ଉପରେ ୩୮ ବଲରେ ୧୦୧ ରନ କରି ଆଉଟ୍ ହୋଇଥିଲେ। ତାଙ୍କ ଇନିଂସରେ ୭ ଚୌକା ଓ ୧୧ ଛକା ସାମିଲ ଥିଲା। ନଂ-୩ରେ ଆସିଥିବା ନୀତିଶ ରାଣା (୪) ବିଫଳ ହୋଇଥିଲେ। ଏହାପରେ ଜୟସ୍ୱାଲ ଓ ଅଧିନାୟକ ରିୟାନ ପରାଗ ଅବିଭାଜିତ ତୃତୀୟ ଉଇକେଟରେ ୪୧ ରନ ଯୋଡ଼ି ଦଳକୁ ଜିତାଇଥିଲେ। ଜୟସ୍ୱାଲ ୪୦ ବଲରେ ୭୦ (୯ ଚୌକା ଓ ୨ ଛକା) ଓ ପରାଗ ୧୫ ବଲରେ ୩୨ (୨ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
ଦିଲ୍ଲୀ ବନାମ କୋଲକାତା
ସ୍ଥାନ: ଦିଲ୍ଲୀ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ଶତକ ହାସଲ ପରେ ବୈଭବ ସୂର୍ଯ୍ୟବଂଶୀ।

### ସଂକ୍ଷିପ୍ତ ସ୍କୋର

ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୨୦୯/୪( ଶୁବମନ ଗିଲ-୮୪, ସାଇ ଜୋଶ ବଟଲର-୫୦*, ସୁଦର୍ଶନ-୩୯, ମହିଶ ଥିକସାନା-୨/୩୫, ସନ୍ଦୀପ ଶର୍ମା-୧/୩୩, ଜୋଫ୍ରା ଆର୍ଚ୍ଚର-୧/୪୯)। ରାଜସ୍ଥାନ ରୟାଲ୍ସ: ୧୫.୫ ଓଭରରେ ୨୧୨/୨ (ବୈଭବ ସୂର୍ଯ୍ୟବଂଶୀ-୧୦୧, ଯଶସ୍ୱୀ ଜୟସ୍ୱାଲ-୭୦*, ରିୟାନ ପରାଗ-୩୨*, ରଶିଦ ଖାନ-୧/୨୪)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୦ | ୧୨ | +୦.୮୮୯ |
| ଗୁଜରାଟ ଟାଇଟନ୍ସ | ୯ | ୬ | ୩ | ୦ | ୧୨ | +୦.୭୪୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୬ | ୩ | ୦ | ୧୨ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୩ | ୧ | ୧୧ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୫ | ୧ | ୭ | +୦.୨୧୨ |
| ରାଜସ୍ଥାନ ରୟାଲ୍ସ | ୧୦ | ୩ | ୭ | ୦ | ୬ | -୦.୩୪୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | -୧.୧୦୩ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୨ | ୭ | ୦ | ୪ | -୧.୩୦୨ |

### ଟି୨୦ରେ ସର୍ବକନିଷ୍ଠ ସେଞ୍ଚୁରିଆନ

୧୪ ବର୍ଷ ୩୨ ଦିନ: ବୈଭବ ସୂର୍ଯ୍ୟବଂଶୀ, ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟନ୍ସ
୧୮ ବର୍ଷ ୧୧୮ ଦିନ: ବିଜୟ ଜୋଲ୍: ମହାରାଷ୍ଟ୍ର ବନାମ ମୁମ୍ବାଇ
୧୮ ବର୍ଷ ୧୭୯ ଦିନ: ପରଭେଜ ହୋସେନ, ଇମନ ବରିଶଲ ବନାମ ରାଜଶାହି
୧୮ ବର୍ଷ ୨୮୦ ଦିନ: ଗୁସ୍ତାଭ ମ୍ୟାକକେଓନ, ଫ୍ରାନ୍ସ ବନାମ ସ୍ୱିଜରଲାଣ୍ଡ

### ଆଇପିଏଲ୍‌ରେ ଦ୍ରୁତତମ ଶତକ

୩୦ ବଲ: କ୍ରିସ୍ ଗେଲ୍, ଆରସିବି ବନାମ ପିଡବ୍ଲ୍ୟୁଆଇ, ବେଙ୍ଗାଲୁରୁ, ୨୦୧୩
୩୫ ବଲ: ବୈଭବ ସୂର୍ଯ୍ୟବଂଶୀ, ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟନ୍ସ, ଜୟପୁର, ୨୦୨୫
୩୭ ବଲ୍: ୟୁସୁଫ ପଠାନ, ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ, ୨୦୧୦

# ଚର୍ଚ୍ଚିଲକୁ ଟ୍ରଫି ଫେରାଇବାକୁ କହିଲା ଏଆଇଏଫ୍‌ଏଫ୍

**ଆଇ-ଲିଗ୍ ଟାଇଟଲ ବିବାଦ**

ନୂଆଦିଲ୍ଲୀ,୨୮।୪(ପି.ଟି.)

ଚଳିତବର୍ଷର ଆଇ-ଲିଗ୍ ଟ୍ରଫି କିଏ ନେବ ସେ ନେଇ ଦେଖା ଦେଇଥିବା ବିବାଦ ଏବେ ଭିନ୍ନ ମୋଡ଼ ନେଇଛି। କୋର୍ଟ ଅଫ୍ ଆର୍ବିଟ୍ରେଶନ ଅଫ୍ ସ୍ପୋର୍ଟ୍ସ (କାସ୍)ର ରହିତାଦେଶ ସତ୍ତ୍ୱେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ରବିବାର ଚର୍ଚ୍ଚିଲ ବ୍ରଦର୍ସକୁ ଯେଉଁ ଟ୍ରଫି ପ୍ରଦାନ କରିଥିଲା ତାହାକୁ ଫେରାଇଦେବା ଲାଗି କହିଛି। ଏଣେ ଗୋଆ ଫୁଟ୍‌ବଲ ଆସୋସିଏଶନ (ଜିଏଫ୍‌ଏ) ଏହି ମାମଲାର ତଦନ୍ତ ଦାବି କରିଛି।

# ୨୦୨୮ ସୁଦ୍ଧା ଆଇପିଏଲ୍ ସିଜନରେ ୯୪ ମ୍ୟାଚ୍

ନୂଆଦିଲ୍ଲୀ,୨୮।୪

ଚଳିତବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ୮୪ ମ୍ୟାଚ୍ ଖେଳାଯିବାର ଯୋଜନା ଥିଲା। କିନ୍ତୁ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ଓ ବ୍ରଡ୍‌କାଷ୍ଟରମାନେ ଅତ୍ୟଧିକ ଡବଲ ହେଡର ମ୍ୟାଚ୍ ଚାହୁଁ ନ ଥିବାରୁ ଚଳିତ ଆଇପିଏଲ୍‌ରେ ମ୍ୟାଚ୍ ସଂଖ୍ୟାକୁ ବୃଦ୍ଧି କରାଯାଇ ନ ଥିଲା। ହେଲେ ଟୁର୍ନାମେଣ୍ଟର ମ୍ୟାଚ୍ ସଂଖ୍ୟାକୁ ଭବିଷ୍ୟତରେ ବୃଦ୍ଧି କରିବାକୁ ଯୋଜନା ରଖାଯାଇଛି। ଫ୍ୟୁଚର ଟୁର୍‌ସ ପ୍ରୋଗ୍ରାମ(ଏଫ୍‌ଟିପି)ରେ ଆଇପିଏଲ୍ ଲାଗି ମାର୍ଚ୍ଚ ମଧ୍ୟରୁ ମେ' ଶେଷପର୍ଯ୍ୟନ୍ତ ସ୍ଲଟ୍ ଧାର୍ଯ୍ୟ କରାଯାଇଛି।

ଆଇପିଏଲ୍ ଚେୟାରମ୍ୟାନ ଅରୁଣ ଧୂମାଲ କହିଛନ୍ତି, ୨୦୨୮ରୁ ଆରମ୍ଭ ହେବାକୁ ଥିବା ପରବର୍ତ୍ତୀ ମିଡିଆ ରାଇଟ୍ସ ସାଇକେଲରେ ବିସିସିଆଇ ଗୁରୁତର ସହ ଟୁର୍ନାମେଣ୍ଟକୁ ବିସ୍ତାର କରିବା ସମ୍ପର୍କରେ ଚିନ୍ତା କରିବ। ଆମେ ଏ ସମ୍ପର୍କରେ ଆଇସିସି ସହ ଆଲୋଚନା କରୁଛୁ। ଦ୍ୱିପାକ୍ଷିକ ସିରିଜ ଓ ଆଇସିସି ଇଭେଣ୍ଟ ପ୍ରତି ପ୍ରଶଂସକଙ୍କ ଆଗ୍ରହ ହ୍ରାସ ପାଉଥିବାରୁ ଆମକୁ ଏ ସମ୍ପର୍କରେ ଅଧିକ ଗୁରୁତ୍ୱର ସହ ବିଚାର କରିବାର ଆବଶ୍ୟକତା ରହିଛି। ଆମକୁ ବର୍ତ୍ତମାନ ମିଳୁଥିବା ସ୍ଲଟ୍‌ଠାରୁ ବଡ଼ ସ୍ଲଟ୍‌ର ଆବଶ୍ୟକତା ପଡ଼ିପାରେ। ଟୁର୍ନାମେଣ୍ଟର ମ୍ୟାଚ୍ ସଂଖ୍ୟା ୭୪ରୁ ୯୪କୁ ବୃଦ୍ଧି କରାଯାଇପାରେ। ଯାହାଫଳରେ ପ୍ରତ୍ୟେକ ଦଳ ବିପକ୍ଷରେ ହୋମ୍ ଆଣ୍ଡ ଆୱେ ଫର୍ମାଟ୍‌ରେ ଖେଳିପାରିବେ। ଚଳିତବର୍ଷ ମ୍ୟାଚ୍ ସଂଖ୍ୟା ବୃଦ୍ଧି କରାଯିବାର ଯୋଜନା ଥିଲା। କିନ୍ତୁ ଜାନୁଆରୀରୁ ଭାରତୀୟ ଖେଳାଳିଙ୍କ କାର୍ଯ୍ୟସୂଚୀ ଖୁବ୍ ବ୍ୟସ୍ତବହୁଳ ରହିଥିଲା। ଦଳ ଅଷ୍ଟ୍ରେଲିଆରୁ ଆସିବା ପରେ ଚାମ୍ପିୟନ୍ସ ଟ୍ରଫି ଲାଗି ଦୁବାଇ ଯାଇଥିଲା। ଏଥିଯୋଗୁ ପୂର୍ବ ବର୍ଷ ଭଳି ଚଳିତଥର ୭୪ ମ୍ୟାଚ୍ ଖେଳାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଯେତେବେଳେ ସମୟ ଉଚିତ ଅନୁଭବ ହେବ, ଆମେ ନିଶ୍ଚିତ ମ୍ୟାଚ୍ ସଂଖ୍ୟା ବୃଦ୍ଧି କରିବୁ।

# ଓଡ଼ିଶାର ରାକେଶ ଜାତୀୟ ଜିମ୍ନାଷ୍ଟିକ୍ସ କୋଚ୍

ଭୁବନେଶ୍ୱର, ୨୮।୪ (ତପନ ସ୍ୱାଇଁ)



ଓଡ଼ିଶା ଜିମ୍ନାଷ୍ଟିକ୍ସ ଇତିହାସରେ ଏକ ନୂତନ ଫର୍ଦ୍ଦ ସଂଯୋଗ କରିଛନ୍ତି ତାରକା ଜିମ୍ନାଷ୍ଟ ରାକେଶ କୁମାର ପାତ୍ର। ଓଡ଼ିଶାର ପ୍ରଥମ ଜିମ୍ନାଷ୍ଟ ଭାବେ ସେ ଭାରତୀୟ ପୁରୁଷ ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ଦଳର କୋଚ୍ ନିଯୁକ୍ତ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ନିଯୁକ୍ତ ହୋଇଥିବା କୋଚ୍‌ଙ୍କ ମଧ୍ୟରେ ରାକେଶ ସର୍ବକନିଷ୍ଠ। ଏପରି କୃତିତ୍ୱ ପାଇଁ ରାକେଶଙ୍କୁ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଲଏଶନ ସମ୍ପାଦକ ତଥା ଜାତୀୟ ଚୟନ କମିଟି ଅଧ୍ୟକ୍ଷ ଅଶୋକ କୁମାର ସାହୁ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମିର ମହାନ୍ତି, ସମ୍ପାଦକ ଅଭିଜିତ ପାଲ, କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ରାକେଶଙ୍କୁ ଅଭିନନ୍ଦନଜ ଜଣାଇଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ